# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଜୁଲାଇ ୨୭/୨୦୨୧ (୧୬ ପୃଷ୍ଠା) | Sambalpur, Tuesday, July 27/2021 | ★★

୧୭ଶ ଭାଗ ୨୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଶରଥ କମଲ ତୃତୀୟ ରାଉଣ୍ଡରେ**

ଅଲିମ୍ପିକ୍ସ ପୁରୁଷ ସିଙ୍ଗଲ୍ସ ଟେବୁଲ ଟେନିସ ପ୍ରତିଯୋଗିତାରେ ଶରଥ କମଲ ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।

୧୩

୧୪

**କରୀନାଙ୍କୁ ସୈଫ୍‌ଙ୍କ ଡର**

ଲକଡାଉନ୍‌ରେ ସ୍ତ୍ରୀ କରୀନା କପୁରଙ୍କ କେଶ କାଟିବାକୁ ଡର ଲାଗିଥିଲା ବୋଲି ଅଭିନେତା ସୈଫ ଅଲ୍ଲୀ ଖାନ କହିଛନ୍ତି।





**ଆରମ୍ଭ ହେଲା ଶ୍ରେଣୀ ପାଠପଢ଼ା:** ଭୁବନେଶ୍ୱର ୟୁନିଟ୍-୨ କ୍ୟାପିଟାଲ ଗାର୍ଲସ୍ ହାଇସ୍କୁଲରେ ସୋମବାର କ୍ଲାସ୍‌ରୁମ୍‌କୁ ଯିବା ପୂର୍ବରୁ ଦଶମ ଶ୍ରେଣୀ ଛାତ୍ରୀମାନଙ୍କ ହାତ ସାନିଟାଇଜ କରାଯାଉଛି।

# ସ୍କୁଲରେ ଉତ୍ସାହ

## ଖୁବ୍‌ଶୀଘ୍ର ଖୋଲିବ ଆଇଟିଆଇ, ପଲିଟେକ୍‌ନିକ୍ କଲେଜ

ଭୁବନେଶ୍ୱର, ୨୬।୭(ବ୍ୟୁରୋ)

ରାଜ୍ୟରେ ସୋମବାରଠାରୁ ସମସ୍ତ ସରକାରୀ ଓ ଘରୋଇ ସ୍କୁଲ ଖୋଲିଛି। ପ୍ରଥମ ପର୍ଯ୍ୟାୟରେ କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ କ୍ଲାସ୍‌ରୁମ୍ ପାଠପଢ଼ା ଆରମ୍ଭ ହୋଇଛି। ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ ସ୍କୁଲ ଖୋଲିବା ପୂର୍ବରୁ ପରିସର ସଫେଇ କରାଯିବା ସହ ଚେୟାର, ଟେବୁଲ, ବେଞ୍ଚ, ଡେସ୍କ ଆଦି ଆସବାବପତ୍ରଗୁଡ଼ିକର ବିଶୋଧନ କରାଯାଇଥିଲା। ସକାଳ ୧୦ଟାରୁ କ୍ଲାସ୍ ଆରମ୍ଭ ହେବାର ଘଣ୍ଟାଏ ପୂର୍ବରୁ ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପିଲାମାନେ କ୍ୟାମ୍ପସ୍‌ରେ ପ୍ରବେଶ ସମୟରେ ପ୍ରଧାନଶିକ୍ଷକଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକମାନେ ପିଲାଙ୍କୁ ସଚେତନ କରିବା ସହ ସ୍କ୍ରିନିଂ ଓ ସାନିଟାଇଜିଂ କରିଥିଲେ। ଏହାପରେ ପିଲାମାନେ ସାମାଜିକ ଦୂରତା ରକ୍ଷା କରି କ୍ଲାସ୍‌ରୁମ୍‌ରେ ବସି ପାଠପଢ଼ିଥିଲେ। ତେବେ ପ୍ରଥମ ଦିନରେ ପିଲା ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ ନୂଆ ଉତ୍ସାହ ଦେଖିବାକୁ ମିଳିଥିଲା। ବିନା ଖାଇବା ଛୁଟିରେ ସାଢ଼େ ଗୋଟାଏ ପର୍ଯ୍ୟନ୍ତ କ୍ଲାସ୍ ଚାଲିଥିଲା। କୋଭିଡ୍-୧୯ ପାଇଁ ଜାରି ହୋଇଥିବା ହେଲ୍ପଲାଇନ୍ ନମ୍ବର କ୍ୟାମ୍ପସରେ ପ୍ରଦର୍ଶିତ ହୋଇଛି। ସାମାଜିକ ଦୂରତା ଓ ମାସ୍କକୁ ବାଧ୍ୟତାମୂଳକ କରାଯାଇଛି। ପ୍ରତି ସ୍କୁଲ୍‌ରେ ଆଇସୋଲେଶନ ରୁମ୍ ଖୋଲାଯାଇଛି। ସ୍କୁଲ ଖୋଲିବାର ୩୦ ମିନିଟ୍ ପୂର୍ବରୁ ଓ ବନ୍ଦ ହେବାର ୩୦ ମିନିଟ୍ ପର୍ଯ୍ୟନ୍ତ କୋଭିଡ୍ ମନିଟରିଂ ଟିମ୍ ତଦାରଖ କରିଛନ୍ତି। ପାଗ ଅନୁକୂଳ ଥିଲେ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିଦେଇ ସ୍କୁଲଗୁଡ଼ିକ କ୍ଲାସରୁମ୍ ବାହାରେ ବି ପିଲାଙ୍କୁ ପଢ଼ାଇପାରିବେ ବୋଲି କୁହାଯାଇଛି। ସ୍କୁଲ ସଫେଇରେ କୌଣସି ପିଲାଙ୍କୁ ନିୟୋଜିତ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବପରି ରବିବାର ଓ ସରକାରୀ ଛୁଟି ଦିବସରେ ବିଦ୍ୟାଳୟ ବନ୍ଦ ରହିବ। ପୂର୍ବପରି ଅନ୍‌ଲାଇନ୍‌ରେ ପାଠପଢ଼ା ମଧ୍ୟ ଚାଲିବ। ଶିକ୍ଷାନୁଷ୍ଠାନ ଆସିବାକୁ ଛାତ୍ରୀଛାତ୍ରଙ୍କୁ ବାଧ୍ୟ କରାଯିବନି ବୋଲି ପୂର୍ବରୁ ସରକାର ଘୋଷଣା କରିଛନ୍ତି। ତେବେ ପ୍ରଥମ ଦିନରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପୁରୀର ଦୁଇଟି ସ୍କୁଲ ପରିଦର୍ଶନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ବିଭାଗ ପକ୍ଷରୁ ଜାରି ହୋଇଥିବା ଏସ୍‌ଓପି ଅନୁସାରେ ସ୍କୁଲ ଖୋଲିଛି। ସ୍କୁଲ ଶିକ୍ଷାକୁ ପିଲାମାନେ ଗୁରୁତ୍ୱ ଦେଉଛନ୍ତି। ☞ପୃଷ୍ଠା-୪

# ୪.୧୮ କୋଟିର ଔଷଧ ଖତ

## କିଣାରେ ଅନିୟମିତତା

- ରୋଗୀଙ୍କୁ ମିଳୁନି, ଫିଙ୍ଗାଯାଉଛି
- ନିୟମ ମାନୁନାହାନ୍ତି ସିଡିଏମ୍‌ଓ



ଭୁବନେଶ୍ୱର,୨୬।୭(ବ୍ୟୁରୋ)

ରାଜ୍ୟ ସରକାର ନିରାମୟ ଯୋଜନାରେ ଲୋକଙ୍କୁ ସରକାରୀ ହସ୍ପିଟାଲରେ ମାଗଣାରେ ଔଷଧ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ତେବେ ଓଡ଼ିଶା ରାଜ୍ୟ ଔଷଧ ନିଗମ(ଓଏସ୍‌ଏମ୍‌ସି) ଏବଂ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ବେପରୁଆ ମନୋଭାବ ଯୋଗୁ ସରକାରୀ ତହବିଲରୁ ବହୁକୋଟି ଟଙ୍କା ଖର୍ଚ୍ଚ କରାଯାଇ କ୍ରୟ ହୋଇଥିବା ଔଷଧ ରୋଗୀଙ୍କ ସେବାରେ ନ ଲାଗି ଖତଖାଉଛି। କେବଳ ସେତିକି ନୁହେଁ, ଜିଲା ଚିକିତ୍ସା ଅଧିକାରୀ ସ୍ଥାନୀୟ ଅଞ୍ଚଳରୁ କ୍ରୟ କରୁଥିବା ଔଷଧରେ ମଧ୍ୟ ସରକାରୀ ନୀତି ନିୟମକୁ ଦଳିମକଚି ସରକାରୀ ଅର୍ଥ ବରବାଦ କରି ଚାଲିଛନ୍ତି। ଓଏସ୍‌ଏମ୍‌ସିର ଅପାରଗ ପରିଚାଳନା ଯୋଗୁ ୨ ବର୍ଷ ପଡ଼ିରହି ୪ କୋଟି ୧୮ ଲକ୍ଷ ଟଙ୍କାର ୩୪୯ ପ୍ରକାର ଔଷଧ ଖତ ଖାଇଯାଇଛି। କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ତାଙ୍କ ରିପୋର୍ଟରେ ଏଭଳି ସାଂଘାତିକ କଥା ଦର୍ଶାଇଛନ୍ତି।

୨୦୧୭ରୁ ୨୦୧୯ ମଧ୍ୟରେ ୪.୧୮ କୋଟି ଟଙ୍କାର ୩୪୯ ପ୍ରକାରର ୪ କୋଟି ୮ ଲକ୍ଷ ୟୁନିଟ୍ ଔଷଧ ଗୋଦାମରେ ପଡ଼ି ପଡ଼ି ନଷ୍ଟ ହୋଇଯାଇଛି। ସିଏଜି ଅଡିଟ୍ ସମୟରେ ଦେଖିବାକୁ ପାଇଛନ୍ତି ଯେ ବୌଦ୍ଧ, ବଲାଙ୍ଗୀର, କେନ୍ଦୁଝର, ପୁରୀ, ରାୟଗଡ଼ା, କଟକ ଏବଂ ସୁନ୍ଦରଗଡ଼ ଜିଲାରେ ୧.୪୧ କୋଟି ଟଙ୍କାର ୪୧୫ ପ୍ରକାର ଔଷଧ ଗୋଦାମ ଘରେ ପଡ଼ିରହିବାରୁ ସେଗୁଡ଼ିକର ବୈଧତା(ଏକ୍ସପାଏରି) ଶେଷ ହୋଇଯାଇଛି। ଇ-ନିରାମୟ ଆପ୍ଲିକେଶନ ଦ୍ୱାରା ଷ୍ଟକ୍ ରହିଥିବା ଔଷଧଗୁଡ଼ିକର ସ୍ଥିତି, ବ୍ୟବହାର, ଆବଣ୍ଟନ, ଆବଶ୍ୟକ ତାଲିକା ଇତ୍ୟାଦି ପ୍ରସ୍ତୁତ କରିବା ରାଜ୍ୟ ଔଷଧ ନିଗମର ଦାୟିତ୍ୱ। ମାତ୍ର ନିଗମ ପକ୍ଷରୁ ଏହାକୁ ଠିକ୍ ଢଙ୍ଗରେ କରା ନ ଯିବାରୁ ଔଷଧ ରୋଗୀ ସେବାରେ ନ ଲାଗି ପାଣିରେ ପଡ଼ିଛି। ଆବଶ୍ୟକଠାରୁ ଅଧିକ ଔଷଧ ସଂଗ୍ରହ କରିବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

ଅଡିଟ୍ ସମୟରେ ଜଣାପଡ଼ିଛି ଯେ, ଆଚାର୍ଯ୍ୟ ହରିହର ଆଞ୍ଚଳିକ କ୍ୟାନ୍‌ସର କେନ୍ଦ୍ରକୁ ନିଗମ ପକ୍ଷରୁ ୨୦୧୫-୧୬ରେ ୧.୯୯ କୋଟି ଟଙ୍କାର ୨୨ ପ୍ରକାର ଔଷଧ ଯୋଗାଇ ଦିଆଯାଇଥିଲା। ତେବେ ସେଥିରୁ ୦.୮୧ କୋଟି ଟଙ୍କାର ଔଷଧ ବ୍ୟବହାର ହୋଇ ନ ପାରି ନଷ୍ଟ ହୋଇଥିଲା। ସେହିପରି କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ ୩୧ ପ୍ରକାର ୩,୯୨,୩୯୦ ୟୁନିଟ୍ ବଦଳରେ ନିଗମ ପକ୍ଷରୁ ୮,୭୭,୬୯୮ ୟୁନିଟ୍ ଔଷଧ ଯୋଗାଇ ଦିଆଯାଇଥିଲା। ଅଧିକ ଯୋଗାଣ ଯୋଗୁ ୫୬.୫୯ ଲକ୍ଷ ଟଙ୍କାର ୩,୪୮,୯୬୪ ୟୁନିଟ୍ ଔଷଧ ନଷ୍ଟ ହୋଇଛି। ସେହିପରି ରାୟଗଡ଼ାକୁ ୧୧,୯୨୩ ୟୁନିଟ୍ ଔଷଧ ଯୋଗାଇବା ପରିବର୍ତ୍ତେ ୧,୧୬,୫୭୮ ୟୁନିଟ୍ ଔଷଧ ନିଗମ ଯୋଗାଇ ଦେଇଥିଲା। ସେଥିରୁ ୬.୨୪ ଲକ୍ଷ ଟଙ୍କାର ୧,୦୪,୧୦୧ ୟୁନିଟ୍ ଔଷଧ ଏକ୍ସପାଏରି ହୋଇଯାଇଥିଲା। କେବଳ ସେତିକି ନୁହେଁ ଔଷଧ ନିଗମ ୨୦୧୬ରେ ୮୯ କୋଟି ଟଙ୍କାର ୮୫ ହଜାର ସୋଡିୟମ ଭାଲ୍ପ୍ରୋଏଟ ଟାବ୍‌ଲେଟକୁ କ୍ରୟ କରି କେନ୍ଦ୍ରୀୟ ଔଷଧ ଷ୍ଟୋରରେ ରଖିଥିଲା। ତାହାକୁ ୨ ବର୍ଷ ପର୍ଯ୍ୟନ୍ତ କୌଣସି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯୋଗାଇ ନ ଦେବାରୁ ୨୦୧୮ରେ ସେ ସବୁ ଟାବ୍‌ଲେଟ ନଷ୍ଟ ହୋଇଯାଇଥିବା ସିଏଜି ଜାଣିବାକୁ ପାଇଛନ୍ତି। ଦୀର୍ଘ ଦିନ ଔଷଧଗୁଡ଼ିକ ପଡ଼ି ନଷ୍ଟ ହେଉଥିଲେ ମଧ୍ୟ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ମୁଖ୍ୟ ଚିକିତ୍ସା ଅଧିକାରୀ କିମ୍ବା ମେଡିକାଲ କଲେଜ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ସେଥିପ୍ରତି ଧ୍ୟାନ ଦେଇ ନ ଥିବାରୁ ସିଏଜି ଉଦ୍‌ବେଗ ପ୍ରକାଶ କରିଛନ୍ତି।

କେବଳ ସେତିକ ନୁହେଁ ଜରୁରିକାଳୀନ ପରିସ୍ଥିତିରେ ଔଷଧ କ୍ରୟ ପାଇଁ ବଜେଟର ୨୦ ପ୍ରତିଶତ ଅର୍ଥରୁ ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କିମ୍ବା ମେଡିକାଲ କଲେଜ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟଙ୍କୁ କ୍ଷମତା ଦିଆଯାଇଛି। ବିନା ଟେଣ୍ଡରରେ ଚିକିତ୍ସା ଅଧିକାରୀମାନେ ଔଷଧ କ୍ରୟ କରିଛନ୍ତି। ଏହାଛଡ଼ା ୨୦୧୮-୧୯ରେ ୮ଟି ଜିଲାର ହସ୍ପିଟାଲଗୁଡ଼ିକ ରାଜ୍ୟ ଔଷଧ ନିଗମ କ୍ରୟ ଦରଠାରୁ ୪୪ ପ୍ରତିଶତ ☞ପୃଷ୍ଠା-୪

# ଇସ୍ତଫା ଦେଲେ ୟେଦୁରପ୍ପା

ବେଙ୍ଗାଲୁରୁ, ୨୬।୭



କର୍ନାଟକ ମୁଖ୍ୟମନ୍ତ୍ରୀ ପଦରୁ ବି.ଏସ୍. ୟେଦୁରପ୍ପା ସୋମବାର ଇସ୍ତଫା ଦେଇଛନ୍ତି। ଫଳରେ କିଛିଦିନ ହେବ ଲାଗି ରହିଥିବା କଳ୍ପନାଜଳ୍ପନାର ଅବସାନ ଘଟିଛି। ଦଳର ଗୋଟିଏ ଗୋଷ୍ଠୀ ତାଙ୍କ ଇସ୍ତଫା ଦାବି କରିଆସୁଥିଲେ। ସୋମବାର ତାଙ୍କ ସରକାରକୁ ଦୁଇବର୍ଷ ପୂରିଥିବାବେଳେ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ୟେଦୁରପ୍ପା ଭାଙ୍ଗିପଡ଼ିଥିଲେ। ବିଧାନସଭା ପରିସରରେ ଲୋତକଭରା ଭାଷଣ ଦେଇ ୭୮ ବର୍ଷୀୟ ୟେଦୁରପ୍ପା ତାଙ୍କ ଇସ୍ତଫା ଘୋଷଣା କରିଥିଲେ ଓ ସଙ୍ଗେ ସଙ୍ଗେ ରାଜ୍ୟପାଳ ଥାୱରଚନ୍ଦ ଗେହଲଟଙ୍କୁ ଭେଟି ଇସ୍ତଫା ଦେଇଥିଲେ। ତାଙ୍କ ଚତୁର୍ଥ ପାଳି ସରକାରର ଦୁଇ ବର୍ଷରେ ସେ କ୍ରମାଗତ ଭାବେ କଡ଼ା ପରୀକ୍ଷାର ସମ୍ମୁଖୀନ ହୋଇଆସୁଥିଲେ ବୋଲି କହିଛନ୍ତି। ଭାଜପା କେନ୍ଦ୍ରୀୟ ନେତୃତ୍ୱ ତାଙ୍କ ଉତ୍ତରାଧିକାରୀ ବାଛି ନ ଥିବାରୁ ସେ ଏବେ କାମଚଳା ମୁଖ୍ୟମନ୍ତ୍ରୀ ରହିବେ। ନୂଆ ମୁଖ୍ୟମନ୍ତ୍ରୀ ସମ୍ପର୍କରେ ଦୁଇ ତିନି ଦିନରେ ନିଷ୍ପତ୍ତି ନିଆଯିବ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି।

ଇତିମଧ୍ୟରେ ଭାଜପା ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ତାଙ୍କ ନେତୃତ୍ୱରେ ଏକ ଟିମ୍ ବେଙ୍ଗାଲୁରୁ ପଠାଯିବାକୁ ନିଷ୍ପତ୍ତି ହୋଇଛି। ସେମାନେ ଭାଜପା ବିଧାୟକ ଦଳ ବୈଠକ ଡାକି ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଚୟନ କରିବେ। ☞ପୃଷ୍ଠା-୪






## ପେଗାସସ୍: ତଦନ୍ତ ନିର୍ଦ୍ଦେଶ ଦେଲେ ମମତା

**କୋଲକାତା, ୨୬।୭:** ଇସ୍ରାଏଲର ଏନ୍‌ଏସ୍‌ଓ କମ୍ପାନୀ ପ୍ରସ୍ତୁତ ସ୍ପାଏୱେର ପେଗାସସ୍ ମାଧ୍ୟମରେ ନେତା, ଅଧିକାରୀ, ଖବରଦାତାଙ୍କ ଫୋନ୍ ଗୁପ୍ତଚରଗିରି ଘଟଣାର ତଦନ୍ତ କରିବେ ପଶ୍ଚିମବଙ୍ଗ ସରକାର। ମୌସୁମୀ ଅଧିବେଶନ ପୂର୍ବରୁ ଦେଶରେ ହଇଚଇ ସୃଷ୍ଟି କରିଥିବା ପେଗାସସ୍ ମାମଲାର ତଦନ୍ତ ନିର୍ଦ୍ଦେଶ ଦେବାରେ ପଶ୍ଚିମବଙ୍ଗ ପ୍ରଥମ ରାଜ୍ୟ ହୋଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏଥିପାଇଁ ଏକ କମିଟି ଗଠନ କରିଥିବା ସୋମବାର କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମମତା କହିଛନ୍ତି, ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ମଦନ ଭୀମରାଓ ଲୋକୁର, କାଲକାଟା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଜ୍ୟୋତିର୍ମୟ ଭଟ୍ଟାଚାର୍ଯ୍ୟଙ୍କୁ ନେଇ ଗଠିତ କମିଶନକୁ ତାଙ୍କ କ୍ୟାବିନେଟ୍ ମଞ୍ଜୁରି ଦେଇଛି। ଗତ ରବିବାରଠାରୁ ପେଗାସସ୍ ଗୁପ୍ତଚରଗିରି ଘଟଣାକୁ ନେଇ ବିବାଦ ବଢୁଥିବାବେଳେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ୟେଦୁରପ୍ପା ଗଲେ ଯେ

# ୬ ପୋଲିସ ନିହତ, ୫୦ ଆହତ

## ଆସାମ-ମିଜୋରାମ ସୀମାରେ ରକ୍ତାକ୍ତ ସଂଘର୍ଷ

ଦିସପୁର, ୨୬।୭

### ଦୁଇ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଟୁଇଟର ଯୁଦ୍ଧ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶିଲଂଠାରେ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିବାର ଦୁଇଦିନ ପରେ ବିବାଦୀୟ ଆସାମ-ମିଜୋରାମ ସୀମାରେ ସୋମବାର ହିଂସାକାଣ୍ଡ ତୀବ୍ର ହୋଇଛି। ମିଜୋରାମ ପଟୁ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଆସାମର ୬ ପୋଲିସ ନିହତ ହେବା ସହ ୫୦ ଜଣ ଆହତ ହୋଇଛନ୍ତି। ଆସାମର ଚାଚର ଜିଲା ଏବଂ ମିଜୋରାମର କୋଲାସିବ ଜିଲା ସୀମାରେ ସଂଘର୍ଷ ହୋଇଥିଲା। ଟେକା ପଥର ମାଡ଼ରେ ଆହତ ବହୁ ଆସାମ ପୋଲିସ କର୍ମଚାରୀ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଆକ୍ରମଣରେ କେତେକ ସରକାରୀ ଗାଡ଼ି ଭାଙ୍ଗିରୁଜି ଯାଇଛି। ଚାଚର ଜିଲା ଡେପୁଟି କମିଶନରଙ୍କ ଗାଡ଼ି ଭାଙ୍ଗିଥିବା ଜଣାପଡ଼ିଛି।

ସୀମାରେ ଗୁଳିମାଡ଼ ଜାରି ରହିଥିବାରୁ ଆସାମର ଜଣେ ବରିଷ୍ଠ ପୋଲିସ ଅଧିକାରୀ ଜଙ୍ଗଲ ମଧ୍ୟରେ ରହିଯାଇଛନ୍ତି। ଚାଚର ଏସ୍‌ପି ନିମ୍ବଲକର ବୈଭବ ଚନ୍ଦ୍ରକାନ୍ତଙ୍କ ସମେତ ୫୦ ଜଣ ପୋଲିସ ଆହତ ହୋଇଥିବା ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ଟୁଇଟର ଯୁଦ୍ଧରେ ଲିପ୍ତ ଥିବାବେଳେ ବିବାଦର ସମାଧାନ ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କରିଛନ୍ତି। ☞ପୃଷ୍ଠା-୪



ଚାଚରରେ ଆସାମ ପୋଲିସ ଉପରେ ମିଜୋରାମ ଅଧିବାସୀଙ୍କ ଆକ୍ରମଣ ବେଳର ଦୃଶ୍ୟ।

## ରାଜ କୁନ୍ଦ୍ରାଙ୍କ ବ୍ୟାଙ୍କ ଆକାଉଣ୍ଟ ଜବତ

ପର୍ନୋଗ୍ରାଫି ମାମଲାରେ ଗିରଫ ହୋଇଥିବା ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ କାନ୍ପୁରରେ ଥିବା ଦୁଇଟି ଷ୍ଟେଟ୍ ବ୍ୟାଙ୍କ ଆକାଉଣ୍ଟକୁ ମୁମ୍ବାଇ କ୍ରାଇମ୍ବ୍ରାଞ୍ଚ ଜବତ କରିଛି।ଏହି ଦୁଇ ଆକାଉଣ୍ଟରେ ବହୁ କୋଟି ଟଙ୍କା ଜମା ରହିଥିବା ଏସ୍‌ବିଆଇର ଜଣେ ଅଧିକାରୀ କହିଛନ୍ତି। କୁନ୍ଦ୍ରାଙ୍କ ପ୍ରତଷ୍ଠାନ କମ୍ପାନୀ ଚଳାଉଥିବା ଅରବିନ୍ଦ ଶ୍ରୀବାସ୍ତବଙ୍କ ସ୍ତ୍ରୀ ହର୍ଷିତାଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର ହୋଇଥିବା ଜଣାପଡିଛି।

## ସଂକ୍ଷେପରେ

### ପ୍ରଶାନ୍ତ କିଶୋରଙ୍କ ଟିମ୍ ତ୍ରିପୁରା ହୋଟେଲରେ ଅଟକ

**କୋଲକାତା, ୨୬।୭:** ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋରଙ୍କ ଆଇପିଏସି (ଇଣ୍ଡିଆନ ପଲିଟିକାଲ ଆକ୍ସନ କମିଟି)ର ଏକ ଟିମ୍‌କୁ ତ୍ରିପୁରାର ଏକ ହୋଟେଲରେ ଅଟକ ରଖାଯାଇଥିବା ଅଭିଯୋଗ ହୋଇଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପାଇଁ କୌଣସି କାମରେ ଆଇପିଏସିର ୨୨ ଜଣ କର୍ମଚାରୀ ଅଗରତାଲା ଯାଇଥିଲେ। ତ୍ରିପୁରା ପୋଲିସ ସକାଳଠାରୁ ହୋଟେଲ ଲବିରେ ଡେରା ପକାଇବା ସହ ସେମାନଙ୍କୁ ବାହାରକୁ ଛାଡ଼ି ନ ଥିଲା ବୋଲି ଆଇପିଏସି ପକ୍ଷରୁ କୁହାଯାଇଛି। ଭାଜପା ଶାସିତ ତ୍ରିପୁରାରେ ୨୦୨୩ରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ସେଠାର ରାଜନୈତିକ ସ୍ଥିତି ଓ ତୃଣମୂଳ କଂଗ୍ରେସ ପ୍ରତି କେତେ ସମର୍ଥନ ରହିଛି ଆକଳନ କରିବା ପାଇଁ ପ୍ରଶାନ୍ତ କିଶୋରଙ୍କ ଟିମ୍ ସେଠାକୁ ଯାଇଥିଲା।

### ପରବର୍ତ୍ତୀ ଚାଷୀ ଆନ୍ଦୋଳନ ୟୁପିରେ: ଟିକାଏତ୍



**ଲକ୍ଷ୍ନୌ, ୨୬।୭(ଆଇଏଏନ୍ଏସ୍):** ଚାଷୀ ଆନ୍ଦୋଳନର ପରବର୍ତ୍ତୀ ମୁଖ୍ୟ ଲକ୍ଷ୍ୟସ୍ଥଳ ଉତ୍ତରପ୍ରଦେଶ ହେବ ବୋଲି ଭାରତୀୟ କିଷାନ ୟୁନିୟନର ଜାତୀୟ ମୁଖପାତ୍ର ରାକେଶ ଟିକାଏତ୍ ସୋମବାର କହିଛନ୍ତି। ୩ କୃଷି ଆଇନ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଆମେ ଚାଷୀମାନଙ୍କ ପାଖକୁ ଯିବୁ। ସେପ୍ଟେମ୍ବର ୫ରେ ମୁଜାଫରନଗରରେ ବିଶାଳ କିଷାନ ପଞ୍ଚାୟତ ହେବ ବୋଲି ଏକ ଖବରଦାତା ସମ୍ମିଳନୀରେ ଟିକାଏତ୍ କହିଛନ୍ତି। ଚାଷୀ ଆନ୍ଦୋଳନ ସେମାନଙ୍କ ଆତ୍ମସମ୍ମାନ ଫେରାଇ ଆଣିଛି। ଏହା ଦ୍ୱାରା ଚାଷୀମାନଙ୍କ ମଧ୍ୟରେ ଏକତା ବଢ଼ିଥିବା ଅନ୍ୟତମ ନେତା ଯୋଗେନ୍ଦ୍ର ଯାଦବ କହିଥିଲେ।

### ଅଭିନେତ୍ରୀ ଜୟନ୍ତୀଙ୍କ ପରଲୋକ



**ବେଙ୍ଗାଲୁରୁ, ୨୬।୭:** ବର୍ଷୀୟାନ ଅଭିନେତ୍ରୀ ଅଭିନୟ ଶାରଦେ ଜୟନ୍ତୀଙ୍କ ସୋମବାର ବେଙ୍ଗାଲୁରୁସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଛି। ତାଙ୍କୁ ୭୬ ବର୍ଷ ହୋଇଥିଲା। ବୟସାଧିକ କାରଣରୁ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାମିଲ, ତେଲୁଗୁ, କନ୍ନଡ ଚଳଚ୍ଚିତ୍ରରେ ଅଭିନୟ ତାଙ୍କୁ ଲୋକପ୍ରିୟ କରାଇଥିଲା। ଏଥିସହ ସେ ହିନ୍ଦୀ ଫିଲ୍ମ ମଧ କରିଛନ୍ତି। ୫ ଦଶନ୍ଧିର ଫିଲ୍ମ କ୍ୟାରିୟରରେ ସେ ୫ ଶହରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ କାମ କରିଛନ୍ତି। ୧୯୬୦ରୁ ୮୦ ଦଶକରେ କନ୍ନଡ଼ ଚଳଚ୍ଚିତ୍ରରେ ଅଭିନୟ କରୁଥିବା ପ୍ରମୁଖ ନାୟିକାଙ୍କ ମଧ୍ୟରେ ସେ ଅନ୍ୟତମ ଥିଲେ। ବଲ୍ଲାରୀରେ ଜନ୍ମିତ ଜୟନ୍ତୀ ୱାଇ. ଆର୍. ସ୍ୱାମୀଙ୍କ ଫିଲ୍ମ ଜିନୁ ଗୋଦୁରେ ୧୯୬୩ରେ ଡେବ୍ୟୁ କରିଥିଲେ। ଏହା ବକ୍ସ ଅଫିସ୍‌ରେ ଭଲ ପ୍ରଦର୍ଶନ କରିଥିଲା। ଜୟନ୍ତୀ ୭ ଥର କର୍ନାଟକ ରାଜ୍ୟ ଫିଲ୍ମ ପୁରସ୍କାର ଜିତିଛନ୍ତି।

### ଦୈନିକ ସଂକ୍ରମଣରେ ଭାରତକୁ ଟପିଲା ଆମେରିକା

**ୱାଶିଂଟନ୍, ୨୬।୭:** କରୋନାରେ ନୂଆ ସଂକ୍ରମିତ ଚିହ୍ନଟ ମାମଲାରେ ଭାରତକୁ ଟପିଛି ଆମେରିକା। ଭାରତରେ ଦୈନିକ ସଂକ୍ରମଣ ୪୦ ହଜାର ତଳେ ରହିଥିବାବେଳେ ଆମେରିକାରେ ତାହା ୫୨ ହଜାର ଟପିଛି। ବିଶେଷକରି ଟିକା ନେଇ ନ ଥିବା ବ୍ୟକ୍ତି କୋଭିଡ୍-୧୯ରେ ଆକ୍ରାନ୍ତ ହେଉଛନ୍ତି। ଗତ ୨ ସପ୍ତାହରେ ସଂକ୍ରମଣ ହାର ୧୭୦ ପ୍ରତିଶତ ଟପିବାକୁ ନେଇ ପୁଣି ଚିନ୍ତା ବଢ଼ିଛି। ଟିକା ବିରୋଧୀଙ୍କ ମନମୁଖି କାର୍ଯ୍ୟକଳାପ ଏବଂ କଟକଣା ଅବମାନନା ଯୋଗୁ ଏପରି ସ୍ଥିତି ଉପୁଜିଥିବା ବିଶେଷଜ୍ଞମାନେ କହିଛନ୍ତି।

# ପାର୍ଲାମେଣ୍ଟରେ ଅଚଳାବସ୍ଥା ଜାରି

**ନୂଆଦିଲ୍ଲୀ, ୨୬।୭**

- ବିରୋଧୀଙ୍କୁ ମନାଇବା ପାଇଁ ସରକାରଙ୍କ ଉଦ୍ୟମ
- ଲୋକ ସଭାରେ ୨ ବିଲ୍ ଗୃହୀତ

ପେଗାସସ୍ ଦୁର୍ନୀତିକୁ ନେଇ ପାର୍ଲାମେଣ୍ଟରେ ସପ୍ତାହେ ହେଲା ଅଚଳାବସ୍ଥା ଲାଗି ରହିଥିବାବେଳେ ବିରୋଧୀ ଦଳଗୁଡ଼ିକୁ ମନାଇବା ପାଇଁ ସରକାର ଉଦ୍ୟମ କରିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ସୋମବାର କଂଗ୍ରେସ ନେତା ମନୀଷ ତିୱାରୀ ଏବଂ ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତ୍ରୀ ସୁପ୍ରିୟା ସୁଲେଙ୍କୁ ଭେଟି ଆଲୋଚନା କରିଥିଲେ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଭେଟି ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଜୁଲାଇ ୧୯ରୁ ମୌସୁମୀ ଅଧିବେଶନ ଆରମ୍ଭ ହୋଇଥିବାବେଳେ ଏହାର ଦିନକ ପୂର୍ବରୁ ପେଗାସସ୍ ସ୍ପାଏୱେର ଦୁର୍ନୀତି ଖବର ପ୍ରକାଶ ପାଇଥିଲା। ବିରୋଧୀ ଦଳଗୁଡ଼ିକ ଏହି ପ୍ରସଙ୍ଗ ଉଠାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା ଉପରେ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଦାବି କରିଆସୁଛନ୍ତି। କଂଗ୍ରେସ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ତଦନ୍ତ ଦାବି କରିଛି। ଏହାକୁ ନେଇ ଗୃହରେ ହୋହଲ୍ଲା ଲାଗି ରହିଥିବାରୁ ସପ୍ତାହେ ହେଲା ଗୃହକାର୍ଯ୍ୟ ଚାଲିପାରୁନାହିଁ।

ରାଜ୍ୟ ସଭାରେ ସୋମବାର ଫୋନ୍ ଟ୍ୟାପିଂ, କୃଷି ଆଇନ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ପାଇଁ ଦାବି କରି ବିରୋଧୀ ସଦସ୍ୟମାନେ ଗୃହରେ ହଟ୍ଟଗୋଳ କରିଥିଲେ। ଫଳରେ ରାଜ୍ୟ ସଭା ୫ ଥର ମୁଲତବୀ ହୋଇଥିଲା। ଗୃହକାର୍ଯ୍ୟ ଆରମ୍ଭରେ କାର୍ଗିଲ ଯୁଦ୍ଧ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯିବା ସହ ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିବା ମୀରାବାଈ ଚାନୁଙ୍କୁ ଅଭିନନ୍ଦନ ଜଣାଯାଇଥିଲା। ଏହାପରେ କଂଗ୍ରେସ, ଟିଏମ୍‌ସି ଓ ଅନ୍ୟ ବିରୋଧୀ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଯାଇ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ସେହିପରି ଲୋକ ସଭା ହଟ୍ଟଗୋଳ ମଧ୍ୟରେ ୩୦ ମିନିଟ ପାଇଁ ଚାଲିଥିଲା। ପେଗାସସ୍ ଗୁପ୍ତଚରଗିରି ବିବାଦ ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ହଟ୍ଟଗୋଳ ଜାରି ରହିଥିବାବେଳେ ଦୁଇଟି ବିଲ୍ ବିନା ଆଲୋଚନାରେ ଗୃହୀତ ହୋଇଥିଲା। ଏମ୍‌ଏସ୍‌ଏମ୍‌ଇ ସେକ୍ଟରକୁ ସହାୟତା ଲକ୍ଷ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଆଣିଥିବା ଫ୍ୟାକ୍ଟରିଂ ରେଗୁଲେଶନ (ସଂଶୋଧନ) ବିଲ୍, ୨୦୨୦ ଧ୍ୱନି ମତରେ ଗୃହୀତ ହୋଇଥିଲା। ସେହିପରି ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫୁଡ୍ ଟେକ୍ନୋଲୋଜି ବିଲ୍ ମଧ୍ୟ ବିନା ଆଲୋଚନାରେ ଗୃହର ଅନୁମୋଦନ ଲାଭ କରିଥିଲା।

## ଟ୍ରାକ୍ଟରରେ ସଂସଦକୁ ଗଲେ ରାହୁଲ




**ନୂଆଦିଲ୍ଲୀ, ୨୬।୭(ପି.ଟି.)**

### କୃଷି ଆଇନର ପ୍ରତିବାଦ

କେନ୍ଦ୍ରର ବିବାଦୀୟ କୃଷି ଆଇନ ପ୍ରତିବାଦରେ ଚାଷୀମାନଙ୍କୁ ସମର୍ଥନ ଜଣାଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅନ୍ୟ ଦଳୀୟ ଏମ୍‌ପିମାନଙ୍କ ସହ ସୋମବାର ଟ୍ରାକ୍ଟର ଚଳାଇ ପାର୍ଲାମେଣ୍ଟ ଯାଇଥିଲେ। ସେମାନେ କୃଷି ଆଇନ ପ୍ରତ୍ୟାହାର ଦାବି କରିଥିଲେ। ରାହୁଲଙ୍କ ସହିତ ଦଳୀୟ ଏମ୍‌ପି ପ୍ରତାପ ସିଂ ବାଜୱା, ରଭନୀତ ସିଂ ବିଟ୍ଟୁ, ଦୀପିନ୍ଦର ସିଂ ହୁଡ୍ଡା, ଗୁରଜିତ୍ ସିଂ ଔଜ୍ଲା, ଯଶବୀର ସିଂ ଗିଲ୍ ଏବଂ କଂଗ୍ରେସ ନେତା ରଣଦୀପ୍ ସୁର୍ଜେୱାଲା ପ୍ରମୁଖ ବ୍ୟାନର ଧରି ସ୍ଲୋଗାନ ଦେଇଥିଲେ। ଆମେ ଚାଷୀମାନଙ୍କ ବାର୍ତ୍ତା ପାର୍ଲାମେଣ୍ଟକୁ ଆଣିଛୁ। ଗୃହରେ ସେମାନଙ୍କ ପ୍ରସଙ୍ଗ ଆଲୋଚନା ପାଇଁ ସୁଯୋଗ ଦିଆଯାଉନାହିଁ। ସାରା ଦେଶରେ ଚାଷୀମାନଙ୍କୁ ଅବହେଳା କରାଯାଉଥିବାରୁ ଆମେ ଏହାର ପ୍ରତିବାଦ ଜଣାଉଛୁ ବୋଲି ରାହୁଲ କହିଥିଲେ। କେବଳ ଦୁଇ-ତିନିଜଣ ଶିଳ୍ପପତିଙ୍କୁ ସାହାଯ୍ୟ କରିବା ଲକ୍ଷ୍ୟରେ ନୂଆ କୃଷି ଆଇନ ଅଣାଯାଇଥିବା ସେ ଅଭିଯୋଗ କରିଥିଲେ। ସୁର୍ଜେୱାଲା, ଯୁବକଂଗ୍ରେସ ସଭାପତି ବି.ଭି. ଶ୍ରୀନିବାସ ଓ ଅନ୍ୟ ଦଳୀୟ ନେତାମାନଙ୍କୁ ପାର୍ଲାମେଣ୍ଟ ବାହାରେ ଦିଲ୍ଲୀ ପୋଲିସ ଅଟକ ରଖି ମନ୍ଦିର ମାର୍ଗ ଥାନାକୁ ନେଇଯାଇଥିଲା।

## ପେଗାସସ୍: ସୁପ୍ରିମକୋର୍ଟଙ୍କ ତଦାରଖରେ ତଦନ୍ତ ହେଉ

### ଶଶୀ ଥରୁରଙ୍କ ଦାବି



**ନୂଆଦିଲ୍ଲୀ, ୨୬।୭**

ପେଗାସସ୍ ଗୁପ୍ତଚରଗିରି ଘଟଣାର ତଦନ୍ତ ସୁପ୍ରିମକୋର୍ଟଙ୍କ ତଦାରଖରେ ହେଉ ବୋଲି ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁର ଦାବି କରିଛନ୍ତି। ଏଥିସହ ସରକାର ଏହା ଉପରେ ବିତର୍କ କରିବାକୁ ରାଜି ନ ହେବା ପର୍ଯ୍ୟନ୍ତ ବିରୋଧୀ ଦଳ ସଂସଦର ପ୍ରକ୍ରିୟାରେ ବାଧା ସୃଷ୍ଟି କରିବେ ବୋଲି ସୂଚାଇଛନ୍ତି। କେନ୍ଦ୍ର ସରକାର ରାଜନୈତିକ ସ୍ୱାର୍ଥ ରଖି ଜନସାଧାରଣଙ୍କ ଅର୍ଥରେ ଏହି ଗୁପ୍ତଚରଗିରି କରାଇଥିବା ସେ ଅଭିଯୋଗ କରିଛନ୍ତି। ଗତ ସପ୍ତାହରେ ନ୍ୟୁଜ୍ ୱେବ୍‌ସାଇଟ୍ 'ଦି ୱେର' ଭାରତରେ ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ଚର୍ଚ୍ଚିତ ବ୍ୟକ୍ତିଙ୍କ ଫୋନ୍‌କୁ ଇସ୍ରାଏଲ ସ୍ପାଏୱେର ପେଗାସସ୍ ଦ୍ୱାରା ଗୁପ୍ତଚରଗିରି କରାଯାଇଥିବା ବାବଦରେ ରିପୋର୍ଟ ପ୍ରକାଶ କରିଥିଲା।

# ଜେଲ ଗଲେ ପାଦ୍ରୀ

### ମୋଦି ବିରୋଧୀ ମନ୍ତବ୍ୟ

**ଚେନ୍ନାଇ, ୨୬।୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ହିନ୍ଦୁଧର୍ମ ଏବଂ ତାମିଲନାଡୁ ସରକାରଙ୍କ ବିରୋଧରେ ମନ୍ତବ୍ୟ ଦେବା ଜଣେ ରୋମାନ କାଥୋଲିକ୍ ପାଦ୍ରୀଙ୍କ ପାଇଁ ମହଙ୍ଗା ପଡ଼ିଛି। ଅସମ୍ମାନଜନକ ମନ୍ତବ୍ୟ ଦେବା ଅଭିଯୋଗରେ ପାଦ୍ରୀ ଜର୍ଜ ପୋନିଆଙ୍କୁ ତାମିଲନାଡୁର ମଦୁରାଇରୁ ଗିରଫ କରାଯାଇଛି। ବିଭିନ୍ନ ଧର୍ମ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ବଢ଼ାଇବା ଅଭିଯୋଗରେ ତାଙ୍କ ବିରୋଧରେ ଆଇପିସିର ବିଭିନ୍ନ ଧାରା ସମେତ ମହାମାରୀ ସମୟରେ ସଭା କରିଥିବାରୁ ଏପିଡେମିକ୍ ଡିଜିଜ୍ ଆକ୍ଟରେ ମାମଲା ରୁଜୁ ହୋଇଛି। ଜୁଲାଇ ୧୮ରେ ଫାଦର ଷ୍ଟାନ୍ ସ୍ୱାମୀଙ୍କ ସ୍ମୃତିରେ ଅରୁମନାଇ ଖ୍ରୀଷ୍ଟିଆନ୍ ଆସୋସିଏଶନ୍‌ର ଷ୍ଟିଫେନ୍ ନାମକ ବ୍ୟକ୍ତି ଏକ ଉତ୍ସବର ଆୟୋଜନ କରିଥିଲେ। ଏଥିରେ ଯୋଗଦେଇ ପାଦ୍ରୀ ଜର୍ଜ ମୋଦି ଓ ଶାହାଙ୍କ ବିରୋଧରେ ମନ୍ତବ୍ୟ ଦେଇଥିଲେ। ଷ୍ଟିଫେନଙ୍କୁ ରବିବାର ଗିରଫ କରାଯାଇଛି। ଅନ୍ୟପକ୍ଷରେ


ଜର୍ଜ ପୋନିଆ

### ଉତ୍ସବ ଆୟୋଜକ ଗିରଫ

ଜର୍ଜଙ୍କୁ ଶନିବାର କୁଝିଥୁରାଇ ମାଜିଷ୍ଟ୍ରେଟଙ୍କ କୋର୍ଟରେ ହାଜର କରାଯିବା ପରେ ତାଙ୍କୁ ୧୫ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପାଲାୟମକୋଟାଇ କେନ୍ଦ୍ରୀୟ ଜେଲ୍‌ରେ ଥିବା ପାଦ୍ରୀ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କର ଚିକିତ୍ସା କରାଯାଇଥିଲା। ହିନ୍ଦୁ ବିରୋଧୀ ମନ୍ତବ୍ୟ ପାଇଁ ସେ ଗତ ୨୪ ତାରିଖରେ କ୍ଷମା ମାଗିଥିଲେ ଏବଂ ତାଙ୍କ ମନ୍ତବ୍ୟକୁ ବଦଳାଯାଇଥିବା ଅଭିଯୋଗ କରିଥିଲେ। ସେହି ସଂଶୋଧିତ ଭିଡିଓ ଦେଖି ହିନ୍ଦୁ ଧର୍ମାବଲମ୍ବୀମାନେ ତାଙ୍କୁ ଭୁଲ୍ ବୁଝିଥିଲେ ବୋଲି ପାଦ୍ରୀ କହିଥିଲେ।

# ସ୍ତନ୍ୟପାନ କରାଇପାରିବେ ସଂକ୍ରମିତ ମହିଳା

**ନୂଆଦିଲ୍ଲୀ, ୨୬।୭**

କୋଭିଡ୍ ପଜିଟିଭ୍ ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୋମବାର ସାନି ଆଡଭାଇଜରି ଜାରି କରିଛନ୍ତି। କରୋନା ଆକ୍ରାନ୍ତ ମାଆମାନେ ସେମାନଙ୍କ ପିଲାଙ୍କୁ ସ୍ତନ୍ୟପାନ କରାଇପାରିବେ। ତେବେ ଅନ୍ୟ ସମୟରେ ସେମାନେ ପିଲାଙ୍କୁ ଅନ୍ୟୁନ ୬ ଫୁଟ ଦୂରରେ ରଖିବା ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ଗର୍ଭବତୀ ମହିଳା କୋଭିଡ୍‌ରୁ ଭଲ ହେବା ପରେ ଗର୍ଭସ୍ଥ ଶିଶୁ ଓ ମାଆ ଠିକ୍ ଅଛନ୍ତି କି ନାହିଁ ଜାଣିବା ପାଇଁ ସ୍ୱାସ୍ଥ୍ୟ ଚେକ୍‌ଅପ୍ କରାଇବାକୁ କୁହାଯାଇଛି। ପ୍ରଥମ ଲହର ତୁଳନାରେ ଦ୍ୱିତୀୟ ଲହରରେ ଅଧିକ ମହିଳା କୋଭିଡ୍ ସଂକ୍ରମିତ ହୋଇଛନ୍ତି। ଗୁରୁତର ମାମଲା ହୋଇଥିଲେ ଗର୍ଭାବସ୍ଥାରେ ଏହା ଜଟିଳ ସମସ୍ୟା ସୃଷ୍ଟି କରିପାରେ। ବ୍ଲଡ୍ ଅକ୍ସିଜେନ ସାଚୁରେଶନ ହଠାତ୍ କମିଯିବା ଫଳରେ ମାଆ ଓ ଶିଶୁ ଉଭୟଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ନୂଆଦିଲ୍ଲୀର ଲେଡି ହାର୍ଡିଞ୍ଜେ ମେଡିକାଲ କଲେଜର ଡାକ୍ତର ମଞ୍ଜୁ ପୁରୀ କହିଛନ୍ତି। ଗର୍ଭବତୀ ଟିକା ନେଇଥିଲେ ସଂକ୍ରମଣ ଗୁରୁତର ହୋଇ ନ ଥାଏ। ମାଆ ଟିକା ନେଇଥିଲେ ନବଜାତ ଶିଶୁକୁ ମଧ୍ୟ କିଛି ପରିମାଣରେ ସୁରକ୍ଷା ମିଳିଥାଏ ବୋଲି ସେ କହିଛନ୍ତି।


ପଶ୍ଚିମବଙ୍ଗ ରାଜଭବନ ସମ୍ମୁଖରେ ପେଗାସସ୍ ବିରୋଧରେ ବିକ୍ଷୋଭ କରୁଥିବା ଜଣେ କଂଗ୍ରେସ କର୍ମୀଙ୍କୁ ପୋଲିସ ଉଠାଇ ନେଉଛି।

# ଇମ୍ରାନଙ୍କ ଦଳ ବିଜୟୀ

**ଇସ୍‌ଲାମାବାଦ, ୨୬।୭(ପି.ଟି.)**

### ପିଓକେ ନିର୍ବାଚନ

ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ହିଂସାକାଣ୍ଡ ମଧ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ ପାର୍ଟି (ପିଟିଆଇ) ଅଧିକାଂଶ ଆସନରେ ଜିତି ସେଠାରେ ପ୍ରଥମ ଥର ପାଇଁ ସରକାର ଗଢ଼ିବାକୁ ଯାଉଛି। ୪୫ ଆସନରୁ ଇମ୍ରାନ୍‌ଙ୍କ ଦଳ ୨୫ଟିରେ ବିଜୟୀ ହୋଇଛି। ନିର୍ବାଚନରେ ଅନିୟମିତତା ହୋଇଥିବା ନେଇ ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନ ପିପୁଲ୍ସ ପାର୍ଟି ୧୧ ଆସନ ଜିତି ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ପାକିସ୍ତାନ ମୁସ୍‌ଲିମ୍ ଲିଗ୍-ନୱାଜ (ପିଏମ୍ଏଲ୍-ଏନ୍)କୁ ୬ ଆସନ ମିଳିଛି। ଗିଲ୍‌ଗିଟ୍-ବଲ୍ଟିସ୍ତାନରେ ନିର୍ବାଚନ କରିବା ଲାଗି ପାକିସ୍ତାନର ନିଷ୍ପତ୍ତିକୁ ଭାରତ ପୂର୍ବରୁ ନିନ୍ଦା କରିଥିଲା।

## ଯବାନଙ୍କୁ ସମ୍ମାନ ଜଣାଇଲେ ରାଷ୍ଟ୍ରପତି

**ଶ୍ରୀନଗର, ୨୬।୭(ପି.ଟି.)**

୨୨ତମ କାର୍ଗିଲ ବିଜୟ ଦିବସ ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସୋମବାର ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲା ଅର୍ନ୍ତଗତ ଡାଗର ଯୁଦ୍ଧ ସ୍ମାରକୀ ପରିଦର୍ଶନ କରିବା ସହ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଦେଶର ସୁରକ୍ଷା ଓ ନିରାପତ୍ତା ପାଇଁ ପ୍ରାଣବଳି ଦେଇଥିବା ବୀର ଯବାନମାନଙ୍କୁ ରାଷ୍ଟ୍ର ସାଲ୍ୟୁଟ୍ କରୁଛି ବୋଲି ସେ କହିଛନ୍ତି। ଖରାପ ପାଗ ଯୋଗୁ ରାଷ୍ଟ୍ରପତିଙ୍କ ଦ୍ରାସ ଗସ୍ତ ବାତିଲ କରାଯାଇଥିଲା।

# ଚାଟିଂ ବେଶି, ପାଠପଢ଼ା କମ୍

### ପିଲାଙ୍କ ସ୍ମାର୍ଟଫୋନ ବ୍ୟବହାର

**କରୋନା ମହାମାରୀ ଅଫ୍‌ଲାଇନ ପାଠପଢ଼ାରେ ଡୋରି ପକାଇଥିବାରୁ ଡିଜିଟାଲ ଶିକ୍ଷା ମୁହାଁ ହୋଇଛନ୍ତି ଛାତ୍ରୀଛାତ୍ର। ପିଲାଙ୍କ ଶିକ୍ଷାରେ ବାଧା ସୃଷ୍ଟି ନ ହେବା ଉଦ୍ୟମରେ ଅଭିଭାବକ ସେମାନଙ୍କୁ ସ୍ମାର୍ଟ ଫୋନ୍ ଯୋଗାଇଦେଉଛନ୍ତି। ହେଲେ ପାଖରେ ମୋବାଇଲ ଥାଇ ବି ତାହାକୁ ପ୍ରକୃତ ଲକ୍ଷ୍ୟ ସାଧନରେ ପିଲାମାନେ ବ୍ୟବହାର କରୁନାହାନ୍ତି। ମାତ୍ର ୧୦ ପ୍ରତିଶତ ଫୋନ୍‌କୁ ପାଠପଢ଼ା ଉଦ୍ଦେଶ୍ୟରେ ଲଗାଉଥିବାବେଳେ ୫୯ ପ୍ରତିଶତ ମାତିଛନ୍ତି ଫେସ୍‌ବୁକ୍, ହ୍ୱାଟ୍ସଆପ୍, ଇନଷ୍ଟାଗ୍ରାମ ଭଳି ସୋସିଆଲ ସାଇଟ୍ ତଥା ଇନ୍‌ଷ୍ଟାଣ୍ଟ ମେସେଜିଂ ଆପ୍‌ରେ। ଅନ୍‌ଲାଇନ୍ ଶିକ୍ଷା ଜାରି ରହିଲେ ତାହା ଆଗାମୀ ପିଢ଼ିକୁ କେଉଁ ଦିଗକୁ ନେବ ଏବଂ ସେମାନଙ୍କୁ ଦକ୍ଷ କରିବାରେ କେତେ ସହାୟକ ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।**



**ନୂଆଦିଲ୍ଲୀ, ୨୬।୭:** ଅନ୍‌ଲାଇନ ଶିକ୍ଷାଦାନ ବ୍ୟବସ୍ଥା ଓ ବହୁଳ ମାତ୍ରାରେ ଫୋନ୍ ବ୍ୟବହାର ଦ୍ୱାରା ପିଲାଙ୍କ ଭବିଷ୍ୟତ ଗଠନ ଉପରେ ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ(ଏନ୍‌ସିପିସିଆର୍) ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଛାତ୍ରୀଛାତ୍ରଙ୍କ ସ୍ମାର୍ଟଫୋନ୍ ବ୍ୟବହାର ଉପରେ ହୋଇଥିବା ଏକ ଅଧ୍ୟୟନରେ ଚିନ୍ତାଜନକ ଫଳାଫଳ ସାମ୍ନାକୁ ଆସିଛି। ମୋବାଇଲ ଏବଂ ଇଣ୍ଟରନେଟ୍ ସଂଯୋଗ ହୋଇପାରୁଥିବା ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ପିଲାଙ୍କୁ କିପରି ଶାରୀରିକ, ଆଚରଣଗତ ଏବଂ ମାନସିକ-ସାମାଜିକ ଭାବେ ପ୍ରଭାବିତ କରିଥାଏ ତାହା ଉପରେ ଏହି ଗବେଷଣା କରାଯାଇଥିଲା। ରିପୋର୍ଟ ଅନୁସାରେ, ପାଖରେ ସ୍ମାର୍ଟଫୋନ ଥିବା ପିଲାଙ୍କ ମଧ୍ୟରୁ ୫୯.୨ ପ୍ରତିଶତ ଇନ୍‌ଷ୍ଟାଣ୍ଟ ମେସେଜିଂ ଆପ୍, ଫେସ୍‌ବୁକ୍ ଆଦିରେ ସମୟ କାଟୁଛନ୍ତି। ମାତ୍ର ୧୦.୧ ପ୍ରତିଶତ ଅନ୍‌ଲାଇନ ପାଠପଢ଼ା ତଥା ଶିକ୍ଷା ଗ୍ରହଣ ଉଦ୍ଦେଶ୍ୟରେ ବ୍ୟବହାର କରୁଛନ୍ତି। ୮ରୁ ୧୮ ବର୍ଷ ବୟସ ବର୍ଗର ପିଲାଙ୍କ ମଧ୍ୟରୁ ୩୦.୨ ପ୍ରତିଶତଙ୍କଠାରେ ବ୍ୟକ୍ତିଗତ ମୋବାଇଲ ଉପଲବ୍ଧ ବୋଲି ଏଥିରେ କୁହାଯାଇଛି।

- ସୋସିଆଲ ସାଇଟ୍, ମେସେଜିଂ ଆପ୍‌ରେ ୫୯%
- ଅନ୍‌ଲାଇନରେ ପାଠ ପଢ଼ନ୍ତି ମାତ୍ର ୧୦%
- ୭୨.୭୦% ଶିକ୍ଷକଙ୍କ ଅଭିଜ୍ଞତା ନାହିଁ

ଆଶ୍ଚର୍ଯ୍ୟଜନକ କଥା ହେଉଛି, ମାତ୍ର ୧୦ ବର୍ଷ ବୟସର ପିଲାଙ୍କ ନିଜର ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ରହିଛି। ଫେସ୍‌ବୁକ୍‌ରେ ଏହି ବୟସର ପିଲାଙ୍କ ସଂଖ୍ୟା ୩୭.୮ ପ୍ରତିଶତ ଏବଂ ଇନ୍‌ଷ୍ଟାରେ ୨୪.୩ ପ୍ରତିଶତ ରହିଛି। ୧୩ ବର୍ଷ ବୟସ ପରଠାରୁ ପିଲାଙ୍କ ସ୍ମାର୍ଟଫୋନ୍ ବ୍ୟବହାର ଟ୍ରେଣ୍ଡଲାଇନ ଉପରମୁହାଁ ରହିଛି। ତେବେ ସବୁ ବୟସ ବର୍ଗର ଛାତ୍ରୀଛାତ୍ର ଲାପ୍‌ଟପ୍/ଟାବ୍‌ଲେଟ୍ ବ୍ୟବହାର ସମାନ୍ତରାଳ ଭାବେ କରୁଥିବା ଜଣାଯାଇଛି। ୧୨/୧୩ ବର୍ଷ ବୟସରୁ ପିଲାଙ୍କୁ ସେମାନଙ୍କ ମାତାପିତା ଲାପ୍‌ଟପ୍ କିମ୍ବା ଟାବଲେଟ୍ ତୁଳନାରେ ଫୋନ୍ ଯୋଗାଇବାକୁ ଅଧିକ ଇଚ୍ଛୁକ ଥିବା ରିପୋର୍ଟରେ ଦର୍ଶାଯାଇଛି। ଅଧିକାଂଶ ପିଲା ଶୋଇବାବେଳେ ଫୋନ୍ ବ୍ୟବହାର କରୁଥିବାରୁ ସେମାନେ ନିଦ୍ରାହୀନତା, ଥକ୍କାପଣ, ଦୁଶ୍ଚିନ୍ତା, ମାନସିକ ଚାପ ଆଦିର ଶିକାର ହେଉଛନ୍ତି। ତେଣୁ ପିଲାଙ୍କୁ ଆବଶ୍ୟକଠାରୁ ଅଧିକ ମାତ୍ରାରେ ମୋବାଇଲ ବ୍ୟବହାର ତଥା ଇଣ୍ଟରନେଟ୍ ନିଶାରୁ ଦୂରରେ ରଖି ମାତାପିତାମାନେ ସେମାନଙ୍କୁ ଅନ୍ୟାନ୍ୟ କ୍ଷେତ୍ରରେ ଦକ୍ଷ କରିବା ଦିଗରେ ଚେଷ୍ଟା କରିବା ଆବଶ୍ୟକ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅଧ୍ୟୟନରୁ ଆହୁରି ଜଣାଯାଇଛି ଯେ, ୭୨.୭୦ ପ୍ରତିଶତ ଶିକ୍ଷୟିତ୍ରୀଶିକ୍ଷକଙ୍କ ସ୍ମାର୍ଟଫୋନ୍ ବ୍ୟବହାର ଦିଗରେ କୌଣସି ପୂର୍ବ ଅଭିଜ୍ଞତା ନାହିଁ। ସେହିପରି କ୍ଲାସ୍‌ରୁମ୍‌ରେ ମୋବାଇଲ ବ୍ୟବହାର ଦ୍ୱାରା ଧ୍ୟାନ ହଟିଥାଏ ବୋଲି ୫୪.୧ ପ୍ରତିଶତ ଶିକ୍ଷୟିତ୍ରୀଶିକ୍ଷକଙ୍କ ବିଶ୍ୱାସ।

ଏନ୍‌ସିପିସିଆର୍ ଏହି ଅଧ୍ୟୟନରେ ୬ଟି ରାଜ୍ୟର ୬୦ ବିଦ୍ୟାଳୟକୁ ଅନ୍ତର୍ଭୁକ୍ତ କରିଥିଲା। ମୋଟ ୫,୮୧୧ ଜଣଙ୍କ ମତାମତ ଏଥିରେ ସାମିଲ କରାଯାଇଥିଲା। ସ୍କୁଲ ଯାଉଥିବା ୩,୪୯୧ ଛାତ୍ରୀଛାତ୍ର, ୧,୫୩୪ ଅଭିଭାବକ, ୭୮୬ ଶିକ୍ଷକଙ୍କ ମତକୁ ନେଇ ଉକ୍ତ ରିପୋର୍ଟ ପ୍ରସ୍ତୁତ କରାଯାଇଛି।

## ଫାମ୍ ମିନ୍ ଚିନ୍ ଭିଏତ୍‌ନାମ ପ୍ରଧାନମନ୍ତ୍ରୀ



**ହାନୋଇ, ୨୬।୭**

ଭିଏତ୍‌ନାମ ପ୍ରଧାନମନ୍ତ୍ରୀ ଭାବେ ଫାମ୍ ମିନ୍ ଚିନ୍ ସୋମବାର ପୁନଃ ନିର୍ବାଚିତ ହୋଇଛନ୍ତି। ଭୋଟ୍ ଫଳାଫଳ ଅନୁସାରେ ୧୫ ତମ ନ୍ୟାଶନାଲ ଆସେମ୍ବ୍ଲି (ଏନ୍ଏ)ଫାମ୍‌ଙ୍କ ନାମ ଘୋଷଣା କରିଛି। ସେ ୨୦୨୬ ପର୍ଯ୍ୟନ୍ତ ଏହି ପଦରେ ଦାୟିତ୍ୱ ତୁଲାଇବେ। ୧୩ତମ କମ୍ୟୁନିଷ୍ଟ ପାର୍ଟି ଅଫ୍ ଭିଏତ୍‌ନାମ ସେଣ୍ଟ୍ରାଲ କମିଟିର ପଲିଟ୍‌ବ୍ୟୁରୋ ଫାମ୍‌ଙ୍କୁ ୧୫ତମ ଏନ୍ଏର ପ୍ରଥମ ଅଧିବେଶନରେ ୯୫.୯୯ ପ୍ରତିଶତ ଅନୁମୋଦନ ହାରରେ ପୁନଃ ନିର୍ବାଚିତ କରାଯାଇଥିଲା। ଦେଶ କରୋନା ମହାମାରୀ ସହ ଯୁଝୁଥିବାବେଳେ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ସେ ସର୍ବାଧିକ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୯,୫୦,୭୪,୨୦୮ | ୪୧,୭୯,୧୯୬ | ୧୭,୬୯,୫୩,୬୦୧ |
| ଭାରତ | ୩,୧୪,୧୭,୩୧୩ | ୪,୨୧,୧୧୭ | ୩,୦୫,୭୯,୧୦୬ |
| ଓଡ଼ିଶା | ୯,୬୯,୧୮୫ | ୫୫୭୪(+୫୩) | ୯,୪୭,୩୮୧ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

**ବିଧାୟକଙ୍କ ପିତାଙ୍କ ଶ୍ରାଦ୍ଧବାର୍ଷିକୀ ଭୋଜିରେ ଶହ ଶହ ଲୋକ !**




# ପୁରୀରେ 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ପ୍ରକଳ୍ପ

ଭୁବନେଶ୍ୱର(ବ୍ୟୁରୋ)/
ପୁରୀ ଅଫିସ,୨୬।୭

## ବିଦେଶରେ ସୁବିଧା ମିଳୁଥିଲା, ଦେଶରେ ଏହା ପ୍ରଥମ: ମୁଖ୍ୟମନ୍ତ୍ରୀ



ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରୁଛନ୍ତି।

- ମହାପ୍ରଭୁଙ୍କ ଧାମ ସବୁଠାରୁ ଆଗରେ
- ଉପକୃତ ହେବେ ପୁରୀବାସୀ, ୨କୋଟି ପର୍ଯ୍ୟଟକ
- ୪୦୦ମେଟ୍ରିକ୍ ଟନ୍ ପ୍ଲାଷ୍ଟିକ ପ୍ରଦୂଷଣ ମୁକ୍ତ ହେବ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀରେ ସୋମବାର 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାପ୍ରଭୁଙ୍କ ଧାମ ସବୁଠାରୁ ଆଗରେ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ପୁରୀ ହେଉଛି ଦେଶର ପ୍ରଥମ ସହର। ଏହାଦ୍ୱାରା ପୁରୀବାସୀ ଟ୍ୟାପରୁ ସିଧାସଳଖ ଉଚ୍ଚମାନର ପିଇବା ପାଣି ପାଇ ପାରିବେ। ପିଇବା ପାଣିକୁ ଏବେ ଆଉ ଗଚ୍ଛିତ କରି ରଖିବା କିମ୍ବା ଫିଲ୍‌ଟର୍ କରିବା ମଧ୍ୟ ଆବଶ୍ୟକ ନାହିଁ। ବିଶ୍ୱର କେବଳ ବଡ଼ ବଡ଼ ସହରଗୁଡ଼ିକରେ ଏଭଳି ସୁବିଧା ମିଳେ। ଏହା ଦ୍ୱାରା ପୁରୀର ଅଢେଇ ଲକ୍ଷ ଜନସାଧାରଣଙ୍କ ସମେତ ଏଠାକୁ ବର୍ଷକୁ ଆସୁଥିବା ପ୍ରାୟ ୨କୋଟି ପର୍ଯ୍ୟଟକ ଉପକୃତ ହେବେ ବୋଲି ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ କହିଛନ୍ତି।

ସାରା ଓଡ଼ିଶାର ବିକାଶ ଇତିହାସରେ ଏହା ଏକ ନୂଆ ଅଧ୍ୟାୟ ଯୋଡ଼ିଛି। ଏହି ପ୍ରକଳ୍ପରେ ବଡ଼ଦାଣ୍ଡ ସମେତ ସହରର ୪ଶହ ସ୍ଥାନରେ ମୁକ୍ତ ଭାବେ ପିଇବା ପାଣିର ବ୍ୟବସ୍ଥା କରାଯାଇଛି। ପୁରୀବାସୀ ଓ ପର୍ଯ୍ୟଟକଙ୍କୁ ଆଉ ପାଣି ବୋତଲ ଧରି ବୁଲିବାକୁ ପଡିବ ନାହିଁ। ଏହାଦ୍ୱାରା ୪ଶହ ମେଟ୍ରିକ୍ ଟନ୍ ବର୍ଜ୍ୟବସ୍ତୁରୁ ମଧ୍ୟ ସହର ରକ୍ଷା ପାଇବ। ବିଶୁଦ୍ଧ ପିଇବା ପାଣିର ସ୍ୱାସ୍ଥ୍ୟ, ଜୀବନଧାରଣର ମାନ ଏବଂ ଅର୍ଥନୀତି ସହ ଗଭୀର ସମ୍ପର୍କ ରହିଛି। ଐତିହ୍ୟ ସହର ପୁରୀକୁ ବିଶ୍ୱସ୍ତରୀୟ ସୁବିଧା ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ନିରନ୍ତର ପ୍ରୟାସ ଜାରି ରହିଛି। ଭଲ ପିଇବା ପାଣି ପାଇଁ ବଜେଟକୁ ୫ ବର୍ଷରେ ୨୦ ଗୁଣ ବୃଦ୍ଧି କରାଯାଇଛି। ୨୦୦ କୋଟିର ବଜେଟ ଆଜି ୪ ହଜାର କୋଟି ଟଙ୍କାରେ ପହଞ୍ଚିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୫-ଟି ମାଧ୍ୟମରେ ରାଜ୍ୟ ସରକାର ଏଭଳି ବ୍ୟବସ୍ଥା କରିଛନ୍ତି। ଆମ ଦେଶର ମେଟ୍ରୋ ସହରଗୁଡ଼ିକରେ ବି ଏଭଳି ସୁବିଧା ନାହିଁ। ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ପୁରୀ ସହର ଲଣ୍ଡନ, ନ୍ୟୁୟର୍କ ,ସିଙ୍ଗାପୁର ଭଳି ବିଶ୍ୱର ବଡ଼ ବଡ଼ ସହର ତାଲିକାରେ ସାମିଲ ହୋଇପାରିଛି। ପୁରୀ ବ୍ୟତୀତ ରାଜ୍ୟର ଅନ୍ୟ ଜିଲାରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଚାଲୁ ରହିଛି ଓ ଆଗାମୀ ଦିନରେ ୧୬ ଜିଲାରେ ଏହା କାର୍ଯ୍ୟକାରୀ ହେବ ବୋଲି ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି।

ଉଦ୍‌ଘାଟନ ପରେ ମନ୍ତ୍ରୀ ପ୍ରଥମେ ଟ୍ୟାପ୍‌ରୁ ପାଣି ପିଇଥିଲେ। ଏହାପରେ ବଳିଆପଣ୍ଡାର ବବିନା ସରକାର ଓ ତନୁଶ୍ରୀ ବିଶ୍ୱାସ ଟ୍ୟାପ୍‌ରୁ ପାଣି ପିଇ ଏତାଦୃଶ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପକ୍ଷରେ ନିରନ୍ତର ସେବା ଯୋଗାଇ ଦେବାକୁ ପ୍ରତ୍ୟେକ ୱାର୍ଡରେ ଜଳସାଥୀ ନିୟୋଜିତ ହେବେ। ଏପର୍ଯ୍ୟନ୍ତ ପ୍ରାୟ ୩୨ହଜାର ନୂଆ ସଂଯୋଗ ଦିଆଯାଇଥିବା ପୁରୀ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ର ସରକାରଙ୍କ ଗୃହ ନିର୍ମାଣଓ ନଗର ବ୍ୟାପାର ସଚିବ ଦୁର୍ଗାଶଙ୍କର ମିଶ୍ର କହିଥିଲେ ଯେ ଶ୍ରାବଣ ମାସର ପ୍ରଥମ ସୋମବାର ମହାପ୍ରଭୁ ଜଗନ୍ନାଥଙ୍କ ସହର ପୁରୀରେ ଦେଶର ସର୍ବପ୍ରଥମ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଗୌରବର କଥା। ଏହା ଭାରତର ଅନ୍ୟ ସହରଗୁଡିକ ପାଇଁ ଉଦାହରଣ ସୃଷ୍ଟି କରିଛି। ପୁରୀ ବଳିଆପଣ୍ଡାଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସାକ୍ଷୀଗୋପାଳ ବିଧାୟକ ଉମାକାନ୍ତ ସାମନ୍ତରାୟ ଏବଂ ଜିଲାପାଳ ସମର୍ଥ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ.ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି.ମାଥିଭାଥନନ୍ ସ୍ୱାଗତ ଭାଷଣ ଏବଂ ୱାଟ୍‌କୋ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ୍ତ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।




# ବିଜୟ ମାଲ୍ୟାଙ୍କୁ ଦେବାଳିଆ ଘୋଷଣା କଲେ ବ୍ରିଟେନ କୋର୍ଟ



**ନୂଆଦିଲ୍ଲୀ, ୨୬।୭:** ପଳାତକ ବିଜୟ ମାଲ୍ୟା(୬୫)ଙ୍କୁ ବ୍ରିଟେନ କୋର୍ଟ ସୋମବାର ଦେବାଳିଆ ଘୋଷଣା କରିଛନ୍ତି। ଲଣ୍ଡନ ହାଇକୋର୍ଟର ଚାନ୍‌ସେରି ଡିଭିଜନର ଦେବାଳିଆ ଏବଂ କମ୍ପାନୀ କୋର୍ଟ ମୁଖ୍ୟ ବିଚାରପତି ମାଇକେଲ ବ୍ରିଜ୍ ଭର୍ଚୁଆଲ ଭାବେ ଏହି ମାମଲାର ଶୁଣାଣି କରିଛନ୍ତି। ଏହାଦ୍ୱାରା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ନେତୃତ୍ୱାଧୀନ ବ୍ୟାଙ୍କ ସମୂହଙ୍କୁ ମାଲ୍ୟାଙ୍କ ସମ୍ପତ୍ତି ଜବତ କରିବା ସହଜ ହେବ ବୋଲି ଜଣାପଡିଛି। ବ୍ୟାଙ୍କଗୁଡିକ ତାଙ୍କୁ ଦେବାଳିଆ ଘୋଷଣା କରିବା ନେଇ ବ୍ରିଟେନ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବନ୍ଦ ହୋଇଯାଇଥିବା କିଙ୍ଗଫିସର ଏୟାରଲାଇନ୍ସ ପାଇଁ ମାଲ୍ୟା ବ୍ୟାଙ୍କଗୁଡିକରୁ ବୃହତ୍ ପରିମାଣର ଋଣ ନେଇ ଏହାକୁ ପଇଠ କରିବାକୁ ସକ୍ଷମ ହୋଇ ନ ଥିଲେ। ସେ ବର୍ତ୍ତମାନ ବ୍ରିଟେନରେ ଥିବା ବେଳେ ତାଙ୍କୁ ଭାରତ ପ୍ରତ୍ୟର୍ପଣ କରିବା ଲାଗି ପ୍ରକ୍ରିୟା ଜାରି ରହିଛି। ଭାରତୀୟ ବ୍ୟାଙ୍କଗୁଡିକରୁ ୯ ହଜାର କୋଟି ଟଙ୍କାର ଋଣ ଠକେଇ ସାମ୍ନାକୁ ଆସିବା ପରେ ମାଲ୍ୟାଙ୍କ ଅଡୁଆ ବଢିଯାଇଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଅଗ୍ରସର ହେବାରୁ ସେ ଭାରତ ଛାଡ଼ି ଲଣ୍ଡନ ପଳାୟନ କରିଥିଲେ। ସେବେ ଠାରୁ ସେ ଭାରତ ଫେରିନାହାନ୍ତି। ବ୍ରିଟେନର ସୁପ୍ରିମକୋର୍ଟରେ ଆବେଦନ କରିବା ଲାଗି ତାଙ୍କୁ ଅଦ୍ୟାବଧି ଅନୁମତି ମିଳିନାହିଁ। ତାଙ୍କ ଭାରତ ପ୍ରତ୍ୟର୍ପଣ ଏକ ପକ୍ଷେ ସ୍ପଷ୍ଟ ବୋଲି ଇଡି ପକ୍ଷରୁ କିଛିଦିନ ତଳେ ସୂଚନା ଦିଆଯାଇଥିଲା।

## ଅକ୍ଟୋବର ୩ରେ ଜେଇଇ ଆଡ୍‌ଭାନ୍ସଡ୍

**ଭୁବନେଶ୍ୱର, ୨୬।୭(ବ୍ୟୁରୋ):** ଆଇଆଇଟିରେ ନାମଲେଖା ପାଇଁ ଜେଇଇ ଆଡ୍‌ଭାନ୍ସଡ-୨୦୨୧ ଆସନ୍ତା ଅକ୍ଟୋବର ୩ରେ ଅନୁଷ୍ଠିତ ହେବ। କୋଭିଡ୍ କଟକଣା ମଧ୍ୟରେ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ଏହି ପରୀକ୍ଷା କରାଯିବ। ଏ ନେଇ ସୋମବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ସୂଚନା ଦେଇଛନ୍ତି।

## ନିଜ ଆଡୁ ମାମଲା ରୁଜୁକଲେ ଓଏଚ୍‌ଆର୍‌ସି

**ହାଇଦର ଏନ୍‌କାଉଣ୍ଟର ଘଟଣା**

**୪ ସପ୍ତାହରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ**



**ଭୁବନେଶ୍ୱର,୨୬।୭(ବ୍ୟୁରୋ):** ପୋଲିସ ଏନ୍‌କାଉଣ୍ଟରରେ ଗ୍ୟାଙ୍ଗଷ୍ଟର ହାଇଦରଙ୍କ ମୃତ୍ୟୁ ଘଟଣାରେ ସୋମବାର ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି) ନିଜ ଆଡୁ ଏକ ମାମଲା ରୁଜୁ କରିଛନ୍ତି। ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିବା ତଥ୍ୟକୁ ଆଧାର କରି କମିଶନ ରାଜ୍ୟ ଗୃହ ବିଭାଗ, ଅତିରିକ୍ତ ମୁଖ୍ୟଶାସନ ସଚିବ, ପୋଲିସ ଡିଜି, ଜେଲ ବିଭାଗ ଡିଜି, ଭୁବନେଶ୍ୱର-କଟକ କମିଶନରେଟ ପୋଲିସକୁ ନୋଟିସ କରିଛନ୍ତି। କେଉଁ ପରିସ୍ଥିତି ଏବଂ କିଭଳି ହାଇଦରଙ୍କୁ ଏନ୍‌କାଉଣ୍ଟର କରାଗଲା ସେ ସମ୍ପର୍କରେ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ ଶନିବାର ହାଇଦରଙ୍କୁ ଚୌଦ୍ୱାର ସର୍କଲ ଜେଲରୁ ବାରିପଦା ସର୍କଲ ଜେଲ୍‌କୁ ସ୍ଥାନାନ୍ତର କରାଯାଉଥିଲା। ହାଇଦର ପରିସ୍ରା ଯିବାକୁ ପୋଲିସକୁ କହିବାରୁ ସିମୁଳିଆ ନିକଟରେ ଭ୍ୟାନ୍ ରଖାଯାଇଥିଲା। ଏହି ସମୟରେ ହାଇଦର ସୁରକ୍ଷା କର୍ମୀଙ୍କ ନିକଟରୁ ବନ୍ଧୁକ ଛଡ଼ାଇ ନେଇ ପଳାଇଯିବାକୁ ଉଦ୍ୟମ କରିବାବେଳେ ତାଙ୍କ ଅଟକା ଯାଇଥିଲା। ହେଲେ ସେ ନ ଶୁଣି ଧମକ ଦେବାରୁ ତାଙ୍କୁ ଏନ୍‌କାଉଣ୍ଟର କରଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବାଲେଶ୍ୱର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହାର କିଛି ସମୟ ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସର୍ବଶ୍ରେଷ୍ଠ ଆଇଟିଆଇରେ ରାଜ୍ୟର ୬

ଭୁବନେଶ୍ୱର,୨୬।୭(ବ୍ୟୁରୋ)

**ଆଇଟିଆଇ, ପଲିଟେକ୍‌ନିକ୍‌ରେ ନାମଲେଖା ପାଇଁ ପ୍ରଚାର ଅଭିଯାନ ଆରମ୍ଭ**

ଆଇଟିଆଇ, ପଲିଟେକ୍‌ନିକ୍‌ରେ ନାମଲେଖା ପାଇଁ ପ୍ରଚାର ଅଭିଯାନ ଆରମ୍ଭ ହୋଇଛି। ସୋମବାର ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସେ କହିଲେ, ୨୦୨୧-୨୨ ବର୍ଷ ପାଇଁ ଆଇଟିଆଇ ଓ ପଲିଟେକ୍ନିକ୍‌ରେ ନାମ ଲେଖାଇବାକୁ ୧୮,୨୫୮ଜଣ ଛାତ୍ରୀଛାତ୍ର ଅନ୍‌ଲାଇନ୍‌ରେ ଆବେଦନ କରିଛନ୍ତି। ଦେଶର ସର୍ବଶ୍ରେଷ୍ଠ ଆଇଟିଆଇ ମଧ୍ୟରେ ରାଜ୍ୟର ୬ଟି ଆଇଟିଆଇ ସ୍ଥାନ ପାଇଛି। ୨୦୨୦ ସର୍ବଭାରତୀୟ ଆଇଟିଆଇ ପରୀକ୍ଷା ମେଧା ତାଲିକାରେ ରାଜ୍ୟର ୪ ଜଣ ପ୍ରଶିକ୍ଷାର୍ଥୀ ସମଗ୍ର ଦେଶର ଶ୍ରେଷ୍ଠ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସୁଦକ୍ଷ, ପ୍ରେରଣା ଓ ନିର୍ମାଣ ଶ୍ରମିକ ଯୋଜନାରେ ସମାଜର ବିଭିନ୍ନ ବର୍ଗର ଛାତ୍ରୀଛାତ୍ରଙ୍କୁ ସୁଯୋଗ ଦିଆଯାଉଛି। ରାଜ୍ୟ ସରକାର ଦକ୍ଷତା ବିକାଶ ମାଧ୍ୟମରେ ଯୁବପିଢ଼ିଙ୍କୁ ସଶକ୍ତ କରିବା ପାଇଁ ପ୍ରୟାସ କରିଛନ୍ତି। ଆଧୁନିକ ଯନ୍ତ୍ରପାତି ବିଶିଷ୍ଟ କର୍ମଶାଳା, ତାଲିମପ୍ରାପ୍ତ ପ୍ରଶିକ୍ଷକ ଏବଂ ଆବାସିକ ସୁବିଧା ରହିଛି। ତେଣୁ ସମସ୍ତ ଅଭିଭାବକ, ହାଇସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଓ ବୁଦ୍ଧିଜୀବୀ ଅଧିକରୁ ଅଧିକ ଛାତ୍ରୀଛାତ୍ରଙ୍କୁ ଆଇଟିଆଇ ଶିକ୍ଷା ପ୍ରତି ମାର୍ଗଦର୍ଶନ କରନ୍ତୁ। ଯୁବଗୋଷ୍ଠୀ ରାଜ୍ୟ ସରକାରଙ୍କ ଏହିଅଭିନବପ୍ରୟାସରେ ଭରପୂର ସୁଯୋଗ ନେଇ କୁଶଳତାପୂର୍ବକ ନିଜକୁ ମୁଖ୍ୟ କର୍ମସ୍ରୋତରେ ସାମିଲ ହେବାକୁ ମନ୍ତ୍ରୀ ଆହ୍ୱାନ ନେଇଛନ୍ତି।

କାର୍ଯ୍ୟକ୍ରମରେ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ରେଘୁ ଜୀ. ସ୍ୱାଗତ ଭାଷଣ ଦେଇଥିଲେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ରାଜ୍ୟର ଆଇଟିଆଇ ପ୍ରିନ୍ସିପାଲ ଏବଂ ଓଡ଼ିଶା ଘରୋଇ ଇଞ୍ଜିନିୟରିଂ ସ୍କୁଲ ସଙ୍ଗଠନର ପ୍ରତିନିଧିମାନେ ଏହି ପ୍ରଚାର ଅଭିଯାନରେ ସାମିଲ ହୋଇ ଜନସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିମାନେ ପ୍ରଚାର ଅଭିଯାନ, ଅଡିଓ ଭିଜୁଆଲ କ୍ଲିପ୍ ଓ ପୁସ୍ତକ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ଅତିରିକ୍ତ ସଚିବ ସୁଦର୍ଶନ ପଣ୍ଡା, ଯୁଗ୍ମ ସଚିବ ଅଜୟ ନାୟକ ଓ ଗୌରହରି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୯୫% ପୋଡ଼ିଯାଇଥିବାରୁ ସୌମ୍ୟଙ୍କ ମୃତ୍ୟୁ

କଟକ ଅଫିସ, ୨୬।୭

- ପାକସ୍ଥଳୀ ଖାଲି ଥିଲା, କିରୋସିନି ଗନ୍ଧ ହେଉଥିଲା
- ପରିବାର ଲୋକଙ୍କୁ ମିଳିଲା ବ୍ୟବଚ୍ଛେଦ ରିପୋର୍ଟ
- ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବେ



ଗଜପତି ଜିଲା ପାରଳାଖେମୁଣ୍ଡିର ସହକାରୀ ବନ ସଂରକ୍ଷକ (ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ସୋମବାର ତାଙ୍କ ପରିବାରବର୍ଗଙ୍କୁ ପ୍ରଦାନ କରାଯାଇଛି। କଟକ ମର୍କତନଗର ଥାନା ପକ୍ଷରୁ ଏହି ରିପୋର୍ଟ ଦିଆଯାଇଛି। ସୌମ୍ୟଙ୍କ ଶରୀର ୯୫ ପ୍ରତିଶତ ପୋଡ଼ିଯାଇଥିବାରୁ ତାଙ୍କର ମୃତ୍ୟୁ ଘଟିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ସେହିପରି ପାକସ୍ଥଳୀ ଖାଲିଥିବାବେଳେ କିରୋସିନି ଗନ୍ଧ ହେଉଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। ମୃତଦେହ ବ୍ୟବଚ୍ଛେଦ ହେବାର ୬ଘଣ୍ଟା ପୂର୍ବରୁ ସୌମ୍ୟଙ୍କ ମୃତ୍ୟୁ ଘଟିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଏହି ଘଟଣାରେ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବେ ବୋଲି ପରିବାର ଲୋକେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୧୨ତାରିଖରେ ପାରଳାଖେମୁଣ୍ଡିସ୍ଥିତ ସରକାରୀ ବାସଭବନରେ ସୌମ୍ୟଙ୍କ ଦେହରେ ନିଆଁ ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ପାରଳାଖେମୁଣ୍ଡି ଓ ସେଠାରୁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ହସ୍ପିଟାଲକୁ ନିଆଯାଇଥିଲା। ପରେ ଗତ ୧୩ ତାରିଖରେ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ତାଙ୍କର ମୃତ୍ୟୁ ଘଟିଥିଲା। ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ପୋଲିସ ଏହି ଘଟଣାର ତଦନ୍ତ କରୁଥିବାବେଳେ କ୍ରାଇମବ୍ରାଞ୍ଚ ଟିମ୍ ସହଯୋଗ କରୁଛି।



**ଆଜିର ମନ୍ତବ୍ୟ**

"କୋଭିଡ୍ ମହାମାରୀଜନିତ ଆର୍ଥିକ ସଙ୍କଟରୁ ମୁକୁଳିବା ପାଇଁ ନୋଟ୍ ଛାପିବା ଯୋଜନା ନାହିଁ।
– ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ବରୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଡ଼ି ଗଡ଼ି ଗଡ଼ି ଗଲା;**
**ଅଣ ବାବୁଆର କୁମର ହେଲା,**
**ଆଗ ଦୋଷ କଟିଗଲା।**

ବଂଶକୁ ଆଗକୁ ନେବା ପାଇଁ ବା ବଂଶ ବୃଦ୍ଧି ପାଇଁ ସନ୍ତାନର ଆବଶ୍ୟକତା ଯେ କେତେ ତାହା କେବଳ ନିଃସନ୍ତାନ ବ୍ୟକ୍ତି ହିଁ ହୃଦୟଙ୍ଗମ କରିଥାଏ। ଏପରିସ୍ଥଳେ ପୁତ୍ର ଲାଭ ପରେ ବଂଶ ରକ୍ଷା ହୋଇଯିବା ଜାଣି ପିତା ମନ କୁଣ୍ଢେମୋଟ ହୋଇଯିବା ସହ ଆଶ୍ୱସ୍ତି ଲାଭ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖଣ୍ଡି ଖଣ୍ଡି କାଶ,**
**ଖର ନିଃଶ୍ୱାସ।**

ଖଣ୍ଡି କାଶ ଭାରି କଷ୍ଟଦାୟକ, ସହଜରେ ଭଲ ହୋଇନଥାଏ। ସେହିପରି ଜୋରରେ ନିଆଯାଉଥିବା ନିଃଶ୍ୱାସ ସ୍ୱାସ୍ଥ୍ୟ ପକ୍ଷେ ଅହିତକର ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ହାଇୱେ ଲୁଟେରା ଗ୍ୟାଙ୍ଗ୍ର ୬ ଗିରଫ

**ବଲାଙ୍ଗୀର ଅଫିସ,୨୬।୭**

ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିବା ହାଇୱେ ଲୁଟେରା ଗ୍ୟାଙ୍ଗ୍ର ୬ଜଣଙ୍କୁ ଗିରଫ କରିଛି ବଲାଙ୍ଗୀର ପୋଲିସ। ବରଗଡ଼-ବଲାଙ୍ଗୀର-ଭବାନୀପାଟଣା ୨୬ ନମ୍ବର ଜାତୀୟ ରାଜପଥରେ କିଛି ମାସ ଧରି ଆତଙ୍କ ଖେଳାଇଥିବା ଏହି ଗ୍ୟାଙ୍ଗକୁ ଧରିବା ପାଇଁ ଏସ୍ପି ନୀତିନ କୁଶଲକର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରିଥିଲେ। ସଦର ଏସ୍ଡିପିଓ ତୋଫାନ ବାଗଙ୍କ ନେତୃତ୍ୱରେ ଗଠିତ ଏହି ସ୍କ୍ୱାଡ୍ ବିଭିନ୍ନ ସୂତ୍ରରୁ ସୂଚନା ଯୋଗାଡ଼ କରିବା ପରେ ହାଇୱେ ଗ୍ୟାଙ୍ଗ୍ର ରହସ୍ୟ ଉନ୍ମୋଚନ ହୋଇଛି।

ହାଇୱେରେ ଲୁଟ୍ ଘଟଣାର ସିନ୍ ରିକ୍ରେଟ୍ କରିବା ପାଇଁ ସୋମବାର ସଦର ଏସ୍ଡିପିଓ ବାଗଙ୍କ ନେତୃତ୍ୱରେ ଗିରଫ ୬ଜଣଙ୍କ ମଧ୍ୟରୁ ୩ ଲୁଟେରାଙ୍କୁ ଧରି ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ୨୬ ନମ୍ବର ଜାତୀୟ ରାଜପଥର ଖମାରମୁଣ୍ଡା ନିକଟରେ ଅଟକି ରହିଥିଲା। ସେଠାରେ ଲୁଟେରାମାନେ କିଭଳିଭାବେ ଉକ୍ତ ରାଜପଥରେ ଯିବା ଆସିବା କରୁଥିବା ଟ୍ରକ୍କୁ ଅଟକାଇ ଡ୍ରାଇଭରଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟ୍ କରୁଥିଲେ ତାହା ଦେଖାଇଥିଲେ। ଆଖପାଖ ଗ୍ରାମର କେତେକ ଯୁବକ ଏହି ଲୁଟେରା ଗ୍ୟାଙ୍ଗ୍ରେ ସକ୍ରିୟ ରହିଥିଲେ। କୌଣସି ଏକ ଟ୍ରକ୍କୁ ଲୁଟିବା ପୂର୍ବରୁ ସେମାନେ ଯୋଜନା ପ୍ରସ୍ତୁତ କରୁଥିଲେ। ପ୍ରଥମେ ଜଣେ ଅଭିଯୁକ୍ତ ଫାସଡ ଗ୍ରାମ ପାଖରେ ଅଟକି ରହୁଥିଲେ। ଏହାପରେ ଜଣେ ସଦସ୍ୟ ଜାମସର ବନ୍ଧ ନିକଟରେ ଏବଂ ଛୁଇଁବନ୍ଧଠାରେ ଅଟକି ରହୁଥିଲେ।




ପୋଲିସ ଟିମ୍ ଅଭିଯୁକ୍ତଙ୍କୁ ନେଇ ୨୬ ନମ୍ବର ଜାତୀୟ ରାଜପଥରେ ଲୁଟ୍ ସିନ୍ ରିକ୍ରେଟ୍ କରୁଛି।

- **ଅଭିଯୁକ୍ତଙ୍କୁ ନେଇ ସିନ୍ ରିକ୍ରେଟ୍ କଲା ପୋଲିସ**
- **ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ ପରେ ମିଳିଲା ସଫଳତା**
- **୨୬ ଓ ୫୭ ନମ୍ବର ଜାତୀୟ ରାଜପଥରେ ଲୁଟୁଥିଲେ**

ଠିକ୍ ସେହିଭଳି ବଲାଙ୍ଗୀରରୁ ଭବାନୀପାଟଣା ଯାଇଥିବା ରାଜପଥର ବିଭିନ୍ନ ଦୂରତାରେ ଅଭିଯୁକ୍ତମାନେ ଅଟକି ରହି ସେଠାରୁ ଟ୍ରକ୍ ଯିବା ଆସିବା ଲକ୍ଷ୍ୟ କରି ସାଥୀମାନଙ୍କୁ ସୂଚନା ଦେଉଥିଲେ। ବିଶେଷକରି ଓଡ଼ିଶା ରାଜ୍ୟ ନମ୍ବର ଥିବା ଗାଡ଼ିକୁ ଛାଡିଦେବା ସହ ବାହାର ରାଜ୍ୟ ନମ୍ବର ଥିବା ଟ୍ରକ୍ ଦେଖିଲେ ତାକୁ ନେଇ ଯୋଜନା ମୁତାବକ ଲୁଟ୍ କରୁଥିଲେ। ପ୍ରଥମେ ଏକ ନିର୍ଦ୍ଦିଷ୍ଟ ନିଛାଟିଆ ସ୍ଥାନ ଦେଖି ସେଠାରେ ଅଭିଯୁକ୍ତମାନେ ଲାଇନ୍ ଟ୍ରକ୍ ଡ୍ରାଇଭରଙ୍କୁ ଅଟକାଇ ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ ମାଡ଼ ମାରୁଥିଲେ। ଏହାପରେ ସେମାନଙ୍କଠାରୁ ଟଙ୍କା ଲୁଟ୍ କରୁଥିଲେ। ଅଭିଯୁକ୍ତମାନେ ଯାହା ଲୁଟ୍ କରୁଥିଲେ ଗ୍ୟାଙ୍ଗ୍ ସଦସ୍ୟଙ୍କ ଭିତରେ ଭାଗବଣ୍ଟା କରୁଥିଲେ। ବଲାଙ୍ଗୀର ସହର ଆଖପାଖ ଅଞ୍ଚଳର ପିଲାମାନେ ଏହି ଗ୍ୟାଙ୍ଗର ସଦସ୍ୟ ଥିବା ଜଣାପଡିଛି। ପୋଲିସ ହାଇୱେ ଲୁଟ୍ ଘଟଣାରେ ୬ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଏକ ଖେଳଣା ବନ୍ଧୁକ, ଏକ ଖଣ୍ଡା ଓ ଲୁହାରଡ ଜବତ ହୋଇଛି। ତେବେ ଆହୁରି ୫ ଜଣ ସଦସ୍ୟ ଫେରାର ଥିବା ଜଣାପଡିଛି। କିଛି ମାସ ହେଲା ୨୬ ଏବଂ ୫୭ ନମ୍ବର ଜାତୀୟ ରାଜପଥରେ ଲାଇନ୍ ଟ୍ରକ୍କୁ ଅଟକାଇ ଲୁଟ୍ କରାଯାଉଥିବା ଅନେକ ଅଭିଯୋଗ ବଲାଙ୍ଗୀର ଟାଉନ୍ ଥାନା, ପୁଇଁତଲା ଥାନା ଓ ସଦର ଥାନାରେ ହୋଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଟ୍ରକ୍ ଅପରେଟର୍ସ ଆସୋସିଏଶନ ଏବଂ ଝାରସୁଗୁଡ଼ା ଟ୍ରକ୍ ଆସୋସିଏଶନ ମଧ୍ୟ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

# ଟ୍ରେନ୍ ଆଗକୁ ଡେଇଁ ବ୍ୟବସାୟୀଙ୍କ ଆତ୍ମହତ୍ୟା

**ରାଉରକେଲା ଅଫିସ୍,୨୬।୭**

ରାଉରକେଲା ବନ୍ଧମୁଣ୍ଡା ରେଲୱେ କେ. କ୍ୟାବିନ ନିକଟରେ ଜଣେ ଯୁବ ବ୍ୟବସାୟୀ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ବନ୍ଧମୁଣ୍ଡା ଶୀତଳନଗରର ଅବଧେଶ ଯଶୱାଲ। ରେଲୱେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ଅନୁସାରେ, କିଛିଦିନ ହେଲା ଅବଧେଶଙ୍କ ଦେହ ଖରାପ ରହୁଥିଲା। ସେ ବାରମ୍ବାର ଡାକ୍ତରଖାନା ଯାଇ ଚିକିତ୍ସିତ ହେଉଥିଲେ ମଧ୍ୟ ଦେହ ଭଲ ହେଉ ନ ଥିଲା। ଅବଧେଶ ସୋମବାର ସକାଳେ କେ. କ୍ୟାବିନ ନିକଟରେ ପହଞ୍ଚି ଚା' ଜଳଖିଆ ଖାଇଥିଲେ। ଏହି ସମୟରେ ଏକ ମାଲ୍ଗାଡି ଆସିବା ଦେଖି ସେ ଟ୍ରେନ ଆଗକୁ ଡେଇଁ ପଡ଼ିଥିବା ସ୍ଥାନୀୟ ଲୋକେ କହିଛନ୍ତି।

# କୋଟିଏ ଟଙ୍କାର ଗଞ୍ଜେଇ ଜବତ

**ଜୟପୁର, ୨୬।୭ (ନି.ପ୍ର.)**

ବାହାର ରାଜ୍ୟକୁ ଗଞ୍ଜେଇ ଚୋରାଚାଲାଣ ବେଳେ ଜୟପୁର ସଦର ପୋଲିସ ହାତରେ ଧରାପଡ଼ିଛି। ଏଥିରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ସେମିଳିଗୁଡ଼ା ଥାନା ଅନ୍ତର୍ଗତ ଆର୍କେ ମିଳିଗୁଡ଼ା ଗ୍ରାମର ସଞ୍ଜୟ ଖରା। ଏନେଇ ସୋମବାର ଜୟପୁର ଏସ୍ଡିପିଓ ଅରୂପ ଅଭିଷେକ ବେହେରା ସୂଚନା ଦେଇ କହିଛନ୍ତି, ପଟ୍ଟାଙ୍ଗୀରୁ (ଏପି୩୫ ଡବ୍ଲ୍ୟୁ-୦୪୮୭) ପିକ୍ଅପ୍ ଭ୍ୟାନ୍ ଯୋଗେ ଏହି ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ ହେଉଥିଲା। ସୂଚନା ପାଇ ଥାନା ଅଧିକାରୀ ଆଦିତ୍ୟ ମହାକୁଡ଼ ଜୟପୁର ଘାଟି ଉପରେ ଚଢ଼ାଉ କରି ଏହାକୁ ଧରିଥିଲେ। ଭ୍ୟାନ୍କୁ ଥାନାକୁ ଆଣି ଯାଞ୍ଚ କରିବାରୁ ସେଥିରୁ ୧ ଟନ ୫୩ କେଜି ଗଞ୍ଜେଇ ମିଳିଥିଲା। ଏହାର ଆନୁମାନିକ ମୂଲ୍ୟ ୧ କୋଟି ୫ ଲକ୍ଷ ଟଙ୍କା ହେବ। ଏଥିସହ ସମ୍ପୃକ୍ତ ଭ୍ୟାନ୍ରୁ ୧ ଲକ୍ଷ ୮୦ ହଜାର ଟଙ୍କା ଓ ମୋବାଇଲ ଫୋନ ଜବତ ହୋଇଛି। ଗଞ୍ଜେଇ ଜୟପୁର ଆସିବା ପରେ ବାହାର ରାଜ୍ୟକୁ ଯାଉଥିଲା। ଏଥିରେ ଅନ୍ୟ ଜଣେ ସମ୍ପୃକ୍ତ ଥିବା ସୂଚନା ମିଳିଛି। ସେମାନଙ୍କୁ ମଧ୍ୟ ଖୁବଶୀଘ୍ର ଗିରଫ କରାଯିବ।

**ପ୍ରଥମ ପୃଷ୍ଠାରୁ...**

## ୪.୧୮ କୋଟିର...

ଅଧିକ ଦରରେ କ୍ରୟ କରିଛନ୍ତି। ଅର୍ଥାତ୍ ହସ୍ପିଟାଲଗୁଡ଼ିକ ୨.୨୪ କୋଟି ଟଙ୍କାର ଔଷଧ କ୍ରୟରେ ୯୮.୧୨ ଲକ୍ଷ ଟଙ୍କା ଅଧିକ ଖର୍ଚ୍ଚ କରିଛନ୍ତି। ଅନ୍ୟପକ୍ଷରେ ୫ ଲକ୍ଷ ଟଙ୍କାରୁ ଅଧିକ ଟଙ୍କାର ଔଷଧ କ୍ରୟ ପାଇଁ ଟେଣ୍ଡର ଡାକିବା ବାଧ୍ୟତାମୂଳକ ଥିବାବେଳେ ଚିକିତ୍ସା ଅଧିକାରୀମାନେ ଏହାକୁ ଜାଣିଶୁଣି ଉଲ୍ଲଂଘନ କରିଥିବା ସିଏଜି ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷେ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶିକା ଯାମିନୀ ଷଡ଼ଙ୍ଗୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ସେ ଏନେଇ କିଛି ମତାମତ ଦେଇନାହାନ୍ତି।

## ସ୍କୁଲରେ ଉତ୍ସାହ...

ଆଜି ୨ଟି ସ୍କୁଲ ବୁଲି ଦେଖିଛି। ୬୦% ଉପସ୍ଥାନ ରହିଛି। ଅଭିଭାବକମାନେ ପିଲାଙ୍କୁ ସ୍କୁଲ ପଠାଇବା ପାଇଁ ନ ଚାହିଁଲେ ଅନ୍ଲାଇନ୍ ଶିକ୍ଷାଦାନର ବ୍ୟବସ୍ଥା ରହିଥିବା ସେ କହିଛନ୍ତି। ସେପଟେ ରାଜ୍ୟରେ ଖୁବ୍ଶୀଘ୍ର ଶିଳ୍ପ ତାଲିମ ପ୍ରତିଷ୍ଠାନ(ଆଇଟିଆଇ) ଓ ପଲିଟେକ୍ନିକ୍ ପ୍ରତିଷ୍ଠାନଗୁଡ଼ିକ ଖୋଲିବ। ଦୁଇଦିନ ମଧ୍ୟରେ ଏ ନେଇ ସରକାର ନିଷ୍ପତ୍ତି ନେବେ ବୋଲି ସୋମବାର ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ସୂଚନା ଦେଇଛନ୍ତି। ଶେଷ ବର୍ଷର ପିଲାଙ୍କ ପାଇଁ କେବେଠାରୁ କ୍ଲାସ୍ ଆରମ୍ଭ ହେବ ସେନେଇ ଅଗଷ୍ଟ ପ୍ରଥମ ସପ୍ତାହ ସୁଦ୍ଧା ନିଷ୍ପତ୍ତି ନିଆଯିବା ସମ୍ପର୍କରେ ମନ୍ତ୍ରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, କରୋନା ପାଇଁ ଲକ୍ଡାଉନ୍ ଓ ଶଟ୍ଡାଉନ୍ ଯୋଗୁ ଗତବର୍ଷଠାରୁ ପାଠପଢ଼ା ଗୁରୁତର ବାଧାପ୍ରାପ୍ତ ହୋଇଛି। ପ୍ରଥମ ଲହର ସଂକ୍ରମଣ କମିବା ପରେ ଧୀରେ ଧୀରେ ସ୍କୁଲ୍, କଲେଜ ଖୋଲିଥିଲା। ପରୀକ୍ଷାକୁ ଦୃଷ୍ଟିରେ ରଖି ଦଶମ ଓ ଦ୍ୱାଦଶ ପିଲାଙ୍କ ପାଇଁ ଶହେଦିନିଆ କ୍ଲାସ୍ ଚାଲିଥିଲା। ହେଲେ ଦ୍ୱିତୀୟ ଲହର ଯୋଗୁ ମେ ୫ରୁ ଲକ୍ଡାଉନ୍ ଘୋଷଣା ହେବାରୁ ସମସ୍ତ ଶିକ୍ଷାନୁଷ୍ଠାନକୁ ପୁଣି ବନ୍ଦ କରିବାକୁ ପଡିଥିଲା। ବିନା ପରୀକ୍ଷାରେ ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ କରାଯାଇ ଫଳ ପ୍ରକାଶ କରାଯାଇଛି।

## ଇସ୍ତଫା ଦେଲେ...

ସେ ପର୍ଯ୍ୟନ୍ତ ୟେଦୁରପ୍ପା କାମଚଳା ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିବେ। ତାଙ୍କୁ ୭୫ ବର୍ଷ ଅତିକ୍ରମ କରିଥିଲେ ବି ଶାସନ କରିବା ଲାଗି ସୁଯୋଗ ଦେଇଥିବାରୁ ୟେଦୁରପ୍ପା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏବଂ ଦଳ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଧନ୍ୟବାଦ ଜଣାଇଥିଲେ। ତେବେ ଇସ୍ତଫା ଦେବା ଲାଗି ତାଙ୍କ ଉପରେ କେହି ଚାପ ପକାଇ ନ ଥିଲେ। ପରବର୍ତ୍ତୀ ନିର୍ବାଚନରେ ଭାଜପାକୁ କ୍ଷମତାକୁ ଆଣିବା ଲାଗି ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ସେ ତାଙ୍କର ଉତ୍ତରାଧିକାରୀ ଭାବେ କାହା ନାଁ ଦେଇ ନ ଥିବା କହିଛନ୍ତି।

ୟେଦୁରପ୍ପାଙ୍କ ଇସ୍ତଫାକୁ ନେଇ କଂଗ୍ରେସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛି। ବରିଷ୍ଠ ଭାଜପା ନେତାମାନଙ୍କୁ ବଳପୂର୍ବକ ଅବସର ଦେବାରେ ରେକର୍ଡ ଥିବା ମୋଦିଙ୍କର ୟେଦୁରପ୍ପା ଆଉ ଏକ ଶିକାର ହେଲେ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ରଣଦୀପ ସୁର୍ଜେୱାଲା କହିଛନ୍ତି। ମୁଖ୍ୟମନ୍ତ୍ରୀମାନଙ୍କ ସମ୍ପର୍କରେ ଭାଜପା ବିଧାୟକମାନେ ନୁହଁନ୍ତି, ଦିଲ୍ଲୀର ଏକଚ୍ଛତ୍ରବାଦୀ ନିଷ୍ପତ୍ତି ନେଉଥିବା ସେ ଅଭିଯୋଗ କରିଛନ୍ତି। ତେବେ ଦଳବଦଳ ଓ ଦୁର୍ନୀତିରୁ ଜନ୍ମ ନେଇଥିବା କର୍ଣ୍ଣାଟକର ଭାଜପା ସରକାରକୁ ସୁର୍ଜେୱାଲା ଅବୈଧ କହିବା ସହ ରାଜ୍ୟରୁ କଂଗ୍ରେସ-ଜେଡିଏସ୍ ସରକାର ହଟାଇବାରେ ଭାଜପା ପେଗାସସ୍ ସ୍ପାଏୱେର୍ର ବ୍ୟବହାର କରିଥିବା ଅଭିଯୋଗ କରିଛନ୍ତି।

## ପେଗାସସ୍: ତଦନ୍ତ...

କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କ ତଦାରଖରେ ତଦନ୍ତ ନିର୍ଦ୍ଦେଶ ଦେବେ ବୋଲି ଆଶା ଥିଲା। କିନ୍ତୁ କେନ୍ଦ୍ରର ଉଦାସୀନ ମନୋଭାବ ଦେଖି ୨ ଅବସରପ୍ରାପ୍ତ ବିଚାରପତିଙ୍କୁ ନେଇ ତଦନ୍ତ କମିଶନ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିବା ସେ ପ୍ରକାଶ କରିଛନ୍ତି। ତେବେ ଏହା ମମତାଙ୍କ ନାଟକବାଜି ବୋଲି ପଶ୍ଚିମବଙ୍ଗ ଭାଜପା ଉପସଭାପତି ଜୟ ପ୍ରକାଶ ମଜୁମଦାର କହିଛନ୍ତି। ପୂର୍ବରୁ ମଧ୍ୟ ମମତା ଜନସାଧାରଣଙ୍କ ଅର୍ଥରେ ଅନେକ କମିଶନ ଗଠନ କରିଛନ୍ତି। କିନ୍ତୁ କୌଣସି କମିଶନ ରିପୋର୍ଟ ପ୍ରକାଶ ପାଇନାହିଁ କିମ୍ବା ବିଧାନସଭାରେ ଉପସ୍ଥାପନ କରାଯାଇନାହିଁ ବୋଲି ମଜୁମଦାର କହିଛନ୍ତି।

## ୬ ପୋଲିସ ନିହତ...

ଆସାମ ପୋଲିସର ୬ ସାହସୀ ଯବାନ ସେମାନଙ୍କ ଜୀବନକୁ ବଳି ଦେଇଥିବା ଜାଣି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଗଭୀର ମର୍ମାହତ ବୋଲି ଟୁଇଟ୍ କରିଛନ୍ତି। ପୂର୍ବରୁ ଶାହା ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ସୀମା ବିବାଦର ସମାଧାନ ସୂତ୍ର ବାହାର କରିବାକୁ କହିଥିଲେ। ବିବାଦର ସମାଧାନ କରି ଶାନ୍ତି ବଜାୟ ରଖିବା ପାଇଁ ଆସାମ ଓ ମିଜୋରାମ ମୁଖ୍ୟମନ୍ତ୍ରୀ ସହମତ ହୋଇଥିଲେ। ଏହା ସତ୍ତ୍ୱେ ସୋମବାର ପୁଣିଥରେ ହିଂସାକାଣ୍ଡ ଘଟିଯାଇଛି। ମିଜୋରାମ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା ହିଂସା ଘଟଣାର ଭିଡିଓ ପୋଷ୍ଟ କରିଛନ୍ତି, ଯେଉଁଥିରେ ଲୋକମାନେ ଲାଠି ଧରିଥିବା ଦେଖାଯାଇଛି। ଏହା ତୁରନ୍ତ ବନ୍ଦ ହେବା ଦରକାର ବୋଲି ସେ କହିବା ସହ ଶାହାଙ୍କ ହସ୍ତକ୍ଷେପ ଦାବି କରିଛନ୍ତି। ଚାଚର ଦେଇ ମିଜୋରାମକୁ ଫେରୁଥିବା ନିରୀହ ଦମ୍ପତିଙ୍କୁ ଗୁଣ୍ଡା ଓ ଅସାମାଜିକ ଲୋକମାନେ ଆକ୍ରମଣ କରିଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଆସାମ ମୁଖ୍ୟମନ୍ତ୍ରୀ ଟୁଇଟରରେ ଲେଖିଛନ୍ତି, ମିଜୋରାମ ଏସ୍ପି ଆମକୁ ସୀମାନ୍ତ ପୋଷ୍ଟରୁ ହଟିଯିବାକୁ କହୁଛନ୍ତି। ଏଥିପାଇଁ ସମୟ ଦେବାକୁ ସେଠାକାର ଲୋକେ ପ୍ରସ୍ତୁତ ନହନ୍ତି କି ହିଂସା ବନ୍ଦ କରୁନାହାନ୍ତି। ଏଭଳି ସ୍ଥିତିରେ ଆମେ କିପରି ସରକାର ଚଳାଇବୁ ବୋଲି ପ୍ରଶ୍ନ କରି ହିମନ୍ତ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଛନ୍ତି।

ମିଜୋରାମ ଏବଂ ଆସାମ ମଧ୍ୟରେ ୧୬୪.୬ କିଲୋମିଟର ଆନ୍ତଃରାଜ୍ୟ ସୀମା ରହିଛି। ଏହି ସୀମାରେ ମିଜୋରାମର ଆଇଜଲ, କୋଲାସିବ ଏବଂ ମମିଟ ଜିଲା ଏବଂ ଆସାମର ଚାଚର, ହୈଲାକାଣ୍ଡି ଏବଂ କରିମଗଞ୍ଜ ଜିଲା ରହିଛି। ବହୁବର୍ଷ ଧରି ସୀମାନ୍ତର ବିବାଦୀୟ ଅଞ୍ଚଳକୁ ନେଇ ସଂଘର୍ଷ ଲାଗି ରହିଛି। ମିଜୋରାମ ଆସାମର ଏକ ଅଞ୍ଚଳକୁ ଜବରଦଖଲ କରିଥିବା ଅଭିଯୋଗ ହୋଇଥିଲା। ଆସାମ ପୋଲିସ ଗତ ଜୁନ୍ରେ ମିଜୋରାମର ଐତଲାଙ୍ଗନାର ଅଞ୍ଚଳକୁ ନିଜ ନିୟନ୍ତ୍ରଣକୁ ନେବା ପରେ ବିବାଦ ତେଜିଥିଲା। ଏହା ପରଠାରୁ ବିବାଦୀୟ ଅଞ୍ଚଳରେ ବାରମ୍ବାର ସଂଘର୍ଷ ଘଟୁଛି। ରବିବାର ୮ ଜଣ ଚାଷୀଙ୍କ ଘର ପୋଡ଼ିଦିଆଯାଇଥିଲା ବୋଲି ମିଜୋରାମର ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।


# classifieds Everyday
0674-2580101, 2549302




**SALE**

2800sqft. residential plot for sale at Patia, Bhubaneswar. Price- 90lakhs, Contact: 7656005431. D-71121

Conversion plot sale 5k.m. from ନଖରା East College ପରେ 1500 sqft. 12,00,000/-, 9437306208. D-70871

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-71120

ଭୁବନେଶ୍ୱର ପଟିଆ, ରଘୁନାଥପୁର, ନଖରାପାଖରେ 1, 2, 3BHK Simplex/Duplex ଅଛି। 8327785834, 9658122456. D-70868

Bhubaneswar Smartcity area Ghangapatna Mouza 30ft. road, electricity, borewell ସହ ସ୍ଥିତିବାନ plot ପୋଜେସନ୍ ଥାଇ ମିଳୁଛି। Owner. 9090963952. D-70865

**Residential cum Commercial Road side Plot, Niali Road @ 750 Sft., Residential Plots with Boundary Wall, Electricity System, Homely Temple, Nakhara 7 K.M., BBSR - 12 K.M. 8249851363, 7809525452.** D-70462

ଭୁବନେଶ୍ୱର ଜଟଣୀଗେଟ୍ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70869




Shop Room (10'X10') opposite Bijupatnaik College main road, Jayadev Vihar, Bhubaneswar. 9938511622, 8249399084. D-21177

Space ToLet for godown/ stockyard 2000sqft. near Janala Highway opposite Gurunanak petrol pump Buildup area 1000sqft. Contact- 9438664151/ 7008985016/ 9438678888. D-21184




Newly open SPA Offer @799/-, positively health benefits, Jaydev Vihar. 7846814019. D-59997

New opening Saikrupa Panchakarma and Spa jointpain, fullbody massage, 8984068077. D-65919




ଘରେବସି Matter Forwarding କାମ କରି 12000-35000 ରୋଜଗାର କରନ୍ତୁ। 9667693638, 9667693639. D-59998

**AFFIDAVIT**

I, Basant Kumar Barik, R/o- MCL, Anand Vihar, Burla, Dist.- Sambalpur declare that my Surname is wrongly mentioned as Bariko instead of Barik in my Aadhaar Card and service record of MCL. That both the names Basant Kumar Bariko and Basant Kumar Barik belongs to one and same person. Henceforth I shall be known as Basant Kumar Barik for all official purpose. D-21185

I, Sumitraa Sahoo, W/o- Peenakeen D Sahoo have changed my name and Henceforth shall be known as Sumitrra Sahhoo vide affidavit No.- 741 dated 23.07.2021. D-21174


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଜନ୍ମଦିନ ଶୁଭେଚ୍ଛା**




**ଅଂଶୁମାନ୍ ଦାସ୍**

ଶ୍ରୀରାମ, ୪୨ ମୌଜା, କଟକ
ଆଜି ତୋର ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। **ଶୁଭେଚ୍ଛା ସହ:-** ବାବା, ମାମା, ଲକି, ଗେଲୁ, ପିଟୁ, ଲଲ, ଗୁଗୁଲା ଓ ପରୀ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ବାଧକାଧିପ ଶନିଙ୍କ ଦୃଷ୍ଟିରେ ରହିଥିବାରୁ ମାନସିକ ଅଶାନ୍ତି ଲାଗିରହିବ। ବୃହସ୍ପତିଙ୍କ ସଂଯୋଗ ହେତୁ ସବୁ କାମ ସୁରୁଖୁରୁରେ ହୋଇଯିବ। ଯାତ୍ରା, ବ୍ୟବସାୟ, ଅଧ୍ୟାପନା ଗବେଷଣା ଓ ରଚନାତ୍ମକ କାମରେ ପ୍ରଶଂସିତ ହେବେ। ରାଜନୀତି, ସଭାସମିତି ତଥା ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହୋଇପାରନ୍ତି।

**ବୃଷ** ରବି ତୃତୀୟସ୍ଥ ଯୋଗୁ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ଭାଷଣରୁ ନିରତ ରହିବା ଭଲ ହେବ, ଅନ୍ୟଥା କଳହର ସମ୍ଭାବନା ରହିଛି। ନୂତନ ଭାବେ କୌଣସି କାର୍ଯ୍ୟାରମ୍ଭ ସକାଶେ ତତ୍ପରତା ବଢ଼ିପାରେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ** ପାପଗ୍ରହ ମଧ୍ୟ ଚନ୍ଦ୍ରଙ୍କ ଯୋଗୁ ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତାରେ ମନ ଉଦାସ ରହିବ। ଆଜିର ମନୋରଞ୍ଜନ ପ୍ରୀତିପ୍ରଦ ହେବା ସଙ୍ଗକୁ ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। ସାମାଜିକ ସ୍ତରରେ ପରିସ୍ଥିତିକୁ ଦେଖି ସବୁ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହେବେ। ବିଦେଶସ୍ଥ ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**କର୍କଟ** ଦ୍ୱିତୀୟସ୍ଥ ମଙ୍ଗଳଙ୍କ ହେତୁ କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆକସ୍ମିକ ଆବଶ୍ୟକତା ପୂରଣ ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ବନ୍ଧୁଙ୍କ ପରାମର୍ଶରେ ନୂତନ କର୍ମାରମ୍ଭ କରିପାରନ୍ତି। ସାମାଜିକ ସ୍ତରରେ ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** କେତୁଙ୍କ କୁପ୍ରଭାବରୁ ଖଳ ଲୋକଙ୍କ କଥାରେ ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ଆପଣଙ୍କ ପ୍ରିୟବନ୍ଧୁଟି ଭୁଲ୍ ଧାରଣା ପୋଷଣ କରିବ। କର୍ମକ୍ଷେତ୍ରରେ କିନ୍ତୁ ସମସ୍ୟା ସମାଧାନ ହୋଇଯିବ ଓ ଶିଳ୍ପ, ଏଜେନ୍ସିପରୁ ଖୁସି ରହିବେ। ଅଫିସ୍ କାମରେ ନୂତନ ଦାୟିତ୍ୱ ହାତକୁ ନେଇ ପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ସମସ୍ୟା ବଢ଼ିଯିବ।

**କନ୍ୟା** ଲାଭସ୍ଥାନରେ ବୁଧ ଥିବାରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଆର୍ଥିକ ଅନଟନ କାରଣରୁ ସାମୟିକ ମାନସିକ ଅସ୍ଥିରତା ଦେଖାଦେବ। କଥା ଓ କାମରେ ତାଳମେଳ ଅଭାବରୁ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ସମ୍ମୁଖରେ ଭଲ ଭଲ କଥା କହି ପରୋକ୍ଷ ଶତ୍ରୁତା କରିବା ଯୋଗୁ ବିଚଳିତବୋଧ କରିବେ।

**ତୁଳା** ଆଜି କର୍ମଜଞ୍ଜାଳ ବୃଦ୍ଧି ପାଇଥିବା କାରଣରୁ ଅଫିସ୍ କାମରେ ବେଶି ସମୟ କଟାଇବେ। ଘର ପାଇଁ ମୂଲ୍ୟବାନ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ। ଶତ୍ରୁମାନଙ୍କୁ ମଧ୍ୟ ପ୍ରିୟ ବାକ୍ୟ କହି ନିଜର କାର୍ଯ୍ୟ ହାସଲ କରିନେବେ।

**ବିଛା** ଚନ୍ଦ୍ରଙ୍କ ସ୍ଥିତି ପ୍ରକାରେ ଆଜି ସକାଳୁ ସକାଳୁ ଶୁଭ ଖବର ପାଇ ମନ ଖୁସି ହୋଇଯିବ। କିନ୍ତୁ ତରବରିଆ ଭାବେ କୌଣସି କାମ କଲେ ସବୁ ଓଲଟ ପାଲଟ ହୋଇଯାଇପାରେ। ସାମାଜିକ ସ୍ତରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇବେ।

**ଧନୁ** ଅଷ୍ଟମାଧିପ ଚନ୍ଦ୍ର ଚତୁର୍ଥ ସ୍ଥାନରେ ଥିବାରୁ ପାରିବାରିକ ସ୍ତରରେ ଟେନସନ୍ କିଛି ମାତ୍ରାରେ ବଢ଼ିଯିବ। କର୍ମକ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍ରେ ଅଟଳ ରହିବେ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ସାମାଜିକ ସ୍ତରରେ ଅନ୍ୟମାନଙ୍କ ଉପରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି।

**ମକର** ଆଜିର କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। କୌଣସି ପରିସ୍ଥିତିରେ ମଧ୍ୟ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଅସୁବିଧାରେ ପଡ଼ିପାରନ୍ତି। ଭୁଲ୍ ବୁଝାମଣା କାରଣରୁ ସମ୍ପର୍କ ହାନି ଘଟିପାରେ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ପରକ୍ଷଣରେ ଅନୁତପ୍ତ ହେବେ।

**କୁମ୍ଭ** ଅର୍ଥପ୍ରାପ୍ତି ସମ୍ପର୍କରେ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ନିଜେ କଷ୍ଟ ଅନୁଭବ କଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**ମୀନ** ଦୁଃସ୍ଥାନସ୍ଥ ବୃହସ୍ପତିଙ୍କ ଲାଗି ସ୍ୱାସ୍ଥ୍ୟ ଭଲ ରହିବ ନାହିଁ, ଏହି କାରଣରୁ ଦୁର୍ଭାବନା ବଢ଼ିଚାଲିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଶ୍ରାବଣ କୃଷ୍ଣ ଚତୁର୍ଥୀ ମଙ୍ଗଳବାର, ଜୁଲାଇ ୨୭ ତାରିଖ, ସ୍ୱାଧୀନ ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ପରମାଣୁର ଜନକ ଡକ୍ଟର ଅବ୍ଦୁଲ୍ କଲାମଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ଦିବା ଘ.୧୦.୧୫ମି. ଗତେ ପୂର୍ବଭାଦ୍ରବ/କୁମ୍ଭ, ମକର ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭.୫୯ମି. ଗତେ ଘ. ୧୦.୩୫ମି. ମଧ୍ୟେ, ଘ.୦୧.୧୦ମି. ଗତେ ଘ.୦୨.୫୪ମି. ମଧ୍ୟେ, ଘ.୦୩.୪୬ମି. ଗତେ ଘ.୦୫.୩୯ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୩.୦୭ମି. ଗତେ ଘ.୦୪.୪୪ମି. ମଧ୍ୟେ ରାହୁକାଳ।

# ବେଦାନ୍ତର ଓସ୍ତପାଳ ଖଣି ବନ୍ଦ

## ସୁରକ୍ଷା ଦୃଷ୍ଟିରୁ ଡିଜିଏମ୍ଏସ୍ ନିଷ୍ପତ୍ତି ନେଲା

ଯାଜପୁର ଅଫିସ,୨୬।୭

ବେଦାନ୍ତ କମ୍ପାନୀ ଦ୍ୱାରା ପରିଚାଳିତ ଯାଜପୁର ଜିଲା ଓସ୍ତପାଳ କ୍ରୋମାଇଟ୍ ଖଣିକୁ ଭାରତ ସରକାରଙ୍କ ଡାଇରେକ୍ଟର ଜେନେରାଲ ଅଫ୍ ମାଇନ୍ସ ସେଫଟି (ଡିଜିଏମ୍ଏସ୍) ପକ୍ଷରୁ ଅସ୍ଥାୟୀ ଭାବେ ବନ୍ଦ କରାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଛି। ଏହି ମର୍ମରେ ଡିଜିଏମ୍ଏସ୍ ପକ୍ଷରୁ ପତ୍ର ସଂଖ୍ୟା ବିବିଆର/ପିଜି/୨୦୨୧/୩୮୧/୨୩।୭।୨୦୨୧ରେ ଦକ୍ଷିଣ-ପୂର୍ବ ମଣ୍ଡଳ, ରାଞ୍ଚିର ଖଣି ସୁରକ୍ଷା ଉପନିର୍ଦ୍ଦେଶକଙ୍କୁ ସୂଚିତ କରାଯାଇଛି। ଏହାସହ ଡିଜିଏମ୍ଏସ୍‌ର ନିର୍ଦ୍ଦେଶକ ପତ୍ରସଂଖ୍ୟା ୧୬୨୭୨୧/୨୬।୭।୨୦୨୧ରେ ଅଭିଯୋଗକାରୀ ସୁରେଶ କୁମାରଙ୍କୁ ଏହି ନିର୍ଦ୍ଦେଶ ସଂକ୍ରାନ୍ତରେ ସୂଚିତ କରିଛନ୍ତି।

ଓସ୍ତପାଳ କ୍ରୋମାଇଟ ଖଣି ଗୁରୁତର ଭାବେ ଅସୁରକ୍ଷିତ ହୋଇଥିବା ନେଇ ସୁରେଶ କୁମାର କେନ୍ଦ୍ର ସରକାରଙ୍କ ୱେବ୍‌ପୋର୍ଟାଲ ସେଣ୍ଟ୍ରାଲାଇଜଡ୍ ପବ୍ଲିକ ଗ୍ରିଭାନ୍ସ ରିଡ୍ରେସାଲ୍ ଆଣ୍ଡ ମନିଟରିଂ ସିଷ୍ଟମ ମାଧ୍ୟମରେ ୯।୪।୨୦୨୧ ଏବଂ ୧୬।୪।୨୦୨୧ରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗରେ ଖଣିଠାରୁ ଉତ୍ତର ଦିଗକୁ ଥିବା ଡମ୍ପର ଦୂରତା ମାତ୍ର ୨୦ ମିଟର ଏବଂ ଦକ୍ଷିଣକୁ ରହିଥିବା ଡମ୍ପର ଦୂରତା ମାତ୍ର ୩୦ ମିଟର ବୋଲି ଦର୍ଶାଇଥିଲେ। ଏନେଇ ଧରିତ୍ରୀରେ ସବିଶେଷ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପାଇବା ପରେ ଡିଜିଏମ୍ଏସ୍ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ଗତ ଜୁନ ୧୭ ଓ ୧୮ରେ ଡିଜିଏମ୍ଏସ୍ ଭୁବନେଶ୍ୱର କ୍ଷେତ୍ର ଡେପୁଟି ଡାଇରେକ୍ଟର ଇନ୍ନୁମୁଲା ସତ୍ୟନାରାୟଣ ଅଭିଯୋଗ ସଂକ୍ରାନ୍ତରେ ତଦନ୍ତ କରିଥିଲେ।

ଅନ୍ୟପକ୍ଷରେ ଡିଜିଏମ୍ଏସ୍ ଭୁବନେଶ୍ୱର କ୍ଷେତ୍ରରୁ ୧୦।୬।୨୦୨୧ରେ ସୁରେଶ କୁମାରଙ୍କୁ ଆରଟିଆଇ ଜରିଆରେ ମିଳିଥିବା ସୂଚନା ମୁତାବକ ଓସ୍ତପାଳ ଖଣି କାର୍ଯ୍ୟର ଉପର ଧାରରୁ ୩୦ ମିଟରରୁ ୧୫୦ ମିଟର ଦୂରରେ ଡମ୍ପ ରହିଥିଲା। ଏହାବାଦ ୧୬।୨।୨୦୨୧, ୧୫।୯।୨୦୧୬ ଓ ୧୯।୯।୨୦୧୮ରେ ବେଞ୍ଚ/ଡମ୍ପ ଭୁଶୁଡ଼ିଥିଲା, ଯାହାକି ସାଂଘାତିକ ନ ଥିଲା। ତେଣୁ କୌଣସି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ତେବେ ଓସ୍ତପାଳ କ୍ରୋମାଇଟ ଖଣିର ପରିଚାଳନା କର୍ତ୍ତୃପକ୍ଷଙ୍କୁ ଖଣି ଓ ଡମ୍ପର ଦୂରତା ଅନ୍ୟୂନ ୧୦୦ ମିଟର ଏବଂ ଡମ୍ପର ଉଚ୍ଚତା ଅତି ବେଶିରେ ୬୦ ମିଟର ମଧ୍ୟରେ ରଖିବାକୁ ପରାମର୍ଶ ଦିଆଯାଇଥିବା ଆରଟିଆଇ ତଥ୍ୟରେ ଉଲ୍ଲେଖ ରହିଥିଲା। ହେଲେ ଡିଜିଏମ୍ଏସ୍‌ର ଉକ୍ତ ପରାମର୍ଶକୁ ବେଦାନ୍ତ ଭ୍ରୂକ୍ଷେପ ନ କରି ୬ ମାସ ମଧ୍ୟରେ ଖଣି ଏବଂ ଡମ୍ପର ଦୂରତାକୁ ୨୦ ମିଟର ପର୍ଯ୍ୟନ୍ତ ଖସେଇ ଦେଇଛି ବୋଲି ସୁରେଶ କୁମାର ଅଭିଯୋଗ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଡିଜିଏମ୍ଏସ୍ ପକ୍ଷରୁ ପତ୍ରସଂଖ୍ୟା ୧୮୦୦୨୦/ଏସ୍ଇଜେଡ୍/୨୮।୫।୨୦୨୧ରେ ତଦନ୍ତ ନିର୍ଦ୍ଦେଶ ହୋଇଥିଲା। ତଦନୁଯାୟୀ ମେଟାଲିଫେରିୟସ ମାଇନ୍ସ ରେଗୁଲେଶନ ଆକ୍ଟ ୧୯୬୧ର ୧୦୬(୨)(ବି) ଅନୁଯାୟୀ ବେଦାନ୍ତ ଦ୍ୱାରା ପରିଚାଳିତ ଫେରୋ ଆଲଏଜ କର୍ପୋରେଶନ ଲିମିଟେଡ୍ (ଫାକର)ର ଓସ୍ତପାଳ କ୍ରୋମାଇଟ ଖଣିକୁ ଅସ୍ଥାୟୀ ଭାବେ ବନ୍ଦ କରାଯାଇଥିବା ନିର୍ଦ୍ଦେଶରେ ଦର୍ଶାଯାଇଛି।


भारतसरकार/ Government of India
श्रम एवंरोजगारमंत्रालय / Ministry of Labour& Employment
खानसुरक्षामहानिदेशालय / Directorate General of Mines Safety
भुवनेश्वर क्षेत्र /Bhubaneswar Region

संख्या. BBR/PG/2021/381 भुवनेश्वर दिनांक 23/07/2021

प्रेषक
खान सुरक्षा निदेशक,
भुवनेश्वर क्षेत्र ।

सेवा में,
खान सुरक्षा उप महानिदेशक,
द०पू०मंडल, रॉंची।

विषय: Public Grievances received from Centralized Public Grievance Redress and Monitoring System vide registration no. (1) MOLBR/E/2021/10873 dated 09.04.2021 and (2) MOLBR/E/2021/11821 dated 16.04.2021.

महोदय,

Please refer to HO letter no. Admin-II/PG/3181 dated 21.04.2021 and no. Admin-II/PG/310 dated 21.04.2021 enclosing therewith, public grievance made online in Centralized Public Grievance Redress and Monitoring System by Sri Suresh Kumar vide registration no. MOLBR/E/2021/10873 dated 09.04.2021 and no. MOLBR/E/2021/11821 dated 16.04.2021. Action taken in this matter is enumerated below in tabular format.

| Sl. No. | Issues | Answer |
|---|---|---|
| 1. | Ostapal Mine FACOR Vedanta violated safety rules/ Permission for Dump location for pit, Height. Any failure will be catastrophic. DGMS to act fast. | An enquiry was conducted in this matter by an officer of this Directorate. Permission granted vide this Directorate's letter No.180020\|SEZ\|Bhubaneshwar Region\|Exemp\|2021\|8922 dated 28.05.2021 under Regulation 106(2)(b) of the Metalliferous Mines Regulations, 1961 to Ostapal Chromite Mine of M/sFerro Alloys Corporation Limited have been temporarily withdrawn. |
| 2. | Ostapal Mine FACOR Vedanta Sukinda Jajpur Orissa Violates safety rules. Dump is at the edge of pit. Several Dump Pit failure. most unsafe mine. DGMS to check Punish. | |

भवदीय
खान सुरक्षा निदेशक,
भुवनेश्वर क्षेत्र ।

खान सुरक्षा महानिदेशालय. वर्ष 1902 से खनिकों के स्वास्थ्य एवंसुरक्षा के लिए प्रतिबद्ध
Directorate General Of Mines Safety - Protecting Miner's Safety & Health Since 1902
L-1, Nayapalli, PO: RRL Campus, Bhubaneswar-751013

ବେଦାନ୍ତର ଓସ୍ତପାଳ ଖଣି ଅସ୍ଥାୟୀ ବନ୍ଦ ସମ୍ପର୍କିତ ନିର୍ଦ୍ଦେଶ ପତ୍ର।

# ଗ୍ରାହକ ବିଶ୍ୱାସ ବ୍ୟବସାୟର ମୂଳମନ୍ତ୍ର

ପାନାସୋନିକ କେବଳ ଏକ ବ୍ରାଣ୍ଡ ନୁହେଁ, ଦୀର୍ଘ ବର୍ଷ ଧରି ଏହା ଗ୍ରାହକଙ୍କୁ ଗୁଣଯୁକ୍ତ ସେବା ଓ ବିଶ୍ୱାସ ଦେଇଆସିଛି। କମ୍ପାନୀ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ବିଶ୍ୱ ବଜାରରେ ନିଜ ସ୍ଥିତିକୁ ସୁଦୃଢ଼ କରିଛି। ଉପଭୋକ୍ତାଙ୍କ ବିଶ୍ୱାସଭାଜନ ହେବା ସହ ଅତ୍ୟାଧୁନିକ ପ୍ରଡକ୍ଟ ଓ ସେବା ଯୋଗାଣ ଦିଗରେ କମ୍ପାନୀ ବିଶ୍ୱାସ ରଖିଛି। ଗ୍ରାହକ ବିଶ୍ୱାସ ବ୍ୟବସାୟର ମୂଳମନ୍ତ୍ର। ବ୍ୟବସାୟ ପାଇଁ ଦୀର୍ଘ ସ୍ଥାୟୀ ଯୋଜନା ଜରୁରୀ ବୋଲି କହିଛନ୍ତି ପାନାସୋନିକ (ଇଣ୍ଡିଆ) ଓଡ଼ିଶା ବାଣିଜ୍ୟ ମୁଖ୍ୟ ଦୁର୍ଗେଶ ଶୁକ୍ଳା। ଓଡ଼ିଶା ବଜାର ତଥା କମ୍ପାନୀର ଅନ୍ୟ ଯୋଜନା ସମ୍ପର୍କରେ ଶୁକ୍ଳାଙ୍କ ସହ ଧରିତ୍ରୀର ଆଳାପ...

**ଧରିତ୍ରୀ ଆଳାପ**


ଦୁର୍ଗେଶ ଶୁକ୍ଳା

**ଓଡ଼ିଶାରେ ପାନାସୋନିକର କାରବାର କିପରି ରହିଛି?**

ଓଡ଼ିଶା ବଜାର ପାନାସୋନିକ ପାଇଁ ଏକ ପ୍ରମୁଖ ବଜାର। କମ୍ପାନୀର ମୋଟ କାରବାରରେ ପ୍ରାୟ ୩୦% ଏଠାରୁ ସଂଗ୍ରହ ହୋଇଥାଏ। ବଜାର ଚାହିଦା ସହ କାରବାରକୁ ଅଧିକ କ୍ରିୟାଶୀଳ କରି ଆଶାନୁରୂପକ ସଫଳତା ହାସଲ କରିପାରିଛୁ। ବିଶେଷକରି ଓଡ଼ିଶାରେ ବର୍ଷକ ବାର ମାସ ପର୍ବପର୍ବାଣି ସହ ବାହାଘର ଓ ସ୍ୱତନ୍ତ୍ର ସିଜନର କାରବାର ବେଶ୍ ଉତ୍ସାହଜନକ। ସବୁ ବର୍ଗର ଲୋକଙ୍କ ମନକୁ ପାଇଲା ଭଳି ପ୍ରଡକ୍ଟ ବଜାରରେ ଉପଲବ୍ଧ କରାଉଛୁ। ଆମର କ୍ୟାମେରାଠାରୁ ଆରମ୍ଭ କରି କମ୍ପ୍ୟୁଟର ଏବଂ ରେଡିଓଠାରୁ ଆରମ୍ଭ କରି ରେଫ୍ରିଜରେଟର, ସବୁ ବର୍ଗରେ ଶ୍ରେଷ୍ଠ ଜ୍ଞାନକୌଶଳରେ ନିର୍ମିତ, ଯାହାକି ଚାହିଦା ବଢ଼ାଉଛି।

**ଗ୍ରାହକ କାହିଁକି ପାନସୋନିକ ପ୍ରଡକ୍ଟ କ୍ରୟ କରିବେ?**

ପ୍ରତିବର୍ଷ ଧାରା ପରିବର୍ତ୍ତନ ସହ ବଜାର ଚାହିଦା ଅନୁସାରେ ପ୍ରଡକ୍ଟ ଲଞ୍ଚ କରାଯାଉଛି। ବିକ୍ରି ପରବର୍ତ୍ତୀ ସେବାକୁ ସର୍ବାଧିକ ଗୁରୁତ୍ୱ ଦେଉଛୁ। ଗ୍ରାହକଙ୍କୁ ଉପଯୁକ୍ତ ସେବା ଯୋଗାଣ ଲାଗି ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର ହେଉଛି। ଏହାସହ ଆକର୍ଷଣୀୟ ଅଫର ଓ ଅନ୍ୟ ସୁବିଧା ଦେଉଛୁ, ଯାହା ଅନ୍ୟ କମ୍ପାନୀଠାରୁ ଭିନ୍ନ। ଗ୍ରାହକଙ୍କ ବିଶ୍ୱାସ ଓ ଭରସା ସହ ଆମ ପ୍ରଡକ୍ଟ ସ୍ୱତନ୍ତ୍ର ହେବାରୁ ଭଲ କାରବାର ହାସଲ କରିବାକୁ ସକ୍ଷମ ହୋଇଛୁ।

**ବ୍ୟବସାୟରେ ଜିଏସ୍‌ଟି କିଭଳି ପ୍ରଭାବ ପକାଇଛି?**

ଦେଶରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) କାର୍ଯ୍ୟକାରୀ ହେବା ଫଳରେ କାରବାରରେ ଅନେକ ପରିବର୍ତ୍ତନ ଆସିଛି। ସାମଗ୍ରୀ ରପ୍ତାନି ସହଜ ହେବା ସହ ବଜାରରେ ମଧ୍ୟ ଆବଶ୍ୟକତା ଅନୁସାରେ ଏହା ପହଞ୍ଚିପାରୁଛି। ପୂର୍ବରୁ ଏଭଳି ସ୍ଥିତି ନ ଥିଲା। ଅନେକ ସମସ୍ୟା ସୃଷ୍ଟି କରୁଥିଲା। ରାଜ୍ୟସ୍ତରରେ ନିୟମରେ ଭିନ୍ନତା ଓ ବହୁ ଟିକସ ଲାଗୁ ହେବା ଯୋଗୁ ବ୍ୟବସାୟରେ ବ୍ୟାପକ ବ୍ୟାଘାତ ସୃଷ୍ଟି କରୁଥିଲା। ଜିଏସ୍‌ଟି ଆସିବାରୁ ବ୍ୟବସାୟ ସହଜ ଓ ସରଳ ହୋଇଛି। ବର୍ତ୍ତମାନ ସଚ୍ଚୋଟ ବ୍ୟବସାୟୀ ବେଶ୍ ଉପକୃତ ହୋଇପାରିଛନ୍ତି।

**କୋଭିଡ୍ ଯୋଗୁ କାରବାର କିପରି ପ୍ରଭାବିତ ହୋଇଛି?**

କୋଭିଡ୍ ସଂକ୍ରମଣ ଯୋଗୁ ବ୍ୟବସାୟୀ ମାନ୍ଦାବସ୍ଥା ଦେଇ ଗତି କରୁଛନ୍ତି। କୋଭିଡ୍‌ର ପ୍ରଥମ ଲହରରେ କାରବାର ହ୍ରାସ ସହ ସମସ୍ୟା ଅନେକ ରହିଥିଲା। ୨ୟ ଲହରରେ ସମସ୍ୟା ଅପେକ୍ଷାକୃତ କମ୍ ରହିଥିଲେ ମଧ୍ୟ ଉତ୍ପାଦନ ହ୍ରାସ ଯୋଗୁ କାରବାର ପ୍ରଭାବିତ ହୋଇଛି। ଏହାର ସମାଧାନ ପାଇଁ କମ୍ପାନୀ ଅତ୍ୟାଧୁନିକ ଜ୍ଞାନକୌଶଳ ଯୁକ୍ତ ପ୍ରଡକ୍ଟ ଉତ୍ପାଦନ କରୁଛି। କୋଭିଡ୍ ନିୟନ୍ତ୍ରଣ ଲାଗି ବିଭିନ୍ନ ପ୍ରଡକ୍ଟ ବଜାରକୁ ପ୍ରବେଶ ନେଇ ଲକ୍ଷ୍ୟ ରଖାଯାଇଛି।

**ପାର୍ବଣ ପ୍ରସ୍ତୁତି କିପରି ରହିଛି?**

ଓଡ଼ିଶା ହେଉଛି ଏକ ସଂସ୍କୃତିସମ୍ପର୍ଣ୍ଣ ରାଜ୍ୟ। କୋଭିଡ୍ ପାଇଁ ପର୍ବପର୍ବାଣି ଫିକା ପଡ଼ିଯାଇଛି। ଆଗାମୀ ପୂଜା ବେଳକୁ କୋଭିଡ୍ ସ୍ଥିତି ସୁଧୁରିଲେ ଗ୍ରାହକଙ୍କ ପାର୍ବଣ ଉତ୍ସାହ ଏବଂ ବଜାର ସ୍ଥିତିକୁ ଦେଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଲୋଭନୀୟ ଅଫର ଓ ନୂଆ ପ୍ରଡକ୍ଟ ଆଣିବାକୁ ଯୋଜନା ରହିଛି।

**ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ସଂସ୍ଥାଙ୍କୁ କିପରି ଦେଖୁଛନ୍ତି?**

ବଜାର ସମସ୍ତଙ୍କ ପାଇଁ ସମାନ। କିଏ କିପରି କାରବାର କରିବ ସେ ନେଇ ସେହି କମ୍ପାନୀ ପରିଚାଳନା ବୋର୍ଡ ଯୋଜନା ପ୍ରସ୍ତୁତ କରିଥାଏ। ବଜାରରେ ଏକ ନମ୍ବର ହେବା ପାଇଁ ନୂଆ ଉତ୍ପାଦନ ଓ ଅତ୍ୟାଧୁନିକ ସାମଗ୍ରୀ ସହ ଉପଭୋକ୍ତାଙ୍କ ଚାହିଦା ପୂରଣ ହେଉଛି ପ୍ରମୁଖ ଲକ୍ଷ୍ୟ। ଗ୍ରାହକ ସମ୍ପର୍କ ହିଁ କାରବାର ବଢ଼ାଇବାରେ ସହାୟକ ହୋଇଥାଏ। ବ୍ୟବସାୟରେ କିଏ ଶତ୍ରୁ ନୁହେଁ କି କାହାକୁ ଶତ୍ରୁ ଭାବି ବ୍ୟବସାୟ କରାଯାଏ ନାହିଁ। ସାମଗ୍ରୀ, ସେବା ଓ ଗ୍ରାହକ ସନ୍ତୁଷ୍ଟିକୁ ନେଇ ବ୍ୟବସାୟ କରାଯାଏ।

**ଗ୍ରାହକ ସେବା ପାଇଁ କ'ଣ ସବୁ ପଦକ୍ଷେପ ନେଉଛନ୍ତି?**

ବଜାରରେ ବ୍ୟବସାୟ ପାଇଁ ଯେଉଁ କେତୋଟି ମାନଦଣ୍ଡ ରହିଛି ସେ ସବୁ ମଧ୍ୟରୁ ଗ୍ରାହକ ସେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଉପଯୁକ୍ତ ସେବା ନ ପାଇଲେ ଗ୍ରାହକ ଅନ୍ୟ ବ୍ରାଣ୍ଡ ଆଡ଼କୁ ମୁହାଁଇଥାନ୍ତି। ଏହାକୁ ନଜରରେ ରଖି ତତ୍କାଳ ସେବା ସହ ୨୪ ଘଣ୍ଟିଆ ଗ୍ରାହକ ସେବା ଉପରେ ଫୋକସ କରିଛୁ। ଇ-ମେଲ୍ ଓ ହ୍ୱାଟ୍ସଆପ୍ ଦ୍ୱାରା ଗ୍ରାହକଙ୍କୁ ତ୍ୱରିତ ଓ ସର୍ବୋତ୍ତମ ସେବା ପ୍ରଦାନ କରୁଛୁ।

– ସାକ୍ଷାତ୍କାର: ଅଭୟ ଦାଶ

# କୋଭିଡ୍ ମାର୍ଗଦର୍ଶିକାରେ ପାଳନ ହେବ ସ୍ୱାଧୀନତା ଦିବସ

## ମୁଖ୍ୟ ଅତିଥି ଭାବେ ଯୋଗଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬।୭(ବ୍ୟୁରୋ)

ଚଳିତ ବର୍ଷ ୭୫ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ କୋଭିଡ୍ ମାର୍ଗଦର୍ଶିକା ମଧ୍ୟରେ ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ସୋମବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ୱାଧୀନତା ଦିବସ-୨୦୨୧ ପାଳନର ରୂପରେଖ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ, କୋଭିଡ୍ ମାର୍ଗଦର୍ଶିକାର ଠିକ୍ ଅନୁପାଳନ କରାଯାଇ ସ୍ୱଳ୍ପ ସଂଖ୍ୟକ ଅତିଥି, କୋଭିଡ୍ ଯୋଦ୍ଧା, ଅଧିକାରୀ ଏବଂ କର୍ମଚାରୀଙ୍କୁ ନେଇ ସ୍ୱାଧୀନତା ଦିବସ ଆୟୋଜିତ ହେବ ବୋଲି ସ୍ଥିର ହୋଇଛି। ସ୍ୱାଧୀନତା ଦିବସ ଆମ ସମସ୍ତଙ୍କ ଭାବାବେଗ ଏବଂ ଗର୍ବର ପ୍ରତୀକ ହୋଇଥିବାରୁ ଏହି ଆୟୋଜନ ସମୟରେ ସମସ୍ତ ବିଷୟକୁ ଟିକିନିଖି ଭାବେ ଗୁରୁତ୍ୱ ଦେବାକୁ ପ୍ରମୁଖ ଶାସନ ସଚିବ ବୈଠକରେ ଗୁରୁତ୍ୱ ଦେଇଛନ୍ତି। ସ୍ୱାଧୀନତା ଦିବସ ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୋଠା, ସରକାରୀ ଉଦ୍ୟୋଗ ଓ ପ୍ରମୁଖ କୋଠାର ଆଲୋକୀକରଣ ବିଷୟରେ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ପକ୍ଷରୁ ଉତ୍ସବ ସ୍ଥଳର ସାନିଟାଇଜେଶନ ଓ ପିଇବା ପାଣି ବ୍ୟବସ୍ଥା କରାଯିବ। ସୁରକ୍ଷା ବ୍ୟବସ୍ଥା ତଥା ଟ୍ରାଫିକ୍ ନିୟନ୍ତ୍ରଣକୁ ଭୁବନେଶ୍ୱର ଡିସିପି ପରିଚାଳନା କରିବେ। ପୂର୍ବବର୍ଷ ପରି ନୂଆଦିଲ୍ଲୀ, କୋଲକାତା, ଚେନ୍ନାଇ, ମୁମ୍ବାଇଠାରେ ବିଭାଗ ପକ୍ଷରୁ ଉତ୍ସବ ପାଳନ କରାଯିବ। ସେହିପରି ଆର୍‌ଡିସି ଜୋନ୍, ଜିଲା ଏବଂ ଉପଖଣ୍ଡ ସ୍ତରରେ କୋଭିଡ୍ ନିୟମାବଳୀ ମଧ୍ୟରେ ସ୍ୱାଧୀନତା ଦିବସ ପାଳନ କରାଯିବ।

# ଗବେଷଣା ଲାଗି ଖର୍ଚ୍ଚ ହେବ ୫୦ ହଜାର କୋଟି

ଭୁବନେଶ୍ୱର,୨୬।୭(ବ୍ୟୁରୋ)


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ର ସରକାର ଦେଶରେ ଗବେଷଣା ପରିସଂସ୍ଥାନକୁ ଅଧିକ କ୍ରିୟାଶୀଳ ଏବଂ ସୁଦୃଢ଼ କରିବା ପାଇଁ ଗୁରୁତ୍ୱ ଦେଉଛନ୍ତି। ଏନେଇ ନୂଆ ଜାତୀୟ ଶିକ୍ଷାନୀତି (ଏନ୍ଇପି-୨୦୨୦) ଅନୁଯାୟୀ ରାଷ୍ଟ୍ରୀୟ ଗବେଷଣା ଅନୁଷ୍ଠାନ(ଏନ୍ଆର୍ଏଫ୍) ଗଠନ ସହ ୫ ବର୍ଷରେ ୫୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବା ଯୋଜନା ରଖାଯାଇଛି ବୋଲି ଲୋକ ସଭାର ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଧର୍ମେନ୍ଦ୍ର ତାଙ୍କ ଉତ୍ତରରେ କହିଛନ୍ତି, ଏନ୍ଆର୍ଏଫ୍ ଏପରି ଏକ ଅଭିନବ ସରଞ୍ଜନା ପ୍ରସ୍ତୁତ କରିବ, ଯାହା ଗବେଷଣା ଏବଂ ବିକାଶ (ଆର୍ ଆଣ୍ଡ ଡି), ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବ। ଏନ୍ଆର୍ଏଫ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶିକ୍ଷାନୁଷ୍ଠାନ ବିଶେଷ ଭାବେ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଗବେଷଣାକୁ ପ୍ରୋତ୍ସାହନ ଦିଆଯିବ। ୩୪ ବର୍ଷ ପରେ ୨୯ ଜୁଲାଇ ୨୦୨୦ରେ ଭାରତ ସରକାର ଜାତୀୟ ଶିକ୍ଷାନୀତି-୨୦୨୦ ଘୋଷଣା କଲେ। ଶିକ୍ଷା କ୍ଷେତ୍ରରେ ଏକ ପରିବର୍ତ୍ତନ ଆଣିବା ଏହାର ଲକ୍ଷ୍ୟ ଥିଲା। ଏହାର ପ୍ରମୁଖ ଉଦ୍ଦେଶ୍ୟ ଥିଲା ଶିକ୍ଷା କ୍ଷେତ୍ରରେ ଆଞ୍ଚଳିକ ଭାଷାକୁ ଅଗ୍ରାଧିକାର ଦେଇ ଏହାର ବ୍ୟବହାର କରିବା। ଏହି ପରିପ୍ରେକ୍ଷୀରେ ଭାରତ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ମେଡିକାଲ ପ୍ରବେଶିକା ପାଇଁ ଅନୁଷ୍ଠିତ ନିଟ୍ ପରୀକ୍ଷା ୧୧ଟି ଭାଷାରେ ହେଉଥିବା ବେଳେ ଏବେ ଛାତ୍ରୀଛାତ୍ରମାନେ ୧୩ଟି ଭାଷାରେ ପରୀକ୍ଷା ଦେବେ। ପୂର୍ବରୁ ୩ଟି ଭାଷାରେ ଅନୁଷ୍ଠିତ ହେଉଥିବା ଜେଇଇ(ମେନ୍) ପରୀକ୍ଷା ବର୍ତ୍ତମାନ ୧୩ଟି ଭାଷାରେ କରାଯିବ।


## ହସ୍ତଶିଳ୍ପରେ ତାଲିମ ପାଇଁ ବିଜ୍ଞାପନ

No. PP-20:-

ଚଳିତ ଆର୍ଥିକ ବର୍ଷ (୨୦୨୧-୨୨) ବର୍ଷ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକରୁଥିବା ନିମ୍ନଲିଖିତ ହସ୍ତଶିଳ୍ପ ତାଲିମ କେନ୍ଦ୍ର / ବିଦ୍ୟାଳୟ ଗୁଡ଼ିକରେ ଛାତ୍ର / ଛାତ୍ରୀ ଗ୍ରହଣ ନିମିତ୍ତ ଆଗ୍ରହୀ ପ୍ରାର୍ଥୀ /ପ୍ରାର୍ଥୀନୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଦରଖାସ୍ତ କରିବାର ଶେଷ ତାରିଖ ୧୦.୦୮.୨୦୨୧.

| କ୍ର ସଂ | ହସ୍ତଶିଳ୍ପ ବିଦ୍ୟାଳୟ/ ତାଲିମ କେନ୍ଦ୍ରର ନାମ | ହସ୍ତଶିଳ୍ପର ନାମ | ସ୍ଥାନ ସଂଖ୍ୟା | ତାଲିମ ଅବଧି |
|---|---|---|---|---|
| ୧. | ତରାଣ୍ଡୋ ହସ୍ତଶିଳ୍ପ ବିଦ୍ୟାଳୟ, ସା-ତରାଣ୍ଡୋ, ପୋ-ବାରୁଅ, ଜି-କେନ୍ଦ୍ରାପଡ଼ା, | କାଇଁଚ ଶିଳ୍ପ | ୨୦ | ୧ ବର୍ଷ |
| ୨. | ରାଜନଗର ହସ୍ତଶିଳ୍ପ ବିଦ୍ୟାଳୟ, ସା-ରାଜନଗର, ପୋ-ଚକଡ଼ା, ଭାୟା-ଆଠଗଡ, ଜି-କଟକ | ବେତ ବାଉଁଶ | ୨୦ | ୧ ବର୍ଷ |
| ୩. | ଘାସିପୁଟ ହସ୍ତଶିଳ୍ପ ବିଦ୍ୟାଳୟ, ସା/ପୋ-ଘାସିପୁଟ, ଜି-କଟକ | ବେତ ବାଉଁଶ | ୧୨ | ୧ ବର୍ଷ |
| ୪. | ଅବଦଲପୁର ହସ୍ତଶିଳ୍ପ ବିଦ୍ୟାଳୟ, ସା/ପୋ-ଅବଦଲପୁର, ଜି-ଜଗତସିଂହପୁର | ବେତ ବାଉଁଶ | ୧୨ | ୧ ବର୍ଷ |
| ୫. | ସାନ୍ଧାପାଶିପାଟଣା ହସ୍ତଶିଳ୍ପ ବିଦ୍ୟାଳୟ, ସା- ସାନ୍ଧାପାଶିପାଟଣା, ପୋ-ଗନ୍ଧିଆ, ଜି-ଢେଙ୍କାନାଳ | ବେତ ବାଉଁଶ | ୧୨ | ୧ ବର୍ଷ |
| ୬. | କୃଷ୍ଣ ଚନ୍ଦ୍ରପୁର ହସ୍ତଶିଳ୍ପ ବିଦ୍ୟାଳୟ, ସା/ପୋ-କୃଷ୍ଣଚନ୍ଦ୍ରପୁର, ଜି-ମୟୁରଭଞ୍ଜ | ସବାଇ ଘାସ | ୧୦ | ୧ ବର୍ଷ |
| ୭. | ଆଙ୍ଗିସିଙ୍ଗି ହସ୍ତଶିଳ୍ପ ବିଦ୍ୟାଳୟ, ସା/ପୋ-ଆଙ୍ଗିସିଙ୍ଗି, ଜି-ନୟାଗଡ଼ | ବେତ ବାଉଁଶ | ୧୦ | ୧ ବର୍ଷ |
| ୮. | ବଉଳଗାଡ଼ିଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ସା-ବଉଳଗାଡ଼ିଆ, ପୋ-ଇଶ୍ୱରପୁର, ଜି-ବାଲେଶ୍ୱର | ପଥର ଖୋଦେଇ | ୨୦ | ୧ ବର୍ଷ |
| ୯. | ପୁରୀ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ସା/ପୋ-ପୁରୀ, ଜି-ପୁରୀ | ଶଙ୍ଖ ଶାମୁକା | ୧୦ | ୧ ବର୍ଷ |

ତାଲିମ ସମୟରେ ପ୍ରାର୍ଥୀ /ପ୍ରାର୍ଥୀନୀ ମାନଙ୍କୁ ମାସିକ ଟ.୧୦୦୦.୦୦ ବୃତ୍ତି ପ୍ରଦାନ କରାଯିବ ।

ଆବେଦନ ନିମନ୍ତେ ଯୋଗ୍ୟତା

ବୟସ- ୧୪ ବର୍ଷରୁ ୪୦ ବର୍ଷ (ତଫସିଲଭୁକ୍ତ ଜାତି/ ଜନଜାତି/ ଶାରିରୀକ ଭିନ୍ନକ୍ଷମ / ମହିଳା ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରାର୍ଥୀମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୩ ବର୍ଷ କୋହଳ କରାଯିବ ।

ଶିକ୍ଷାଗତ ଯୋଗ୍ୟତା – ୮ମ ପାଶ୍ ଓ ତଦୁର୍ଦ୍ଧ୍ୱ ।

ସ୍ଥାନ ସଂରକ୍ଷଣ ବ୍ୟବସ୍ଥା - ତଫସିଲଭୁକ୍ତ ଜାତି / ଜନଜାତି / ଶାରିରୀକ ଭିନ୍ନକ୍ଷମ / ସଂଖ୍ୟାଲଘୁ ସମ୍ପ୍ରଦାୟ / ମହିଳା ପ୍ରାର୍ଥୀ / ପ୍ରାର୍ଥିନୀଙ୍କ ପାଇଁ ସରକାରୀ ନିୟମ ଅନୁସାରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି ।

ଆଗ୍ରହୀ ପ୍ରାର୍ଥୀ /ପ୍ରାର୍ଥୀନୀ ସାଧାକାଗଜରେ ନାମ, ପିତାଙ୍କ ନାମ, ଠିକଣା, ବୟସ, ଶିକ୍ଷାଗତ ଯୋଗ୍ୟତା, ଜାତି, ବର୍ଗ ଏବଂ ହସ୍ତଶିଳ୍ପ ତାଲିମ କେନ୍ଦ୍ରର ନାମ ଉଲ୍ଲେଖ କରି ସମସ୍ତ ପ୍ରମାଣ ପତ୍ରର ନକଲ ସହ ସମ୍ପୃକ୍ତ ଜିଲ୍ଲାର ଆଞ୍ଚଳିକ ଶିଳ୍ପ କେନ୍ଦ୍ର/ ଜିଲ୍ଲା ଶିଳ୍ପ କେନ୍ଦ୍ର ପରିସରରେ କାର୍ଯ୍ୟରତ **ସହ ନିର୍ଦ୍ଦେଶକ (ହସ୍ତଶିଳ୍ପ) ଙ୍କ କର୍ଯ୍ୟାଳୟ** ରେ ଆବେଦନ କରିପାରିବେ । ଏହି ସମ୍ବନ୍ଧୀୟ ସବିଶେଷ ତଥ୍ୟ ପାଇଁ ସମ୍ପୃକ୍ତ **ସହ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ ବ୍ଲକ୍ ହସ୍ତଶିଳ୍ପ ବିକାଶ ଅଧିକାରୀ / ତାଲିମ କେନ୍ଦ୍ର / ବିଦ୍ୟାଳୟ ଉପଦେଷ୍ଟାଙ୍କ** ସହ ଯୋଗାଯୋଗ କରିବାକୁ ଅନୁରୋଧ ।

**ନିର୍ଦ୍ଦେଶକ**
**ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା,**
**ଭୁବନେଶ୍ୱର**

OIPR-43002/11/0005/2122



## ZILLA SWASTHYA SAMITI, MALKANGIRI

OFFICE OF THE CDM&PHO, MALKANGIRI

ADVT. NO. 8248 Dated: 26.07.2021

**WALK IN INTERVIEW**

No. E-252:- Walk in interview will be conducted for the post of **Block Programme Manager, Physiotherapist, DEIC, Occupational Therapist-DEIC, Psychologist-DEIC, Clinical Psycholigist, RMNCH/ FP Counselor, Multi Rehabilitation Worker, Senior Treatment Supervisor (STS), AYUSH (MO), Paediatrician-DEIC. Consultant Medicine -NPHCE, Medical officer-MBBS** under NHM, Malkangiri. Interested candidates can log on to www.malkangiri.nic.in for details of vacancy, eligibility criteria, selection criteria, general terms & conditions, age, application form etc. Candidates fulfilling the eligibility criteria may appear for registration on the date as mentioned against each post. **Registration timing will be from 10.30 A.M. to 12.00 Noon only on walk-in-interview dates.** No application will be received after scheduled timing of registration. The undersigned reserves the right to cancel any or all application/process without assigning any reason thereof. **The acutal numbers of vacancies & monthly consolidated remuneration may differ (increase or decrease) at the time of engagement.**

Sd./-
**CDM&PHO, Malkangiri**
OIPR-10082/11/0007/2122



## ZILLA SWASTHYA SAMITI, ANGUL

No. E-253
**RECRUITMENT**
No. 1813 Date: 23.07.2021

| Sl. No. | Position | Vacancy | Monthly Consolidated Remuneration in Rs. | Date of Walk-in-Interview |
|---|---|---|---|---|
| 1 | Paediatrician, DEIC | 01 | 66,150/- | 03.08.2021 |
| 2 | MO MBBS, DEIC | 01 | 52,920/- | |
| | | | | Last date of receipt of application |
| 3 | DPC- District Programme Coordinator (NTEP) | 01 | 25,931/- | 05.08.2021 |
| 4 | Psychiatric Social Worker | 01 | 25,931/- | |
| 5 | Block Data Manager | 01 | 13,892/- | |

**IN-HOUSE POSTING/REPOSITIONING**

| Sl. No. | Name of the Post as per NHM PIP | Vacancy | Monthly Consolidated Remuneration in Rs. | Last date of Receipt of Application |
|---|---|---|---|---|
| 1 | MO AYUSH Main Stream | 05 (Ayurvedic - 01 & Homeopathy - 04) | 21,924/- | 05.08.2021 |
| 2 | Psychiatric Nurse | 01 | 15,976/- | |
| 3 | Case Registry Assistant | 01 | 9,261/- | |

Eligible & aspirant candidates are hereby informed to visit/log on to the District website i.e. **www.angul.nic.in** to download the application form, eligible criteria and other detials. Candidates for Walk-in-Interivew to register their names on exact date of interview between 9.00 A.M. to 10.30 A.M. in District Training Unit, DHH, Angul if any candidate fails to register his/her name within the prescribed time then further he/she shall not be entertained/considered.
The candidates have to submit their applications within the last date of application to Chief District Medical & Public Health Officer-cum-District Mission Director, DHH, Angul, PIN - 759122, Odisha through Registered/Speed Post only. The applications received after due date shall not be considered and the candidates are to mention on the top left hand corner of the envelope for the post they are applying for.
The candidates are informed to visit the District website in a periodical manner to know the uptodate information of the selection process. No fresh documents during the objection invitation period shall be entertained. The exact vacancies are subject to chagne and the undersigned is not responsible for any postal delay or transport delay. The typographical error (if any) may be exempted and no personal communication regarding the above recruitment shall be entertained.
Interested in-house candidates are to apply in the prescribed application from with NOC & Certificate of last uniterrupted service for the same post under the society from their concerned appointing authority.
The undersigned reserves all rights to reject any or all cancel the entire selection process without assigning any reason thereof.
As per the NHM guideline ORV act/rules is not applicable for a single vacant post.

**OIPR-10142/11/0001/2122** **Sd./- CDM & PHO cum District Mission Director, Angul**



## OFFICE OF THE DISTRICT & SESSIONS JUDGE, ANGUL

**RECRUITMENT YEAR 2021-22**
**Advertisement No. 03, Dated-06.07.2021**
**(For the post of Jr.Clerk-cum-Copyist, Jr.Typist and Stenographer Grade-III.)**

No. 07-W: Applications in the prescribed format are invited from the eligible candidates for filling up the posts of Jr.Clerk-cum-Copyist, in the scale of pay (Level 4 Rs.19,900/-63,200/-),Jr. Typist in the scale of pay (Level 4 Rs.19,900/-63,200/-) and Stenographer Grade-III in the scale of pay (Level 7 Rs. 25,500/- 81,100/-) with usual D.A and other allowances, as admissible to the Government employees from time to time as per the ORSP Rules, 2017 on regular basis subject to the result of W.P© No.1273 of 2014 of the Hon'ble Court. **The last date of receipt of application is fixed to 27.08.2021 by 5.00 P.M.**
For details of advertisement as regards applications form, eligibility criteria, scheme of examination along with details of syllabus etc, please visit our District Court website **https://districts.ecourts.gov.in/angul** or **https://angul.nic.in/**.

**Sd./- Chairman-cum-District Judge,**
**Recruitment Committee, Angul**
OIPR-18012/11/0001/2122



## ODISHA JOINT ENTRANCE EXAMINATION - 2021 (OJEE - 2021)

**No. OJEE/252** **Date: 26.07.2021**

**NOTICE**

**(ADDITION OF SOME NEW PLACES AS ONLINE EXAMINATION CENTRES AND EXTENSION OF LAST DATE OF APPLICATION / CORRECTION)**

No. h-13: The last date for submission of online application forms for all the courses (except B. Tech.) under OJEE 2021 is extended up to 30.07.2021 (11.59 P.M.) and last date for fee payment up to 02.08.2021 (11.59 P.M.). 9 (Nine) new places in Odisha State and 03 (Three) places outside Odisha State have been added to the existing places as online examination Centres.
All the candidates, who have successfully submitted their application, can log-in to the online OJEE Application Portal using their id and password, make any correction, if required in the information already filled in by them and also modify, if they want, their choice of examination centres as per their convenience.
For details, please visit OJEE websites: **www.ojee.nic.in / www.odishajee.com**.

**Sd./- CHAIRMAN, OJEE, Odisha**
**OIPR-14020/11/0007/2122**

ଦାରିଦ୍ର୍ୟବରଣ ଏକ ମହତ ବ୍ରତ ହୋଇପାରେ –ଏପରି କି ବିଶେଷ କୌଣସି ବ୍ୟକ୍ତି ବା ଶ୍ରେଣୀ ପକ୍ଷରେ ଉପକାରୀ ହୋଇପାରେ। ଦାରିଦ୍ର୍ୟକୁ ଯଦି ଏକ ଜାତୀୟ ଆଦର୍ଶ ରୂପେ ବିକୃତ ଭାବେ ସଂଗଠିତ କରାଯାଏ ତା'ହେଲେ ତାହା ହୋଇଉଠେ ମାରାତ୍ମକ। ଏବଂ ଜୀବନ ମଧ୍ୟ ତା'ର ସମୃଦ୍ଧି ଓ ବିସ୍ତୃତିରୁ ବଂଚିତ ହୋଇପଡେ। –ଶ୍ରୀଅରବିନ୍ଦ

# ୟେଦ୍ଦୁରପ୍ପା ଗଲେ ଯେ

କର୍ଣାଟକ ମୁଖ୍ୟମନ୍ତ୍ରୀ ପଦବୀରୁ ବି.ଏସ୍. ୟେଦ୍ଦୁରପ୍ପା ୨୬ ଜୁଲାଇରେ ଇସ୍ତଫା ଦେଇଛନ୍ତି। ଇସ୍ତଫା ଦେବା ପରେ କହିଛନ୍ତି ଯେ, ସେ ବିଷାଦରେ ନୁହେଁ ଖୁସିରେ ପଦ ଛାଡ଼ିଛନ୍ତି। ତାଙ୍କୁ ଏବେ ୭୮ ବର୍ଷ ବୟସ। ୭୫ ବର୍ଷ ପରେ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ତାଙ୍କ ଉପରେ ବିଶ୍ୱାସ ରଖି ଯେଉଁ ଦାୟିତ୍ୱ ଦେଇଥିଲେ ସେଥିଲାଗି ସେ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ୟେଦ୍ଦୁରପ୍ପା ନିଜଆଡ଼ୁ ମୁଖ୍ୟମନ୍ତ୍ରୀ ପଦବୀ ଛାଡ଼ିବାକୁ ଚାହୁଁ ନ ଥିଲେ ବୋଲି ଗଣମାଧ୍ୟମରେ ଢେର ଆଲୋଚନା ହୋଇଛି। ଭାଜପା ଚାପରେ ସେ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି। ହୁଏତ ତାଙ୍କର ଏହି ଧନ୍ୟବାଦ ତାଙ୍କୁ କୌଣସି ଏକ ରାଜ୍ୟର ରାଜ୍ୟପାଳ ପଦବୀ ଆଣି ଦେଇପାରେ। ସେ ବୁଝି ସାରିଥିବେ ଯେ ତାଙ୍କ ଦୁର୍ନୀତିକୁ କେନ୍ଦ୍ର ଭଲ ଭାବେ ଜାଣିଥିବା ହେତୁ ବେଶି ଉତୁରିଥିଲେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଲାଗି ଯାଇଥାଆନ୍ତା। ନିଜ ଜୀବନକୁ ବଞ୍ଚାଇବା ପାଇଁ ତାଙ୍କର ଏହି ପଦକ୍ଷେପ ଅନେକ ଦୃଷ୍ଟିରୁ କୌତୂହଳ ସୃଷ୍ଟି କରିପାରେ।

ୟେଦ୍ଦୁରପ୍ପାଙ୍କ ଇସ୍ତଫା ପଛରେ ନିଶ୍ଚିତ ଭାବେ ରାଜନୈତିକ ଚାପର ଖେଳ ରହିଛି। ତଥାପି ବୟସ ଦୃଷ୍ଟିରୁ ସେ ଗାଦି ଛାଡ଼ିବା କଥାକୁ ସ୍ୱାଗତ କରାଯାଇପାରେ। କାରଣ ଭାରତବର୍ଷର ଅଧିକାଂଶ ରାଜନେତା ଗାଦି ସହିତ ଚେମେଡ଼ ହୋଇ ଲାଗି ରହୁଛନ୍ତି। ଏଠାରେ ଉଦାହରଣ ତଳଠୁ ଉପର ପର୍ଯ୍ୟନ୍ତ ସମସ୍ତଙ୍କର ଦିଆଯାଇପାରେ। ଯେଉଁ ରାଜନୈତିକ ବ୍ୟକ୍ତିମାନେ ମୃତ୍ୟୁ ପର୍ଯ୍ୟନ୍ତ କ୍ଷମତା ଉପଭୋଗ କରିବାକୁ ଚାହାନ୍ତି, ସେମାନେ ବୁଝିବା ଦରକାର ଯେ ଯୁବପିଢ଼ି କ୍ଷମତା ହାସଲ କରିବାକୁ ବ୍ୟାକୁଳ ହେଲେଣି। ଏହା କହିବା ପଛରେ ସ୍ପଷ୍ଟ ଉଦ୍ଦେଶ୍ୟ ହେଉଛି ସମଗ୍ର ଭାରତବର୍ଷର ସବୁ ଦଳର ଯୁବପିଢିକୁ ଦେଖିଲେ ସେମାନଙ୍କର ଦୁର୍ନୀତିଖୋର ମନୋଭାବ ବୟସ୍କମାନଙ୍କଠାରୁ କୌଣସି ଭାବେ ଊଣା ନୁହେଁ। ଆର୍ଥିକ ଦୁର୍ନୀତି ସହିତ ଭାରତର ରାଜନୀତିରେ ସମ୍ପୃକ୍ତ ଯୁବପିଢ଼ି ପାଖରେ ବାହୁବଳ ଓ ଚରିତ୍ରଗତ ଦୋଷ ବାରିହୋଇ ପଡୁଛି। ଏହା ଭାଜପାଠାରୁ ଆରମ୍ଭକରି କଂଗ୍ରେସ ଏବଂ ସବୁ ଆଞ୍ଚଳିକ ଦଳ ଭିତରେ ଅନୁରୂପ ଆକାର ଧାରଣ କରିଛି। ସେଥିପାଇଁ କେବଳ ଯୁବପିଢ଼ି ଆସିଗଲେ ଦେଶର ପରିବର୍ତ୍ତନ ଘଟିବ ବୋଲି ଚିନ୍ତା କରିବା ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ ହେବ।

ଭାରତର ଯୁବଗୋଷ୍ଠୀର ଅନେକ ଏହିଭଳି ଉଦାହରଣ ଅଛି, ଯାହାକି କହିଲେ ସରିବ ନାହିଁ। ବ୍ୟବସାୟିକ କ୍ଷେତ୍ର ଦେଖାଯାଉ। ଓଡ଼ିଶାର ଜଣେ ଯୁବକ ଅନ୍ତର୍ଜାତୀୟ ସ୍ତରରେ ହୋଟେଲ ରୁମ୍ ସୃଷ୍ଟିକରି ଦିନାକେତେ ବେଶ୍ ନାମ ଅର୍ଜନ କଲେ। ପରବର୍ତ୍ତୀ ସମୟରେ ତାଙ୍କର ଅର୍ଥନୈତିକ କୁକର୍ମ ତାଙ୍କ ବ୍ୟବସାୟକୁ ତଳିତଳାନ୍ତ କରିଦେଲା। ସେହିପରି ଯୁବ ଅଫିସରଙ୍କ ସମ୍ପର୍କରେ ଯେତେ କୁହାଯିବ ସେତେ କମ୍ ପଡ଼ିବ। ସମସ୍ତେ ଅନୁଭବ କରିଥିବେ ଜିଲାରେ ନୂଆ ଆରକ୍ଷୀ ଅଧୀକ୍ଷକ ଯୋଗଦେବା ମାତ୍ରକେ ନିଜର ଭାବମୂର୍ତ୍ତି ସୃଷ୍ଟିକରିବା ହୋଇପଡ଼େ ସବୁଠାରୁ ବଡ଼ କର୍ତ୍ତବ୍ୟ। ଦିନସାରା ଖଟିକରି ବିଳମ୍ବିତ ରାତିରେ ଗରିବମୂଲିଆ କିମ୍ବା ଗାଡ଼ିଚାଳକ ଖାଇବସିଥିବା ଢାବାରେ ଏସ୍‌ପିଙ୍କ ପ୍ରବେଶ ଓ ଲାଠିମାଡ଼ କୋକୁଆଭୟ ସୃଷ୍ଟିକରେ। ସମସ୍ତେ କୁହନ୍ତି 'ଏହି ଏସ୍‌ପି ଅତ୍ୟନ୍ତ କଡ଼ା'। ଏହି ଧାରଣା ସୃଷ୍ଟି ହୋଇଯିବା ପରେ ଏସ୍‌ପି ମହୋଦୟ ଘରେବସି ଥାନା ନିଲାମ କରିବାରେ ବ୍ୟସ୍ତ ହୋଇପଡ଼ନ୍ତି। ଅନୁରୂପ ଭାବେ ଶିକ୍ଷାନୁଷ୍ଠାନଗୁଡ଼ିକରେ ପୁରୁଖା ଶିକ୍ଷକ ଏବଂ ନୂତନ ଭାବେ ନିଯୁକ୍ତି ପାଇଥିବା ଯୁବ ଶିକ୍ଷାକର୍ମୀଙ୍କ ପାଠପଢ଼ାଇବାର ଇଚ୍ଛା ଦେଶର ପ୍ରତ୍ୟେକ ଅଭିଭାବକଙ୍କୁ ଜଣା। ବିଶ୍ୱବିଦ୍ୟାଳୟ ଓ ଉଚ୍ଚଶିକ୍ଷା ସ୍ତରର ପାଠପଢ଼ା କଥା ଦେଖାଯାଉ। ଭାରତର ଗୌରବ ବୋଲାଉଥିବା ଆଇଆଇଟି, ଆଇଆଇଏମ୍ ଭଳି କେତୋଟି ଶିକ୍ଷା ପ୍ରତିଷ୍ଠାନ ବିଦ୍ୟାର୍ଥୀ ବାହାର କରୁଛନ୍ତି, ତନ୍ମଧ୍ୟରୁ ୯୯ ପ୍ରତିଶତ ଚାକିରି କରିବା ଉଦ୍ଦେଶ୍ୟରେ ପାଠ ପଢୁଛନ୍ତି। ସେମାନଙ୍କ ଭିତରୁ ଯଦି କେହି ବିଦେଶ ଖସିଯାଇପାରିଲେ ତେବେ ତାଙ୍କର ଚାକିରିଆ ଭାବରେ ଭବିଷ୍ୟତ ଉଜ୍ଜ୍ୱଳ ହୋଇପଡୁଛି। ସତ୍ୟ ନାଡାଲା, ସୁନ୍ଦର ପିଚାଇଙ୍କଠାରୁ ଆରମ୍ଭ କରି ସିଟିଗ୍ରୁପ୍, ଆଡୋବି, ପେପ୍‌ସି, ନୋକିଆ, ମାଷ୍ଟରକାର୍ଡ, ସ୍ୟାଣ୍ଡିସ୍କ, ମୋଟୋରୋଲା ଏବଂ ଆଇବିଏମ୍ ଭଳି ଅନେକ ବୃହତ୍‌କାୟ ଅନ୍ତର୍ଜାତୀୟ କମ୍ପାନୀରେ ସିଇଓ ବା ମୁଖ୍ୟ ଚାକିରିଆ ଭାବେ ନିଯୁକ୍ତି ପାଉଛନ୍ତି। ମନେରଖିବାକୁ ହେବ ଯେ, ସେମାନଙ୍କ ମଧ୍ୟରୁ କେହି ବି ଉଦ୍ୟୋଗୀ ନୁହନ୍ତି। ଏମାନେ ଟେକ୍‌ନୋକ୍ରାଟ ଭାବେ କମ୍ପାନୀରେ ନିଯୁକ୍ତି ପାଉଛନ୍ତି ଓ ଦରମା ଗ୍ରହଣ କରୁଛନ୍ତି। ଏଠାରେ ଭୁଲ ବୁଝିବା ଉଚିତ ନୁହେଁ ଯେ କାହାରିକୁ ନ୍ୟୂନ କରି ଦେଖାଇବା ଉଦ୍ଦେଶ୍ୟ ରହୁଛି। କେବଳ ଏତିକି କୁହାଯାଉଛି ଯେ, ଭାରତର ଯୁବପିଢ଼ି ଯେତିକି ଶକ୍ତିଶାଳୀ ହୋଇପାରନ୍ତା, ତାହା ହେଉନାହିଁ। ସେଥିପାଇଁ ରାଜନୀତିରେ ମଧ୍ୟ କୌଣସି ଦଳର ଯୁବ ନେତାଙ୍କର ଆନ୍ତରିକତା ଯୋଗୁ ବୃଦ୍ଧି ଘଟୁଥିବା କହିବା କଷ୍ଟକର। ଧରାଧରି, ଦୁର୍ନୀତିରେ ସହଯୋଗ ଏବଂ ମୁଖଶାଳା ଭାବେ ଯୁବପିଢ଼ି ବ୍ୟବହୃତ ହେଉଛି। ସେଥିପାଇଁ ୟେଦ୍ଦୁରପ୍ପା ଯାଇ ଅନ୍ୟ ଯିଏ ଆସିବେ ତାଙ୍କଠାରୁ ଗୋଟିଏ ବିରାଟ ପରିବର୍ତ୍ତନ ଆଶା କରାଯାଇ ନ ପାରେ।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଜୁଲାଇ ୧୯୯୬

- ପ୍ରବଳ ବର୍ଷା ଓ ତତ୍‌ଜନିତ ଭୂସ୍ଖଳନ ଯୋଗୁ ୧୯ ଜଣ ଦକ୍ଷିଣ କୋରିଆ ସୈନ୍ୟ ପୋତିହୋଇ ପ୍ରାଣ ହରାଇଛନ୍ତି।
- ଜମ୍ମୁସ୍ଥିତ ଦୋଦା ଜିଲାରେ ଉଗ୍ରପନ୍ଥୀମାନେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ୧୩ ଜଣ ବ୍ୟକ୍ତିଙ୍କୁ ଗୋଟିଏ ଧାଡ଼ିରେ ଛିଡ଼ା କରାଇ ହତ୍ୟା କରିଛନ୍ତି।
- ଏନ୍‌ରନ୍ ପ୍ରକଳ୍ପ ଉପରେ କେନ୍ଦ୍ର ସରକାର ଦ୍ୱିତୀୟ ପକ୍ଷ ଗ୍ୟାରେଣ୍ଟର ଭାବେ କାର୍ଯ୍ୟ କରିବେ ବୋଲି ଶକ୍ତି ରାଷ୍ଟ୍ରମନ୍ତ୍ରୀ ଡଃ. ଏସ୍. ବେଣୁଗୋପାଳଚାରୀ ସୂଚନା ଦେଇଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | 1 | | 8 | | 7 |
| | | 5 | | | | 1 | | |
| | | | 4 | | | | | 9 |
| 2 | | | | 5 | | 9 | | |
| 5 | | | | 6 | 1 | | | |
| | 7 | 9 | | | | | | |
| | | | 6 | | | | | 3 |
| 1 | 4 | | 8 | 3 | 7 | | | |
| 7 | 2 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 7 | 6 | 4 | 8 | 3 | 9 | 1 |
| 9 | 8 | 3 | 2 | 1 | 7 | 4 | 6 | 5 |
| 4 | 6 | 1 | 9 | 5 | 3 | 7 | 2 | 8 |
| 1 | 4 | 2 | 7 | 6 | 9 | 5 | 8 | 3 |
| 3 | 9 | 8 | 4 | 2 | 5 | 6 | 1 | 7 |
| 6 | 7 | 5 | 8 | 3 | 1 | 2 | 4 | 9 |
| 8 | 3 | 4 | 5 | 9 | 2 | 1 | 7 | 6 |
| 7 | 1 | 6 | 3 | 8 | 4 | 9 | 5 | 2 |
| 2 | 5 | 9 | 1 | 7 | 6 | 8 | 3 | 4 |

ଗତକାଲିର ଉତ୍ତର

# ବିପର୍ଯ୍ୟୟର ବିଭୀଷିକା: ବଜ୍ରପାତ



ଉମାଶଙ୍କର ଦାସ

ଜଳବାୟୁ ପରିବର୍ତ୍ତନ ପାଣିପାଗ ସମ୍ପର୍କିତ ବିପର୍ଯ୍ୟୟର ମୁଖ୍ୟ ଉତ୍ସ ବୋଲି ୨୦୦୬ରେ ସାଇନ୍ସ ପତ୍ରିକାରେ ପ୍ରକାଶ ପାଇଥିଲା। ବରିଷ୍ଠ ବୈଜ୍ଞାନିକ ତଥା ପାଣିପାଗବିତ୍ କମଳଜିତ ରାୟଙ୍କ ଦ୍ୱାରା ୨୦୨୧ରେ ପ୍ରକାଶିତ ଗବେଷଣା ଭିତ୍ତିକ ତଥ୍ୟ ଅନୁଯାୟୀ ଭାରତରେ ବିଗତ ୫୦ ବର୍ଷ, ୧୯୭୦-୨୦୧୯ ମଧ୍ୟରେ ସମୁଦାୟ ୭,୦୬୩ଟି ଉଚ୍ଚପ୍ରଭାବୀ ପାଣିପାଗ ଘଟଣା ଘଟିଛି। ଏଥିରେ ୧,୪୧,୩୦୮ ଜୀବନହାନି ହୋଇଛି। ଅର୍ଥାତ୍ ପ୍ରତିଟି ଘଟଣାରେ ହାରାହାରି ୨୦ ଜଣଙ୍କ ମୃତ୍ୟୁ ହୋଇଛି। ଗୃହ ମନ୍ତ୍ରଣାଳୟର ପରିସଂଖ୍ୟାନ କ୍ରମାଗତ ଭାବେ ବଜ୍ରପାତକୁ ସବୁଠାରୁ ବଡ ପ୍ରାକୃତିକ ବିନାଶକାରୀ ଶକ୍ତି ସହ ଜଡ଼ିତ ହତ୍ୟାକାରୀ ଭାବେ ଦର୍ଶାଇ ଆସିଛି। ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋର ସଦ୍ୟତମ ପରିସଂଖ୍ୟାନ କୁହୁଛି ୨୦୧୯ ପରଠାରୁ ଦେଶରେ ୮,୧୪୫ ଜଣଙ୍କର ମୃତ୍ୟୁ ପ୍ରାକୃତିକ ବିପର୍ଯ୍ୟୟଜନିତ ହୋଇଥିବା ବେଳେ, ସେଥିମଧ୍ୟରୁ ୩୫.୩% ମୃତ୍ୟୁ କେବଳ ବଜ୍ରପାତ ଯୋଗୁ ଘଟିଛି। ଏହାସହ ୧୫.୬% ଅଂଶୁଘାତ ଏବଂ ୧୧.୬% ମୃତ୍ୟୁ 'ବନ୍ୟା' ଯୋଗୁ ହୋଇଛି। ମହାରାଷ୍ଟ୍ର ପୁଣେସ୍ଥିତ ଭାରତୀୟ କ୍ରାନ୍ତୀୟ ପାଣିପାଗବିଜ୍ଞାନ ସଂସ୍ଥାନର ବୈଜ୍ଞାନିକ ଡ.ଏସ୍.ଡି. ପାୱାରଙ୍କ ଗବେଷଣାରୁ ଜଣାପଡ଼ିଛି ଯେ,୧୯୬୦ ଦଶକରୁ ୨୦୧୯ ମଧ୍ୟରେ ବାର୍ଷିକ ବଜ୍ରପାତରେ ମୃତ୍ୟୁ ପ୍ରାୟ ତିନି ଗୁଣ ବୃଦ୍ଧି ପାଇଛି ଏବଂ ଏହା ସିଧାସଳଖ ଜଳବାୟୁ ସଙ୍କଟ ସହିତ ଜଡ଼ିତ।

ମେଘ ଏବଂ ଭୂମି କିମ୍ବା ମେଘ ମଧ୍ୟରେ ସୃଷ୍ଟିହେଉଥିବା ଅସନ୍ତୁଳିତ ଶକ୍ତିର ବୈଦ୍ୟୁତିକ ନିଷ୍କାସନ ପ୍ରକ୍ରିୟା ହେଉଛି ବଜ୍ରପାତ। ବଜ୍ରପାତ ହେଉଛି ଏକ ବିଦ୍ୟୁତ୍ ସ୍ରୋତ। ଭୂପୃଷ୍ଠର ଉଷ୍ଣତା ସଂସ୍ପର୍ଶରେ ଆସି ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ଗରମ ହୋଇ ବାୟୁମଣ୍ଡଳରେ ଊର୍ଦ୍ଧ୍ୱଗାମୀ ହେବା ସହ ଶୀତଳ ହୋଇ ମେଘ କଣିକା ସୃଷ୍ଟି କରିଥାଏ। ଏହି ପ୍ରକ୍ରିୟାରେ ଊର୍ଦ୍ଧ୍ୱଗାମୀ ବାୟୁ ସମୟ-ସମୟରେ ଭୂପୃଷ୍ଠର ଅଧିକ ଉଷ୍ଣତା କିମ୍ବା ବାୟୁମଣ୍ଡଳର ପାରିପାର୍ଶ୍ୱିକ ପରିସ୍ଥିତି ପ୍ରଭାବରେ ୧୦ରୁ ୧୨ କି.ମି. ଉଚ୍ଚତାକୁ ଉଠି ସେଠାରେ ହିମାଙ୍କ ତଳର ତାପମାତ୍ରା-ଯୁକ୍ତ ବାୟୁ- ସଂସ୍ପର୍ଶରେ ଆଣି ତାହା ବରଫ ସ୍ଫଟିକ ସୃଷ୍ଟି କରିଥାଏ ଏବଂ ମେଘ ଖଣ୍ଡ ମଧ୍ୟରେ ସୃଷ୍ଟି ଏହି ବରଫ ସ୍ଫଟିକଗୁଡ଼ିକ ପରସ୍ପର ସହ ଘର୍ଷଣ ଦ୍ୱାରା ସ୍ଥିର ବିଦ୍ୟୁତ୍ ଚାର୍ଜ ସୃଷ୍ଟି ହୋଇଥାଏ। ଏହି ବୈଦ୍ୟୁତିକ ଚାର୍ଜର ପ୍ରବାହ ହିଁ ବଜ୍ରପାତ। ବୈଜ୍ଞାନିକମାନଙ୍କ ମତରେ ମେଘ ମଧ୍ୟରେ ସୃଷ୍ଟି ଏହି ଚାର୍ଜର ନିଷ୍କାସନର ସ୍ଥାନ ଅନୁଯାୟୀ ବଜ୍ରପାତକୁ ୩ ଭାଗରେ ବିଭକ୍ତ କରାଯାଏ। ୧-ଗୋଟିଏ ନିର୍ଦ୍ଦିଷ୍ଟ ବାଦଲ ମଧ୍ୟରେ, ୨- ବାଦଲ ବାଦଲ ମଧ୍ୟରେ ଏବଂ ୩-ବାଦଲରୁ ଭୂପୃଷ୍ଠ ମଧ୍ୟରେ ବଜ୍ରପାତ। ବାୟୁମଣ୍ଡଳରେ ଉପସ୍ଥିତ ବାୟୁ ବିଦ୍ୟୁତ୍‌ର କୁପରିବାହୀ ତଥା ବାଦଲ ତୁଳନାରେ ବୈଦ୍ୟୁତିକ ପ୍ରତିରୋଧକ କ୍ଷମତା ଅଧିକ, ତେଣୁ ବାଦଲ-ଭୂପୃଷ୍ଠ ମଧ୍ୟରେ ହେଉଥିବା ବଜ୍ରପାତର ଅନୁପାତ ଅନ୍ୟ ଦୁଇ ପ୍ରକାର ବଜ୍ରପାତ ତୁଳନାରେ ବହୁତ କମ୍। ବାୟୁମଣ୍ଡଳରେ ଶୂନ ଡିଗ୍ରୀ ତାପମାତ୍ରା ବା ହିମାଙ୍କ ସ୍ତର ଭୂପୃଷ୍ଠର ଯେତେ ନିକଟତର ଥାଏ ସେହି ଅଞ୍ଚଳରେ ବଜ୍ରପାତର ଅନୁପାତ ସେତେ ଅଧିକ ହୋଇଥାଏ।

ବଜ୍ରପାତର ଏକ ବୋଲ୍ଟ, ଯାହା ପ୍ରାୟ ୩୦,୦୦୦ରୁ ୫୦,୦୦୦ କେଲଭିନ (୫୩,୫୪୦ ରୁ ୮୫,୪୦୦ ଡିଗ୍ରୀ ଫାରେନ୍‌ହାଇଟ୍)ର ତାପମାତ୍ରାରେ ପହଞ୍ଚିପାରେ। ଅନ୍ୟପକ୍ଷରେ, ସୂର୍ଯ୍ୟ ପୃଷ୍ଠର ତାପମାତ୍ରା ମାତ୍ର ୬,୦୦୦ କେଲଭିନ (୧୦,୩୪୦ ଡିଗ୍ରୀ ଫାରେନ୍‌ହାଇଟ୍)। ଅର୍ଥାତ୍ ଏକ ବଜ୍ରପାତରେ ସୃଷ୍ଟି ହେଉଥିବା ତାପମାତ୍ରା ସୂର୍ଯ୍ୟପୃଷ୍ଠର ତାପମାତ୍ରାଠାରୁ ପାଖାପାଖି ୫ରୁ ୮ ଗୁଣ ଯାଏ ଅଧିକ ଏବଂ ସାଧାରଣ ମନୁଷ୍ୟ ଶରୀରର ତାପମାତ୍ରା ୯୭ ଡିଗ୍ରୀ ଫାରେନ୍‌ହାଇଟ୍‌ଠାରୁ ପାଖାପାଖି ୩୧୦ରୁ ୪୭୦ ଗୁଣ ଯାଏ ଅଧିକ। ସାଧାରଣ ବଜ୍ରପାତରେ ପ୍ରାୟ ୩୦୦ ନିୟୁତ ଭୋଲ୍ଟ ବୈଦ୍ୟୁତିକ ଶକ୍ତି ଏବଂ ପ୍ରାୟ ୩୦,୦୦୦ ଆମ୍ପିଅର ସ୍ରୋତ ରହିଥାଏ। ତୁଳନାତ୍ମକ ଭାବରେ, ଘରୋଇ କରେଣ୍ଟ ହେଉଛି ୧୨୦ ଭୋଲ୍ଟ ଏବଂ ୧୫ ଆମ୍ପିଅର। ଏକ ସାଧାରଣ ବଜ୍ରପାତରେ ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ୧୦୦ ୱାଟ୍‌ର ଇନକାଣ୍ଡେସେଣ୍ଟ ଲାଇଟର ସମାନ କମ୍ପାକ୍ଟ ଫ୍ଲୋରୋସେଣ୍ଟ ବଲ୍‌ବକୁ ଆଲୋକିତ କରିବା ପାଇଁ ପର୍ଯ୍ୟାପ୍ତ ଶକ୍ତି ଗଚ୍ଛିତ ହୋଇଥାଏ।

ବାର୍ଷିକ ହାରାହାରି ବଜ୍ରପାତର ରେକର୍ଡ ଅନୁଯାୟୀ ପୂର୍ବଭାରତର ଓଡ଼ିଶା-ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ ପରି ରାଜ୍ୟଗୁଡ଼ିକ ହେଉଛି ବଜ୍ରପାତ ପ୍ରବଣ ଅଞ୍ଚଳ। ଉଭୟ ପ୍ରାକ୍-ମୌସୁମୀ ଏବଂ ମୌସୁମୀ ଋତୁ ଓଡ଼ିଶା ପରିପ୍ରେକ୍ଷୀରେ ବଜ୍ରପାତ ଦୃଷ୍ଟିରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ପ୍ରାକ୍-ମୌସୁମୀରେ ଦିନ ତମାମ ଉଚ୍ଚ ତାପମାତ୍ରା ପରେ ପୂର୍ବଦିଗରେ ବଙ୍ଗୋପସାଗର ଅଞ୍ଚଳରୁ ଓଡ଼ିଶା ମୁହାଁ ଜଳୀୟବାଷ୍ପରୁ ସୃଷ୍ଟି ମେଘ ଖଣ୍ଡ ସହ ଜଡ଼ିତ ବଜ୍ରପାତ ଏବଂ ଛୋଟନାଗପୁର ଅଞ୍ଚଳରେ ସୃଷ୍ଟି ମେଘଖଣ୍ଡଗୁଡ଼ିକର ପଶ୍ଚିମରୁ ପୂର୍ବଦିଗକୁ ଯାତ୍ରା ଏହି ସମୟରେ ବଜ୍ରପାତ ସଂଖ୍ୟାକୁ ବହୁଗୁଣିତ କରିଥାଏ। ଅନ୍ୟପକ୍ଷରେ ଦୁର୍ବଳ ମୌସୁମୀ ସମୟରେ ବାଦଲର ସୂର୍ଯ୍ୟ ଉତ୍ତାପ ପ୍ରଭାବରେ ଉତ୍ତପ୍ତ ବାୟୁମଣ୍ଡଳରେ ଉପସ୍ଥିତି ଜଳୀୟବାଷ୍ପରୁ ସୃଷ୍ଟି କରିଥାଏ ଭୟଙ୍କର ଉଚ୍ଚ-ମେଘ ଖଣ୍ଡ ସହ ବିପଜ୍ଜନକ ବଜ୍ରପାତ।

ଭାରତ ପାଣିପାଗ ବିଭାଗ ଏବଂ ଜଳବାୟୁ ସ୍ଥାୟୀ ପର୍ଯ୍ୟବେକ୍ଷଣ ପ୍ରଣାଳୀ ପ୍ରୋତ୍ସାହନ ପରିଷଦର ମିଳିତ ଉଦ୍ୟମରେ ୨୦୨୦-୨୦୨୧ରେ ଘଟିଥିବା ବଜ୍ରପାତ ଉପରେ ରିପୋର୍ଟ ବଜ୍ରପାତର ଭୟଙ୍କରର ଚିତ୍ରକୁ ପ୍ରକାଶ କରୁଛି। ଏହି ପ୍ରକାଶିତ ରିପୋର୍ଟ ଅନୁଯାୟୀ ୦୧ ଏପ୍ରିଲ ୨୦୨୦ରୁ ୩୧ ମାର୍ଚ୍ଚ ୨୦୨୧ ମଧ୍ୟରେ ଦେଶରେ ବଜ୍ରପାତଜନିତ ମୃତ୍ୟୁସଂଖ୍ୟା ହେଉଛି ପାଖାପାଖି ୧୬୧୯। ଏହି ରିପୋର୍ଟ କହୁଛି ବଜ୍ରପାତରେ ସାରା ଦେଶରେ ୩୪% ବୃଦ୍ଧି ଘଟିଛି। ୧ ଏପ୍ରିଲ ୨୦୧୯ରୁ ୩୧ ମାର୍ଚ୍ଚ ୨୦୨୦ ମଧ୍ୟରେ ବଜ୍ରପାତ ସଂଖ୍ୟା ୧୩୮୦୦୦୦୦ରୁ ବୃଦ୍ଧି ପାଇ ୧ ଏପ୍ରିଲ, ୨୦୨୦ରୁ ୩୧ ମାର୍ଚ୍ଚ ୨୦୨୧ ମଧ୍ୟରେ ଏହା ୧୮୫୪୪୩୬୭ରେ ପହଞ୍ଚିଛି। ଏହି ରିପୋର୍ଟରେ ତଥ୍ୟ ଅନୁଯାୟୀ ସର୍ବାଧିକ ୨୦୪୦୧୩୮ଟି ବଜ୍ରପାତରେ ଓଡ଼ିଶାରେ ସରକାରୀ ରେକର୍ଡ ଅନୁଯାୟୀ ୨୦୭ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଉତ୍ତରପ୍ରଦେଶ ଏବଂ ବିହାରରେ ଏହାର ଅଧା ବଜ୍ରପାତ ସହ ଦୁଇ ଗୁଣ କ୍ଷତି ଘଟିଛି। ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ସାହାଯ୍ୟ ଆୟୁକ୍ତଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ ବିଗତ ୧୧ ବର୍ଷ ମଧ୍ୟରେ ୩,୬୮୨ ଜଣଙ୍କ ପ୍ରାଣହାନି ଘଟିଛି। ମୌସୁମୀ ପୂର୍ବରୁ ପ୍ରାରମ୍ଭିକ ମୌସୁମୀ ପର୍ଯ୍ୟନ୍ତ କୃଷି କ୍ଷେତ୍ରରେ କିମ୍ବା ବଗିଚାରେ କାମ କରୁଥିବା ସମୟରେ କୃଷକମାନଙ୍କର ଅଧିକ ମୃତ୍ୟୁ ହୋଇଛି। ଉକ୍ତ ରିପୋର୍ଟରେ ତଥ୍ୟ ଅନୁଯାୟୀ ୭୧% ବଜ୍ରପାତଜନିତ ମୃତ୍ୟୁ ଗଛ ତଳେ ଠିଆ ହୋଇଥିବା ବେଳେ, ସର୍ବାଧିକ ବଜ୍ରପାତଜନିତ ମୃତ୍ୟୁ ବିହାରରେ କୃଷିକ୍ଷେତ୍ରରେ କାର୍ଯ୍ୟରତ କୃଷକମାନଙ୍କର ଘଟିଛି, ଯାହା କି ସମୁଦାୟ ମୃତ୍ୟୁର ୫୦%ରୁ ମଧ୍ୟ ଅଧିକ। ଉଭୟ ମୌସୁମୀ ଏବଂ ପ୍ରାକ୍ ମୌସୁମୀ ସମୟରେ ଉଚ୍ଚଶକ୍ତିସମ୍ପନ୍ନ ବଜ୍ରପାତଗୁଡ଼ିକର ତୀବ୍ରତା କ୍ରମାଗତ ଭାବେ ବୃଦ୍ଧି ପାଉଛି। ବିଭିନ୍ନ ଗବେଷଣାରୁ ଦେଖାଯାଇଛି, ଅରଣ୍ୟ ଅଞ୍ଚଳରେ ବଜ୍ରପାତଜନିତ ମୃତ୍ୟୁ କମ୍ ରହୁଥିବା ବେଳେ ପ୍ରଦୂଷଣଯୁକ୍ତ ଅଞ୍ଚଳରେ ଅଧିକ ରହୁଛି। ଏହାର ପ୍ରମୁଖ କାରଣ ହେଉଛି ଉଭୟ ପ୍ରଦୂଷଣମୟ ସହରାଞ୍ଚଳ ଏବଂ ଖଣି ଅଞ୍ଚଳରେ ବ୍ୟାପକ ପ୍ରଦୂଷଣ ତଥା ତାପମାତ୍ରା ବୃଦ୍ଧି ହେତୁ ବାୟୁମଣ୍ଡଳ ଅସ୍ଥିରତା ବଢୁଛି ଏବଂ ଏହା ତୀବ୍ର ବଜ୍ରପାତ ସୃଷ୍ଟିକରିବାରେ ସାହାଯ୍ୟ କରୁଛି। ଗ୍ଲୋବାଲ ୱାର୍ମିଂ, ଜଙ୍ଗଲ ନଷ୍ଟ, ଭୂପୃଷ୍ଠ ଜଳସ୍ତରର ଅବନତି, ପ୍ରଦୂଷଣ ପରିବେଶକୁ ଚରମ ସୀମାରେ ପହଞ୍ଚାଇଛି।

ଗତ ଦୁଇବର୍ଷ ଧରି ଓଡ଼ିଶା ବଜ୍ରପାତ ସଂଖ୍ୟା ଦୃଷ୍ଟିରୁ ଏକ ନମ୍ବରରେ ରହିଛି। ଏହାଯୋଗୁ ସମୁଦାୟ ମୃତ୍ୟୁ ସଂଖ୍ୟାର ୮୦ ପ୍ରତିଶତ ଗ୍ରାମାଞ୍ଚଳରେ ଶ୍ରମିକ ଏବଂ କୃଷକମାନଙ୍କର ହୋଇଛି। ଏହା ରାଜ୍ୟ ସରକାରଙ୍କ ପାଇଁ ଚିନ୍ତାର ବିଷୟ। ଗାଁ ଗହଳିରେ ଖାସ୍ କରି ଚାଷ ସହ ଜଡ଼ିତ କୃଷକ, ଗୋରୁ ଚରାଇବା, ପଡ଼ିଆରେ ଖେଳୁଥିବା ଶିଶୁ ଏବଂ ଖୋଲା ଅଞ୍ଚଳରେ ଥିବା ଲୋକଙ୍କୁ ଶୀଘ୍ର ବଜ୍ରପାତ ଚେତାବନୀ ଦେଇ ମୃତ୍ୟୁ କମ୍ କରିବା ଦରକାର। ମୃତ୍ୟୁ ରୋକିବା ପାଇଁ ବଜ୍ର ସୁରକ୍ଷା ଉପକରଣ ସ୍ଥାପନ ଭଳି ଏକ ସ୍ଥାନୀୟ ବଜ୍ର ସୁରକ୍ଷା କାର୍ଯ୍ୟ ଯୋଜନା ମଧ୍ୟ ଆବଶ୍ୟକ। କିଛି ବର୍ଷ ଧରି ରାଜ୍ୟରୁ ପଡ଼ୋଶୀ ରାଜ୍ୟକୁ ତାଳଗଛର ଚୋରା ଚାଲାଣ ଯୋଗୁ ଗ୍ରାମାଞ୍ଚଳରେ ବଜ୍ରପାତଜନିତ ମୃତ୍ୟୁ ଅଧିକ ରହୁଛି। ବିପଦକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟଗୁଡ଼ିକ ବଜ୍ରପାତ ପ୍ରବଣ ଅଞ୍ଚଳଗୁଡ଼ିକୁ ଛୋଟ ଅଞ୍ଚଳରେ ଭାଗକରି ଉପଯୁକ୍ତ ପଦକ୍ଷେପ ନେବା ଆବଶ୍ୟକ। ପାଣିପାଗ ବିଭାଗ ବଜ୍ରପାତ ପୂର୍ବାନୁମାନ ବ୍ୟବସ୍ଥା ସ୍ଥାପନ କରିଛି ଏବଂ ଘଟଣାଗୁଡ଼ିକ ପାଇଁ ରଙ୍ଗ-କୋଡ୍ ଚେତାବନୀ ଦେଉଛି। ବୈଷୟିକ-ବିଜ୍ଞାନ ଭିତ୍ତିକ ଜ୍ଞାନକୌଶଳ ବ୍ୟବହାର କରି ଉପଗ୍ରହ ପର୍ଯ୍ୟବେକ୍ଷଣ, ଡପଲର ରାଡାରରୁ ତଥ୍ୟ ଏବଂ ଅନ୍ୟାନ୍ୟ ରାଡାର ପରି ଏକାଧିକ ଉତ୍ସ ବ୍ୟବହାର କରି ଏହି ପୂର୍ବାନୁମାନ ସୃଷ୍ଟି ହେଉଥିଲେ ବି ଠିକ୍ ସମୟରେ ଠିକ୍ ଲୋକଙ୍କ ପାଖରେ ପହଞ୍ଚିପାରିଲେ ବଜ୍ରପାତଜନିତ ମୃତ୍ୟୁ ହାରକୁ ବହୁ ପରିମାଣରେ କମ କରାଯାଇ ପାରିବ। ଓଡ଼ିଶା ସରକାରଙ୍କ ଜୀବନହାନି ପିଛା ୪ ଲକ୍ଷ ସାହାଯ୍ୟ ବଜ୍ରପାତ ପରି ବିପର୍ଯ୍ୟୟର ସମାଧାନ ନୁହେଁ, ବର୍ଦ୍ଧିତ ବଜ୍ରପାତକୁ ନଜରରେ ରଖି ଗ୍ରାମାଞ୍ଚଳରେ ବ୍ୟାପକ ସଚେତନତା ସହ ଉପଯୁକ୍ତ ପଦକ୍ଷେପ ମୃତ୍ୟୁସଂଖ୍ୟା କମ୍ କରିବାର ଏକ ମାତ୍ର ବିକଳ୍ପ।

**ବୈଜ୍ଞାନିକ, ପାଣିପାଗ କେନ୍ଦ୍ର, ଭୁବନେଶ୍ୱର**
**ମୋ: ୭୯୭୮୭୩୬୫୮୦**

# ବିବର୍ତ୍ତନର ପରିପୋଷକ ବର୍ଣ୍ଣାଶ୍ରମ



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ଐଶୀ ବିଧାନରେ ପ୍ରକୃତି ବକ୍ଷରେ ଯେଉଁ ସୃଷ୍ଟି- ସ୍ଥିତି- ବିନାଶର ନିତ୍ୟ ଲୀଳା ସଂଘଟିତ ହୋଇ ଚାଲିଛି ତାହାର ଏକ ପ୍ରଧାନ ଉଦ୍ଦେଶ୍ୟ ହେଲା– ଊର୍ଦ୍ଧ୍ୱମୁଖୀ ବିବର୍ତ୍ତନ ବା କ୍ରମାଗତ ଉତ୍କର୍ଷରେ ବିକାଶ ଲାଭ କରିବା। ସର୍ବବ୍ୟାପୀ ସତ୍ତା ସର୍ବଦା ନାନା ଗୁଣ- କର୍ମ-ଯୁକ୍ତ ହୋଇ ବିଭିନ୍ନ ବୈଶିଷ୍ଟ୍ୟରେ ବିବର୍ତ୍ତିତ ହୋଇ ଚାଲିଛନ୍ତି। ଏହିପରି ସୃଷ୍ଟି ହୋଇଛି କେତେ ପ୍ରକାର ଜୀବଜନ୍ତୁ, ପଶୁପକ୍ଷୀ, କୀଟପତଙ୍ଗ ଏବଂ ବୃକ୍ଷଲତା। ମଣିଷ ମଧ୍ୟ ପ୍ରକୃତିର ଏହି ନିୟମର ଅଧୀନ। ତେଣୁ ସହଜାତ ଗୁଣ-କର୍ମଯୁକ୍ତ ହୋଇ ମଣିଷ ମଧ୍ୟ ପରସ୍ପରଠାରୁ ଭିନ୍ନ ଭିନ୍ନ ହୋଇଥାଏ। ପ୍ରତ୍ୟେକଟି ମଣିଷର ଗୁଣ-କର୍ମ-ଯୁକ୍ତ ସହଜାତ ବୈଶିଷ୍ଟ୍ୟକୁ ଉପଯୁକ୍ତ ପୋଷଣ ଦେଇ ତାହାର ଉନ୍ନୟନକୁ ନିଶ୍ଚିତ ଏବଂ ପରସ୍ପରର ପରିପୂରକ ଭାବରେ ଗଢ଼ିତୋଳିବା ସହିତ ସାମାଜିକ ସଂହତିକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ବର୍ଣ୍ଣାଶ୍ରମ ବ୍ୟବସ୍ଥାର ପ୍ରବର୍ତ୍ତନ କରିଥିଲେ ଆର୍ଯ୍ୟ ଋଷିଗଣ। ଯେଉଁମାନଙ୍କ ମଧ୍ୟରେ ଈଶ୍ୱରୋପାସନା, ଅଧ୍ୟୟନ, ଅଧ୍ୟାପନା, ଗବେଷଣା, ଯଜନ- ଯାଜନ, ଦାନ- ପ୍ରତିଗ୍ରହ ଇତ୍ୟାଦି ଗୁଣର ବିଶେଷ ପ୍ରାଧାନ୍ୟ ଲକ୍ଷ୍ୟ କରାଯାଇଥିଲା ସେମାନଙ୍କୁ ନେଇ ହିଁ ବିପ୍ର ବର୍ଣ୍ଣ ସୃଷ୍ଟି ହୋଇଛି। ସେହିପରି ଯେଉଁମାନେ ଆଦର୍ଶପ୍ରାଣ ହୋଇ ସମାଜକୁ କ୍ଷୟକାରୀ ଶକ୍ତିଙ୍କ ଆକ୍ରମଣରୁ ତ୍ରାଣ କରିବା ପାଇଁ ବାସ୍ତବ ଭାବରେ ନିଜର ଜୀବନକୁ ଉତ୍ସର୍ଗ କରିଥାନ୍ତି ସେମାନଙ୍କୁ କ୍ଷତ୍ରିୟ କୁହାଗଲା। ଯେଉଁମାନେ ଧର୍ମପଥରେ ମଣିଷର ପ୍ରୟୋଜନ ପୂରଣ ଏବଂ ଅର୍ଥନୈତିକ ସେବା ଦ୍ୱାରା ଅର୍ଥ ଏବଂ ଐଶ୍ୱର୍ଯ୍ୟ ଆହରଣ କରି ସମାଜକୁ ସମୃଦ୍ଧ କରିବା ସହିତ ନିଜେ ସମ୍ବର୍ଦ୍ଧିତ ହୋଇପାରନ୍ତି ସେମାନଙ୍କୁ ନେଇ ହିଁ ବୈଶ୍ୟବର୍ଣ୍ଣର ସୃଷ୍ଟି ହୋଇଥିଲା। ଚତୁର୍ଥତଃ ଯେଉଁମାନେ ସୂଚୀକୃତ ବା ଶୁଦ୍ଧ ଏବଂ ଯେଉଁମାନେ ସେବାପ୍ରାଣ ଶ୍ରମ ଦ୍ୱାରା ସମାଜର ପରିଚର୍ଯ୍ୟା କରି ନିଜର ଉତ୍କର୍ଷ ସାଧନ କରୁଥିଲେ ସେମାନଙ୍କୁ ହିଁ ଶୂଦ୍ର କୁହାଯାଉଥିଲା। ଏହି ବ୍ୟବସ୍ଥା ଦ୍ୱାରା ପ୍ରତିଟି ବର୍ଣ୍ଣର ସଦସ୍ୟଗଣ ସ୍ୱକୀୟ ବୈଶିଷ୍ଟ୍ୟ ପଥରେ ଉନ୍ନତ ଏବଂ ବିବର୍ତ୍ତିତ ହୋଇ ଚାଲିବା ସଙ୍ଗେ ସଙ୍ଗେ ପରସ୍ପରର ଅନୁପୂରକ ହୋଇ ସାମାଜିକ, ସଂହତି ଏବଂ ରାଷ୍ଟ୍ରୀୟ ସମ୍ବର୍ଦ୍ଧନାକୁ ନିଶ୍ଚିତ କରିପାରିଥିଲେ।

ବର୍ଣ୍ଣାଶ୍ରମର ସୁସଙ୍ଗତ ପାଳନ ଫଳରେ ପ୍ରାଚୀନ ଭାରତୀୟ ସମାଜ ଜ୍ଞାନ-ବିଜ୍ଞାନ, ଶୌର୍ଯ୍ୟ-ବୀର୍ଯ୍ୟ, ଅର୍ଥ-ଐଶ୍ୱର୍ଯ୍ୟ ଏବଂ ଐକ୍ୟ-ସଂହତିରେ ଜଗତରେ ଶ୍ରେଷ୍ଠ ଆସନ ଅଧିକାର କରିଥିଲା। ସେତେବେଳେ କୌଣସି ବିଦେଶୀ ଶକ୍ତି ଭାରତକୁ ଆକ୍ରମଣ କରିବା କଥା ସ୍ୱପ୍ନରେ ମଧ୍ୟ ଚିନ୍ତା କରିପାରୁ ନ ଥିଲେ। ଏହାର ବହୁ କାଳ ପରେ ବିଶ୍ୱବିଜେତା ଆଲେକଜାଣ୍ଡର ଯେତେବେଳେ ଭାରତବର୍ଷକୁ ଆକ୍ରମଣ କଲେ ସେ ପରାଜିତ ରାଜା ପୁରୁଙ୍କର କ୍ଷତ୍ରିୟୋଚିତ ପରାକ୍ରମ, ସାହସ ଏବଂ ତେଜସ୍ୱିତା ତଥା ତକ୍ଷଶୀଳାର ବ୍ରାହ୍ମଣ ପଣ୍ଡିତଙ୍କର ବ୍ରହ୍ମତେଜର ଦୀପ୍ତି ଦେଖି ସ୍ତମ୍ଭୀଭୂତ ହୋଇଯାଇଥିଲେ। ମଣିଷର ସହଜାତ ବୈଶିଷ୍ଟ୍ୟକୁ ପୋଷଣ ଦେଇ ପୁରୁଷାନୁକ୍ରମେ ତାହାକୁ ଉନ୍ନତ, ସୁଦକ୍ଷ ଏବଂ ସାର୍ଥକ କରିବାର ଏଭଳି ଅନନ୍ୟ ପନ୍ଥା ପୃଥିବୀର ଅନ୍ୟ କୌଣସି ଦେଶର ଲୋକଙ୍କୁ ଜଣା ନ ଥିଲା। ବର୍ଣ୍ଣାଶ୍ରମ ମାଧ୍ୟମରେ ଏହି ବୈଶିଷ୍ଟ୍ୟାନୁଗତଯୋଗ୍ୟତା ଏବଂ ଦକ୍ଷତା ବଂଶ ପରମ୍ପରାକ୍ରମେ କର୍ଷିତ ହୋଇ ଜନ୍ମଗତ ସଂସ୍କାରରେ ପରିଣତ ହୋଇଯାଏ ଏବଂ ଏହା ପ୍ରତିଟି ପ୍ରଜନ୍ମର ରେତଧାରା ମଧ୍ୟରେ ପ୍ରବେଶ କରି ହଜାର ବର୍ଷ ପର୍ଯ୍ୟନ୍ତ ସ୍ୱାଭାବିକ ଦକ୍ଷତା ରୂପରେ ସଂରକ୍ଷିତ ହୋଇ ରହିପାରେ। ଉଦାହରଣ ସ୍ୱରୂପ ଏବେ ବି ଜଣେ ବିପ୍ରର ସହଜାତ ପ୍ରଜ୍ଞା ଏବଂ ସାତ୍ତ୍ୱିକ ଗୁଣବତ୍ତା, ଜଣେ କ୍ଷତ୍ରିୟର ପରାକ୍ରମୀ ବୀର୍ଯ୍ୟବତ୍ତା ଏବଂ ଶାସନ ଦକ୍ଷତା, ଜଣେ ବୈଶ୍ୟର କୃଷି, ଗୋପାଳନ ଏବଂ ବ୍ୟବସାୟିକ ଦକ୍ଷତା ତଥା ଜଣେ ଶୂଦ୍ରର ସହଜ ସେବା ସୌକର୍ଯ୍ୟ ଶତଚେଷ୍ଟାରେ ମଧ୍ୟ ଅନ୍ୟ କାହା ମଧ୍ୟରେ ସୃଷ୍ଟି କରାଯାଇ ପାରିବ ନାହିଁ। ଦୁଃଖର କଥା ନାନା କାରଣରୁ ବୌଦ୍ଧଯୁଗର ଶେଷ ଭାଗରେ ଭାରତବର୍ଷର ଗୌରବ ମୁକୁଟ ଏହି ବର୍ଣ୍ଣାଶ୍ରମ ବ୍ୟବସ୍ଥା କ୍ରମେ ବିକୃତ ଏବଂ ବିପର୍ଯ୍ୟସ୍ତ ହୋଇପଡ଼ିଲା। ଭାରତୀୟମାନେ ହୋଇଉଠିଲେ କ୍ରମେ କ୍ରମେ ଶୌର୍ଯ୍ୟ-ବୀର୍ଯ୍ୟହରା, ସ୍ୱାର୍ଥାନ୍ୱେଷୀ, ଦୁର୍ବଳ, ଐକ୍ୟ-ସଂହତିହରା, ପରସ୍ପର ବିଚ୍ଛିନ୍ନ। ଏହାର ପରିଣାମସ୍ୱରୂପ ମୋଗଲ ଏବଂ ବ୍ରିଟିଶମାନେ ଏ ଦେଶକୁ ଅଧିକାର କରି ସାମ୍ରାଜ୍ୟ ପ୍ରତିଷ୍ଠା କଲେ। ପ୍ରକୃତରେ ମୋଗଲ ଏବଂ ବ୍ରିଟିଶମାନଙ୍କ ଅଧୀନରେ ଭାରତୀୟମାନେ ପରାଧୀନତା ଶୃଙ୍ଖଳରେ ଆବଦ୍ଧ ହୋଇ ଏକପ୍ରକାର ଦାସତ୍ୱସୁଲଭ ମନୋଭାବାପନ୍ନ ହୋଇଯାଇଛନ୍ତି। ଏବେ ଦେଶ ସ୍ୱାଧୀନ ହୋଇଛି କିନ୍ତୁ ବର୍ଣ୍ଣାଶ୍ରମ ହଜିଯାଇଛି ଜଟିଳ ଜାତିପ୍ରଥା, ଉଚ୍ଚନୀଚ ଭେଦଭାବ, ଅସ୍ପୃଶ୍ୟତା ପ୍ରଭୃତି ସାମାଜିକ ବ୍ୟଭିଚାର ମଧ୍ୟରେ।

ସ୍ୱାଧୀନତାର ୭୦ ବର୍ଷ ପରେ ମଧ୍ୟ ଜଣେ ନିମ୍ନବର୍ଣ୍ଣର ବ୍ୟକ୍ତିଙ୍କୁ ସାଧାରଣ କୂଅରୁ ପାଣି ନେବାର ଅଧିକାର ନାହିଁ, ମନ୍ଦିର ପ୍ରବେଶର ଅଧିକାର ନାହିଁ, ସର୍ବସାଧାରଣ ଜାନିଯାତ୍ରାରେ ଅଂଶ ଗ୍ରହଣ କରିବାର ଅଧିକାର ନାହିଁ। ଏହାକୁ ବର୍ଣ୍ଣାଶ୍ରମ ନ କହି ବର୍ଣ୍ଣାଶ୍ରମର ବିକୃତ ଅବସ୍ଥା କୁହାଯାଇପାରେ, ଯାହା ମୂଳରେ ରହିଛି କେବଳ ଅହଂମତ୍ତ ହୀନମନ୍ୟତା ବୋଧ। ଯଥାର୍ଥ ବର୍ଣ୍ଣାଶ୍ରମ ବ୍ୟବସ୍ଥାରେ ସବୁ ବର୍ଣ୍ଣର ଲୋକଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରାଯାଉଥିଲା। ଚାରିବର୍ଣ୍ଣର ଲୋକମାନଙ୍କ ମଧ୍ୟରେ ପ୍ରୀତି-ସଂହତି ଏବଂ ସହଯୋଗ ମନୋଭାବ ଯୋଗୁଁ ଦେଶଟା, ଐକ୍ୟବଦ୍ଧ ହୋଇ ରହୁଥିଲା। ସମାଜରେ ଶାନ୍ତି ଶୃଙ୍ଖଳା ବଜାୟ ରହୁଥିଲା। କେହି କାହାରି ବୃତ୍ତି ହରଣ କରୁ ନ ଥିବାରୁ ଦେଶରେ ବେକାର ସମସ୍ୟା ନ ଥିଲା। ମେଘାସ୍ଥିନିସ୍, ହୁଏନ୍‌ସାଂ, ଫାହିଆନ୍ ଏବଂ ଆଲବେରୁଣୀ ପ୍ରମୁଖ ପର୍ଯ୍ୟଟକଙ୍କ ବିବରଣୀରେ ଏହାର ଭୂରି ଭୂରି ପ୍ରମାଣ ରହିଛି। ତେଣୁ ଶ୍ରୀ ଶ୍ରୀ ଠାକୁର କହିଛନ୍ତି ଭାରତବର୍ଷକୁ ପୁନର୍ବାର ବିଶ୍ୱ ଦରବାରରେ ସ୍ୱମହିମାରେ ପ୍ରତିଷ୍ଠିତ ହେବାକୁ ହେଲେ ନିଜସ୍ୱ କୃଷ୍ଟିରେ ଦୃଢ଼ ରହି ଏକାଦର୍ଶପରାୟଣ ହୋଇ ଚାତୁର୍ବର୍ଣ୍ଣାଶ୍ରମ ଏବଂ 'ପଞ୍ଚବର୍ହିଃ'ର ବିହିତ ପାଳନରେ ନିଜକୁ ଉନ୍ନତ ଏବଂ ସମ୍ବର୍ଦ୍ଧିତ କରିତୋଳିବାକୁ ପଡ଼ିବ। (ଆର୍ଯ୍ୟକୃଷ୍ଟି-୧୪୫ ଭାବାର୍ଥ)। ବାସ୍ତବରେ ବର୍ଣ୍ଣାଶ୍ରମ ଏକ ପ୍ରାକୃତିକ ସତ୍ୟ– ଏହାକୁ ଅସ୍ୱୀକାର କରାଯାଇପାରେ, କିନ୍ତୁ ଉଡ଼ାଇ ଦେଇ ହେବ ନାହିଁ।

**ପ୍ଲଟ ନଂ. ୫୦୬,**
**ନୟାପଲ୍ଲୀ, ଭୁବନେଶ୍ୱର**
**ମୋ: ୯୪୩୭୨୮୭୯୬୪**

## ଏଇ ଭାରତରେ

ମୁମ୍ବାଇରେ ଫୁଡ୍ ଫରେଷ୍ଟ ସୃଷ୍ଟି କରି ଜର୍ଜ ରେମିଡିଓସ୍ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଜର୍ଜଙ୍କ ବୟସ ୩୬। ସେ ୬ ବର୍ଷରେ ମୁମ୍ବାଇରେ ୧୦ଟି ଛୋଟ ଛୋଟ ଫୁଡ୍ ଫରେଷ୍ଟ ବା ଖାଦ୍ୟଭିତ୍ତିକ ଜଙ୍ଗଲ କରିଛନ୍ତି। ଏଥିରେ ଅମୃତଭଣ୍ଡା, ପିଜୁଳି, ଡାଳିମ୍ବ, କଦଳୀ, ଆମ୍ବ, ସଜନାଛୁଇଁ ସହ ଆହୁରି ଅନେକ ପ୍ରକାର ଫଳ ଗଛ ଲଗାଇଛନ୍ତି। କମ୍ ଜାଗାରେ ଏହି ଜଙ୍ଗଲ କରୁଛନ୍ତି ଓ ପ୍ରତ୍ୟେକରେ ପାଖାପାଖି ୧୦୦ ମଧ୍ୟରେ ଗଛ ଲଗାଉଛନ୍ତି। ଜଙ୍ଗଲରେ ଏବେ ବହୁ ପ୍ରକାର ପକ୍ଷୀ ଓ ମହୁମାଛିଙ୍କୁ ଦେଖିବାକୁ ମିଳୁଛି। ବୃଦ୍ଧାଶ୍ରମ, ଅନାଥ ଆଶ୍ରମ ଓ ସ୍କୁଲଗୁଡ଼ିକ ସହ ଚୁକ୍ତି କରି ସେମାନଙ୍କ ଜାଗାରେ ଜଙ୍ଗଲ କରୁଛନ୍ତି ଜର୍ଜ। ସେଠାକାର ଅଧିବାସୀଙ୍କୁ ଗଛର ସୁରକ୍ଷା ଦାୟିତ୍ୱ ଦେଉଛନ୍ତି। ଏହାଦ୍ୱାରା ପିଲାମାନଙ୍କର ଜଙ୍ଗଲ ପ୍ରତି ଆଗ୍ରହ ବୃଦ୍ଧି ପାଉଛି। ଜଙ୍ଗଲରେ ଜର୍ଜ ଛତୁଚାଷ କରିବାର ବ୍ୟବସ୍ଥା କରିଛନ୍ତି। ତାଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା 'ଟର୍ନିଂ ଟାଇଡ୍' ସଂସ୍ଥା ମାଧ୍ୟମରେ ଏହି ଜଙ୍ଗଲ କରାଯାଉଛି। ୧୦ଟି ଜଙ୍ଗଲରେ ମୋଟରେ ୧୦୦୦ ଗଛ ଲଗାଇଥିଲେ ଓ ଏବେ ସେଥିରୁ ୮୦% ରହିଛି। ଗୋଟିଏ ଫୁଡ୍ ଫରେଷ୍ଟ ଲାଗି ୧୫ରୁ ୩୦ ହଜାର ଟଙ୍କା ଖର୍ଚ୍ଚ ହେଉଛି ଓ ଲୋକମାନଙ୍କଠାରୁ ଦାନ ଆକାରରେ ଏହା ମିଳୁଛି ବୋଲି କହନ୍ତି ଜର୍ଜ।

## ଚିରନ୍ତନୀ

ଅସୀମ କାଳର ସ୍ରୋତେ
ମୋ ଜୀବନ-କାଳ ଯେତେ ସାନ
ହେଉ ପଛେ କ୍ଷୀଣତମ
କ୍ଷୁଦ୍ରତମ ବୁଦ୍‌ବୁଦ ସମାନ। -(ଶୂନ୍ୟ ଚିନ୍ତା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ନକଲି ଡାକ୍ତର, ନକଲି ଔଷଧର ତଦନ୍ତ କରୁଛି କିଏ

ମହାଶୟ,

କରୋନାର ଦୁର୍ଦ୍ଦିନରେ ଦେଶ ଓ ରାଜ୍ୟରେ ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀଗୁଡ଼ିକ ନିର୍ଦ୍ୱନ୍ଦ୍ୱରେ କାୟା ବିସ୍ତାର କରି ଚାଲିଛନ୍ତି। କଳାବଜାରକାରୀଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ଦିନକୁ ଦିନ ଅରାଜକତା ବ୍ୟାପିବାରେ ଲାଗିଛି। ମୁଖ୍ୟ କଥା ହେଲା, କରୋନା ମହାମାରୀର ମୂଳୋତ୍ପାଟନ ପାଇଁ ସମସ୍ତେ ବ୍ୟସ୍ତ, ବିବ୍ରତ ଏବଂ ସଚେତନ। କିନ୍ତୁ କଳାବଜାର କରୁଥିବା ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀଙ୍କ ଉପରେ ନଜର ରଖିବାକୁ କାହାକୁ ସମୟ ନାହିଁ। ଜନସାଧାରଣଙ୍କ ବଞ୍ଚିବାର ରାହାକୁ ସରକାର ଅଣଦେଖା କରିବା ଏକ ବିଡ଼ମ୍ବନା। ପରିତାପର ବିଷୟ, ଏ ମାନବସମାଜ ଆଶାବାଦୀ ପଛରେ ଧାଇଁଛି। ସମାଜ ପାଇଁ ସଂସ୍କାର ଆବଶ୍ୟକତା ଜରୁରୀ। ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ ବିଷୟରେ ନୀତି ନିୟମ ପରିବର୍ତ୍ତନ କରାଯିବା ଆବଶ୍ୟକ। ନକଲି କାରବାରକୁ ରୋକିବା ଲାଗି ସୁପ୍ରିମକୋର୍ଟ ଓ ହାଇକୋର୍ଟ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ଦରକାର। ଭବିଷ୍ୟତ ପାଇଁ ନକଲି ଔଷଧ, ନକଲି ଡାକ୍ତରଙ୍କ ମୂଳୋତ୍ପାଟନ ଅତ୍ୟନ୍ତ ଜରୁରୀ। ଦୁର୍ନୀତିର ଚେର ମାଡ଼ି ଚାଲିଛି। ଏଣୁ ସରକାର ଏଥିପାଇଁ ତଦନ୍ତ ଓ ଉପଯୁକ୍ତ ପଦକ୍ଷେପ ନ ନେଲେ, ଶୃଙ୍ଖଳା ପରିବର୍ତ୍ତେ ବିଶୃଙ୍ଖଳା ବୃଦ୍ଧି ପାଇବ।

–ଆଦିକନ୍ଦ ସାହୁ, ଇଚ୍ଛାପୁର, କେନ୍ଦ୍ରାପଡ଼ା

## ପୁରୁଣା ଉପନ୍ୟାସ ଓଡ଼ିଆ ଚଳଚ୍ଚିତ୍ର ହେଲେ...

ବର୍ତ୍ତମାନ ତେଲୁଗୁ, ମାଲୟାଲମ୍ ଓ ହିନ୍ଦୀ ଚଳଚ୍ଚିତ୍ର ସବୁର ଅନୁସରଣରେ ଓଡ଼ିଆ ଚଳଚ୍ଚିତ୍ର ନିର୍ମିତ ହେଉଛି। ଏଥିରେ କେବଳ ପ୍ରେମ, ହିଂସା ଉପଜୀବ୍ୟ ହେଉଛି। ଆମ ସମୟରେ ଚଳଚ୍ଚିତ୍ର ସବୁ ସିନେମା ହଲ୍‌ରେ ସପରିବାର ଦେଖୁଥିଲୁ। ଏବେ ସେପରି ହେବ ନାହିଁ। କନକଲତା, ବନ୍ଧୁ ମହାନ୍ତି, ଶ୍ରୀଜଗନ୍ନାଥ, କୃଷ୍ଣସୁଦାମା, ରାମାୟଣ, ସାକ୍ଷୀଗୋପୀନାଥ, ନୀଳମାଧବ ପରି ଚଳଚ୍ଚିତ୍ର ନିର୍ମାଣ କରାଯାଉନାହିଁ। ପୁରୁଣା ଉପନ୍ୟାସ କାହାଣୀକୁ ନେଇ ଚଳଚ୍ଚିତ୍ର କରାଗଲେ ଆଧୁନିକ ଦର୍ଶକ ତାହା ହଲ୍‌ରେ ଦେଖିବେ ତ ? ପ୍ରଯୋଜକ ଦେବାଳିଆ ହେବେ ନାହିଁ ତ ?

–ଶ୍ରୀରାମଚନ୍ଦ୍ର ଦାଶ, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବିଦ୍ୟୁତ୍ ଅଫିସ୍ ଘେରିଲା ଭାଜପା

**ସରଣ୍ଡା,(ଡି.ଏନ.ଏ):** ୫ଦଫା ଦାବି ନେଇ ସୋମବାର ଭାଜପା ପକ୍ଷରୁ ବିଦ୍ୟୁତ ବିଭାଗ(ଟାଟା ପାୱାର)ର ଅତାବିରା ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା। ଏହାସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଖଣ୍ଡ ଅଧିକାରୀ(ଏସ୍‌ଡିଓ)ଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବର୍ଦ୍ଧିତ ବିଦ୍ୟୁତ ଶୁଳ୍କ ପ୍ରତ୍ୟାହାର, ଲୋ ଭୋଲଟେଜ ସମସ୍ୟାର ସମାଧାନ, ଅଘୋଷିତ ବିଦ୍ୟୁତ କାଟ୍ ବନ୍ଦ କରି ୨୪ଘଣ୍ଟିଆ ବିଦ୍ୟୁତ ସେବା ପ୍ରଦାନ, କୃଷିକ୍ଷେତ୍ର ଏବଂ ଶୀତଳ ଭଣ୍ଡାର ପାଇଁ ବିଦ୍ୟୁତ ଦେୟରେ ସବ୍‌ସିଡ଼ି ପ୍ରଦାନ, ବକେୟା ବିଦ୍ୟୁତ୍ ଦେୟ ପଇଠ କୋହଳ କରାଯିବାକୁ ଦାବି ହୋଇଛି। ଭାଜପା ଜିଲା ସାଧାରଣ ସମ୍ପାଦକ କୁଶ କୁମ୍ଭାରଙ୍କ ନେତୃତ୍ୱରେ ଅମିତ କୁମାର ସାହୁ, ଅର୍ଜୁନ ବାଗ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ବଢୁଛି ଆପରାଧିକ କାର୍ଯ୍ୟ, ପୋଲିସ ହାତ ଖାଲି

**ଅତାବିରା,୨୬।୭ (ଡି.ଏନ.ଏ):** ଦିନକୁ ଦିନ ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଅତାବିରା, ଭେଡେନ ଥାନା ଓ ଗୋଡଭଗା, ରୁଖୁଡା ଫାଣ୍ଡି ଅଞ୍ଚଳରେ ଚୋରି, ଡକାୟତି, ଲୁଟ, ରାଜହାନି ଘଟଣା ବଢ଼ିଚାଲିଛି। ପୋଲିସର ଢିଲା ପାଟ୍ରୋଲିଂ ଯୋଗୁ ଏଭଳି ଆପରାଧିକ କାର୍ଯ୍ୟ ବଢୁଥିବା ଆଲୋଚନା ହେଉଛି। ଗତ ଶନିବାର ସମ୍ବଲପୁରର ସୁନା ବ୍ୟବସାୟୀଙ୍କ ଠାରୁ ୩୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ଲୁଟେରାମାନେ ଲୁଟ କରି ଫେରାର ଅଛନ୍ତି। ୪୮ ଘଣ୍ଟା ପରେ ବି ଲୁଟେରାଙ୍କ ପତ୍ତା ମିଳିନାହିଁ। ଏହାପୂର୍ବରୁ ଅତାବିରା, ଭେଡେନ ଅଞ୍ଚଳରେ ଲୁଟ୍ ଘଟଣାରେ ପୋଲିସ ଅପରାଧୀଙ୍କ ଟେର ପାଇପାରିନାହିଁ। ଦିନକୁ ଦିନ ଚୋରି ବଢ଼ି ଚାଲିଥିବାରୁ ଲୋକେ ଭୟଭୀତ ହୋଇପଡିଲେଣି। ତେବେ ଲୁଟେରାମାନେ ଏପର୍ଯ୍ୟନ୍ତ ଧରାପଡି ନ ଥିବା ଭେଡେନ ଥାନାଧିକାରୀ ସଙ୍ଗୀତା ମହାପାତ୍ର କହିଛନ୍ତି।

### ବାଇକ୍ ଅଟକାଇ ଲୁଟ୍

**ବରଗଡ଼ ଅଫିସ୍,୨୬।୭:** ବରଗଡ଼ ଜିଲା ଗାଇସିଲେଟ ଥାନା ଚାଣ୍ଟିପାଲି ଛକ ନିକଟରେ ସୋମବାର ଦିନ ଦ୍ୱିପ୍ରହରରେ ଲୁଟ୍ ହୋଇଛି। ଗାଇସିଲେଟ ତହସିଲ ଅଫିସରେ କାର୍ଯ୍ୟରତ ସହକାରୀ ରାଜସ୍ୱ ନିରୀକ୍ଷକ ଆଶିଷ କୁମାର ଭୋଇଙ୍କଠାରୁ ମୋବାଇଲ ଏବଂ ସେ ଧରିଥିବା ଏୟାରବ୍ୟାଗ୍‌କୁ ଲୁଟି ନେଇ ଲୁଟେରାମାନେ ଫେରାର ହୋଇ ଯାଇଛନ୍ତି। ଏ ନେଇ ଭୋଇ ଗାଇସିଲେଟ ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ ସହିତ ଏହାର ଅଧିକ ତଦନ୍ତ କରୁଛି। ଭୋଇ ଏକ ବାଇକ୍ ଯୋଗେ ଯାଉଥିବାବେଳେ ଚାଣ୍ଟିପାଲି ଛକ ନିକଟକୁ ୩ଜଣ ମୁଖାପିନ୍ଧା ଲୁଟେରା ପହଞ୍ଚି ଲୁଟ୍‌ପାଟ୍ କରିଥିବା ଅଭିଯୋଗ ହୋଇଛି।

### ବିଏସ୍‌ପିର କାର୍ଯ୍ୟକର୍ତ୍ତା ମନୋନୀତ

ଭବାନୀପାଟଣା, ୨୬।୭ (ଡି.ଏନ.ଏ.): ଭବାନୀପାଟଣା ନକଟିଗୁଡା ଆମ୍ବେଦକର ଭବନଠାରେ ବହୁଜନ ସମାଜ ପାର୍ଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ଜଳନ୍ଧର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବହୁଜନ ସମାଜ ପାର୍ଟି ଓଡିଶା ଶାଖାର ରାଜ୍ୟ ସଭାପତି ଟଙ୍କଧର ବାଗ, ସମ୍ମାନିତ ଅତିଥି ରାଜ୍ୟ ସମ୍ପାଦକ ଦେବୀ ଚରଣ ଭାଟି, ନୂଆପଡା ଜିଲା ପ୍ରଭାରୀ ପୂର୍ଣ୍ଣଚନ୍ଦ୍ର ନେତାମ ଓ ନୂଆପଡା ଜିଲା ସଭାପତି କୁନ୍ତୀ ସସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବବସରରେ ବିଏସ୍‌ପିର ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ଜିଲା ପ୍ରଭାରୀ ଭାବେ ଦାମୋଦର ଛତ୍ରିଆ, ଜିଲା ସଭାପତି ଆଇନଜୀବୀ ଜଳନ୍ଧର ବେହେରା, ଉପସଭାପତି ବାବୁଲାଲ ସାହୁ, ଜିଲା ସାଧାରଣ ସମ୍ପାଦକ ବଂଶୀଧର ନାଏକ, ସଙ୍ଗଠନ ସମ୍ପାଦକ ନୀଳମଣି ବିନାୟକ, କୋଷାଧକ୍ଷ ଦେବେନ୍ଦ୍ର ନାଏକ, ବିବିଏଫ୍ ସଂଯୋଜକ ଭୀମସେନ ଗୁର୍ଗା ପ୍ରମୁଖ ମନୋନୀତ ହୋଇଥିଲେ।

### ଦୁଇ ଶିକାରୀ ଗିରଫ: ରାଇଫଲ, ପିସ୍ତଲ ଜବତ୍



**ବଲାଙ୍ଗୀର ଅଫିସ,୨୬।୭:** ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଅନ୍ତପାଲି ଗ୍ରାମର ୨ଜଣଙ୍କୁ ପୋଲିସ ଗିରଫ କରିଛି। ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ଅନ୍ତପାଲି ଗ୍ରାମ ନିକଟ ଜଙ୍ଗଲ ରାସ୍ତାରୁ ପୋଲିସ ସେମାନଙ୍କୁ ଧରିଥିଲା। ସେମାନଙ୍କଠାରୁ ଏକ ରାଇଫଲ, ଦେଶୀ ପିସ୍ତଲ, ଏକ ଜୀବନ୍ତ ଗୁଳି ଓ ଫୁଟାଯାଇଥିବା ଖୋଖା ଜବତ୍ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଗଣେଶ ଦେହୁରୀ (୨୨) ଓ ରୁବାସ ପୁଟା (୨୨)।

### ମୋ ସ୍କୁଲ ଅଭିଯାନକୁ ୫୦ ହଜାର ଟଙ୍କା ଦେଲେ ଶିକ୍ଷୟିତ୍ରୀ

**ଅମରପାଲି,୨୬।୭(ଡି.ଏନ.ଏ.):** ବୀରମହାରାଜପୁର ବ୍ଲକ ଲୁଚୁରପଙ୍କ କ୍ଲଷ୍ଟର ଘିଚାପାଲି ୟୁପି ସ୍କୁଲକୁ ଉକ୍ତ ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ମୋନାଲିସା ନନ୍ଦ ମୋ ସ୍କୁଲ ଅଭିଯାନକୁ ୫୦ହଜାର ଟଙ୍କା ପ୍ରଦାନ କରିଛନ୍ତି। ରବିବାର ସେ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯାଳୟରେ ଉକ୍ତ ଅର୍ଥରାଶି ପ୍ରଦାନ କରିଛନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାରଙ୍କ ତରଫରୁ ଲୁଚୁରପଙ୍କ ସିଆର୍‌ସିସି ପ୍ରବୀର ଦାଶ ଉକ୍ତ ସହାୟତା ରାଶି ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ ମୋନାଲିସା ଘିଚାପାଲି ୟୁପି ସ୍କୁଲର ପୁରାତନ ଛାତ୍ରୀ ଥିଲେ। ଏବେ ସେ ଏହି ସ୍କୁଲରେ ଶିକ୍ଷକତା ମଧ୍ୟ କରୁଛନ୍ତି।

# କ୍ରଶର ବନ୍ଦ ଯୋଗୁ ଉନ୍ନୟନ କାମ ବନ୍ଦ

## ଗ୍ରାମବାସୀ-ପ୍ରଶାସନ ମୁହାଁମୁହିଁ

**ବୌଦ୍ଧ,୨୬।୭(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଛତରଙ୍ଗ ପଞ୍ଚାୟତର ଖରଭୂଇଁ ଓ ବାଇଶିପଡା ମୌଜାରେ ସ୍ଥାପନ ହୋଇଥିବା କ୍ରଶରଗୁଡିକ ବନ୍ଦ ଦାବିରେ ଗ୍ରାମବାସୀ ପ୍ରାୟ ଏକ ମାସ ହେବ ଆନ୍ଦୋଳନ ଚଳାଇ ଆସୁଛନ୍ତି। ତେବେ କ୍ରଶର ବନ୍ଦ ହେବା ଯୋଗୁ ଜିଲାର ଉନ୍ନୟନ କାମଗୁଡିକ ପୁରାପୁରି ଠପ୍ ହୋଇଯାଇଛି। ଫଳରେ ପ୍ରଶାସନର ଚିନ୍ତା ବଢିଯାଇଛି। ଏପଟେ ଗ୍ରାମବାସୀ ନିଜ ଜିଦରେ ଅଟଳ ରହିଛନ୍ତି। ଜିଲାରେ ବେସରକାରୀ ଠିକା ସଂସ୍ଥା ଏଆରଏସଏସ ବିଭିନ୍ନ ରାସ୍ତା କାମ ନେଇଥିବା ବେଳେ କ୍ରଶର ବନ୍ଦ ଯୋଗୁ କାମ ଆଗେଇ ପାରୁନାହିଁ। ଏ ନେଇ ପ୍ରଶାସନ ପକ୍ଷରୁ ବହୁବାର ଆଲୋଚନା ହୋଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ।

ଗତ ୨୨ ତାରିଖରେ ଠିକା ସଂସ୍ଥା ଏଆରଏସଏସ ବସାଇଥିବା କ୍ରଶରରୁ ମାଲ ନେବାକୁ ଗାଡି ଚଳାଚଳ ଆରମ୍ଭ କରିଥିବା ବେଳେ ଗ୍ରାମବାସୀ ପୂର୍ତ୍ତ ବିଭାଗ ରାସ୍ତା ଠାରୁ କ୍ରଶରକୁ ଯାଇଥିବା ରାସ୍ତା ଖୋଳି ମାଟି ପକାଇ ଗାଡି ଚଳାଚଳ ବନ୍ଦ କରି ଦେଇଥିଲେ। ଏହା ଗ୍ରାମବାସୀଙ୍କ ରାସ୍ତା ଥିବାରୁ କିପରି ବେସରକାରୀ ଠିକା ସଂସ୍ଥା ବହୁ ପରିମାଣରେ ମାଲ ପରିବହନ କରୁଛି ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇଥିଲେ। ଅପରପକ୍ଷରେ ଜିଲାର ଉନ୍ନୟନ କାମ ଠପ୍ ହୋଇଯିବା ପରେ ରବିବାର ପ୍ରଶାସନ କ୍ରଶରରୁ ମାଲ ପରିବହନ କରିବାକୁ ପଦକ୍ଷେପ ଗ୍ରହଣ କରିଛି। ଉପଜିଲାପାଳ ଅଶ୍ୱିନୀ କୁମାର ମେହେର, ତହସିଲଦାର ଶମ୍ଭୁ ଭୂଷଣ ମିଶ୍ର , ଅତିରିକ୍ତ ତହସିଲଦାର ହରିଓମ ଭୋଇ ଓ ପୋଲିସ ପକ୍ଷରୁ ଏଆରଏସଏସ ଠିକା ସଂସ୍ଥାର ଗାଡିଗୁଡିକ ଚଳାଚଳ କରିବାକୁ ପଦକ୍ଷେପ ନେଇଥିଲେ। ଏହି ଖବର ଗ୍ରାମବାସୀ ପାଇବା ପରେ ରାସ୍ତା ଅବରୋଧ କରିଥିଲେ। କ୍ରଶର ଚାଲିବା ନେଇ ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ଏକପ୍ରକାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉକ୍ତ ଗ୍ରାମ୍ୟ ରାସ୍ତାରେ ଅଧିକ ପରିମାଣର ମାଲ ପରିବହନ କରିବାର କ୍ଷମତା ନ ଥିବା ବେଳେ ଠିକା ସଂସ୍ଥା ଅଧିକ ମାଲ ପରିବହନ କରୁଥିବା ଅଭିଯୋଗ କରିଥିଲେ। ଏନେଇ ପରିବହନ ବିଭାଗ ଦ୍ୱାରା ଯାଞ୍ଚ ପରେ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଯଦି ପ୍ରଶାସନ ପକ୍ଷରୁ ଅଧିକ ମାଲ ପରିବହନ ନେଇ ୭ ଦିନ ଭିତରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ପୁର୍ନବାର ଆନ୍ଦୋଳନ କରାଯିବା ସହ ପୁଣି ଗାଡି ଚଳାଚଳ ବନ୍ଦ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ମହାନଦୀରୁ ମିଳିଲେ ତିନି ଠାକୁର



ସୋନପୁର ମହାନଦୀ ବ୍ରିଜ୍ ତଳୁ ମିଳିଥିବା ଶ୍ରୀଜୀଉଙ୍କ ବିଗ୍ରହ ।

**ସୋନପୁର,୨୬।୭(ନି.ପ୍ର.)**

ସୁବର୍ଣ୍ଣପୁର ସହର ଦେଇ ପ୍ରବାହିତ ମହାନଦୀର ବ୍ରିଜ୍ ଘାଟରୁ ସୋମବାର ସକାଳେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ବିଗ୍ରହ ଉଦ୍ଧାର ହୋଇଛି । ଘୋଡାଘାଟପଡାର ଅବସରପ୍ରାପ୍ତ କର୍ମଚାରୀ ସୁରେଶ ଚନ୍ଦ୍ର ମହାପାତ୍ର ନଦୀ କୂଳକୁ ପ୍ରାତଃଭ୍ରମଣରେ ଯାଇଥିବା ସମୟରେ ବିଗ୍ରହମାନଙ୍କୁ ଦେଖିଥିଲେ। ସେ ଖୁସିରେ ଆତ୍ମହରା ହେବା ସହ ତିନି ଦିଅଁଙ୍କୁ ଘରକୁ ନେଇ ଆସି ଭକ୍ତିର ସହ ପୂଜାର୍ଚ୍ଚନା କରୁଛନ୍ତି। ଶ୍ରାବଣ ମାସ ସୋମବାର ମହାପ୍ରଭୁ ମିଳିବା ତାଙ୍କ ପାଇଁ ବିରାଟ ଆଶୀର୍ବାଦ ବୋଲି ସୁରେଶ କହିଛନ୍ତି ।

# ରାସ୍ତା ମରାମତି ଦାବିକଲେ ଗ୍ରାମବାସୀ

**ବରଗଡ଼ ଅଫିସ୍,୨୬।୭**



ରାସ୍ତା ମରାମତି ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀବୃନ୍ଦ।

ବରଗଡ଼ ବ୍ଲକ ତୋରା ପଞ୍ଚାୟତ ନାଗେନପାଲି ବଡ଼ଟିକ୍ରା ରାସ୍ତା ଶୋଚନୀୟ ହୋଇ ପଡ଼ିଛି। ସାମାନ୍ୟ ବର୍ଷାରେ ରାସ୍ତାରେ ଯାତାୟାତ କଷ୍ଟକର ହୋଇ ପଡୁଛି। ଏପରିକି ଅନେକ ସମୟରେ ଏହି ରାସ୍ତାରେ ଗାଡ଼ି ଚଳାଚଳ ମଧ୍ୟ ହୋଇପାରୁନାହିଁ। ଏ ନେଇ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ସୁଫଳ ମିଳିନାହିଁ। ଫଳରେ ସୋମବାର ଗ୍ରାମବାସୀ ରାସ୍ତା ମରାମତି ପାଇଁ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ସେମାନେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର କରିଛନ୍ତି।

ବଡ଼ଟିକ୍ରାରେ ପ୍ରାୟ ୨୦୦ ପରିବାର ରହୁଛନ୍ତି। ଗ୍ରାମର ରାସ୍ତାଟି ଦୀର୍ଘଦିନ ହେଲା ଖାଲଢ଼ିପରେ ପୂରି ରହିଛି। ବର୍ଷା ହେଲେ ରାସ୍ତା ଆହୁରି ଶୋଚନୀୟ ହୋଇପଡ଼େ। ସେହି ରାସ୍ତା ଉପରେ ଗ୍ରାମର ଚାଷୀ, ଛାତ୍ରୀଛାତ୍ର ସମସ୍ତେ ନିର୍ଭର କରିଥାନ୍ତି। କିନ୍ତୁ ରାସ୍ତାର ଦୁରବସ୍ଥା ଯୋଗୁ ଗ୍ରାମବାସୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଗ୍ରାମବାସୀ କହିଛନ୍ତି । ସୁବଳ ସାହଙ୍କ ସମେତ ବହୁ ଗ୍ରାମବାସୀ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଅଫିସକୁ ଆସିଥିଲେ ।

## ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିସ୍ଥାପିତଙ୍କ ଆତ୍ମାହୁତି ଉଦ୍ୟମ

**ଅମରପାଲି, ୨୬।୭ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମହୂତି ଉଦ୍ୟମ ବେଳେ ପୋଲିସ ଜଣେ ବୃଦ୍ଧଙ୍କୁ ସୋମବାର କାବୁ କରିଛି। ଆତ୍ମହୂତି ଉଦ୍ୟମ କରିଥିବା ବ୍ୟକ୍ତି ଉଲୁଣ୍ଡା ବ୍ଲକ କାଦୋଦର ପଞ୍ଚାୟତ ଅନ୍ତର୍ଗତ ଲିଟିପାଲି ଗ୍ରାମର ତପନ ବିହାରୀ ପଧାନ। ସୂଚନାମତେ, ହରିହରଯୋର ଜଳସେଚନ ପ୍ରକଳ୍ପ (ଠେଙ୍ଗୋ ଡ୍ୟାମ) ଯୋଗୁଁ ତପନ ବିସ୍ଥାପିତ ହୋଇଥିଲେ। ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତିରେ ସେ ନିଜ ଅଧିକାର ପାଇ ନ ଥିଲେ। ସେ ବିସ୍ଥାପିତ ହୋଇ ୧୯୯୩ ମସିହାରେ ଲିଟିପାଲିଠାରେ ନୂତନ କଲୋନୀରେ ହେବା ସହିତ ଚାଷ ପାଇଁ ପ୍ରାୟ ୧ଏକର ୨୫୦ଡିସିମିଲ ଜମିକୁ ଦଖଲ କରିଥିଲେ। ତପନ ଉକ୍ତ ସରକାରୀ ଜମିରୁ ଚାଷ ଜମି ପ୍ରସ୍ତୁତ କରି ଚାଷ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ ନିକଟସ୍ଥ କୋଟସମଲାଇ, ଖୁଣ୍ଟୁଲାପାଲି ଓ ଗୁଲାବନ୍ଧର କିଛି ବ୍ୟକ୍ତି ଉକ୍ତ ଚାଷ ଜମିକୁ ନିଜର ଦଖଲକୁ ନେଇ ଯାଇଛନ୍ତି। ଏନେଇ ବିସ୍ଥାପିତ ତପନ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିଥିଲେ ମଧ ଉକ୍ତ ଜମି ଚିହ୍ନଟ ହୋଇପାରି ନ ଥିଲା। ତେଣୁ ସେ ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମହୂତି ଦେବାକୁ ଧମକ ଦେଇଥିଲେ। ତପନ କାର୍ଯ୍ୟାଳୟ ଆଗରେ ଆତ୍ମହୂତି ଦେବାକୁ ଉଦ୍ୟମ କରିବା ପୂର୍ବରୁ ପୋଲିସ ଓ ଅଗ୍ନିଶମ ବାହିନୀ ତାଙ୍କୁ କାବୁ କରି ନେଇଥିଲେ। ଘଟଣା ପରେ ତାଙ୍କର ଜମିକୁ ଯଥାଶୀଘ୍ର ଚିହ୍ନଟ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି ।

# ରାହାଡି ଚାଷ ପାଇଁ ଆଗେଇ ଆସିଲେ ଏସ୍‌ଏଚ୍‌ଜି ମହିଳା



ଜାମଝରଣରେ ମହିଳାମାନେ ଶ୍ରମଦାନ କରି ରାହାଡି ଡାଲି ମଞ୍ଜି ପୋତୁଛନ୍ତି।

**ଦେଓଗାଁ, ୨୬।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଜାମଝରନ ଗାଁରେ ସୋମବାର ୧୦ଟି ସ୍ୱୟଂ ସହାୟକ ଦଳ ସଦସ୍ୟାଙ୍କ ଶ୍ରମଦାନରେ ରାହାଡି ଚାଷ କରାଯାଇଛି । ରିଲାଏନ୍ସ ଫାଉଣ୍ଡେସନ ସହାୟତାରେ ଉକ୍ତ ଗାଁର ଅରଖମୁଣ୍ଡାରେ ହୋଇଥିବା ମାଟି ଉନ୍ନତୀକରଣ ହିଡ ଉପରେ ସୋମବାର ୧୦ଟି ଏସ୍‌ଏଚ୍‌ଜି ଦଳର ୭୦ଜଣ ମହିଳା ଏକତ୍ରିତ ହୋଇ ରାହାଡି ଚାଷ କରି ଉଦାହରଣ ସୃଷ୍ଟି କରିଛନ୍ତି। ଆଗକୁ ଏହି ଚାଷ ସମେତ ଅନ୍ୟାନ୍ୟ ଚାଷମଧ ହାତକୁ ନେଇ ନିଜେ ସ୍ୱାବଲମ୍ବୀ ହେବା ପାଇଁ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ରିଲାଏନ୍ସ ଫାଉଣ୍ଡେସନର ପ୍ରୋଜେକ୍ଟ ମ୍ୟାନେଜର ସନ୍ତୋଷ ଖଣ୍ଡେଇ, ସିଆରପି ଅଟଳ ବିହାରୀ ବିଶି, ମଥୁରା ପଧାନ, ପ୍ରେମାଙ୍ଗିନି ସାହୁ, ଦିପାନ ସୁନା, ସାଧବୀ ସାହୁ, ରାଜେନ୍ଦ୍ର ପଧାନ, ସୁଦାମ ନାଏକ, ଆଦିକନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଅସ୍ତ୍ରୋପଚାର ପାଇଁ ଭୁବନେଶ୍ୱର, କୋଲକାତା ଗଲେ ୭ଶିଶୁ

**ସୋନପୁର,୨୬।୭(ନି.ପ୍ର.)**




ସମ୍ବଲପୁର ରେଳ ଷ୍ଟେଶନରେ ଶିଶୁ ଓ ସେମାନଙ୍କ ଅଭିଭାବକ।

ସୁବର୍ଣ୍ଣପୁର ଜିଲାର ୭ ଜଣ ଶିଶୁ(ହୃଦ୍‌ରୋଗୀ)ଙ୍କୁ ମାଗଣାରେ ଅସ୍ତ୍ରୋପଚାର କରାଯିବ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଗରିବ ଶିଶୁମାନଙ୍କୁ ଏଥିପାଇଁ ସହାୟତା ଯୋଗାଇ ଦିଆଯାଇଛି। ସୋମବାର ୬ଶିଶୁ ହୃଦ୍‌ରୋଗ ଚିକିତ୍ସା ଓ ଅସ୍ତ୍ରୋପଚାର ପାଇଁ ନାରାୟଣ ହୃଦୟାଳୟ କୋଲକାତା ଓ ଜଣେ ଶିଶୁ ଭୁବନେଶ୍ୱର ଆପୋଲୋ ହସ୍ପିଟାଲ ଅଭିମୁଖେ ଯାଇଛନ୍ତି। ଶିଶୁଙ୍କ ସହିତ ସେମାନଙ୍କ ଅଭିଭାବକ, ଡାକ୍ତର କ୍ଷମାନିଧି ସାହୁ ଓ ଡାକ୍ତର ଉମାକାନ୍ତ ମହାନନ୍ଦ ଯାଇଥିବା ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ପରିଚାଳକ ବିଧୁଭୂଷଣ ପତି ଓ ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ଜଣାଇଛନ୍ତି। ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲୀପ କୁମାର ପଣ୍ଡା, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନବକିଶୋର ବେହେରା ଓ ଏନ୍‌ଏଚ୍‌ଏମ ଡିପିଏମ୍ ସରୋଜ କୁମାର ପଣ୍ଡା ଶିଶୁଙ୍କ ସଫଳ ଅସ୍ତ୍ରୋପଚାର କାମନା କରିଛନ୍ତି ।

## ରୂପାନ୍ତରଣ ପ୍ରକ୍ରିୟା ତଦାରଖ କଲେ ବିଧାୟକ

**ବରଗଡ଼ ଅଫିସ୍,୨୬।୭**

ବରଗଡ଼ ଜର୍ଜ ହାଇସ୍କୁଲ ଏବଂ ସରକାରୀ ବାଳିକା ହାଇସ୍କୁଲ ସରକାରଙ୍କ ରୂପାନ୍ତରଣ ପ୍ରକ୍ରିୟାରେ ସାମିଲ ହୋଇଛି। ସୋମବାର ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉଭୟ ସ୍କୁଲକୁ ପରିଦର୍ଶନରେ ଯାଇ ଏହାର ଅଗ୍ରଗତି ତଦାରଖ କରିଥିଲେ। ସ୍ମାର୍ଟ କ୍ଲାସରୁମ୍ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କିଭଳି ତ୍ୱରାନ୍ୱିତ ହେବ ସେ ବିଷୟରେ ପଦକ୍ଷେପ ନେବାକୁ ବିଭାଗୀୟ ଯନ୍ତ୍ରୀ ନାଗାର୍ଜୁନ ପ୍ରଧାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଆଗାମୀ ଦିନରେ ଉଭୟ ବିଦ୍ୟାଳୟର ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ସହିତ ପାଠପଢ଼ା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ବିଧାୟକ ଆଚାର୍ଯ୍ୟ କହିଥିଲେ।

# ମାଛଚାଷ ପାଇଁ ୧୬ ପୋଖରୀର ହେଲା ନିଲାମ

**ବିନ୍ଦିକା,୨୬।୭(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ସୋମବାର ବିନ୍ଦିକା ବ୍ଲକର ବାବୁପାଲି, ବାଙ୍କିଘିର୍ଡି ଓ ସିନ୍ଦୁରପୁର ପଞ୍ଚାୟତରେ ଥିବା ୧୬ଟି ପୋଖରୀକୁ ମାଛଚାଷ ପାଇଁ ନିଲାମ ଦିଆଯାଇଛି। ସମ୍ପୃକ୍ତ ପଞ୍ଚାୟତ ଅଫିସ ମାନଙ୍କରେ ଏ ନେଇ ନିଲାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ନିଲାମ ୩ବର୍ଷ ପାଇଁ ଦିଆଯାଇଛି। ପୋଖରୀଗୁଡିକର ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ ନିଲାମକାରୀଙ୍କ ଦ୍ୱାରା ନିର୍ବାହ ହେବ। ବାବୁପାଲି ପଞ୍ଚାୟତରେ ସର୍ବାଧିକ ୬ଟି ପୋଖରୀ ନିଲାମ ଦିଆଯାଇଛି। ବାବୁପାଲି ପଞ୍ଚାୟତ ତାଲମୁଣ୍ଡାର ଖଜୁରୀକଟା ଓ ତ୍ରିଶୂଳବନ୍ଧ ମଦର ଟେରେସା ଏସ୍‌ଏଚ୍‌ଜି ନାମରେ ମଞ୍ଜୁର ହୋଇଛି। ତାଲମୁଣ୍ଡା ଗାଁର ମୁଣ୍ଡ ପୋଖରୀ ଗଜିନ୍ଦ୍ର ପଧାନ, ପ୍ରତିବୋଧ ପଧାନ ଓ ରବିନ୍ଦ୍ର ପଧାନଙ୍କ ନାଁରେ ମଞ୍ଜୁର ହୋଇଛି । ବାବୁପାଲି ଖଲିଆକଟା ପୋଖରୀ ପୁରନ୍ଦର ପୋଢ, ଜଗଦୀଶ ଭୂଏ ଓ ପୁରନ୍ଦର ପୋଢକୁ ମିଳିଛି । ପଞ୍ଚାୟତ ଅଧୀନ ପଲସାପାଲିର ଡିମେରମୁଣ୍ଡା ବୃନ୍ଦାବନ ପଧାନ ଏବଂ ଅନୀଲ ପଧାନଙ୍କୁ ମିଳିଛି । ସେହିପରି ଦେଣ୍ଟୁପଦରର ତଳିବନ୍ଧ ପୋଖରୀ ତେଜରାଜ ଥାର୍ଟି ଓ ଚିତ୍ତରଞ୍ଜନ ପଧାନଙ୍କୁ ମିଳିଛି। ଅନୁରୂପଭାବେ ବାଙ୍କିଘିର୍ଡି ପଞ୍ଚାୟତର ୫ ଓ ସିନ୍ଦୁରପୁର ପଞ୍ଚାୟତର ୫ଟି ପୋଖରୀ ସରକାରୀ ନୀତି ମୁତାବକ ନିଲାମ ହୋଇଛି। ସମସ୍ତ ନିଲାମ ପ୍ରକ୍ରିୟାରେ ଗ୍ରାମ ପଞ୍ଚାୟତ ଅଧିକାରୀ ପୀତବାସ ପଣ୍ଡା ସମ୍ପୃକ୍ତ ୩ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ନିମାଇଁ ଚରଣ ନାଇକ ଏବଂ ଶରତ କ୍ଷେତୀ ଉପସ୍ଥିତ ଥିଲେ। ନିଲାମ ସମୟରେ ବାବୁପାଲି ପଞ୍ଚାୟତରେ ସରପଞ୍ଚ ଚନ୍ଦ୍ର କୁମାର ମହାପାତ୍ର, ସିନ୍ଦୁରପୁର ପଞ୍ଚାୟତରେ ସରପଞ୍ଚ ଗୀତାଞ୍ଜଳି ମହାକୁର ଓ ବାଙ୍କିଘିର୍ଡି ପଞ୍ଚାୟତରେ ସରପଞ୍ଚ ମାନସ ବେହେରା ଉପସ୍ଥିତ ଥିଲେ।

# ଡାକ୍ତର ଆସିଲେନି, ନିରାଶରେ ଫେରିଲେ

**ବରଗଡ଼ ଅଫିସ୍,୨୬।୭**

ବରଗଡ଼ ସହରରେ ରହିଥିବା ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା) ସମସ୍ୟାରେ ସୁଧାର ଆସିନାହିଁ। ଡାକ୍ତର ଅଭାବ ପ୍ରମୁଖ ସମସ୍ୟା ହୋଇ ରହିଛି। ଏଥିପାଇଁ ରୋଗୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସୋମବାର ଅସୁସ୍ଥ ଶିଶୁର ଚିକିତ୍ସା ପାଇଁ ଆସିଥିବା ଅଭିଭାବକଙ୍କୁ ଡାକ୍ତରଖାନା ପରିସରରେ ଏଭଳି ହଟହଟା ହେବାକୁ ପଡ଼ିଥିଲା। ଶିଶୁର ଚିକିତ୍ସା ପାଇଁ ଅଭିଭାବକମାନେ ଦୀର୍ଘ ସମୟ ଧରି ଧାଡ଼ି ବାନ୍ଧି ରହିଥିଲେ। ମାତ୍ର ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଆସି ନ ଥିଲେ। ଫଳରେ ନିଜ ଅସୁସ୍ଥ ଶିଶୁମାନଙ୍କୁ ଧରି ଅଭିଭାବକମାନେ ନିରାଶରେ ଫେରି ଯାଇଥିଲେ। ବରଗଡ଼ର ସହର ବାସିନ୍ଦା ଅଚ୍ୟୁତ ସର କହିଛନ୍ତି, ଝିଅର ଚିକିତ୍ସା ପାଇଁ ତାଙ୍କ ଭଉଣୀ ଡାକ୍ତରଖାନାକୁ ଯାଇଥିଲେ। ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଆସିଲେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ସେଠାରେ ଉପସ୍ଥିତ ଡାକ୍ତରଖାନା କର୍ମଚାରୀମାନେ କହିଥିଲେ। ଫଳରେ ଭଉଣୀ ଶିଶୁକନ୍ୟାକୁ ଧରି ସେଠାରେ ଧାଡ଼ିରେ ଛିଡ଼ା ହୋଇଥିଲେ। କିନ୍ତୁ ଦିନ ପ୍ରାୟ ସାଢ଼େ ୧୦ଟାରେ ଶିଶୁରୋଗ ବିଶେଷଜ୍ଞ ଆଉ ଆସିବେନି ବୋଲି କହିବାରୁ ସେମାନେ ଫେରି ଆସିଥିଲେ । ଏ ସମ୍ପର୍କରେ ଜାଣିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ କୁମାର ପାତ୍ରଙ୍କୁ ଫୋନ୍ କରାଯାଇ ଥିବାବେଳେ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା ।

# ଏକଦିବସୀୟ ଫୁଟ୍‌ବଲ: ଫୁଲଚରା ଚାମ୍ପିୟନ

**ଅମରପାଲି,୨୬।୭ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଫାଇନାଲରେ ମାଣିକପୁରକୁ ୧-୦ ଗୋଲରେ ହରାଇ ଫୁଲଚରା ଚାମ୍ପିୟନ ହୋଇଛି। ଉକ୍ତ ଟୁର୍ନାମେଣ୍ଟରେ ଅଞ୍ଚଳର ୮ଟି ଦଳ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ କ୍ରୀଡାବିତ ଶୈଳରଞ୍ଜନ ବାଦୀ ମୁଖ୍ୟଅତିଥି ଏବଂ ଜିତେନ୍ଦ୍ର ମେହେର ସମ୍ମାନୀତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ଖେଳଗୁଡିକରେ ନରେଶ କାଣ୍ଡ, ଗୁରୁ ଡାଙ୍ଗ ଓ ସନ୍ତୋଷ ପୂଜାହାରୀ ରେଫରି ଦାୟୀତ୍ୱ ତୁଲାଇଥିଲେ।



ଅତିଥିଙ୍କ ସହ ଫାଇନାଲ ଖେଳିଥିବା ଉଭୟ ଦଳର ଖେଳାଳିମାନେ।

## ଯାଦବ ସମାଜକୁ ସଶକ୍ତୀକରଣ ଉପରେ ଗୁରୁତ୍ୱ

**ସୋନପୁର,୨୬।୭(ନି.ପ୍ର.)**

ଯାଦବ ସମାଜ ବୁଦ୍ଧିଜୀବୀ ଫୋରମର ଏକ ଦିବସୀୟ ସମ୍ମିଳନୀ ସୋନପୁର କୃଷିବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଧବଳେଶ୍ୱର ବାଗଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ତପନ ଜୁଆଡି ଅଧକ୍ଷତା କରିଥିଲେ। ଅଧ୍ୟାପକ ଉମାକାନ୍ତ ନାଗ ସଭାରେ ସଂଯୋଜନା କରିଥିଲେ। ଏଥିରେ ସୁବର୍ଣ୍ଣପୁର, କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡା ଜିଲା ଯାଦବ ସମାଜର ଶତାଧିକ ପ୍ରତିନିଧି ଯୋଗ ଦେଇଥିଲେ। ଯାଦବ ସମାଜର ବୁଦ୍ଧିଜୀବୀଙ୍କ କ୍ଷମତା ଓ ଦକ୍ଷତା ସହିତ ପରିଚିତ କରାଇ ସମାଜର ଲୋକଙ୍କ ଉନ୍ନତି କରିବା ଫୋରମର ଲକ୍ଷ୍ୟ ବୋଲି ସୂଚନା ଦିଆଯାଇଥିଲା। ସମାଜକୁ ସଶକ୍ତୀକରଣ କରିବା ପାଇଁ ପ୍ରତ୍ୟେକ ଯାଦବଙ୍କ ମଧ୍ୟରେ ଭାଇଚାରା ଓ ସହଯୋଗ ମନୋଭାବ ସୃଷ୍ଟି ଉପରେ ଅତିଥିବୃନ୍ଦ ଗୁରୁତ୍ୱ ଦେଇଥିଲେ।

# ଜଳଯୋଗାଣ ପାଇଁ ବିଡିଓଙ୍କୁ ଦାବିପତ୍ର

**ଅମରପାଲି,୨୬।୭ (ଡି.ଏନ.ଏ)**



ଲୁମୁରଜେନା ଗ୍ରାମବାସୀ ପାନୀୟ ଜଳ ଯୋଗାଣ ପାଇଁ ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବାଗବର ପଞ୍ଚାୟତର ଲୁମୁରଜେନା ଗ୍ରାମରେ ପାନୀୟ ଜଳ ଯୋଗଣାର ବ୍ୟବସ୍ଥା କରିବା ପାଇଁ ସୋମବାର ଗ୍ରାମବାସୀ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦୁଇଟି ୱାର୍ଡ ବିଶିଷ୍ଟ ଉକ୍ତ ଗ୍ରାମରେ ଏକ ହଜାରରୁ ଅଧିକ ଲୋକ ବାସ କରନ୍ତି। ଗ୍ରାମରେ ଦୁଇଟି ନଳକୂପ ଅଛି। ମାତ୍ର ସେହି ନଳକୂଅର ପାଣି ବ୍ୟବହାର ଉପଯୋଗୀ ନୁହେଁ। ତେଣୁ ଲୋକେ ବାଧ ହୋଇ ସେହି ପାଣିକୁ ବ୍ୟବହାର କରୁଛନ୍ତି। ପାଣି ପାଇଁ ସବୁ ବେଳେ ନଳକୂପରେ ଲୋକଙ୍କ ଲମ୍ବା ଲାଇନ ଲାଗିଥାଏ। ମହାନଦୀ ନିକଟରେ ଥିଲେ ମଧ ଗ୍ରାମକୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇ ନାହିଁ। ତେଣୁ ଗ୍ରାମବାସୀ ଅନେକ ସମୟରେ ସ୍ଥାନୀୟ ଜନପ୍ରତିନିଧି ଠୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କୁ ପାନୀୟ ଜଳ ପାଇଁ ଅଭିଯୋଗ କରିଛନ୍ତି। ମାତ୍ର ଏ ଯାଏ କୌଣସି ସୁଫଳ ମିଳିନାହିଁ। ଗ୍ରାମରେ କେବଳ ପାଇପ ଲାଇନ କିଛି ବର୍ଷ ହେଲା ବିଛା ହୋଇଛି। ବୋରୱେଲ ଖନନ ହୋଇନି, ଷ୍ଟାଣ୍ଡପୋଷ୍ଟ ଲାଗିନି ଏବଂ ପାଣିଟାଙ୍କି ମଧ କରାଯାଇ ନାହିଁ। ଫଳତଃ କେବଳ ଗ୍ରୀଷ୍ମ ନୁହେଁ ବର୍ଷା ଦିନରେ ବି ପାନୀୟ ଜଳ ସଙ୍କଟ ଦେଖାଯାଉଛି। ଏଣୁ ଗ୍ରାମକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା ପାଇଁ ସ୍ଥାନୀୟ ସରପଞ୍ଚ ବ୍ୟୋମକେଶ ପଣ୍ଡାଙ୍କ ନେତୃତ୍ୱରେ ଗ୍ରାମର ଲଙ୍କେଶ୍ୱର ମହାକୁର, ଗୋପବନ୍ଧୁ ଜାଲ, ପ୍ରମୋଦ ମେସୁଆ, ଠାକୁର ବେହେରା, ହରିବୋଲ କର୍ଣ୍ଣ ପ୍ରମୁଖ ଗ୍ରାମବାସୀ ବିଡିଓ ମୋତିଲାଲ ମୁଳିଆଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଡିଓ ଯଥାଶୀଘ୍ର ଉକ୍ତ ଗ୍ରାମକୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଦୁଇ ବାଇକ୍ ଧକ୍କା, ୨ ମୃତ

**ବୌଦ୍ଧ/ବଘିଆପଡା,୨୬।୭(ସ୍ୱ.ପ୍ର./ଡି.ଏନ.ଏ.):** ବୌଦ୍ଧ ବ୍ଲକର ବଘିଆପଡା ଛକରେ ସୋମବାର ସନ୍ଧ୍ୟା ୭ଟାରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଯାଇଛି ୨ଯୁବକଙ୍କ ଜୀବନ । ପ୍ରକାଶ ଯେ, ବଘିଆପଡା ଗ୍ରାମର ନରେନ ନାଏକ (୨୬) ବାଇକ୍‌ରେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ପାବିଳିପଡା ଗ୍ରାମର ଦୁର୍ଯ୍ୟୋଧନ କଅଁର(୨୫)ଙ୍କ ବାଇକ୍ ସହ ଧକ୍କା ହୋଇଥିଲା । ଏହି ଦୁର୍ଘଟଣାରେ ଦୁର୍ଯ୍ୟୋଧନ ଓ ନରେନଙ୍କ ମୃତ୍ୟୁ ଘଟିଛି ।

## ସଂକ୍ଷେପରେ

### ଜମିବାଡ଼ି ବିବାଦକୁ ନେଇ ଟାଙ୍ଗିଆରେ ଆକ୍ରମଣ

**ବାଉଁଶୁଣୀ,୨୬।୭(ଡି.ଏନ.ଏ):** ଜମିବାଡି ବିବାଦକୁ ନେଇ ସୋମବାର ସକାଳେ ବାଉଁଶୁଣୀ ଥାନା ପୁରୁଣାବହିରା ଗ୍ରାମର ମୁରଲୀ ରଣାଙ୍କୁ ଟାଙ୍ଗିଆରେ ଆକ୍ରମଣ ହୋଇଛି । ଗୁରୁତର ଅବସ୍ଥାରେ ତାଙ୍କୁ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପ୍ରକାଶ ଯେ, ଗ୍ରାମର ମୁରଲୀଙ୍କ ବୁଣା ହୋଇଥିବା ଧାନ କ୍ଷେତରେ ସେହି ଗ୍ରାମର ଗୋଟିଏ ପରିବାରର ତିନି ଭାଇ ଜବରଦସ୍ତ ବିହୁଡା କାମ କରୁଥିଲେ। ଏହି ଖବର ପାଇ ମୁରଲୀଙ୍କ ପରିବାର ଲୋକେ ଯାଇ ସେମାନଙ୍କୁ ବାରଣ କରିଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏହି ସମୟରେ ଅପରପକ୍ଷର ଜଣେ ଭାଇ ଉତ୍ତ୍ୟକ୍ତ ହୋଇ ଟାଙ୍ଗିଆରେ ମୁରଲୀଙ୍କ ବାମପଟ ମୁଣ୍ଡକୁ ଚୋଟ ମାରିଥିଲେ । ଏହାଛଡା ସେମାନେ ତାଙ୍କ ସ୍ତ୍ରୀଙ୍କୁ ଟଣାଓଟରା କରି ଶାଢୀ ଚିରି ଦେଇଥିବା ବାଉଁଶୁଣୀ ଥାନାରେ ଅଭିଯୋଗ ହୋଇଛି । ଗତ ମାସରେ ମଧ ଜମିରେ ହଳ ଧରା ଓ ଧାନ ବୁଣା ହୋଇଥିବା ସମୟରେ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଥିଲା ।

### ସ୍କୁଲକୁ ଅକ୍ସି ମିଟର, ଥର୍ମାଲ ସ୍କାନର ପ୍ରଦାନ

**ଲୋଇସିଂହା,୨୬।୭(ଡି.ଏନ.ଏ):** ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ହାଇସ୍କୁଲ ଖୋଲି କେବଳ ଦଶମଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପାଠପଢା ସୋମବାରଠାରୁ ଆରମ୍ଭ ହୋଇଛି। ଏହିକ୍ରମରେ ଲୋଇସିଂହା ବ୍ଲକ ବୁର୍ଦ୍ଦା ପଞ୍ଚାୟତ ହାଇସ୍କୁଲରେ କୋଭିଡ ନିୟମକୁ ଅନୁପାଳନ କରି ଶିକ୍ଷାଦାନ କରାଯିବ ସେ ନେଇ ପରିଚାଳନା କମିଟି ପକ୍ଷରୁ ଗୁରୁତ୍ୱରୋପ କରାଯାଇଛି । ପ୍ରତିଦିନ ସ୍କୁଲ ଆସୁଥିବା ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଶରୀର ତାପମାତ୍ର ଏବଂ ଅକ୍ସିଜେନସ୍ତର ଜାଣିବା ଲାଗି ପରିଚାଳନା କମିଟି ସଭାପତି ରାଜୁ ସାହୁଙ୍କ ପକ୍ଷରୁ ସ୍କୁଲକୁ ଅକ୍ସିମିଟର, ଥର୍ମାଲ ସ୍କାନ ଓ ମାସ୍କ ପ୍ରଦାନ କରାଯାଇଥିଲା। କରୋନା ଉପରେ ଛାତ୍ରୀଛାତତ୍ରଙ୍କୁ ସଚେତନତା କରାଯାଇଥିଲା । ଏହି ଅବସରରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହିମାଂଶୁ ସାହୁ, ସହକାରୀ ଶିକ୍ଷକ ସାରଥୀ ସାହୁ, ଶିବପ୍ରସାଦ ତ୍ରିପାଠୀ ଉପସ୍ଥିତ ଥିଲେ ।

### ଶ୍ରାବଣ ପ୍ରଥମ ସୋମବାର ଶିବ ମନ୍ଦିରରେ ଭିଡ଼

**ଅତାବିରା,୨୬।୭ (ଡି.ଏନ.ଏ):** ଶ୍ରାବଣ ମାସ ପ୍ରଥମ ସୋମବାର ବିଭିନ୍ନ ଶିବ ମନ୍ଦିରରେ ବୋଲବମ୍ ଭକ୍ତମାନଙ୍କ ନାହିଁ ନ ଥିବା ଭିଡ ଦେଖିବାକୁ ମିଳିଥିଲା। ସୋର୍ଣ୍ଣାର ସ୍ୱପ୍ନେଶ୍ୱର, ସରଣ୍ଡାର ଅଷ୍ଟଶମ୍ଭୁ, ଉଦେପୁରର ବାବା ଆଖଣ୍ଡଳେଶ୍ୱର, ପତ୍ରାପାଲି, ବୁଗବୁଗା, ରୁଷୁଡା, ଲରମ୍ଭା ଅନକାନଲିଆ ଶିବ ମନ୍ଦିର, ଟାମ୍ପେରସରା ଆଦି ଶୈବ ପୀଠଗୁଡିକରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା।

### ଲୋଇସିଂହାରେ କୋସଲ ସ୍ୱାଭିମାନ ପଦଯାତ୍ରା

**ଲୋଇସିଂହ,୨୬।୭(ଡି.ଏନ.ଏ):** କୋସଲ ସ୍ୱାଭିମାନ ମଞ୍ଚ ପଦଯାତ୍ରା ସୋମବାର ସନ୍ଧ୍ୟାରେ ଲୋଇସିଂହାରେ ପହଞ୍ଚିଥିଲା । ନିତ୍ୟାନନ୍ଦ ଜୁଏଡ, ନୟୁ ଖାନ, ସୁଜିତ ତରିଆ, ଲାଲମନ ନାଗ, ଆଗଲପୁର ବ୍ଲକ ଅଞ୍ଚଳରୁ ଆସିଥିବା ବହୁ କୋସଲପ୍ରେମୀ କୁଶଙ୍ଗା ପୋଲରୁ ସ୍ୱାଗତ କରି ଲୋଇସିଂହା ଆଦିବାସୀ ଭବନ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ । ଏଠାରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।

### ବଲାଙ୍ଗୀରରେ କାର୍‌ଗିଲ୍ ବିଜୟ ଦିବସ

**ବଲାଙ୍ଗୀର ଅଫିସ, ୨୬।୭:** ବଲାଙ୍ଗୀର ଜିଲା ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ସ୍ଥାନୀୟ ଲାଲଟିକ୍ରାସ୍ଥିତ କାର୍ଯ୍ୟାଳୟ ପରିସରରେ ୨୨ତମ କାର୍‌ଗିଲ୍ ବିଜୟ ଦିବସ ପାଳନ କରାଯାଇଥିଲା। ସଭା ପ୍ରାରମ୍ଭରେ ବଲାଙ୍ଗୀର ମାଟିର ସହୀଦ ବୀର ଥବୀର ବୁଡେକ, ସୁମନ୍ତ ପଧାନ, କିଶୋର ମଲ୍ଲିକ, ସମୀର ଜାଲ ଓ ହେମନ୍ତ ନାଏକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥଙ୍କ ପରିଚାଳନାରେ ଉପଜିଲାପାଳ ଲମ୍ବୋଦର ଧରୁଆ ମୁଖ୍ୟଅତିଥି, ଏସ୍‌ଡିପିଓ ତୋଫାନ ବାଗ, ସଦର ଥାନା ଆଇଆଇସି ଶ୍ରୀକାନ୍ତ ସାହୁ, ଆନନ୍ଦ ଚନ୍ଦ୍ର ସାହୁ, ଅଖିଳ ଚନ୍ଦ୍ର ହୋତା, ପ୍ରଦୀପ କୁମାର ଖମାରୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସଂଘ ସଭାପତି ବିଭୂତି ଭୂଷଣ ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ। ଏହି ଅବସରରେ ସଇଁତଲା ବ୍ଲକ କୁଷ୍ଟାପାଲି ନିବାସୀ ଶହୀଦ ଥବିର ବୁଡେକଙ୍କ ଧର୍ମପତ୍ନୀ ରୀନା ବୁଡ଼େକ ଓ ଲୋଇସିଂହା ବ୍ଲକ ତେନ୍ତୁଲିଗାଁ ନିବାସୀ ଶହୀଦ ସୁମନ୍ତ ପଧାନଙ୍କ ସ୍ତ୍ରୀ ସୌଦାମିନୀ ପଧାନଙ୍କୁ ସମ୍ମାନିତ କରାଯାଇଥିଲା।

# ଉପସ୍ଥାନ କମ୍, ଉତ୍କଣ୍ଠା ବେଶି

**ବରଗଡ଼ ଅଫିସ୍,୨୬।୭**

ସୋମବାରଠାରୁ ରାଜ୍ୟରେ ହାଇସ୍କୁଲ ଓ କଲେଜ ଖୋଲିଛି। ଶ୍ରେଣୀ କୋଠରୀ ମଧ୍ୟରେ ଦଶମ, ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହୋଇଛି। ପ୍ରଥମ ଦିନରେ ଉପସ୍ଥାନ କମ୍ ରହିଥିଲା। କିନ୍ତୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍କଣ୍ଠା ଭରି ରହିଥିଲା। ଶିକ୍ଷାନୁଷ୍ଠାନକୁ ଆସିଥିବା କିଛି ଛାତ୍ରୀଛାତ୍ରଙ୍କୁ ଭେଟିବାରୁ ସେମାନେ ପ୍ରଥମ ଦିନର ଅନୁଭୂତି ବଖାଣିଥିଲେ।


ବରଗଡ଼ ଜିଲା ଲରମ୍ଭା କଲେଜକୁ ଛାତ୍ରୀମାନେ ପ୍ରବେଶ କରୁଛନ୍ତି।


ବରଗଡ଼ ରାଣାପ୍ରତାପ ହାଇସ୍କୁଲକୁ ଛାତ୍ରୀଛାତ୍ର ପ୍ରବେଶ କରୁଛନ୍ତି।

**ସହପାଠୀଙ୍କ ସହିତ ପାଠପଢ଼ା ନିଆରା**


“ କରୋନା କଟକଣା ଯୋଗୁ ଆମେ ସ୍କୁଲକୁ ପଢିବା ପାଇଁ ଆସି ପାରୁ ନ ଥିଲୁ। ଆଜି ସ୍କୁଲକୁ ଆସି ସହପାଠୀଙ୍କ ସହିତ ଭେଟ ହେଲା। ସ୍କୁଲରେ ପାଠପଢା ବି ହେଲା। ସ୍କୁଲ ପଢାରେ ବହୁତ ଖୁସି ଲାଗିଲା।

-ସଦାନନ୍ଦ ବାରିକ
ରାଣାପ୍ରତାପ ହାଇସ୍କୁଲ, ବରଗଡ଼

**ଅଫ୍‌ଲାଇନ କ୍ଲାସରେ ସନ୍ଦେହ ନାହିଁ**


“ ଘରେ ଅନ୍‌ଲାଇନ କ୍ଲାସ କରୁଥିଲୁ। ଫଳରେ ପାଠ୍ୟ ବିଷୟ ଉପରେ ଅନେକ ସନ୍ଦେହ ରହି ଯାଉଥିଲା। ଶ୍ରେଣୀ କୋଠରୀ ଶିକ୍ଷାଦାନରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଭାବ ବିନିମୟ ହେଉଛି । ପଢାରେ କିଛି ସନ୍ଦେହ ନାହିଁ ।

-କଳ୍ପନା ସାହୁ
ରାଣାପ୍ରତାପ ହାଇସ୍କୁଲ

**ସାମାଜିକ ଦୂରତା ରଖି ପଢ଼ିଲୁ**


“ ମାସ୍କ ପିନ୍ଧି ସ୍କୁଲ ଆସିଥିଲୁ। ସ୍କୁଲକୁ ପଶିବା ପୂର୍ବରୁ ହାତ ସାନିଟାଇଜ୍ କରାଗଲା । ସାମାଜିକ ଦୂରତା ରଖି ପ୍ରାର୍ଥନା କଲୁ ଏବଂ ପାଠ ପଢ଼ିଲୁ । ଦୀର୍ଘଦିନ ପରେ ସ୍କୁଲକୁ ଆସି ବହୁତ ଖୁସି ଲାଗିଲା ।

-ଅର୍ଚ୍ଚିତା ପ୍ରଧାନ
ରାଣାପ୍ରତାପ ହାଇସ୍କୁଲ

**ଘରେ ମନ ଭଲ ଲାଗୁ ନ ଥିଲା**


“ କରୋନା ଯୋଗୁ ଘରେ ରହି ଅନ୍‌ଲାଇନ କ୍ଲାସ କରୁଥିଲି। ସହପାଠୀଙ୍କୁ ଭେଟି ପାରୁ ନ ଥିଲି । ମନ ଭଲ ଲାଗୁ ନ ଥିଲା। ସ୍କୁଲକୁ ଆସି କିଛି ସହପାଠୀଙ୍କ ସହିତ ଭେଟ ହେଲା ଏବଂ ଭଲ ଲାଗିଲା ।

-ଜଗଦା ଶିକା
ରାଣାପ୍ରତାପ ହାଇସ୍କୁଲ

**ପଢ଼ିବାର ନୂଆ ମାହୋଲ**


“ କ୍ଲାସ ରୁମ୍ ଏବଂ ଅନ୍‌ଲାଇନ ପାଠପଢା ମଧ୍ୟରେ ଫରକ୍ ରହିଛି । ଟାୱାର ଓ ମୋବାଇଲରେ ଚାର୍ଜ ନ ଥିବା ଯୋଗୁ ଅନ୍‌ଲାଇନ କ୍ଲାସ ବାଧାପ୍ରାପ୍ତ ହେଉଥିଲା। କଲେଜରେ ପଢ଼ିବାର ନୂଆ ମାହୋଲ ସୃଷ୍ଟି ହୋଇଛି ।

-ଶ୍ରୁତିମୟୀ ପାଣିଗ୍ରାହୀ
ଲରମ୍ଭା କଲେଜ

## ମା’ ପରେ ଚାଲିଗଲେ ବାପା
# ବେସାହାରା ଦୁଇ ଶିଶୁକନ୍ୟା


ନିଜ ଘରେ ଦୁଇ ଶିଶୁ କନ୍ୟା ।

**ବାଉଁଶୁଣୀ,୨୬।୭(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ମନୁପାଲି ଗ୍ରାମ ପଞ୍ଚାୟତ କନାପଡା ଗ୍ରାମର ଦୁଇ ଶିଶୁ କନ୍ୟା ମା’ ବାପାଙ୍କୁ ହରାଇ ବେସାହାରା ହୋଇ ପଡିଛନ୍ତି। ପ୍ରଶାସନ ଦୁଇ ଶିଶୁଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ନିକଟ ସମ୍ପର୍କୀୟଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

ପ୍ରକାଶ ଯେ, କନାପଡା ଗ୍ରାମର ମଗୁଲୁ ମହାକୁଲଙ୍କ ସ୍ତ୍ରୀ ଅଷ୍ଟମୀ କୌଣସି ରୋଗରେ ପୀଡିତ ହୋଇ ୨୦୧୮ ମସିହା ମେ ମାସରେ ଆରପାରିକୁ ଚାଲିଯାଇଥିଲେ। ଫଳରେ ନିଜର ଦୁଇ ଝିଅଙ୍କ ସାହାରା ପାଲଟିଥିଲେ ମଗୁଲୁ । ତେବେ ସ୍ତ୍ରୀଙ୍କ ଦେହାନ୍ତ ପରେ ଛୋଟ ପିଲାଙ୍କୁ ଘରେ ଛାଡି କାମ ଧନ୍ଦା କରିବାକୁ ଯିବା କଷ୍ଟକର ହୋଇଥିଲା। ଶେଷରେ ବାଧ ହୋଇ ଦୁଇ ଝିଅଙ୍କୁ ନେଇ ଛାଡି ଦେଇଥିଲେ ହରଭଙ୍ଗା ବ୍ଲକ ବୀରନରସିଂହପୁରଠାରେ ଥିବା ରାମକୃଷ୍ଣ ବାଲାଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନରେ । ମଝିରେ ମଝିରେ ଯାଇ ଉଭୟଙ୍କୁ ଭେଟି ଆଶ୍ୱାସନା ଦେଇ ଆସୁଥିଲେ। ଏପରି କି ସେମାନେ ବଡ ହେଲା ପରେ ଘରକୁ ନେଇ ଆସିବେ ବୋଲି ପିଲାଙ୍କୁ ବୁଝାଇଥିଲେ । ହେଲେ ଦଇବ ସାଜିଲା ଭଗାରୀ । ରୋଗଗ୍ରସ୍ତ ହେଲେ ମଗୁଲୁ। ଅର୍ଥାଭାବରୁ ଉପଯୁକ୍ତ ଚିକିତ୍ସା ହୋଇ ନ ପାରି ଭାଗ୍ୟକୁ ଆଦରି ପଡି ରହିଥିଲେ। ଶେଷରେ ମଗୁଲୁ ଗତ ୧୬ ତାରିଖରେ ସବୁଦିନ ପାଇଁ ଆଖି ବୁଜିଲେ । ବର୍ତ୍ତମାନ ଦୁଇ ଭଉଣୀ ବାପାଙ୍କ ଶୁଦ୍ଧିକ୍ରିୟା ପାଇଁ ଆସିଛନ୍ତି ଘରକୁ। ଶୁଦ୍ଧିକ୍ରିୟା ସାରି ପୁଣି ଫେରିଯିବେ ବାଲାଶ୍ରମକୁ । ତେବେ ମା’ ବାପାଙ୍କ ମୃତ୍ୟୁ ଘଟିବା ପରେ ସେମାନଙ୍କ ଭବିଷ୍ୟତ ଏବେ ଅନ୍ଧାରରେ। ପ୍ରଶାସନ, କୌଣସି ଦାତବ୍ୟ ଅନୁଷ୍ଠାନ କିମ୍ବା ସହୃଦୟ ବ୍ୟକ୍ତି ବିଶେଷ ସେମାନଙ୍କ ପାଠପଢା ଓ ଭବିଷ୍ୟତ ଗଠନ ପାଇଁ ସହାୟତାର ହାତ ବଢାଇଲେ ବେସାହାରା ହୋଇ ପଡିଥିବା ଦୁଇ ଭଉଣୀ ଉତ୍ତମ ମଣିଷ ହୋଇପାରନ୍ତେ ବୋଲି ମତପ୍ରକାଶ ପାଇଛି।

# କୋସଲ ସ୍ୱାଭିମାନ ପଦଯାତ୍ରୀଙ୍କୁ ସମ୍ବର୍ଦ୍ଧନା



କୋସଲ ସ୍ୱାଭିମାନ ପଦଯାତ୍ରୀଙ୍କୁ ବଲାଙ୍ଗୀରରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଉଛି ।

**ବଲାଙ୍ଗୀର ଅଫିସ, ୨୬।୭**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କୋଶଲାଞ୍ଚଳର ଜିଲାଗୁଡିକୁ ଉପେକ୍ଷା କରାଯିବା ପ୍ରତିବାଦରେ କୋସଲ ଯୁବ ସମନ୍ୱୟ ସମିତି (କେୱାଇସିସି) ପକ୍ଷରୁ ଗତ ୨୩ ତାରିଖରୁ ଭବାନୀପାଟଣାରୁ ଆରମ୍ଭ ହୋଇଥିବା କୋସଲ ସ୍ୱାଭିମାନ ଯାତ୍ରା ସୋମବାର ବଲାଙ୍ଗୀର ସହରରେ ପହଞ୍ଚିଥିଲା। ପୂର୍ବାହ୍ନ ୧୦ଟାରେ ପଦଯାତ୍ରୀ ଦଳ ବଲାଙ୍ଗୀର ପହଞ୍ଚିବା ପରେ ବିଭିନ୍ନ ସାମାଜିକ, ସାଂସ୍କୃତିକ ସଙ୍ଗଠନଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପଦଯାତ୍ରୀମାନଙ୍କୁ ବିଜାଖମନଠାରେ ପାଶ୍ୱବର୍ତ୍ତୀ ଗ୍ରାମବାସୀ ସ୍ୱାଗତ ଜଣାଇଥିଲେ। ବଲାଙ୍ଗୀର ସହର ପ୍ୟାଲେସ ଲାଇନ ଦୁର୍ଗାମଣ୍ଡପଠାରେ କୋସଲ ଯୁବ ସମନ୍ୱୟ ସମିତି, ୟୁଥ ଆକ୍ସନ କମିଟି ଓ ପଶ୍ଚିମାଞ୍ଚଳ ବିଜୁଳି ଶ୍ରମିକ ସଂଘର ଯୁବ କାର୍ଯ୍ୟକର୍ତ୍ତାମାନେ ପଦଯାତ୍ରୀଙ୍କୁ ଶୋଭାଯାତ୍ରାରେ ପାଛୋଟି ଆଣିଥିଲେ। କଚେରୀ ଛକରେ ପହଞ୍ଚିଲା ପରେ ସେଠାରେ କୋସଲ ରାଜ୍ୟ ସମନ୍ୱୟ ସମିତି, ନାଗରିକ କମିଟି, ଆକ୍ସନ କମିଟି, ବରିଷ୍ଠ ନାଗରିକ ସଂଘ, କୋସଲ ପାଇଁ ବରିଷ୍ଠ ନାଗରିକ ସଂଘ, ଜିଲା ଆଦିବାସୀ କଲ୍ୟାଣ ସମିତି, ପଶ୍ଚିମ ଓଡିଶା ମଞ୍ଚ, କୋଶଲି ସାଂସ୍କୃତିକ ସଂଘ, କୋସଲ ଶିକ୍ଷାବିତ୍ ଫୋରମ ସମେତ ବହୁ ସଙ୍ଗଠନର କର୍ମକର୍ତ୍ତା ପଦଯାତ୍ରୀଙ୍କୁ ସ୍ୱଗତ କରିଥିଲେ। କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ଉପାଧ୍ୟକ୍ଷ ମନୋରଞ୍ଜନ ସାହୁ, ବିକ୍ରମାନନ୍ଦ ବହିଦାର, ପ୍ରଭାକର ମିଶ୍ର, କପିଳେଶ୍ୱର ଖମାରୀ, ପୁଲିନ ମିଶ୍ର, ବିଭୂତି ବିନ୍ଧାଣୀ, ରବି ମିଶ୍ର, ପ୍ରଫେସର ପ୍ରମୋଦ ବାଗ, ସଙ୍ଗଠକ ଶରତ ହୋତା ଉପସ୍ଥିତ ଥିଲେ। ଶୋଭାଯାତ୍ରା ସହର ପରିକ୍ରମା କଲାପରେ ସ୍ଥାନୀୟ ଯାଦବ ଭବନଠାରେ ପଦଯାତ୍ରୀମାନଙ୍କୁ କେନ୍ଦ୍ରୀୟ ଅଧ୍ୟକ୍ଷ ମିଶ୍ର ସମ୍ବୋଧିତ କରିଥିଲେ । ପଦଯାତ୍ରାରେ ଯୁଗଳ କିଶୋର ମେହେର, ରଞ୍ଜନ ଖୁଆସ, ବିଶ୍ୱଜିତ ପ୍ରଧାନ, ଶୁଭମ୍ ପ୍ରଧାନ ଓ ଧର୍ମରାଜ ମେହେଙ୍କ ନେତୃତ୍ୱରେ ୨୦ଜଣ ପଦଯାତ୍ରୀ ଏହି ପଦଯାତ୍ରାରେ ସାମିଲ ହୋଇ ଭବାନୀପାଟଣାରୁ ବରଗଡ ଅଭିମୁଖେ ଯାତ୍ରା କରୁଛନ୍ତି।

## ପର୍ଯ୍ୟଟନ କ୍ଷେତ୍ରର ବିକାଶ ଉପରେ ଆଲୋଚନା

**ଦେଓଗାଁ, ୨୬।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅନ୍ତର୍ଗତ ଜଲିଆକୁ ସୋମବାର ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ ଓ ଜିଲାପାଳ ଚଞ୍ଚଳ ରାଣା ଗସ୍ତ କରି ପର୍ଯ୍ୟଟନ କ୍ଷେତ୍ରର ବିକାଶ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ସେମାନେ ଜଲିଆଠାରେ ଜଣେ ଉଦ୍ୟୋକ୍ତାଙ୍କ ଦ୍ୱାରା ନିର୍ମାଣ ହୋଇଥିବା ଏଥ୍ରୀ ୱାଲ୍‌ଡକୁ ପରିଦର୍ଶନ କରିଥିଲେ। ବଲାଙ୍ଗୀରର ସ୍ମାରକ ସରାଫ ନାମକ ବ୍ୟକ୍ତି ନିଜସ୍ୱ ଉଦ୍ୟମରେ ୫ଏକର ପରିମିତ ଜମିରେ ଛୋଟ ଶିଶୁଙ୍କ ଆମୋଦ ପ୍ରମୋଦ ପାଇଁ ନିର୍ମାଣ କରିଥିବା ପ୍ରକଳ୍ପକୁ ପ୍ରଶଂସା କରିଥିଲେ ବିକାଶ ପରିଷଦ ଅଧ୍ୟକ୍ଷ ତ୍ରିପାଠୀ। ଆଗାମୀ ଦିନରେ ଏଭଳି ଉଦ୍ୟୋକ୍ତାଙ୍କୁ ସହାୟତା ପ୍ରଦାନ କରାଗଲେ ଜିଲାରେ ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ରୀନା ମେହେର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ବ୍ଲକ ବିଜୁ ଯୁବ ଜନତାଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ ପ୍ରମୁଖ ବିକାଶ ପରିଷଦ ଅଧ୍ୟକ୍ଷଙ୍କୁ ସାକ୍ଷାତ କରିଥିଲେ। ଚାନ୍ଦଲି ପାହାଡକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପ୍ରଦାନ କରିବା ସହ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ଅଧାପନ୍ତରିଆ ପଡିଥିବା ପ୍ରକଳ୍ପଗୁଡିକର ସମ୍ପୂର୍ଣ୍ଣୀକରଣ ପାଇଁ ପାଣ୍ଠି ମଞ୍ଜୁର କରିବା ପାଇଁ ଦାବି କରିଥିଲେ। ଗସ୍ତ ସମୟରେ ବିଡିଓ ମୂରଲୀଧର ନାୟକ, ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ସହକାରୀ ଯନ୍ତ୍ରୀ ମୋହନ ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷା ପରେ ଚାଷ କାମ ଆରମ୍ଭ


ବର୍ଷା ପରେ ମହିଳାମାନେ ଜମିରେ ତଳି ରୋଉଛନ୍ତି।

**ବୌଦ୍ଧ,୨୬।୭(ସ୍ୱ.ପ୍ର.)**

ବୌଦ୍ଧ ଜିଲାର ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ମୁଖ୍ୟତଃ ଏଠାରେ ଧାନ ଚାଷ ହୋଇଥାଏ। ଜିଲାରେ ୮୫୧୮୦ ହେକ୍ଟର ଚାଷ ଜମି ରହିଥିବା ସେଥିମଧ୍ୟରୁ ୫୯୪୩୯ ହେକ୍ଟର ଜମିରେ ଧାନ ଚାଷ କରାଯାଉଛି। ବର୍ଷା ନ ଥିବାରୁ ଏବର୍ଷ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ନିକଟରେ ପ୍ରବଳ ବର୍ଷା ହେବା ପରେ ଚାଷୀ ଚାଷ କାମ ଆରମ୍ଭ କରିଛି।

ବୌଦ୍ଧ ଜିଲାରେ ୪ ଗୋଟି ଚିରସ୍ରୋତା ନଦୀ ମହାନଦୀ, ତେଲନଦୀ, ବାଘ ନଦୀ ଓ ସାଲୁଙ୍କୀ ନଦୀ ପ୍ରବାହିତ ହୋଇଥିଲେ ସୁଦ୍ଧା ଚାଷଜମିକୁ ଜଳସେଚନର ସୁବିଧା ହୋଇ ପାରିନାହିଁ। ଏଭଳି ପରିସ୍ଥିତିରେ ଚାଷୋପଯୋଗୀ ବର୍ଷା ହୋଇ ନ ଥିବାରୁ ଚାଷ ଜମିଗୁଡିକ ଫାଟି ଆଁ କରିବାକୁ ବସିଥିଲା। ଫଳରେ ଚାଷୀ ମରୁଡି ଚିନ୍ତାରେ ରହିଥିଲା। କାରଣ ବାହୁଡା ବେଳକୁ ଚାଷୀ ରୁଆ ବିହୁଡା ସାରି ଦେଉଥିବା ବେଳେ ଏବର୍ଷ ଏହି ସମୟରେ ଚାଷ କାମ ଆରମ୍ଭ କରି ନ ଥିଲା। ଫଳରେ ଜିଲାରେ ଚାଷ କାର୍ଯ୍ୟ ବିଳମ୍ବ ହୋଇଥିଲା। ତେବେ ଗତ ଶୁକ୍ରବାର ସକାଳ ସୁଦ୍ଧା ବୌଦ୍ଧ ଅଞ୍ଚଳରେ ୧୭୭ ମିମି ବର୍ଷା ହୋଇଥିବା ବେଳେ ହରଭଙ୍ଗାରେ ୩୪ ମିମି ଓ କଣ୍ଟାମାଳରେ ୧୫୯ ମିମି ବର୍ଷା ହୋଇଛି । ଫଳରେ ଚାଷୀ ଚାଷ କାମ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ଜମିକୁ ଜଳସେଚନର ବ୍ୟବସ୍ଥା କରାଯାଉ ନ ଥିବାରୁ ଜିଲାର ଚାଷୀ ପାଣି ପାଇଁ ବହୁ ହଇରାଣ ହେଉଛି। ଯଦି ନଦୀରୁ ଜଳସେଚନର ସୁବିଧା କରାଯାଇପାରନ୍ତା ତେବେ ସ୍ୱଳ୍ପ ବର୍ଷା ହେଲେ ମଧ ଚାଷ କାମ ସୁରୁଖୁରୁରେ ହୋଇପାରନ୍ତା ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି ।

# ଟ୍ରେଡ୍ ୟୁନିୟନ ସମନ୍ୱୟ ସମିତିର ଗଣଧାରଣା

**ସୋନପୁର,୨୬।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଟ୍ରେଡ୍ ୟୁନିୟନ ସମନ୍ୱୟ ସମିତି ପକ୍ଷରୁ ୮ ଦଫା ଦାବି ନେଇ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପ୍ରବାସୀ ଶ୍ରମିକ, ଅଣସଂଗଠିତ ଶ୍ରମିକ ଓ ନିର୍ମାଣ ଶ୍ରମିକଙ୍କ ସାମାଜିକ ନିରାପତ୍ତା ଏବଂ ଶ୍ରମିକ କଲ୍ୟାଣ ବୋର୍ଡର ଆଇନଗତ ସମସ୍ତ ସହାୟତା ରାଶି ପ୍ରଦାନ ପାଇଁ ସମିତି ପକ୍ଷରୁ ଦାବି ହୋଇଥିଲା । ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କ ପିଲାଙ୍କୁ ପ୍ରତି ଶିକ୍ଷାବର୍ଷର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶିକ୍ଷା ସହାୟତା ରାଶି ପ୍ରଦାନ, ନିର୍ମାଣ ଶ୍ରମିକଙ୍କୁ ବିବାହ ସହାୟତା, ମୃତ୍ୟୁକାଳୀନ ସହାୟତା, ମାସିକ ୩ହଜାର ଟଙ୍କାର ବାର୍ଦ୍ଧକ୍ୟ ଭତ୍ତା, ସମସ୍ତ ଶ୍ରମିକଙ୍କ ପାଇଁ ଇପିଏଫ ଓ ଇଏସଆଇ ଲାଗୁ କରିବା, ସୋନପୁର ସୂତାକଳ ଚାଲୁ କରିବା ଓ ଜିଲା ଶ୍ରମ ଦପ୍ତର ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ସହରର ପ୍ରମୁଖ ସ୍ଥାନରେ ଜମି ଯୋଗାଣ ପାଇଁ ଦାବି ହୋଇଛି। ଏ ସମ୍ପର୍କିତ ଏକ ସ୍ମାରକପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ସ୍ମାରକପତ୍ର ଗ୍ରହଣ କରିଥିଲେ। ଟ୍ରେଡ୍ ୟୁନିୟନ ସମନ୍ୱୟ ସମିତି ଅଧ୍ୟକ୍ଷ ଗୋବିନ୍ଦ ମହାରଣା, ଶ୍ରମିକ ନେତା କୁଶ ମହାକୁର, ସୂର୍ଯ୍ୟକାନ୍ତ ରାଉଳ, ମୂରଲୀ ସାହୁ, କର୍ଣ୍ଣରାଜ ପ୍ରଧାନ, ରମେଶ ନନ୍ଦ, ଛବି ବାଘ, ସୀତା ମହାକୁର ଓ ମନୋରଞ୍ଜନ ପାଣ୍ଡେଙ୍କ ନେତୃତ୍ୱରେ ଶ୍ରମିକ ମାନେ ଧାରଣା ଦେଇଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା ।

# ଚାଷଜମିରେ ଲହଡ଼ି ମାରୁଛି ବର୍ଷାଜଳ

**ବାଉଁଶୁଣୀ,୨୬।୭(ଡି.ଏନ.ଏ)**

ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ସାଙ୍ଗକୁ ପୋଲ ପୋତି ଦେବା ଯୋଗୁ ଚାଷ ଜମିରେ ବର୍ଷା ପାଣି ଜମି ଫସଲ ନଷ୍ଟ ହୋଇଥିବା ବୌଦ୍ଧ ତହସିଲ ଦହ୍ୟା ରାଜସ୍ୱ ସର୍କଲ ଅନ୍ତର୍ଗତ ଜମଟାଙ୍ଗୀ ମୌଜାର ପ୍ରାୟ

**ଜଳ ନିଷ୍କାସନ ପଥ ବନ୍ଦ**

୨୦ ଜଣ ଚାଷୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେମାନେ ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିବା ସହ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲା ମୁଖ୍ୟ କୃଷି ଅଧିକାରୀ ଓ ରାଜସ୍ୱ ନିରୀକ୍ଷକଙ୍କୁ ଅବଗତ କରାଇଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ଗତ ବର୍ଷକ ତଳେ ଏହି ଅଞ୍ଚଳ ଦେଇ ଯାଇଥିବା ୫୭ ନଂ ଜାତୀୟ ରାଜପଥ ନିର୍ମାଣ ସମୟରେ ରାସ୍ତା ତଳେ କେଉଁ ଆବାହମାନ କାଳରୁ ଥିବା ଏକ ପୋଲକୁ ନିର୍ମାଣକାରୀ ସଂସ୍ଥା ପୋତି ଦେଇଥିଲା। ଫଳରେ ବର୍ଷା ଦିନେ ଉପର ମୁଣ୍ଡରୁ ଆସୁଥିବା ବର୍ଷା ଜଳ ରାସ୍ତା ପାର୍ଶ୍ୱ ବିଲରେ ଜମି ରହି ଚାଷ ନଷ୍ଟ କରୁଛି। ଗତ ଦୁଇ ଦିନ ତଳେ ହୋଇଥିବା ଲଘୁଚାପ ବର୍ଷାରେ ଚାଷ ଜମି ସବୁ ପୋଖରୀ ଭଳି ଦୃଶ୍ୟମାନ ହେଉଛି। ପ୍ରାୟ ୧୬ ଏକର ଚାଷ ଜମିରେ ପାଣି ଜମି ରହିବା ଫଳରେ ବୁଣା ଓ ରୁଆ ଯାଇଥିବା ଧାନ ଗଛ ସବୁ ପଚି ନଷ୍ଟ ହୋଇଯାଇଛି । ଚାଷୀମାନଙ୍କ ଅଭିଯୋଗ ପାଇବା ପରେ ମନମୁଣ୍ଡା ଥାନା ପୋଲିସ ନିର୍ମାଣ ସଂସ୍ଥା ଏ.ଆର.ଏସ.ଏସ.ର ପ୍ରତିନିଧିଙ୍କୁ ଡାକି ଚାଷୀମାନଙ୍କ ଉପସ୍ଥିତିରେ ଆଲୋଚନା କରିଥିବା ଜଣାପଡିଛି। ବର୍ଷାଜଳ ନିଷ୍କାସନ ପାଇଁ ପୋଲ ଓ କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀ ମାନେ ଜିଦ୍ ଧରିଥିଲେ । ସେଥିପାଇଁ ନିର୍ମାଣକାରୀ ସଂସ୍ଥା ୭ ଦିନ ସମୟ ମାଗିଥିବା ଜଣାପଡିଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଚାଷୀମାନେ ଜାତୀୟ ରାଜପଥ ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି।


ଚାଷ ଜମିରେ ବର୍ଷା ଜଳ ଜମି ରହିଛି ।

## ଅସୁସ୍ଥ ହେଲା ଭାଲୁ ଶାବକ

ବାରଙ୍ଗ,(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନ ଡାକ୍ତରଖାନାର କ୍ୱାରାଣ୍ଟାଇନରେ ରହୁଥିବା ଏକ ଅଣ୍ଡିରା ଦେଶୀ ଭାଲୁ ଶାବକ ଅସୁସ୍ଥ ହୋଇପଡ଼ିଛି। ଦୁଇଦିନ ହେବ ଭାଲୁ ଶାବକଟି ତରଳ ଝାଡ଼ାରେ ଆକ୍ରାନ୍ତ ହୋଇଛି। ଏପ୍ରିଲ ୨୨ରେ ପିତାପଲ୍ଲୀ ରାସ୍ତା ଗଙ୍ଗପଡ଼ାଠାରୁ ଉଦ୍ଧାର ହୋଇ ନନ୍ଦନକାନନକୁ ଆସିବା ଦିନଠାରୁ ପ୍ରଥମଥର ପାଇଁ ଅସୁସ୍ଥ ହୋଇଛି। ଏହି ଶାବକଟି ଠିକଭାବେ ଖାଇବା ପିଇବା ମଧ କରିପାରୁ ନାହିଁ। ଦିନକୁ ଦିନ ଦୁର୍ବଳ ହେବା ସହ ଗୋଟିଏ ସ୍ଥାନରେ ପଡିରହୁଥିବା ବେଳେ ନନ୍ଦନକାନନର ଡାକ୍ତରମାନେ ତା'ର ଚିକିତ୍ସା ଆରମ୍ଭ କରିଛନ୍ତି।

# ରାଜଧାନୀରେ ୩ ଯୁବକଙ୍କୁ ଗୋଡ଼ାଇ ହାଣିଲେ

ଭୁବନେଶ୍ୱର,୨୬।୭(ବ୍ୟୁରୋ)

ଦିନକୁ ଦିନ ରାଜଧାନୀ ଅସୁରକ୍ଷିତ ହେବାରେ ଲାଗିଛି। ପୋଲିସକୁ ଚ୍ୟାଲେଞ୍ଜ ଦେଇ ଦୁର୍ବୃତ୍ତମାନେ ଦିନଦ୍ୱିପ୍ରହରରେ ଅପରାଧ ଘଟାଉଛନ୍ତି। ସୋମବାର ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନସ୍ଥିତ ଷ୍ଟେଶନ ଛକରେ ୨ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ଗୋଟିଏ ଗୋଷ୍ଠୀର ୧୨ରୁ ଊର୍ଦ୍ଧ୍ୱ ଯୁବକ ଅନ୍ୟଗୋଷ୍ଠୀର ୩ଜଣ ଯୁବକଙ୍କୁ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି। ଖଣ୍ଡା, ଭୁଜାଲି ଓ ଲୁହାରଡ଼୍‌ରେ ଆକ୍ରମଣ ଫଳରେ ସ୍ଥାନୀୟ ମାଳିସାହି ଅଞ୍ଚଳର ୩ଜଣ ଯୁବକ ଗୁରୁତର ହୋଇଛନ୍ତି। ସମସ୍ତଙ୍କ ଶରୀରରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଆହତ ସେକ୍ ରୁପଲିନ୍, ସେକ୍ ସାହିଦ୍ ଓ ସେକ୍ କାଲାମଙ୍କୁ ପୋଲିସ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ଆକ୍ରମଣ ସମୟରେ ଘଟଣାସ୍ଥଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଷ୍ଟେଶନ ଛକ ଭଳି ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଏଭଳି ଏକ ଛାତିଥରା ଘଟଣାକୁ ସମସ୍ତେ ଦେଖୁଥିଲେ ମଧ ଭୟରେ ଉଦ୍ଧାର କରିବାକୁ କେହି ବି ସାହସ କରିପାରି ନ ଥିଲେ। ରାସ୍ତାର ବିଭିନ୍ନ ସ୍ଥାନରେ ରକ୍ତର ଛିଟା ପଡ଼ିଥିଲା। କ୍ୟାପିଟାଲ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାର ମୁଖ୍ୟ



ରାସ୍ତାରେ ଜଣେ ଯୁବକଙ୍କୁ ଅଭିଯୁକ୍ତ ଆକ୍ରମଣ କରୁଛନ୍ତି (ବାମ)। ଲୋକଙ୍କ ଆଗରେ ଅଭିଯୁକ୍ତମାନେ ଗୋଡ଼ାଇ ଗୋଡ଼ାଇ ହାଣୁଛନ୍ତି।



ଆକ୍ରମଣକାରୀମାନେ ଭାଙ୍ଗି ଦେଇଥିବା ଉଠାଦୋକାନ।

ବୋଲି କୁହାଯାଉଥିବା ସ୍ଥାନୀୟ ଫାଳିକିଆ ବସ୍ତିର ରାଜେଶ ବେହେରା ଓରଫ ରାଜାଙ୍କୁ ପୋଲିସ ଗିରଫ କରିଥିବାବେଳେ ଅନ୍ୟସମସ୍ତ ଆକ୍ରମଣକାରୀଙ୍କୁ ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ। ଏହି ଘଟଣାରେ ଏକ ମାମଲା(ନଂ.୪୩୨/୨୦୨୧) ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଜୋନ୍ ନଂ-୧ ଏସିପି ମାନସ ଗଡ଼ନାୟକ କହିଛନ୍ତି।

ସ୍ଥାନୀୟ ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ରାଜା ଷ୍ଟେଶନ ଛକରେ ଏକ ଠେଲାଗାଡ଼ିରେ ପାନ ଗୁଟ୍‌ଖା ବିକ୍ରି କରନ୍ତି। ଏହି ଦୋକାନରେ ସେ ନିଶା କାରବାର ମଧ କରନ୍ତି। ନିଶା କାରବାରକୁ ନେଇ ମାଳିସାହିର କେତେଜଣ ଯୁବକଙ୍କ ସହ ତାଙ୍କର କିଛି ଦିନତଳେ ଝଗଡ଼ା ହୋଇଥିଲା। ଏପରି କି ଥାନାରେ ଏନେଇ ରାଜା ଅଭିଯୋଗ କରିଥିଲେ। ମାତ୍ର ସେତେବେଳେ ପୋଲିସ ଆପୋସ ସମାଧାନ କରିବା ସହ ଉଭୟଙ୍କୁ ତାଗିଦ୍ କରି ଛାଡ଼ିଥିଲା। ରବିବାର ରାତିରେ କିଛି ଘଟଣାକୁ କେନ୍ଦ୍ରକରି ମାଳିସାହିର ଯୁବକଙ୍କ ସହ ରାଜାଙ୍କ ପୁଣି ବଚସା ହୋଇଥିଲା। ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ହେଲେ ରାଜାଙ୍କ ରାଗ କମି ନ ଥିଲା। ସୋମବାର ଅପରାହ୍ନ ୧ଟାରେ ମାଳିସାହିର ସାହିଦ୍‌ଙ୍କ ସହ ରାଜାଙ୍କ ଯୁକ୍ତିତର୍କ ହୋଇଥିଲା। ସେଠାରେ ରାଜା ସହଯୋଗୀଙ୍କ ସହ ମାରଣାସ୍ତ୍ର ରଖିଥିଲେ। ଏହି ସମୟରେ ସେମାନେ ସାହିଦ୍‌ଙ୍କୁ ଆକ୍ରମଣ କରିଥିଲେ। ସାହିଦ୍‌ଙ୍କ ସାଙ୍ଗମାନେ ସେଠାରେ ତାଙ୍କୁ ଉଦ୍ଧାର କରିବାରୁ ତାଙ୍କୁ ମଧ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ।

### ଦିନ ଦ୍ୱିପ୍ରହରରେ ଆତଙ୍କ

- ପୂର୍ବଶତ୍ରୁତାରୁ ମାରଣାସ୍ତ୍ରରେ ଆକ୍ରମଣ
- ଆହତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି
- ଆକ୍ରମଣର ଦୃଶ୍ୟ ଭାଇରାଲ



ଘଟଣାସ୍ଥଳରେ ପଡ଼ିଥିବା ରକ୍ତ।

### ପୋଲିସ ଆଉଟ ପୋଷ୍ଟ ନିକଟରେ ଗୋଡ଼ାଇ ହାଣିଲେ

ମାଷ୍ଟରକ୍ୟାଣ୍ଟିନ୍ ଛକକୁ ଲାଗି କ୍ୟାପିଟାଲ ଥାନାର ଏକ ଆଉଟ୍ ପୋଷ୍ଟ ରହିଛି। ଏହାର କିଛି ଦୂରରେ ଖାରବେଳନଗର ଥାନା ପକ୍ଷରୁ ଏକ ଚେକିଂ ପୋଷ୍ଟ କରାଯାଇ ପୋଲିସ ମୁତୟନ ହୋଇଛନ୍ତି। ଅନ୍ୟପକ୍ଷରେ ଆର୍‌ପିଏଫ୍ ଓ ଜିଆର୍‌ପି ପକ୍ଷରୁ ମଧ ଷ୍ଟେଶନ ଅଞ୍ଚଳରେ ପାଟ୍ରୋଲିଂ ହେଉଛି। ତେବେ ଦିନଦ୍ୱିପ୍ରହରରେ ୧୨ରୁ ଊର୍ଦ୍ଧ୍ୱ ଯୁବକ ୩ଜଣଙ୍କୁ ଆଉଟପୋଷ୍ଟ ନିକଟରେ ଗୋଡ଼ାଇ ଗୋଡ଼େଇ ହାଣୁଥିବାବେଳେ ପୋଲିସ କିପରି କିଛି ଜାଣିପାରିଲା ନାହିଁ, ସେନେଇ ସ୍ଥାନୀୟ ଲୋକଙ୍କ ମଧରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ଗ୍ରିଲ ଭାଙ୍ଗି ଘରୁ ଟଙ୍କା, ଅଳଙ୍କାର ଚୋରି

ନିଆଳି,୨୬।୭(ଡି.ଏନ୍.ଏ.): ନିଆଳି ଥାନା ଅନ୍ତର୍ଗତ କସର୍ଦା ଫାଣ୍ଡି ଅଧିନ ବୋତାଖାଲ ଗ୍ରାମରେ କେତେଜଣ ଦୁର୍ବୃତ୍ତ ଗୋଟିଏ ଘରର ଗ୍ରିଲ ଭାଙ୍ଗି ଟଙ୍କା, ଅଳଙ୍କାର ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଏହି ଗ୍ରାମର ସୁମନ୍ତ କୁମାର ମଲ୍ଲିକଙ୍କ ଘରେ ରବିବାର ରାତିରେ ପରିବାର ଲୋକେ ଶୋଇଥିଲେ। ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଘର ଗ୍ରିଲକୁ ଭାଙ୍ଗି ଘରେ ପଶିଥିଲେ। ଘରେ ଥିବା ଏକ ଟ୍ରଙ୍କକୁ ନେଇ ଯାଇଥିଲେ। ସକାଳୁ ଉଠି ପରିବାର ଦେଖିବାବେଳେ ଚୋରି ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ଚୋରି ହୋଇଥିବା ଟ୍ରଙ୍କରେ ୧୦ ଟଙ୍କିଆ ୧୮ ହଜାର, ୫ଶହ ଟଙ୍କିଆ ୨୦ ହଜାର, ସୁନା ବାହୁଟି, ୪ଟି ମୁଦି, ରୁପାପାଉଜି ୧ହଳ, ଏଟିଏମ୍ କାର୍ଡ ୨ଟି ଓ ବ୍ୟାଙ୍କ ପାସ ବୁକ୍ ଆଦି ବହୁ ଜରୁରୀ କାଗଜପତ୍ର ରହିଥିଲା। ଖବର ପାଇ କସର୍ଦା ଫାଣ୍ଡି ଅଧିକାରୀ ଶରତ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଛନ୍ତି।

### ପୋଲିସକୁ ଦୁର୍ବ୍ୟବହାର, ୨ ଯୁବକ ଗିରଫ

ଫୁଲନଖରା,୨୬।୭(ଡି.ଏନ୍.ଏ.): ପୋଲିସକୁ ମୋବାଇଲ ଫୋନ ମାଧମରେ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ସଦର ଥାନା ପୋଲିସ ସୋମବାର ୨ ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ବଡବାଲିକଣିର ନିର୍ଭୟ ଦାସ (୩୮), ସେହି ଜିଲା ଅଭୟ ଚାନ୍ଦପୁର ଥାନା ଅନ୍ତର୍ଗତ ନୂଆଗାଁ ଅଞ୍ଚଳର ସୌଭାଗ୍ୟ ନାୟକ (୪୦)। ଏ ନେଇ ପୋଲିସ ଏକ ମାମଲା(ନଂ. ୪୧୫/୨୧) ରୁଜୁ କରିଛି। କିଛି ଦିନ ତଳେ ଅଭିଯୁକ୍ତଦ୍ୱୟ ସଦର ଥାନାର କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କୁ କୌଣସି କାରଣକୁ ନେଇ ମୋବାଇଲରେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ପୋଲିସ ଉକ୍ତ ମୋବାଇଲ ନମ୍ବରକୁ ଟ୍ରାକ କରି ନିର୍ଭୟଙ୍କୁ ମଙ୍ଗେଶ୍ୱର ଥାନାସ୍ଥିତ ରସୁଲଗଡ଼ର ନେତାଜୀ ବିହାରରୁ ଓ ସୌଭାଗ୍ୟଙ୍କୁ ମଧୁପାଟଣା ଥାନା ବଙ୍ଗାଳି ସାହିରୁ ଗିରଫ କରିଛି।

### ଟ୍ରେନରୁ ଖସିପଡ଼ିଲେ ଯୁବକ

ବାରଙ୍ଗ,୨୬।୭(ଡି.ଏନ୍.ଏ.): ପଟିଆ ଷ୍ଟେଶନ ପାଖରେ ସୋମବାର ଦ୍ୱିପ୍ରହରରେ ଏକ ଚଳନ୍ତା ଟ୍ରେନରୁ ଜଣେ ଯୁବକ ଖସିପଡ଼ି ଆହତ ହୋଇଛନ୍ତି। ସ୍ଥାନୀୟ ଲୋକ ଆହତ ଯୁବକଙ୍କୁ ରେଳଧାରଣା କଡ଼ରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ପଠାଇଛନ୍ତି। ତେବେ ଯୁବକ ଜଣଙ୍କ ନିଶାଗ୍ରସ୍ତ ହୋଇଥିବାରୁ କୌଣସି ବିଷୟରେ ଠିକ ତଥ୍ୟ ଦେଇପାରୁ ନାହାନ୍ତି। ଫଳରେ ତାଙ୍କର ପରିଚୟ କି ଠିକଣା ମଧ ଜଣାପଡ଼ିନାହିଁ। ତେବେ ଟ୍ରେନରୁ ସେ ଖସିପଡ଼ିଲେ ନା ତାଙ୍କୁ କେହି ଠେଲି ଦେଇଛି ତାହାର ଜଣାପଡି ନ ଥିବା ବେଳେ ଯୁବକ ଜଣଙ୍କ କ୍ଷତାକ୍ତ ହୋଇ ଗୁରୁତର ହୋଇଛନ୍ତି।

### ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ

ଭୁବନେଶ୍ୱର, ୨୬।୭ (ବ୍ୟୁରୋ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଜାତୀୟତାବାଦୀ ଆନ୍ଦୋଳନର ଅଗ୍ରଣୀ ସାରଥୀ, ଶିକ୍ଷକ, କବି, ଔପନ୍ୟାସିକ, ପୂର୍ବତନ ମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୬୬ତମ ଶ୍ରାଦ୍ଧୋତ୍ସବ ସୋମବାର ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ମହାଡାକପାଳ କାର୍ଯ୍ୟାଳୟ ସମ୍ମୁଖ ଉଦ୍ୟାନସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳେଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଚିଲିକା ବିଧାୟକ ତଥା ଖୋର୍ଦ୍ଧା ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ପ୍ରଶାନ୍ତ ଜଗଦେବ, ବିଜେଡି ସାଂସ୍କୃତିକ ସେଲ ସଂଯୋଜକ ପ୍ରବୀର ମହାନ୍ତି, ତନ୍ମୟ ସାମନ୍ତରାୟ ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ ସହିତ ଦୀପଦାନ କରିଥିଲେ। ଏଥିସହ ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମୟରେ ଓଡ଼ିଶାର ସାମଗ୍ରିକ ବିକାଶରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଅବଦାନକୁ ବକ୍ତାମାନେ ସ୍ମରଣ କରିଥିଲେ। ଏହି ଅବସରରେ ପ୍ରଶାନ୍ତ ଜଗଦେବ, ବିଶିଷ୍ଟ ବକ୍ତା ପ୍ରବୀର ମହାନ୍ତି ଓ ମାମାଲି ଦାସଙ୍କୁ 'ପଣ୍ଡିତ ଗୋଦାବରୀଶ ମିଶ୍ର ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଦେଇଥିଲେ।

## ଚୋରି ଲକ୍ଷେ ଟଙ୍କା ଜବତ, ମୁସ୍ତାକ ଗିରଫ

କଟକ ଅଫିସ, ୨୬।୭

ଜଗତପୁର ଥାନା ପୋଲିସ ସୋମବାର ପଦ୍ମପୁର ଅଞ୍ଚଳର ସେକ୍ ମୁସ୍ତାକଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଏକ ମୋବାଇଲ ଫୋନ ସମେତ ନଗଦ ୧ ଲକ୍ଷ ଟଙ୍କା ଜବତ କରାଯାଇଛି। ଏହି ଟଙ୍କାକୁ ସେ ଏକ କାର୍ ଭିତରୁ ଚୋରାଇ ନେଇଥିଲେ। ସୂଚନା ଅନୁଯାୟୀ, ପଦ୍ମପୁର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ସଇଦାନୀ ବଗିଚା ଅଞ୍ଚଳର ଅଖମଲ ରେହମାନଙ୍କ ନୂତନ ଘର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଗତ ୨୪ ତାରିଖ ଅପରାହ୍ନ ପ୍ରାୟ ୧ଟାରେ ଅଖମଲ ରାଜମିସ୍ତ୍ରି ଓ ଶ୍ରମିକଙ୍କୁ ମଜୁରି ଦେବା ଲାଗି ସେଠାକୁ ଯାଇଥିଲେ। ନିର୍ମାଣସ୍ଥଳୀଠାରୁ କିଛି ବାଟ ଦୂରରେ ଅଖମଲ ନିଜ କାର୍ ରଖି କାମ ଦେଖୁଥିଲେ। ଉକ୍ତ କାର୍ ଭିତରେ ମଜୁରି ବାବଦ ୧ ଲକ୍ଷ ଥିଲା। ଏହି ସମୟରେ ମୁସ୍ତାକ ଉକ୍ତ କାର୍ ଭିତରୁ କୌଶଳକ୍ରମେ ଏକ ଲକ୍ଷ ଟଙ୍କା ଚୋରାଇ ନେଇଥିଲେ। ତେବେ କିଛି ସମୟ ପରେ ଅଖମଲ ଫେରି କାର ଭିତରେ ଟଙ୍କା ଭର୍ତ୍ତି ବ୍ୟାଗ ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଜଗତ୍‌ପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଆଇପିସିର ୩୭୯ ଦଫାରେ ଏକ କେସ୍ (ନଂ ୨୯୧/୨୧) ରୁଜୁ କରି ତଦନ୍ତ ଚଳାଇ ଅଭିଯୁକ୍ତଙ୍କୁ ଚିହ୍ନଟ କରି ରବିବାର ତାଙ୍କ ଘରେ ଚଢ଼ାଉ କରିଥିଲା। ସେଠାରୁ ମୁସ୍ତାକଙ୍କୁ ଗିରଫ କରିବା ସହିତ ତାଙ୍କଠାରୁ ୧ ଲକ୍ଷ ଟଙ୍କା ଜବତ କରିଥିଲା। ମୁସ୍ତାକଙ୍କ ନାମରେ ଜଗତ୍‌ପୁର, କ୍ୟାଣ୍ଟନମେଣ୍ଟ, ବାଦାମବାଡ଼ି, ଆଠଗଡ଼ ଓ ସାଲେପୁର ଥାନାରେ ପ୍ରାୟ ୧୫ଟି ଆପରାଧିକ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

# ୨ ଜିଲାପାଳଙ୍କ ପକ୍ଷରୁ ଯୁଗ୍ମ ରିପୋର୍ଟ ଦାଖଲ

କଟକ ଅଫିସ, ୨୬।୭

**୨୧୫ ନଂ. ଜାତୀୟ ରାଜପଥ ଦୁରବସ୍ଥା ମାମଲା**
- ଅଗଷ୍ଟ ୪ରେ ପରବର୍ତ୍ତୀ ଶୁଣାଣି

୨୧୫ ନମ୍ବର ଜାତୀୟ ରାଜପଥ ଦୁରବସ୍ଥା ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାରେ ସୋମବାର ଯାଜପୁର ଜିଲାପାଳ ଓ କେଉଁଝର ଜିଲାପାଳଙ୍କ ପକ୍ଷରୁ ଯୁଗ୍ମ ରିପୋର୍ଟ ଦାଖଲ କରାଯାଇଛି। ପରବର୍ତ୍ତୀ ଶୁଣାଣି ବେଳେ ସାନି ରିପୋର୍ଟ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ, ରାଜ୍ୟ ସରକାରଙ୍କ ଅଧିକାରୀ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଆଇନଜୀବୀ ଆସନ୍ତା ଅଗଷ୍ଟ ୧ ତାରିଖରେ ଉକ୍ତ ରାସ୍ତା ପରିଦର୍ଶନ କରିବେ। ଅଗଷ୍ଟ ୪ରେ ପରବର୍ତ୍ତୀ ଶୁଣାଣି ବେଳେ ରାସ୍ତା ଅବସ୍ଥା ସମ୍ପର୍କରେ ହାଇକୋର୍ଟଙ୍କୁ ଅବଗତ କରିବେ। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏବଂ ବିଚାରପତି ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ପିଟିଶନରେ ଦର୍ଶାଇଥିଲେ, ଯାଜପୁରର ପାଣିକୋଇଲିଠାରୁ କେଉଁଝର ଜିଲାର ରିମୁଳି ଦେଇ ଯାଇଥିବା ୨୧୫ ନମ୍ବର ଜାତୀୟ ରାଜପଥର ନବୀକରଣ ତଥା ୪ ଲେନ୍ କାର୍ଯ୍ୟ ଗାୟତ୍ରୀ ପ୍ରୋଜେକ୍ଟସକୁ ଦାୟିତ୍ୱ ଦିଆଯାଇଥିଲା। ହେଲେ ଏହି ରାସ୍ତାର ମରାମତି କରାଯାଉ ନ ଥିବାବେଳେ ଟୋଲ ଆଦାୟ ଚାଲିଛି। ୧୬୩ କିମି ରାସ୍ତାରେ ୨ଟି ଟୋଲ୍ ଗେଟ୍ ରହିବା ପରିବର୍ତ୍ତେ ୩ଟି ଟୋଲ ପ୍ଲାଜା ନିର୍ମାଣ କରାଯାଇ ଟୋଲ ଆଦାୟ ହେଉଛି। ବର୍ଷାଋତୁ ଆସିଯାଇଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ଏନେଇ ଆବେଦନକାରୀ ମିତ୍ରଭାନୁ ମହାପାତ୍ର ଗତ ୬ ତାରିଖରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ତାଙ୍କ ତରଫରୁ ଆଇନଜୀବୀ ସମ୍ବିତ ସାମଲ ଓ ପ୍ରତିପକ୍ଷ କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ବିଭାଗ ସଚିବଙ୍କ ପକ୍ଷରୁ ଆଇନଜୀବୀ ଏମ୍.ଏସ୍. ସାହୁ ମାମଲା ପରିଚାଳନା କରୁଛନ୍ତି। ଗତ ୯ ତାରିଖରେ ହାଇକୋର୍ଟ ଏହି ମାମଲାର ଶୁଣାଣି କରି ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି କରିବା ସହ ସତ୍ୟପାଠ ଦାଖଲ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।




ପୁରୀର ଶିଳ୍ପୀ ବିଶ୍ୱଜିତ ନାୟକଙ୍କ ଦ୍ୱାରା ଆଇସକ୍ରିମ କାଠିରେ ପ୍ରସ୍ତୁତ ଅଲିମ୍ପିକ ଷ୍ଟାଡିୟମ।

## ଆଉ ୯ ସ୍ଥାନରେ ଓଜେଇଇ ପରୀକ୍ଷା କେନ୍ଦ୍ର

**ଆବେଦନ ଅବଧି ବଢ଼ିଲା**

ଭୁବନେଶ୍ୱର, ୨୬।୭(ବ୍ୟୁରୋ)

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ୨୦୨୧ ପାଇଁ ରାଜ୍ୟରେ ଆଉ ୯ ପରୀକ୍ଷା କେନ୍ଦ୍ର କରାଯାଇଛି। ଉକ୍ତ ସ୍ଥାନଗୁଡ଼ିକ ହେଲା ଭବାନିପାଟଣା, ବୌଦ୍ଧ, ଦେବଗଡ଼, କେନ୍ଦ୍ରାପଡ଼ା, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ପୁରୀ ଓ ସୋନପୁର। ଏଥିସହିତ ଓଡ଼ିଶାର ସମସ୍ତ ଜିଲାରେ ପରୀକ୍ଷା କେନ୍ଦ୍ର ହେଉଛି। ସେହିଭଳି ରାଜ୍ୟ ବାହାରେ ଆଉ ୩ଟି କେନ୍ଦ୍ର ହେବ। ପାଟଣା, ରାଞ୍ଚି ଓ କଲିକତାରେ ପରୀକ୍ଷା ହେବ ଓ କରୋନାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଥିବା ଓଜେଇଇ ପକ୍ଷରୁ କୁହାଯାଇଛି।

ସେପଟେ ଆବେଦନ ସମୟସୀମା ମଧ ବୃଦ୍ଧି କରାଯାଇଛି। ବିଟେକ୍‌କୁ ଛାଡ଼ି ସମସ୍ତ କୋର୍ସ ପାଇଁ ଏହି ସମୟସୀମା ବଢ଼ାଯାଇଛି। ଆସନ୍ତା ୩୦ ତାରିଖ ରାତି ୧୧ଟା ୫୯ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ଅଗଷ୍ଟ ୨ ରାତି ୧୧ଟା ୫୯ ଭିତରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଫି' ଦାଖଲ କରିବେ। ଯେଉଁ ଛାତ୍ରୀଛାତ୍ରମାନେ ଆବେଦନ କରି ସାରିଛନ୍ତି ଯଦି ସେମାନେ କୌଣସି ପରିବର୍ତ୍ତନ କରିବା ପାଇଁ ଚାହୁଁଥିବେ ତେବେ ସେମାନେ ଏହି ସମୟସୀମା ମଧରେ ପରିବର୍ତ୍ତନ କରିପାରିବେ। ଏ ନେଇ ଓଜେଇଇ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଶିଶିର ଭଞ୍ଜ ମିଶ୍ର ପାଇଲେ 'ନୀଳମଣି ବିଦ୍ୟାରତ୍ନ ସମ୍ମାନ'



ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ ଅତିଥିମାନେ।

ଭୁବନେଶ୍ୱର, ୨୬।୭(ବ୍ୟୁରୋ)

ଜାତୀୟତାବାଦୀ ଆନ୍ଦୋଳନର ଅନ୍ୟତମ ପ୍ରବକ୍ତା, ପ୍ରବୀଣ ସାମ୍ବାଦିକ ତଥା ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଥିବା ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ୯୮ତମ ଶ୍ରାଦ୍ଧୋତ୍ସବ ସୋମବାର ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜୟଦେବ ବିହାରସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳେଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ବିଜେଡି ସାଂସ୍କୃତିକ ସେଲ୍ ସଂଯୋଜକ ପ୍ରବୀର ମହାନ୍ତି, ପ୍ରଣବ ପଟେଲ, ଅଧାପକ ଅସିତ ଦାସ ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଦୀପଦାନ କରିଥିଲେ। ଏଥିସହ ପଣ୍ଡିତ ନୀଳମଣିଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶିଷ୍ଟ ଖବରଦାତା ଶିଶିର ଭଞ୍ଜ ମିଶ୍ରଙ୍କୁ 'ନୀଳମଣି ବିଦ୍ୟାରତ୍ନ ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିଭଳି ବାଙ୍ଗୀବାସୀଙ୍କ ତରଫରୁ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧ୍ୟକ୍ଷ ବରିଷ୍ଠ ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ, କୃଷ୍ଣକେଶବ ଷଡ଼ଙ୍ଗୀ, ଆଦର୍ଶ ଶିକ୍ଷକ କାମଦେବ ମହାପାତ୍ର, ଯୁବ ସଙ୍ଗଠକ ପ୍ରଣବ ପଟେଲ, ମାମାଲି ଦାସଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଦେଇଥିଲେ।

## ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତିଙ୍କୁ ଶ୍ରଦ୍ଧାଞ୍ଜଳି

କଟକ ଅଫିସ, ୨୬।୭

ହାଇକୋର୍ଟର ୭୪ତମ ପ୍ରତିଷ୍ଠା ଦିବସ ଓ ପ୍ରଥମ ମୁଖ୍ୟ ବିଚାରପତି ସ୍ୱର୍ଗତ ବି.କେ.ରାୟଙ୍କ ଶ୍ରାଦ୍ଧବାର୍ଷିକୀ ସୋମବାର ପାଳିତ ହୋଇଯାଇଛି। ହାଇକୋର୍ଟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର, ଜଷ୍ଟିସ ଏସ୍.କେ.ମିଶ୍ର, ଜଷ୍ଟିସ ବି.ଆର୍. ଷଡ଼ଙ୍ଗୀ, ଜଷ୍ଟିସ କେ.ଆର୍.ମହାପାତ୍ରଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ସ୍ୱର୍ଗତ ଜଷ୍ଟିସ ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଆଡ୍‌ଭୋକେଟ ଜେନେରାଲ ଅଶୋକ କୁମାର ପରିଜା, ଭାରତ ସରକାରଙ୍କ ଆସିଷ୍ଟାଣ୍ଟ ସଲିସିଟର ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ, ହାଇକୋର୍ଟ ଆଇନଜୀବୀ ସଂଘର ସଭାପତି ଜଗବନ୍ଧୁ ସାହୁ, ଉପସଭାପତି ଦେବୀପ୍ରସାଦ ଦାଶ, ସମ୍ପାଦକ ଜିତେନ୍ଦ୍ର କୁମାର ଲେଙ୍କା, ଆଇନଜୀବୀ ସନାତନ ଦାସ, ବିଜୟ କୁମାର ରଗଡ, ଲକ୍ଷ୍ମୀନାରାୟଣ ପଟେଲ, ଅଭୟ କୁମାର ବଡଜେନା, ଅକ୍ଷୟ କୁମାର ଦାସ ପ୍ରମୁଖ ସ୍ୱର୍ଗତ ଜଷ୍ଟିସ ରାୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



## ଦୁଇ ଶ୍ରେଷ୍ଠ ପୁରସ୍କାର ପାଇଲା ହିତେଶ କୁମାରଙ୍କ 'ଶ୍ରୀଜଗନ୍ନାଥ'

ଭୁବନେଶ୍ୱର, ୨୬।୭ (ବ୍ୟୁରୋ)

**ଅନ୍ତର୍ଜାତୀୟ ସ୍ତରରେ ନାଁ କରୁଛି ଓଡ଼ିଆ ଚଳଚ୍ଚିତ୍ର**

ଅନ୍ତର୍ଜାତୀୟ ସ୍ତରରେ ସୁନାମ ଆଣୁଛି ଓଡ଼ିଆ ଚଳଚ୍ଚିତ୍ର। ସାମାଜିକ ବାର୍ତ୍ତାକୁ ନେଇ ନିର୍ମିତ ହିତେଶ କୁମାରଙ୍କ ପ୍ରାମାଣିକ ଚଳଚ୍ଚିତ୍ର ଏବେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ବେଶ୍ ପ୍ରତିଷ୍ଠିତ। ଚଳିତବର୍ଷ ଔରଙ୍ଗାବାଦରେ ଅନୁଷ୍ଠିତ ରୋଶ୍‌ନି ଇଣ୍ଟରନାସ୍‌ନାଲ ଫିଲ୍ମ ଫେଷ୍ଟିଭାଲରେ ହିତେଶଙ୍କ 'ଶ୍ରୀଜଗନ୍ନାଥ'କୁ 'ଶ୍ରେଷ୍ଠ ପ୍ରେରଣାଦାୟୀ' ଓ 'ଶ୍ରେଷ୍ଠ ସିନେମାଟୋଗ୍ରାଫି' ଚଳଚ୍ଚିତ୍ର ଭାବେ ପୁରସ୍କୃତ କରାଯାଇଛି। ୩ ମିନିଟ୍ ଅବଧିର ଏହି ଚଳଚ୍ଚିତ୍ର ଗତ ୨୦୧୭ରେ ମଧ ଜାତୀୟ ପୁରସ୍କାର ପାଇଥିଲା। ସେହିପରି କରୋନା ଯୋଦ୍ଧାଙ୍କ ଉପରେ ନିର୍ମିତ ୭ମିନିଟ୍‌ର ମ୍ୟୁଜିକାଲ ଫିଲ୍ମ 'ଜୟତୁ ଜୟତୁ ଭାରତମ୍' ସିଡ୍‌ନୀ ଲିପ୍‌ଟପ୍ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଓ ଘରୋଇ ହିଂସା ଉପରେ ଆଧାରିତ ୩ ମିନିଟ୍‌ର ଫିଲ୍ମ 'ବିଜୟନୀ' ଲଣ୍ଡନ୍ ଲିପ୍‌ଟପ୍ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ପାଇଁ ମନୋନୀତ ହୋଇଛି। ପୂର୍ବରୁ ମଧ ହିତେଶଙ୍କ 'ଜୟତୁ ଜୟତୁ ଭାରତମ୍', 'ବିଜୟିନୀ', 'ଆଜାଦି' ଓ 'ଲକ୍‌ଡାଉନ୍ ଆଟ୍ ହୋମ୍' ଚଳଚ୍ଚିତ୍ର ବିଭିନ୍ନ ବିଭାଗରେ ୩୦ ଅନ୍ତର୍ଜାତୀୟ ଓ ୩ ଜାତୀୟ ପୁରସ୍କାର ହାସଲ କରିଛି। ସେହିପରି ୨୦୨୦ରେ ଏହି ୪ଟି ଚଳଚ୍ଚିତ୍ର ୧୪ଟି ଅନ୍ତର୍ଜାତୀୟ ପୁରସ୍କାର ପାଇଥିଲା। ଆଗାମୀ ଦିନରେ ବୃକ୍ଷରୋପଣ ଉପରେ



ପୁରସ୍କାର ସହ ହିତେଶ କୁମାର।

ଆଧାରିତ ଫିଲ୍ମ 'ମୁଁ ଗଛ କହୁଛି' ଏବଂ ଆଉ ଏକ ଫିଲ୍ମ ରିଲିଜ୍ ହେବାର ଅଛି ବୋଲି ହିତେଶ୍ ସୂଚନା ଦେଇଛନ୍ତି। ଯାଜପୁରରୋଡ୍ ବ୍ୟାସନଗର ବାସିନ୍ଦା ହିତେଶ୍ ୨୦୧୧ରୁ ନିଜର ପ୍ରଡକ୍ସନ ବ୍ୟାନର 'ହିତେଶ କୁମାର ଫିଲ୍ମସ୍'ରେ କାମ ଆରମ୍ଭ କରିଥିଲେ। ତାଙ୍କ ଅଜା ସ୍ୱର୍ଗତ ପ୍ରଫୁଲ୍ଲ କୁମାର ମହାପାତ୍ର ଜଣେ ପ୍ରତିଷ୍ଠିତ ତବଲା ବାଦକ ଥିଲେ। ମା' ନିବେଦିତା ମହାପାତ୍ର ମଧ ଜଣେ ବିଶିଷ୍ଟ ଚିତ୍ରଶିଳ୍ପୀ ଭାବେ ପରିଚିତ। କଳାକାର ପରିବାରରୁ ଆସିଥିବା ହିତେଶ ଥିଏଟର ଅଭିନୟରୁ ହିଁ ପ୍ରତିଭା ଦେଖାଇଥିଲେ। ପରେ ଅଭିନୟକୁ ଛାଡି ଫିଲ୍ମ ତିଆରି କରିଥିଲେ। କେବଳ ନିର୍ମାତା ନୁହେଁ, ନିର୍ଦ୍ଦେଶକ ଓ ପ୍ରଯୋଜକ ଭାବେ ମଧ ସେ ସଫଳତା ହାସଲ କରିଛନ୍ତି। ଏଯାବତ୍ ୮୪ଟି ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରିଥିବାବେଳେ ବହୁ ଜାତୀୟ ତଥା ଅନ୍ତର୍ଜାତୀୟ ପୁରସ୍କାର ପାଇଛନ୍ତି। ତାଙ୍କର ପ୍ରତିଟି ଫିଲ୍ମରେ ସମାଜ ପାଇଁ ବାର୍ତ୍ତା ରହିଥାଏ।



ସୌନ୍ଦର୍ଯ୍ୟ

# ମନ୍‌ସୁନ୍ କେୟାର୍...

**ବର୍ଷାଦିନେ ଅନେକଙ୍କଠାରେ ତ୍ୱଚା ଏବଂ କେଶର ଜତ୍ନକୁ ନେଇ ଚିନ୍ତା ବଢ଼ିଯାଏ । କାରଣ ଦୀର୍ଘ ସମୟ ଓଦା ପାଗରେ ରହିବା କିମ୍ବା ବର୍ଷାପାଣି ସଂସ୍ପର୍ଶରେ ଆସିବା ଦ୍ୱାରା ବ୍ୟାକ୍ଟେରିଆଲ୍ ଏବଂ ଫଙ୍ଗାଲ୍ ଇନ୍‌ଫେକ୍ସନ ହେବାର ଆଶଙ୍କା ବଢ଼ିଯାଏ। ତେବେ ଏଭଳି ସମସ୍ୟାଠାରୁ ଦୂରେଇ ରହିବା ସହ ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ କେତେକ ପ୍ରାକୃତିକ ତେଲର ବ୍ୟବହାର ଏଦିନେ ବେଶ୍ ଲାଭଦାୟକ...**

**ଟି ଟ୍ରି ଅଏଲ୍:** ଏହି ତେଲ ବ୍ରଣ, ଦାଗ ଆଦି ସମସ୍ୟା ଦୂର କରିବାରେ ଯେତିକି ସାହାଯ୍ୟ କରେ କେଶକୁ ମଜଭୁତ କରିବାରେ ମଧ୍ୟ ସେତିକି ସାହାଯ୍ୟ କରିଥାଏ। ଏହାକୁ କେଶରେ ଲଗାଇବା ଦ୍ୱାରା ରୁପି ଏବଂ କେଶ ଝଡ଼ିବା ସମସ୍ୟା କମ୍ ହୋଇଥାଏ। ଏହାକୁ ଅଧିକ ଫଳପ୍ରଦ କରିବା ଲାଗି ଏଥିରେ କିଛି ବୁନ୍ଦା ଜୋଜୋବା ଅଏଲ୍ ମଧ୍ୟ ମିଶାଇ ପାରିବେ।

**କଶ୍ମୀର ଲାବେଣ୍ଡର ଅଏଲ୍:** ଏହି ତେଲରେ ଭରିରହିଛି ଉଭୟ ଆଣ୍ଟିଫଙ୍ଗାଲ ଏବଂ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ; ଯାହାକି ବିଭିନ୍ନ ତ୍ୱଚା ସମ୍ବନ୍ଧୀୟ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ। ଏହାର ମିଠା ସୁଗନ୍ଧ ମୁଡ୍ ଫ୍ରେସ୍ ରଖିବାରେ ସାହାଯ୍ୟ କରିଥାଏ। ଏହାକୁ ସେରମ୍, ଫେସ୍ ଅଏଲ୍, କ୍ରିମ୍‌ରେ ଏହି ତେଲ କିଛି ବୁନ୍ଦା ମିଶାଇ ଲଗାଇବା ଦ୍ୱାରା କଳା ଦାଗ, ଛାଇ ଦାଗ ଦୂର କରି ତ୍ୱଚାକୁ ସୁନ୍ଦର ଏବଂ ଗ୍ଲୋଇଙ୍ଗ୍ କରିବାରେ ସାହାଯ୍ୟ କରେ।

**ପୋମୋଗ୍ରାନେଟ୍ ଅଏଲ୍:** ବର୍ଷାଦିନେ ଅନେକଙ୍କ କେଶ ବାରମ୍ବାର ପାଣି ସଂସ୍ପର୍ଶରେ ଆସିବା ଯୋଗୁ ଶୁଷ୍କ ଲାଗିବା ସହ ଏହାର ଚମକ କମିଯାଏ। ଏମିତିରେ ଏହି ତେଲ ଆପଣଙ୍କ ଲାଗି ବେଶ୍ ଉପକାରୀ ହୋଇପାରିବ। ଏହାକୁ ଅଙ୍ଗୁଳି ଟିପ ସାହାଯ୍ୟରେ କେଶ ମୂଳରେ ଲଗାଇ ଧୀରେ ଧୀରେ ମସାଜ କରନ୍ତୁ। ତେଲ କେଶ ମୂଳରେ ଭଲ ଭାବେ ଭେଦିଗଲେ ମୂଳରୁ ଅଗ୍ରଭାଗ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ଦିଅନ୍ତୁ। ମନେ ରଖନ୍ତୁ, ତେଲକୁ କେଶରେ ଲଗାଇ ଆଦୌ ରଗଡ଼ନ୍ତୁ ନାହିଁ। ସେହିପରି ତ୍ୱଚାକୁ କୋମଳ, ବେଦାଗ ଏବଂ ଗ୍ଲୋଇଙ୍ଗ କରିବା ଲାଗି ଏହି ତେଲର କିଛି ବୁନ୍ଦା ନେଇ ଦୁଇ ପାପୁଲିରେ ଭଲ ଭାବେ ଘଷନ୍ତୁ ଏବଂ ତେଲ ଗରମ ଲାଗିଲେ ଏହାକୁ ମୁହଁରେ ସର୍କୁଲାର୍ ମୋଶନ୍‌ରେ ହାଲୁକା ମସାଜ କରନ୍ତୁ।



ଖାଦ୍ୟରୁଚି

# କୋକୋନଟ୍ ବର୍ଫି

**ଆବଶ୍ୟକ ସାମଗ୍ରୀ:** ନଡ଼ିଆ କୋରା ୨୫୦ମିଲି.ଗ୍ରାମ୍, ଏକ କପ୍ କ୍ଷୀର, ଏକ କପ୍ ରାବିଡି କିମ୍ବା ମିଲ୍କମେଡ୍, ୩-୪ଟି ଗୁଜୁରାତିର ଗୁଣ୍ଡ, ଅଧା ଚାମଚ ଗୋଲାପଜଳ, ଏକ କପ୍ ଚିନି, ୨-୩ ଟେବଲ୍ ସ୍ପୁନ୍ ଘିଅ, ୮-୧୦ଟି ଖଣ୍ଡ କାଜୁ, ଅଳ୍ପ କେଶର।

**ପ୍ରସ୍ତୁତି ପ୍ରଣାଳୀ:** ଚୁଲାରେ କ୍ଷୀର ଗରମ କରି ସେଥିରେ ନଡ଼ିଆ କୋରା ପକାଇ ଭଲ ଭାବେ ଗୋଳାଇ ଏକ ଘଣ୍ଟା ରଖିଦିଅନ୍ତୁ। ଏବେ ଏକ ପ୍ୟାନ୍‌ରେ ଘିଅ ପକାଇ ଗରମ କରନ୍ତୁ। ଏଥିରେ ପୂର୍ବରୁ ରଖାଯାଇଥିବା ନଡ଼ିଆକୋରା ପକାଇ ୨-୩ ମିନିଟ୍ ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ଏଥିରେ ରାବିଡି କିମ୍ବା ମିଲ୍କମେଡ୍ ପକାଇ ଅଳ୍ପ ଆଞ୍ଚରେ ଘାଣ୍ଟନ୍ତୁ। ଚିନି ଏବଂ ଗୁଜୁରାତି ଗୁଣ୍ଡ ପକାଇ ୨୦ରୁ ୨୫ ମିନିଟ୍ ଗୋଳାନ୍ତୁ। ମିଶ୍ରଣ ଅଠାଳିଆ ହୋଇଯିବା ପରେ ଗୋଲାପ ଜଳ ପକାଇ ପୁଣି ଘାଣ୍ଟନ୍ତୁ। ବର୍ତ୍ତମାନ ଏକ ଟ୍ରେ କିମ୍ବା ପ୍ଲେଟ୍‌ରେ ଘିଅ ଲଗାଇ ତା' ଉପରେ ଏହି ମିଶ୍ରଣକୁ ରଖି ଛୁରି କିମ୍ବା ଚାମଚ ସାହାଯ୍ୟରେ ସମାନ କରି ଦିଅନ୍ତୁ । ଏହା ଉପରେ କେଶର ଏବଂ ଖଣ୍ଡ କାଜୁ ପକାଇ ଥଣ୍ଡା ହେବାକୁ ଛାଡି ଦିଅନ୍ତୁ। ଏହା ପରେ ନିଜ ପସନ୍ଦ ମୁତାବକ ଆକାରରେ କାଟି ଖାଇବାକୁ ଦିଅନ୍ତୁ।



**ପରିବାର ଏବଂ ଅଫିସ୍ ଉଭୟ କାର୍ଯ୍ୟଭାର ସମ୍ଭାଳିବାକୁ ହୋଇଥାଏ ଜଣେ କର୍ମଜୀବୀ ମହିଳାଙ୍କୁ। ଏମିତିରେ କେବେ କେବେ କାର୍ଯ୍ୟବ୍ୟସ୍ତତା ମଧ୍ୟରେ କର୍ମକ୍ଷେତ୍ରରେ ପହଞ୍ଚିବାରେ ହୋଇଯାଏ ବିଳମ୍ବ; ଯାହାର ନକାରାତ୍ମକ ପ୍ରଭାବ ପଡ଼େ ବ୍ୟକ୍ତିତ୍ୱ ଉପରେ। ହେଲେ ଏହାକୁ ଯଥା ସମୟରେ ସୁଧାରି ନେଇ ନିଜକୁ ଏକ ସମୟାନୁବର୍ତ୍ତୀ କର୍ମଜୀବୀର ପରିଚୟ ଦେବାରେ ସାହାଯ୍ୟ କରିଥାଏ ଠିକ୍ ଟାଇମ୍ ମ୍ୟାନେଜ୍‌ମେଣ୍ଟ...**



# ସମୟାନୁବର୍ତ୍ତୀ କର୍ମଜୀବୀ

ପ୍ରତ୍ୟେକ କର୍ମଜୀବୀ ମହିଳାଙ୍କୁ ଘରର ସମସ୍ତ ଦାୟିତ୍ୱ ସହ ଅଫିସ୍ କାର୍ଯ୍ୟ ମଧ୍ୟ ତୁଲାଇବାକୁ ହୋଇଥାଏ। ଏମିତିରେ ସକାଳୁ ଘରର ସମସ୍ତ କାର୍ଯ୍ୟ ଶେଷକରି ଅଫିସ୍‌ରେ ନିର୍ଦ୍ଧାରିତ ସମୟରେ ପହଞ୍ଚିବାରେ ବେଳେବେଳେ ବିଳମ୍ବ ହୋଇଯାଏ। ହେଲେ ବାରମ୍ବାର ଏପରି ହେଲେ ଏହା ନା କେବଳ ବ୍ୟକ୍ତିତ୍ୱରେ ଆଞ୍ଚ ଆଣିଥାଏ ବରଂ ଚାକିରି ଉପରେ ମଧ୍ୟ ବିପଦ ସୃଷ୍ଟି କରିଥାଏ। ତେଣୁ ଏମିତିରେ ନିଜକୁ ସମୟାନୁବର୍ତ୍ତୀ କରିବା ଲାଗି କେତେକ ଦିଗ ପ୍ରତି ଦୃଷ୍ଟି ଦେବା ନିହାତି ଆବଶ୍ୟକ...



**ଟାଇମ୍ ମ୍ୟାନେଜ୍‌ମେଣ୍ଟ ଗୁରୁତ୍ୱପୂର୍ଣ୍ଣ:** ଟାଇମ୍ ମ୍ୟାନେଜ୍‌ମେଣ୍ଟର ଅଭାବ ପ୍ରତ୍ୟେକ କାର୍ଯ୍ୟରେ ବାଧା ଉପୁଜାଇଥାଏ। ଆଉ ଏହା ହିଁ କାର୍ଯ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ହେବାର ମୁଖ୍ୟ କାରଣ। ତେଣୁ ଆପଣ କେଉଁ କାର୍ଯ୍ୟ କେତେବେଳେ, କେତେ ସମୟ ଭିତରେ କଲେ ଠିକ୍ ସମୟରେ କାର୍ଯ୍ୟସ୍ଥଳରେ ପହଞ୍ଚିପାରିବେ ସେଥିନେଇ ଟାଇମ୍ ଟେବୁଲ୍ ପ୍ରସ୍ତୁତ କରନ୍ତୁ।

**ରାତିରୁ କରନ୍ତୁ ପ୍ଲାନିଂ:** ଉଭୟ ଘର ଏବଂ ଅଫିସ୍‌ରେ ପରବର୍ତ୍ତୀ ଦିନ କେଉଁକେଉଁ କାର୍ଯ୍ୟ କରିବେ ତାହାକୁ ପୂର୍ବ ରାତିରୁ ପ୍ଲାନ୍ କରି ରଖନ୍ତୁ। ଯେପରି କି ଅଫିସ୍‌ର କୌଣସି ଦରକାରୀ କାଗଜପତ୍ର ଆଦି ପୂର୍ବ ରାତିରୁ ହିଁ ପ୍ୟାକ୍ କରିଦିଅନ୍ତୁ। ଅନେକ ମହିଳା କ'ଣ ରାନ୍ଧିବି, କ'ଣ ପିନ୍ଧି ଅଫିସ୍ ଯିବେ ବାଛିବାରେ ଅଯଥା ସମୟ ନଷ୍ଟ କରୁଥିବାର ଦେଖିବାକୁ ମିଳେ। ତେଣୁ ଏଥିପାଇଁ ପୂର୍ବ ରାତିରୁ ହିଁ ରୋଷେଇର ମେନୁ ଏବଂ ଗେଟ୍‌ଅପ୍‌ର ସବୁ ଜିନିଷ ଠିକ୍ ଭାବେ ସଜାଡ଼ି ରଖି ଦିଅନ୍ତୁ, ଯେପରି ରୋଷେଇ ସହ ଘର କାମ ସରିବା ମାତ୍ରେ ସଙ୍ଗେ ସଙ୍ଗେ ଅଫିସ୍ ପାଇଁ ପ୍ରସ୍ତୁତ ହୋଇ ବାହାରି ପାରିବେ।

**ହୁଅନ୍ତୁ ମଲ୍ଟି ଟାସ୍କିଂ:** ଯଦି ଆପଣ ଗୋଟିଏ କାମ ସରିଲେ ଅନ୍ୟ କାମ କରିବେ ଭାବିବେ ତେବେ ସମୟ ଅଣ୍ଟିବା କଷ୍ଟ ହେବ। ତେଣୁ ନିର୍ଦ୍ଧାରିତ ସମୟରେ କେଉଁ ସବୁ କାର୍ଯ୍ୟ ଏକ ସଙ୍ଗେ କରି ହେବ ଦେଖନ୍ତୁ। ଅଳ୍ପ ସମୟରେ ଏକାଧିକ କାର୍ଯ୍ୟ କରିବା ଦ୍ୱାରା ସମୟ ବଞ୍ଚାଇପାରିବେ ଏବଂ ଯଥା ସମୟରେ ଅଫିସ୍‌ରେ ମଧ୍ୟ ପହଞ୍ଚି ପାରିବେ। ବିଶେଷକରି ଘରେ ଛୋଟ ପିଲା ଥିଲେ ସେମାନଙ୍କ କାମରେ ଅଧିକ ସମୟ ଲାଗୁଥାଏ। ତେଣୁ ଏପରି ସ୍ଥିତିରେ ମଲ୍ଟି ଟାସ୍କିଂ ହେବା ହିଁ ଏକ ମାତ୍ର ବିକଳ୍ପ।

**ନିର୍ଦ୍ଦିଷ୍ଟ ଶୋଇବା ସମୟ ରଖନ୍ତୁ:** ଦୈନିକ ଶୋଇବା ଏବଂ ଉଠିବାର ଏକ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରନ୍ତୁ। ପରିବାର ସମସ୍ତ ସଦସ୍ୟଙ୍କ ସହ ଘର କାମ ସାରିବା ପରେ ଅଧିକ ରାତିଯାଏ ଟିଭି, ଲ୍ୟାପ୍‌ଟପ୍, ମୋବାଇଲରେ ବ୍ୟସ୍ତ ନ ରହି ଶୀଘ୍ର ଶୁଅନ୍ତୁ। ଏହାଦ୍ୱାରା ଆପଣ ଶୀଘ୍ର ଉଠି ଯଥା ସମୟରେ ସମସ୍ତ କାର୍ଯ୍ୟ ସମାପ୍ତ କରି ଅଫିସ୍ ଯିବାରେ କୌଣସି ଅସୁବିଧା ହେବ ନାହିଁ। ତା'ଛଡ଼ା ପର୍ଯ୍ୟାପ୍ତ ନିଦ୍ରା ଆପଣଙ୍କୁ ଦିନଯାକର କାର୍ଯ୍ୟ କରିବା ଲାଗି ସ୍ଫୂର୍ତ୍ତି ଯୋଗାଇବ।

**ହାତରେ ସମୟ ରଖନ୍ତୁ:** ଘରୁ ବାହାରିବା ପୂର୍ବରୁ ସବୁବେଳେ ହାତରେ କିଛି ସମୟ ରଖିଥାନ୍ତୁ। ଫଳରେ ବାଟରେ ଟ୍ରାଫିକ ଜାମ୍ ହେଉ କିମ୍ବା ଅନ୍ୟ କୌଣସି କାରଣ ଯୋଗୁ କାର୍ଯ୍ୟସ୍ଥଳୀରେ ପହଞ୍ଚିବା ଯେପରି ଡେରି ନ ହୁଏ। ତା'ଛଡ଼ା ବିଳମ୍ବରେ ତରତର ହୋଇ ଯିବା ଦ୍ୱାରା ଦୁର୍ଘଟଣାର ଆଶଙ୍କା ବି ରହିଥାଏ।

**କର୍ମ ତତ୍ପର ହୁଅନ୍ତୁ:** ବ୍ୟକ୍ତିଗତ ତଥା ପାରିବାରିକ ଜୀବନ ଭଳି କର୍ମମୟ ଜୀବନକୁ ବି ସମାନ ଗୁରୁତ୍ୱ ଦିଅନ୍ତୁ ଏବଂ ଉଭୟ କ୍ଷେତ୍ରରେ ତତ୍ପରତାର ସହ କାର୍ଯ୍ୟ କରନ୍ତୁ। ଘର ଭଳି କାର୍ଯ୍ୟକ୍ଷେତ୍ରରେ ଛୋଟ ହେଉ କି ବଡ଼ ସମସ୍ତ କାର୍ଯ୍ୟକୁ ଯଥା ସମୟରେ ଶେଷ କରିବାକୁ ଚେଷ୍ଟା କରନ୍ତୁ। ଏହା ଆପଣଙ୍କୁ ଏକ ଦକ୍ଷ ତଥା ସମୟାନୁବର୍ତ୍ତୀ କର୍ମଚାରୀର ପରିଚୟ ଦେବ।

## କ'ଣ କରନ୍ତି ଏମାନେ...

**ଲକ୍ଷ୍ମୀପ୍ରିୟା ନାୟକ** (କଷ୍ଟମର ରିଲେଶନ୍‌ଶିପ୍ ଅଫିସର, ବାଲିପାଟଣା, ଖୋର୍ଦ୍ଧା)- ପ୍ରତ୍ୟେକ ମହିଳା ବିଶେଷକରି କର୍ମଜୀବୀ ମହିଳାଙ୍କ ହାତରୁ କେବେ କାମ କମେନି। ଗୋଟିଏ କାମ ନ ସରୁଣୁ ଆଉ ଗୋଟିଏ ଆସି ପହଞ୍ଚିଯାଏ। ଏମିତିରେ ପ୍ରତ୍ୟେକ କାର୍ଯ୍ୟକୁ ଯଥା ସମୟରେ କରିବା କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ। ନିଜସ୍ୱ ଅନୁଭବରୁ କହିବି, ଘରର ବିଭିନ୍ନ କାମ ସହ ଛୋଟ ଝିଅର କାମ ନିର୍ଦ୍ଧାରିତ ସମୟରେ ସାରି ଅଫିସ୍ ଯିବା ଟିକେ କଷ୍ଟ ହେଉଛି। ତଥାପି ସବୁ କାର୍ଯ୍ୟ ଲାଗି ଏକ ଟାଇମ୍ ଟେବୁଲ୍ ପୂର୍ବ ରାତିରୁ ହିଁ ପ୍ରସ୍ତୁତ କରିଦିଏ ଏବଂ ଅଳ୍ପ ସମୟରେ ଏକାଧିକ କାମ କରିବାକୁ ଚେଷ୍ଟା କରେ।



ଲକ୍ଷ୍ମୀପ୍ରିୟା

**ସାଗରିକା ମହାନ୍ତି** (ମ୍ୟାନେଜର, କଲ୍ୟାଣ ଜୁଏଲର୍ସ, ଭୁବନେଶ୍ୱର)- ସମୟାନୁବର୍ତ୍ତୀ ହେବା ଜଣେ କର୍ମଜୀବୀଙ୍କ ବ୍ୟକ୍ତିତ୍ୱର ପ୍ରଥମ ପରିଚୟ ; ଯାହାକୁ ମୁଁ ସର୍ବଦା ଗୁରୁତ୍ୱ ଦେଇଥାଏ। ତେଣୁ କାର୍ଯ୍ୟକ୍ଷେତ୍ରରେ ଯଥା ସମୟରେ ପହଞ୍ଚିବାଠାରୁ ପ୍ରତିଦିନର କାମ ଯଥା ସମୟରେ ସମାପ୍ତ କରିବାକୁ ଚେଷ୍ଟା କରିଥାଏ। ବାଟରେ କୌଣସି କାମରେ ବିଳମ୍ବ ହେଲେ ଯେପରି ଯଥା ସମୟରେ ପହଞ୍ଚିବାରେ ଅସୁବିଧା ନ ହୁଏ ସେଥିପାଇଁ ହାତରେ କିଛି ସମୟ ରଖି ବାହାରିଥାଏ। ଆଳସ୍ୟ ନ ରଖି ସକାଳୁ ଉଠି ଘରର ସମସ୍ତ କାମ ସହ ଦୁଇ ପିଲାଙ୍କ କାମ ସାରିଥାଏ। ମୋ ମତରେ ଦୃଢ଼ ମନୋବଳ ରଖି ଠିକ୍ ପ୍ଲାନିଂ କରିବା ସହ ମଲ୍ଟି ଟାସ୍କିଂ ହେଲେ କୌଣସି କାର୍ଯ୍ୟ କଷ୍ଟସାଧ୍ୟ ନୁହେଁ।



ସାଗରିକା







# ମହିଳା ଓ ପେନ୍‌କିଲର

**ଆଜିର ବ୍ୟସ୍ତବହୁଳ ଜୀବନ ହେଉ ଅବା ପରିବର୍ତ୍ତିତ ଜୀବନଶୈଳୀ ଲାଗି ଅନେକ ମହିଳାଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି; ଯାହା ମଧ୍ୟରୁ ଅଣ୍ଟା, ଆଣ୍ଠୁ ଆଦି ଗଣ୍ଠି ଯନ୍ତ୍ରଣା ପ୍ରମୁଖ। ଆଉ ଏଥିରୁ ଉପଶମ ପାଇବା ଲାଗି ସେମାନେ ସଙ୍ଗେସଙ୍ଗେ ପେନ୍‌କିଲରର ସାହାଯ୍ୟ ନେଉଛନ୍ତି। ହେଲେ ଆପଣ ଜାଣନ୍ତି କି, ଡାକ୍ତରଙ୍କ ବିନା ପରାମର୍ଶରେ ଏଭଳି ଔଷଧର ଅଧିକ ସେବନ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହୋଇପାରେ...**

- ଗ୍ରେଟର ଚିକାଗୋରେ ହୋଇଥିବା ଏକ ଗବେଷଣା ରିପୋର୍ଟ ମୁତାବକ ଡାକ୍ତରଙ୍କ ବିନା ପରାମର୍ଶରେ କିମ୍ବା ମନଇଚ୍ଛା ଦୈନିକ ଆବଶ୍ୟକ ମାତ୍ରାଠାରୁ ଅଧିକ ପେନ୍‌କିଲର୍ ବା ନନ୍-ଷ୍ଟେରଇଡାଲ୍ ଆଣ୍ଟି-ଇନ୍‌ଫ୍ଲାମେଟୋରି ଡ୍ରଗ୍ସର ସେବନ କରିବା ଦ୍ୱାରା ଲିଭର(ଯକୃତ) ଖରାପ ହେବାର ଆଶଙ୍କା ଖୁବ୍ ବେଶି।
- ଥଣ୍ଡା, ସାଇନସ ଏବଂ ଗ୍ୟାସ୍ ଭଳି ସମସ୍ୟା ଲାଗି ବ୍ୟବହୃତ ପେନ୍‌କିଲର ଅଧିକ ମାତ୍ରାରେ ସେବନ କରିବା ଦ୍ୱାରା ଯକୃତ ସହିତ ପାକସ୍ଥଳୀ ମଧ୍ୟ ପ୍ରଭାବିତ ହୋଇଥାଏ ; ଯାହାକି ପରବର୍ତ୍ତୀ ସମୟରେ ଅଲ୍‌ସର୍‌ର ଆଶଙ୍କାକୁ ବି ଦ୍ୱିଗୁଣିତ କରିଥାଏ।
- ଡାଇବେଟିସ୍ କିମ୍ବା ବ୍ଲଡ୍‌ପ୍ରେସର୍ ସମସ୍ୟା ଥିବା ମହିଳାଙ୍କଠାରେ ପେନ୍‌କିଲର୍ ଅଧିକ ମାତ୍ରାରେ ବ୍ୟବହାର କରିବା ଦ୍ୱାରା କିଡ୍‌ନୀ ଫେଲ୍ୟୁଅର୍ ହେବାର ଆଶଙ୍କା ରହିଥାଏ।
- ପୁଣି କିଛି ପେନ୍‌କିଲର୍‌ର ମାତ୍ରାଧିକ ସେବନ କେତେକଙ୍କଠାରେ ରକ୍ତକୁ ପତଳା କରିବା ବା ରକ୍ତର ସାନ୍ଦ୍ରତା ହ୍ରାସ କରିବା ସହ ରକ୍ତଚାପ ସମସ୍ୟା ସୃଷ୍ଟି କରିଥାଏ।
- ତେଣୁ ସହଜ ଉପଲବ୍ଧ ହୋଇଥିବାରୁ ପେନ୍‌କିଲର ସେବନକୁ ନ ଆପଣେଇ ବିଭିନ୍ନ ଘରୋଇ ଉପଚାର ସହ ଯୋଗବ୍ୟାୟାମକୁ ଜୀବନଶୈଳୀରେ ସାମିଲ କରି ଏକ ଯନ୍ତ୍ରଣା ମୁକ୍ତ ଜୀବନ ଜିଅନ୍ତୁ।



# ସିଲ୍‌ଭର ଗର୍ଲ ଚାନୁଙ୍କ ପ୍ରତ୍ୟାବର୍ତ୍ତନ



କୋଚ୍ ବିଜୟ ଶର୍ମାଙ୍କ ସହ ମୀରାବାଇ ଚାନୁ।

**ନୂଆଦିଲ୍ଲୀ,୨୬।୭:** ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ଜିତି ଭାରତ ପାଇଁ ପ୍ରଥମ ପଦକ ହାସଲ କରିଥିବା ମୀରାବାଇ ଚାନୁ ସୋମବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନ ଜ୍ଞାପନ ସହ ସ୍ୱାଗତ କରାଯାଇଥିଲା। ଫେସ୍ ଶିଲ୍ଡ ଓ ମାସ୍କ ପିନ୍ଧି ସେ ସୁରକ୍ଷାକର୍ମୀଙ୍କ ଗହଣରେ ବିମାନବନ୍ଦର ବାହାରକୁ ଆସିଥିଲେ। ଏତେ ଭଲ ପାଇବା ଓ ସମର୍ଥନ ଦେଖି ସେ ଖୁସି ଜାହିର କରିଛନ୍ତି। ଟୁଇଟ୍ କରି ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ (ସାଇ) ଅଧିକାରୀମାନେ ତାଙ୍କୁ ପାଛୋଟି ନେଇଥିଲେ ଓ ଏହି ଅବସରରେ ବିମାନବନ୍ଦର 'ଭାରତ ମାତା କି ଜୟ' ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ତାଙ୍କୁ ଗାର୍ଡ ଅଫ୍ ଅନର ମଧ୍ୟ ଦିଆଯାଇଥିଲା। ପହଞ୍ଚିବା ପରେ ତାଙ୍କର ଆର୍‌ଟି- ପିସିଆର୍ ଟେଷ୍ଟ ମଧ୍ୟ ହୋଇଥିଲା। ଚାନୁଙ୍କ ସହିତ ତାଙ୍କ କୋଚ୍ ବିଜୟ ଶର୍ମା ମଧ୍ୟ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହା ପୂର୍ବରୁ ସେ ଟୋକିଓ ବିମାନବନ୍ଦରରୁ ଫେରିବା ବେଳେ ଏକ ଫଟୋ ଟୁଇଟ୍ କରିଥିଲେ। ଚାନୁଙ୍କ ସଫଳତାରେ ଖୁସି ହୋଇ ମଣିପୁର ସରକାର ୧ କୋଟି ଟଙ୍କାର ଆର୍ଥିକ ପୁରସ୍କାର ଘୋଷଣା କରିଛନ୍ତି। ସନ୍ଧ୍ୟାରେ ସେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

ଅଲିମ୍ପିକ ଭାରୋତ୍ତୋଳନ ପ୍ରତିଯୋଗିତାରେ ମଣିପୁରର ଚାନୁ ଶନିବାର ମୋଟ ୨୦୨ କେ.ଜି. (୮୭ କେ.ଜି. + ୧୧୫ କେ.ଜି.) ଉଠାଇ ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ପଦକ ଜିତିଥିଲେ। ଦୀର୍ଘ ୨୧ ବର୍ଷ ପରେ ସେ ଭାରତ ପାଇଁ ଓ୍ୱେଟ୍‌ଲିଫ୍ଟିଂରେ ପଦକ ଜିତି ଇତିହାସ ରଚିଥିଲେ। ପୂର୍ବରୁ ୨୦୦୦ରେ କର୍ନମ ମାଲେଶ୍ୱରୀ ସିଡ୍‌ନୀ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିଲେ। ତେବେ ୨୦୧୬ ରିଓ ଅଲିମ୍ପିକ୍ସରେ ଚାନୁ ସାଂଘାତିକ ଭାବେ ବିଫଳ ହୋଇଥିଲେ। ଏହି ବିଫଳତାକୁ ସେ ପଛରେ ପକାଇ ରୌପ ହାସଲ କରି ସାରା ବିଶ୍ୱର ଦୃଷ୍ଟିଆକର୍ଷଣ କରିଛନ୍ତି। ଚାନୁ ଅବଶ୍ୟ ପୂର୍ବରୁ ବିଶ୍ୱ ଚାମ୍ପିୟନଶିପ୍‌ରେ ଟାଇଟଲ ହାସଲ କରିବା ସହ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅଲିମ୍ପିକ୍ସ ପୂର୍ବରୁ ସେ ଆମେରିକାରେ ଟ୍ରେନିଂ ନେଉଥିଲେ। ସେ ପଦକ ହାସଲ କରିବେ ବୋଲି ଆଶା କରାଯାଉଥିଲା।

## ସ୍ୱର୍ଣ୍ଣ ହୋଇପାରେ ଚାନୁଙ୍କ ରୌପ୍ୟ

**ଟୋକିଓ,୨୬।୭:** ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତି ଭାରତ ପାଇଁ ପ୍ରଥମ ପଦକ ହାସଲ କରିଥିବା ମହିଳା ଭାରୋତ୍ତୋଳିକା ମୀରାବାଇ ଚାନୁ ଏବେ ସ୍ୱର୍ଣ୍ଣ ପଦକ ହାସଲ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ଅର୍ଥାତ ତାଙ୍କର ରୌପ୍ୟ ପଦକ ସ୍ୱର୍ଣ୍ଣରେ ପରିଣତ ହୋଇପାରେ। ୪୯ କେ.ଜି. ବର୍ଗରେ ଚାନୁଙ୍କୁ ହରାଇ ଚାଇନାର ଝିହୁଇ ହୋଉ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। କିନ୍ତୁ ଏବେ ସେ ଡୋପ୍ ସନ୍ଦେହ ଘେରରେ ରହିଛନ୍ତି। ୨୦୧ କେ.ଜି. ଉଠାଇ ଅଲିମ୍ପିକ୍ସ ରେକର୍ଡ କରିଥିବା ହୋଉ ଯଦି ଡୋପ୍‌ରେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ତାଙ୍କଠାରୁ ପଦକ କାଢି ନିଆଯିବ। ଏଭଳି ସ୍ଥିତିରେ ଚାନୁ ସ୍ୱର୍ଣ୍ଣ ପଦକର ହକ୍‌ଦାର ହେବେ। ସେହିପରି ୧୯୪ କେ.ଜି. ଓଜନ ଉଠାଇ ବ୍ରୋଞ୍ଜ ପଦକ ହାସଲ କରିଥିବା ଇଣ୍ଡୋନେସିଆର ୱିଣ୍ଡି କାଣ୍ଟିକା ଆଇସା ରୌପ୍ୟ ପଦକ ହାସଲ କରିବେ।

ଅଲିମ୍ପିକ୍ସରେ ଏଭଳି ନିୟମର ବ୍ୟବସ୍ଥା ରହିଛି। ଯଦି କୌଣସି ପଦକ ବିଜେତା ଡୋପ୍ ଟେଷ୍ଟରେ ବିଫଳ ହୁଅନ୍ତି ତେବେ ତାଙ୍କ ପଦକ କାଢି ନିଆଯାଇଥାଏ। ଏପରିସ୍ଥଳେ ତାଙ୍କ ନିମ୍ନରେ ଥିବା ଆଥଲେଟଙ୍କ ପଦକରେ ଉନ୍ନତି ହୋଇଥାଏ। ଅଲିମ୍ପିକ୍ସରେ ପୂର୍ବରୁ ଏକାଧିକ ବାର ଏଭଳି ସ୍ଥିତି ଉପୁଜିଛି।

ହୋଉ ଚାଇନା ଫେରିବାର ଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ତାଙ୍କ ରୋକି ଦିଆଯାଇଛି। ଏବେ ତାଙ୍କର ପରୀକ୍ଷା କରାଯାଉଛି। ଆଗକୁ କ'ଣ ହେଉଛି ତାହା ପରେ ଜଣାପଡିବ। ଯଦି ହୋଉ ଡୋପ୍ ଟେଷ୍ଟରେ ବିଫଳ ହୁଅନ୍ତି ତା'ହେଲେ ଚାନୁଙ୍କ ରୌପ୍ୟ ସ୍ୱର୍ଣ୍ଣ ପଦକରେ ପରିଣତ ହେବ। ତେବେ ଏ ସଂକ୍ରାନ୍ତରେ ଅଧିକ କିଛି କୁହାଯାଇନାହିଁ। ଏ ନେଇ ଅନ୍ତିମ ନିଷ୍ପତ୍ତିରେ ପହଞ୍ଚିବା ପୂର୍ବରୁ କେତୋଟି ଦିନ ଅପେକ୍ଷା କରିବାକୁ ହେବ ବୋଲି କୁହାଯାଇଛି।

## ମନିକା ପରାସ୍ତ, ଶରଥ ତୃତୀୟ ରାଉଣ୍ଡରେ



ଦ୍ୱିତୀୟ ରାଉଣ୍ଡ୍ ମ୍ୟାଚ୍ ଅବସରରେ ଶରଥ କମଲ।

**ଟୋକିଓ, ୨୬।୭ (ପି.ଟି.):** ଅଲିମ୍ପିକ୍ସ ପୁରୁଷ ସିଙ୍ଗଲ୍ସ ଟେବୁଲ ଟେନିସ ପ୍ରତିଯୋଗିତାରେ ଭାରତର ଅଗ୍ରଣୀ ଖେଳାଳି ଶରଥ କମଲ ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଅନ୍ୟପକ୍ଷରେ ମନିକା ବାତ୍ରା ଓ ସୁତୀର୍ଥା ମୁଖାର୍ଜୀ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ପରାଜିତ ହେବା ଦ୍ୱାରା ଭାରତର ମହିଳା ଚ୍ୟାଲେଞ୍ଜ ଶେଷ ହୋଇଛି। ସୋମବାର ପର୍ତ୍ତୁଗାଲର ଟିଆଗୋ ଆପୋଲୋନିଆଙ୍କ ବିପକ୍ଷ ପ୍ରଥମ ଗେମ୍‌ରେ ୩୯ ବର୍ଷୀୟ ଶରଥଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। ମାତ୍ର ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ସେ ମ୍ୟାଚ୍‌କୁ ୨-୧୧, ୧୧-୮, ୧୧-୫, ୯-୧୧, ୧୧-୬, ୧୧-୯ରେ ଜିତି ନେଇଥିଲେ। ପରେ ମହିଳା ସିଙ୍ଗଲ୍ସର ଏକ ତୃତୀୟ ରାଉଣ୍ଡ ମ୍ୟାଚରେ ମନିକା ୧୦ମ ସିଡ୍ ସୋଫିଆ ପୋଲ୍‌କାନୋଭାଙ୍କଠାରୁ ୦-୪ରେ ପରାସ୍ତ ହୋଇଥିଲେ। ଭାରତର ଏହି ଷ୍ଟାର ଖେଳାଳି ରବିବାର ବିଶ୍ୱର ୩୨ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଅଷ୍ଟ୍ରିଆର ବାମହାତୀ ଖେଳାଳିଙ୍କ ଆକ୍ରମଣାତ୍ମକ ପ୍ରଦର୍ଶନର ଉଚିତ ମୁକାବିଲା କରିପାରି ନ ଥିଲେ। ଭାରତର କେବଳ ଜଣେ ମାତ୍ର ଖେଳାଳି ଶରଥ ପଦକ ଦୌଡ଼ରେ ରହିଛନ୍ତି। ମଙ୍ଗଳବାର ତୃତୀୟ ରାଉଣ୍ଡରେ ସେ ଚାଇନାର ତଥା ଗତଥର ଅଲିମ୍ପିକ ଚାମ୍ପିୟନ ମା' ଲଙ୍ଗ୍‌ଙ୍କୁ ଭେଟିବେ। ଲଙ୍ଗ୍ ହେଉଛନ୍ତି ଜଣେ ସର୍ବକାଳୀନ ମହାନ୍ ଖେଳାଳି। ଟେବୁଲ ଟେନିସର ସେ ସମସ୍ତ ସିଙ୍ଗଲ୍ସ ଜିତିସାରିଛନ୍ତି। ବର୍ତ୍ତମାନ ସେ ବିଶ୍ୱ ଚାମ୍ପିୟନ ମଧ୍ୟ। ମୁଖାର୍ଜୀ ଚାଇନାର ୪୨ ବର୍ଷୀୟା ୟୁ ଫୁ'ଙ୍କୁ ଉଚିତ ମୁକାବିଲା କରି ନ ପାରି ହାରିଯାଇଥିଲେ। ୟୁ ଫୁ' ଏହି ମ୍ୟାଚ ୪-୦ରେ ଜିତି ନେଇଥିଲେ।

## ପ୍ରଥମ ରାଉଣ୍ଡରେ ହାରିଲେ ଆଶିଷ



ଆଶିଷ ଚୌଧାରୀ ଓ ଏର୍ବିକ ତୌହେତାଙ୍କ ମଧ୍ୟରେ ଲଢ଼େଇ।

**ଟୋକିଓ, ୨୬।୭ (ପି.ଟି.):** ଭାରତୀୟ ବକ୍ସର ଆଶିଷ ଚୌଧାରୀ (୭୫କେଜି)ଙ୍କ ଅଲିମ୍ପିକ ପଦାର୍ପଣ ନୈରାଶ୍ୟଜନକ ରହିଛି। ସୋମବାର ଓପନିଂ ରାଉଣ୍ଡରେ ସେ ଚାଇନାର ଏର୍ବିକ ତୌହେତାଙ୍କଠାରୁ ୦-୫ରେ ହାରିଯାଇଛନ୍ତି। ହିମାଚଳ ପ୍ରଦେଶରେ ଆଶିଷଙ୍କ ପଞ୍ଚ୍‌ଗୁଡ଼ିକ ଲକ୍ଷ୍ୟଭ୍ରଷ୍ଟ ପରିଲକ୍ଷିତ ହୋଇଥିଲା। ତୃତୀୟ ରାଉଣ୍ଡରେ କିଛିସମୟ ଲଢେଇକରି ନିଜ ନିୟନ୍ତ୍ରଣରେ ରଖିବା ଲାଗି ସେ ସମର୍ଥ ହୋଇଥିଲେ, ମାତ୍ର ସେତେବେଳକୁ ବିଳମ୍ବ ହୋଇଯାଇଥିଲା।

## ୧୩ ବର୍ଷୀୟା ମୋମିଜୀଙ୍କୁ ସ୍ୱର୍ଣ୍ଣ

**ଟୋକିଓ,୨୬।୭:** ଟୋକିଓ ଅଲିମ୍ପିକ୍ସରେ ସ୍ୱଳ୍ପବୟସ୍କା ବାଳିକାଙ୍କ ଚମକ ଦେଖିବାକୁ ମିଳିଛି। ସ୍କେଟବୋର୍ଡିଂରେ ୧୩ ବର୍ଷୀୟ ଦୁଇଜଣ ଖେଳାଳି ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିବା ବେଳେ ଜଣେ ୧୬ ବର୍ଷୀୟା ଖେଳାଳି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ମହିଳା ସ୍କେଟ ବୋର୍ଡିଂରେ ଜାପାନର ୧୩ ବର୍ଷୀୟା ମୋମିଜୀ ନିଶିୟା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ବ୍ରାଜିଲର ୧୩ ବର୍ଷୀୟା ଖେଳାଳି ରେସା ଲିୟଲ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ଜାପାନର ଅନ୍ୟତମ ଖେଳାଳି ଫୁନା ନାକାୟାମା ଏହି ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ମୋମିଜୀ ସୋମବାର ୧୩ ବର୍ଷ ୩୩୦ ଦିନ ବୟସରେ ସ୍ୱର୍ଣ୍ଣ ପଦକ ଜିତି ଅନ୍ୟତମ ସର୍ବକନିଷ୍ଠ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ସାବ୍ୟସ୍ତ ହୋଇଛନ୍ତି।



ବାମରୁ ବ୍ରାଜିଲର ରେସା ଲିଅଲ, ଜାପାନର ମୋମିଜୀ ନିଶିୟା ଏବଂ ଜାପାନର ଫୁନା ନାକାୟାମା।

## ସାତ୍ତ୍ୱିକ-ଚିରାଗ ଯୋଡ଼ି ପରାସ୍ତ

**ବ୍ୟାଡ୍‌ମିଣ୍ଟନ**

**ଟୋକିଓ, ୨୬।୭ (ପି.ଟି.):** ଭାରତର ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟୀ ଯୋଡ଼ି ଅଲିମ୍ପିକ ବ୍ୟାଡ୍‌ମିଣ୍ଟନ ପୁରୁଷ ସିଙ୍ଗଲ୍ସ ଗ୍ରୁପ୍ ଏ'ରେ ସେମାନଙ୍କ ଦ୍ୱିତୀୟ ମ୍ୟାଚ ଇଣ୍ଡୋନେସିଆର ମାର୍କସ ଜିଡନ ଫର୍ନାଲ୍ଡି ଓ କେଭିନ୍ ସଞ୍ଜୟ ସୁକାମୁଲ୍‌ଜୋଙ୍କଠାରୁ ହାରିଯାଇଛନ୍ତି। ବିଶ୍ୱର ୧୦ନମ୍ବର ମାନ୍ୟତାପ୍ରାପ୍ତ ଭାରତୀୟ ଯୋଡ଼ି ୧୩-୨୧, ୧୨-୨୧ରେ ଟପ୍ ସିଡ୍ ଯୋଡ଼ିଙ୍କଠାରୁ ପରାଜିତ ହୋଇଛନ୍ତି। ଉଭୟ ଯୋଡ଼ି ଏପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତାରେ ୯ଥର ପରସ୍ପରକୁ ଭେଟିଛନ୍ତି। ସମସ୍ତ ଥର ଇଣ୍ଡୋନେସିଆ ଯୋଡ଼ି ବିଜୟ ଲାଭ କରିଛନ୍ତି। ସୁକାମୁଲ୍‌ଜୋ ଓ ଜିଡନ ଯୋଡ଼ି ବର୍ତ୍ତମାନ ଗ୍ରୁପ୍ ଏ'ର ଶୀର୍ଷରେ ରହିଥିବାବେଳେ ସାତ୍ତ୍ୱିକ ଓ ଚିରାଗ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଭାରତୀୟ ଯୋଡ଼ିଙ୍କୁ ବର୍ତ୍ତମାନ ଇଂଲଣ୍ଡର ବେନ୍ ଲେନ୍ ଓ ସିନ୍ ଭେଣ୍ଡିଙ୍କୁ ପରାସ୍ତ କରିବାକୁ ପଡ଼ିବ। ଏହି ଯୋଡ଼ି ପୂର୍ବରୁ ଇଣ୍ଡୋନେସିଆଠାରୁ ପରାଜିତ ହୋଇସାରିଛନ୍ତି। ଗ୍ରୁପ୍ ଏ'ର ଚତୁର୍ଥ ଟିମ୍ ବିଶ୍ୱର ୩ ନମ୍ବର ଯୋଡ଼ି ଚାଇନିଜ ତାଇପେର ଲି ୟାଙ୍ଗ୍ ଓ ୱାଙ୍ଗ୍ ଚି-ଲିନ୍ ସୋମବାର ଇଂଲଣ୍ଡ ଯୋଡ଼ିଙ୍କ ବିପକ୍ଷରେ ବିଜୟ ହାସଲ କରି ଦୌଡ଼ରେ ରହିଛନ୍ତି।



ଭାରତ ଓ ଜର୍ମାନୀ ମଧ୍ୟରେ ଅନୁଷ୍ଠିତ ମହିଳା ହକି ମ୍ୟାଚ୍।

## ମହିଳା ହକି ଦଳର କ୍ରମାଗତ ଦ୍ୱିତୀୟ ପରାଜୟ

**ଟୋକିଓ,୨୬।୭:** ଅଲିମ୍ପିକ୍ସ ହକିରେ ଭାରତୀୟ ମହିଳାଙ୍କ ନୈରାଶ୍ୟଜନକ ପ୍ରଦଶନ ଜାରି ରହିଛି। ପ୍ରଥମ ମ୍ୟାଚ୍‌ରେ ବିଶ୍ୱର ୧ ନମ୍ବର ଦଳ ନେଦରଲାଣ୍ଡଠାରୁ ୧-୫ରେ ହାରିବା ପରେ ଭାରତ ସୋମବାର ଦ୍ୱିତୀୟ ମ୍ୟାଚରେ ଜର୍ମାନୀଠାରୁ ପରାସ୍ତ ହୋଇଛି। ପୁଲ ଏ'ରେ ଜର୍ମାନୀ ୨-୦ରେ ଭାରତକୁ ହରାଇଛି। ପେନାଲ୍ଟି କର୍ନରକୁ ଭାରତୀୟ ଖେଳାଳି ଗୋଲରେ ପରିଣତ କରିବାରେ ବିଫଳ ହୋଇଛନ୍ତି। ଫଳରେ ଦଳ ପାଇଁ ଏହା ମହଙ୍ଗା ସାବ୍ୟସ୍ତ ହୋଇଛି। ଭାରତ ଏବେ ବୁଧବାର ଗ୍ରେଟ ବ୍ରିଟେନକୁ ଭେଟିବ। ସେହିପରି ୩୦ ଜୁଲାଇରେ ଭାରତ ଆୟର୍ଲାଣ୍ଡ ଓ ୩୧ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ଏହାପରେ ଅଗଷ୍ଟ ୨ ତାରିଖରୁ ନକ ଆଉଟ ମ୍ୟାଚ୍ ଖେଳାଯିବା ଆରମ୍ଭ ହେବ।

ରିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ତଥା ବିଶ୍ୱର ୩ ନମ୍ବର ଦଳ ଜର୍ମାନୀ ବିପକ୍ଷରେ ଭାରତ ଲଢୁଆ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଜର୍ମାନୀ ପାଇଁ ଏହା ଯଥେଷ୍ଟ ନ ଥିଲା। ଭାରତୀୟ ଖେଳାଳିମାନେ ଏକାଧିକ ସୁଯୋଗ ହାତଛଡା କରିଥିଲେ। ତୃତୀୟ କ୍ୱାର୍ଟରରେ ଗୁରଜିତ କୌର ଏକ ପେନାଲ୍ଟି ଷ୍ଟ୍ରୋକକୁ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲେ। ଭାଗ୍ୟଦେବୀ ମଧ୍ୟ ଭାରତକୁ ସହାୟ ହୋଇ ନ ଥିଲେ। ଅନ୍ୟପଟେ ଜର୍ମାନୀ ତରଫରୁ ଅଧିନାୟିକା ନାଇକ ଲୋରେଞ୍ଜ ୧୨ ଓ ଆନ୍ନା ସ୍ରୋଡର ୩୫ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଜର୍ମାନୀ ଏଥିସହ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଏହାପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଜର୍ମାନୀ ୨-୧ ଗୋଲରେ ବ୍ରିଟେନକୁ ହରାଇଥିଲା। ଜର୍ମାନୀ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ପ୍ରଥମ ହାଫ୍‌ରେ ଜର୍ମାନୀ ଅଧିକ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ୨୧ତମ ମିନିଟ୍ ଜର୍ମାନୀ ପେନାଲ୍ଟି ସୁଯୋଗ ପାଇଥିଲେ ମଧ୍ୟ ଭାରତ ତାକୁ ପ୍ରତିହତ କରିଥିଲା। ଜର୍ମାନୀ ଅଧିକ ସମୟ ବଲ୍ ପଜେସ କରିଥିଲା ଓ ଭାରତକୁ ଅଧିକ ସୁଯୋଗ ଦେଇ ନ ଥିଲା।

## ଭାରତୀୟ ମୁଖ୍ୟ ଦଳରେ ଈଶ୍ୱରନ

**ଲଣ୍ଡନ,୨୬।୭(ପି.ଟି.)**

ୟୁବ ଓପନର ପୃଥ୍ୱୀ ଶ ଓ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ସୂର୍ଯ୍ୟକୁମାର ଯାଦବ ଭାରତୀୟ ଟେଷ୍ଟ ଦଳରେ ସାମିଲ ହୋଇଛନ୍ତି। ଅଗଷ୍ଟ ୪ରୁ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ୫ ମ୍ୟାଚବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାକୁ ଏହି ଦୁଇ ଖେଳାଳି ଇଂଲଣ୍ଡ ଯାତ୍ରା କରିବେ। ଶୁବମନ ଗିଲ୍ ଓ ୱାଶିଂଟନ ସୁନ୍ଦର ଆହତ ହୋଇଥିବାରୁ ବଦଳ ଖେଳାଳିଭାବେ ସୂର୍ଯ୍ୟକୁମାର ଓ ପୃଥ୍ୱୀଙ୍କୁ ଡାକରା ମିଳିଛି। ଏଥିସହ ଷ୍ଟାଣ୍ଡ ବାଇ ତଥା ବେଙ୍ଗଲ ଓପନର ଅଭିମନ୍ୟୁ ଈଶ୍ୱରନଙ୍କୁ ମୁଖ୍ୟ ଦଳରେ ସାମିଲ କରାଯାଇଛି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ସୋମବାର ଘୋଷଣା କରାଯାଇଛି। ଚଳିତ ଶ୍ରୀଲଙ୍କା ବିପକ୍ଷ ଦିନିକିଆ ଓ ଟି୨୦ ସିରିଜରେ ଭଲ ପ୍ରଦର୍ଶନ କରିଥିବାରୁ ବିସିସିଆଇ ଏହି ଦୁଇ ଖେଳାଳିଙ୍କୁ ଦଳରେ ସାମିଲ କରି ପୁରସ୍କୃତ କରିଛି। ସେହିପରି ବାମ ବୁଢା ଆଙ୍ଗୁଠି ଭାଙ୍ଗିଯାଇ ଥିବାରୁ ଷ୍ଟାଣ୍ଡ ବାଇ ଦ୍ରୁତ ବୋଲର ଆଭେସ ଖାଁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ। ଶୁବମନ ଗିଲ୍‌ଙ୍କ ବାମ ଗୋଡ଼ରେ ସମସ୍ୟା ରହିଛି। ଯାହାଫଳରେ ତାଙ୍କୁ ଇଂଲଣ୍ଡ ଗସ୍ତରୁ ବାଦ୍ ଦିଆଯାଇଛି। ସେହିପରି ଡାହଣହାତ ବୋଲିଂ ଆଙ୍ଗୁଠିରେ ସୁନ୍ଦର ଆଘାତ ପାଇଛନ୍ତି। ଶୁବମନ ଭାରତ ଫେରିସାରିଛନ୍ତି। ତେବେ ଆଭେସ ଓ ସୁନ୍ଦର ଖୁବ୍‌ଶୀଘ୍ର ଭାରତ ପ୍ରତ୍ୟାବର୍ତ୍ତନ କରିବେ। ଭାରତୀୟ ସିନିୟର ଚୟନ କମିଟି ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଏହି ଅଦଳବଦଳ କରିଛି ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା କହିଛନ୍ତି। ସୁନ୍ଦର ଡାହାଣ ହାତ ଆଙ୍ଗୁଠିରେ ଇଞ୍ଜେକ୍‌ଶନ ନେଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହେବାକୁ ସମୟ ଲାଗିବ ଓ ସେ ବୋଲିଂ ଫିଟ୍ ନାହାନ୍ତି। ତେଣୁ ତାଙ୍କୁ ଇଂଲଣ୍ଡ ଗସ୍ତରୁ ବାଦ୍ ଦିଆଯାଇଛି ବୋଲି ଶାହା କହିଛନ୍ତି।

## କଳାହାଣ୍ଡି କପ୍ ଆରମ୍ଭ

**ଭୁବନେଶ୍ୱର, ୨୬।୬ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ସମ୍ମାନଜନକ କଳାହାଣ୍ଡି କପ୍ (ସିନିୟର ଓ ୧୯ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଆରମ୍ଭ ହୋଇଛି। ଏହାର ପ୍ରଥମ ଦିବସରେ କେନ୍ଦ୍ରାପଡ଼ାକୁ ଇକୋର୍ସା ୩୮ ରନରେ, ଗଞ୍ଜାମ ୧ ରନରେ ଅନୁଗୋଳ, ବୌଦ୍ଧ ୨ ଉଇକେଟରେ କଳାହାଣ୍ଡି, ସୁନ୍ଦରଗଡ଼ ୨୧ ରନରେ କଟକ'ବି'କୁ ପରାସ୍ତ କରିଛି। ସେହିପରି ଢେଙ୍କାନାଳ ୩୨ ରନରେ ଭଦ୍ରକ, ନବରଙ୍ଗପୁର ୯ ଉଇକେଟରେ ମାଲକାନଗିରି, ଭୁବନେଶ୍ୱର 'ଏ' ୯୧ ରନରେ ବାଲେଶ୍ୱର, ଖୋର୍ଦ୍ଧା ୮ ଉଇକେଟରେ ନୂଆପଡ଼ା ଏବଂ ନୟାଗଡ଼ ୯୭ ରନରେ ଦେବଗଡ଼କୁ ହରାଇ ଦେଇଛି।

## ଭଦ୍ରକର ବୃହତ୍ ବିଜୟ

**ଭୁବନେଶ୍ୱର, ୨୬।୭ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଆରମ୍ଭ ହୋଇଛି। ପ୍ରଥମ ଦିବସରେ କଟକ 'ଏ' ୫ ଉଇକେଟରେ ଯାଜପୁର, କେନ୍ଦୁଝର ୯୦ ରନରେ କିଟ୍, ପାରାଦୀପ ୯୨ ରନରେ କନ୍ଧମାଳକୁ ହରାଇ ଦେଇଛି। ସେହିପରି ସୁନ୍ଦରଗଡ଼ ୯ ଉଇକେଟରେ କଟକ'ବି', ଭଦ୍ରକ ୧୦ ଉଇକେଟରେ ଢେଙ୍କାନାଳ ଏବଂ ମାଲକାନଗିରି ୭ ଉଇକେଟରେ ନବରଙ୍ଗପୁରକୁ ହରାଇ ଦେଇଛି।

## ଭାରତୀୟ ଅଲିମ୍ପିକ ଫ୍ୟାନ୍ ଆର୍ମିରେ ସୁଦର୍ଶନ

**ଭୁବନେଶ୍ୱର,୨୬।୭(ସ୍ପୋର୍ଟ୍ସ ବ୍ୟୁରୋ)**

ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ଆଥ୍‌ଲେଟଙ୍କୁ ଉତ୍ସାହିତ କରିବା ଲାଗି ଏମ୍‌ପିଏଲ୍ ସ୍ପୋର୍ଟ୍ସ ଫାଉଣ୍ଡେଶନର ଅଭିଯାନ ସ୍ୱରୂପ ଭାରତୀୟ ଅଲିମ୍ପିକ ଫ୍ୟାନ୍ ଆର୍ମିରେ ଯୋଗ ଦେଇଛନ୍ତି ବିଶିଷ୍ଟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ। ଏଥିପାଇଁ ସେ ସୋମବାର ଏକ ବାଲୁକା କଳାର ଉନ୍ମୋଚନ କରିଛନ୍ତି। ଏହା ଭାରତୀୟ ଆଥ୍‌ଲେଟଙ୍କୁ ଭଲ ପ୍ରଦର୍ଶନ କରିବାରେ ଉତ୍ସାହିତ କରିବ ବୋଲି କୁହାଯାଇଛି। ପୁରୀ ସମୁଦ୍ର କୂଳରେ ସ୍ଥାପନ ହୋଇଥିବା ଏହି ବାଲୁକା କଳାରେ ଅଲିମ୍ପିକ୍ସର ବିଭିନ୍ନ ଶୃଙ୍ଖଳା ସମେତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଦିଆଯାଇଥିବା ଆହ୍ୱାନ 'ଚିୟର ଫର ଇଣ୍ଡିଆ' ଲେଖାଯାଇଛି। ଭାରତୀୟ ଅଲିମ୍ପିକ୍ ଫ୍ୟାନ ଆର୍ମିରେ କୋଲକାତା ନାଇଟ ରାଇଡର୍ସ, ଏଫ୍‌ସି ଗୋଆ, ଗୋକୁଳମ କେରଳ ଏଫ୍‌ସି, ଅଲ୍‌ଟିମେଟ ଟେବୁଲ ଟେନିସ, ରିୟଲ କଶ୍ମୀର ଏଫ୍‌ସି, ସିଲଂ ଲାଜୋଙ୍ଗ୍ ଏଫ୍‌ସି ଓ କ୍ରିକେଟ ଫୌଜି ଭଳି ଶ୍ରେଷ୍ଠ କ୍ରୀଡ଼ା ଦଳ ସମେତ ୩୧ ନିୟୁତରୁ ଅଧିକ ଫ୍ୟାନ ସୃଷ୍ଟି ହୋଇଛନ୍ତି। ଏହି ଅଭିଯାନ ମାଧ୍ୟମରେ ୧୩୦ କୋଟି ଲୋକଙ୍କୁ ଅଲିମ୍ପିକ ଆଥ୍‌ଲେଟଙ୍କ ଫ୍ୟାନ୍‌ରେ ପରିଣତ କରିବା ଲାଗି ଯୋଜନା ରହିଛି। କୋଭିଡ୍-୧୯ କଟକଣା ଲାଗି କ୍ରୀଡ଼ାପ୍ରେମୀମାନେ ଦୂରରେ ରହି ଖେଳାଳିଙ୍କୁ ଉତ୍ସାହିତ କରୁଛନ୍ତି। ଫାଉଣ୍ଡେଶନ ତରଫରୁ ବିଭିନ୍ନ ଭର୍ଚୁଆଲ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ଓ ଏହା କ୍ରୀଡ଼ାପ୍ରେମୀଙ୍କୁ ଉତ୍ସାହିତ କରିବାରେ ସହାୟକ ହୋଇଛି।




ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

**ଆସେଟ୍ ମନିଟାଇଜେଶନ ପାଇଁ ପୋର୍ଟାଲ ପ୍ରସ୍ତୁତ**

ନୂଆଦିଲ୍ଲୀ: ପ୍ରସ୍ତାବିତ ୨.୫ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଆସେଟ ମନିଟାଇଜେଶନ କାର୍ଯ୍ୟକ୍ରମ ପାଇଁ ସରକାର ଏକ ପୋର୍ଟାଲ ପ୍ରସ୍ତୁତ କରିଛନ୍ତି। ଏହା ଦ୍ୱାରା ନିବେଶକଙ୍କୁ ସୁବିଧା ମିଳିପାରିବ। ସମ୍ପତ୍ତିଗୁଡ଼ିକୁ ଅଧିଗ୍ରହଣ କରିବା ଲାଗି ଏହା ୱାନ୍ ଷ୍ଟପ୍ ଶପ ପ୍ରଦାନ କରିବ। ନ୍ୟାଶନାଲ ଇନ୍‌ଫ୍ରାଷ୍ଟ୍ରକଚର ପାଇପଲାଇନ ଆଧାରରେ ଏହାକୁ ପ୍ରସ୍ତୁତ କରାଯାଉଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଚାଇନାର ଏଜୁକେଶନ ଟାଇକୁନଙ୍କୁ ୧୫ ବିଲିୟନ ଡଲାର କ୍ଷତି

**ନୂଆଦିଲ୍ଲୀ, ୨୬।୭:** ଚାଇନା ସରକାର ସେଠାକାର ଘରୋଇ ଶିକ୍ଷା କ୍ଷେତ୍ର ଉପରେ କଟକଣା ଲଗାଇବାରୁ ବିଭିନ୍ନ କମ୍ପାନୀ ପ୍ରଭାବିତ ହୋଇଛନ୍ତି। ସେଠାକାର ଏଜୁକେଶନ ଟାଇକୁନ କୁହାଯାଉଥିବା ଲାରି ଚେନ୍‌ଙ୍କୁ ଏଥିଲାଗି ୧୫ ବିଲିୟନ ଡଲାର (୧.୧୧ଲକ୍ଷ କୋଟି) କ୍ଷତି ସହିବାକୁ ପଡିଛି। ଘରୋଇ ଶିକ୍ଷା ବ୍ୟବସ୍ଥା ଉପରେ ଅତ୍ୟଧିକ କଟକଣା ଯୋଗୁ ଉକ୍ତ କ୍ଷେତ୍ରରେ କାମ କରୁଥିବା କମ୍ପାନୀଗୁଡିକର ଶେୟାର ମୂଲ୍ୟ ଗଭୀର ଭାବେ ଖସିଛି। ଫଳରେ ଏକଦା ବିଶ୍ୱର ବିଲିୟନେୟାର ସୂଚୀରେ ସ୍ଥାନିତ ହୋଇଥିବା ଚେନ୍‌ଙ୍କ ବିଲିୟନେୟାର ଷ୍ଟାଟସ ଚାଲିଯାଇଥିବା ଜଣାପଡିଛି। ଚେନ୍ ଗାଓତୋ ଟେକେଡୁ ଇଙ୍କ୍ ନାମକ କମ୍ପାନୀ ପ୍ରତିଷ୍ଠା କରିବା ସହ ଏହାର ଅଧକ୍ଷ ଏବଂ ସିଇଓ ଭାବେ କାର୍ଯ୍ୟ କରୁଥିଲେ। କମ୍ପାନୀର ମୂଲ୍ୟ ବର୍ତ୍ତମାନ ୩୩୬ ନିୟୁତ ଡଲାର ରହିଥିବା ବ୍ଲୁମ୍‌ବର୍ଗ ବିଲିୟନେୟାର ସୂଚକାଙ୍କରୁ ଜଣାପଡିଛି। ହେଲେ ସରକାରଙ୍କ କଟକଣା ଯୋଗୁ ଏହି ଅନ୍‌ଲାଇନ ଟ୍ୟୁଟୋରିଆଲ ପ୍ଲାଟ୍‌ଫର୍ମର ଶେୟାର ଖସିଥିବା ଜଣାପଡିଛି।

### ବ୍ୟାଙ୍କ ଅସୁଲ କରିଛନ୍ତି ୫.୫ ଲକ୍ଷ କୋଟି

**ନୂଆଦିଲ୍ଲୀ, ୨୬।୭:** ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ୍ ସମେତ ଅନ୍ୟ ସଂସ୍କାର ପ୍ରକ୍ରିୟା ଗତ କିଛି ବର୍ଷ ହେବ ସରକାର ହାତକୁ ନେଇଛନ୍ତି। ଏହାଦ୍ୱାରା ବ୍ୟାଙ୍କଗୁଡିକ ୫.୫ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ଅସୁଲ କରିବାକୁ ସକ୍ଷମ ହୋଇଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସେହିଭଳି ଋଣ ଆକାଉଣ୍ଟଗୁଡିକରୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ଋଣ ରାଇଟ ଅଫ୍ କରାଯାଇଥିବା ଜଣାପଡିଛି। ମହାମାରୀ ସତ୍ତ୍ୱେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ବେଶି ସମସ୍ୟା ସାମ୍ନା କରିନାହାନ୍ତି। ସଂସ୍କାର ପ୍ରକ୍ରିୟା ଏବଂ ପ୍ରସ୍ତାବିତ ସମ୍ପତ୍ତି ପୁନର୍ଗଠନ ପଦକ୍ଷେପ ଯୋଗୁ ବ୍ୟାଙ୍କଗୁଡିକର ବାଲାନ୍ସ ସିଟ୍ ଆହୁରି ସ୍ୱଚ୍ଛ ହେବ ବୋଲି ଆକଳନ କରାଯାଇଛି। ଏନ୍‌ପିଏ ସେଲ୍ ଦ୍ୱାରା ବ୍ୟାଙ୍କଗୁଡିକ ନୂଆକରି ପୁଣି ପୁଞ୍ଜି ହାସଲ କରିପାରିବେ।

# ନୋଟ୍ ପ୍ରିଣ୍ଟ ଯୋଜନା ନାହିଁ

ନୂଆଦିଲ୍ଲୀ,୨୬।୭



କରୋନା ମହାମାରୀ ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ସଙ୍କଟ ସମୟ ଦେଇ ଗତି କରୁଛି। ସରକାର ନୋଟ୍ ପ୍ରିଣ୍ଟ କରି ବଜାର ଚାହିଦାକୁ ବଢ଼ାନ୍ତୁ ବୋଲି କେତେଜଣ ବିଶେଷଜ୍ଞ କହିଥିଲେ। ଏ ନେଇ ଜୋର୍‌ଦାର ଚର୍ଚ୍ଚା ମଧ୍ୟ ହୋଇଥିଲା। ତେବେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୋମବାର ଏ ନେଇ ସଂସଦରେ ସ୍ପଷ୍ଟୀକରଣ ରଖିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ନୋଟ୍ ପ୍ରିଣ୍ଟ ଲାଗି କୌଣସି ଯୋଜନା ରଖାଯାଇନାହିଁ। ସରକାର ନୋଟ୍ ଛପାଇବା ଲାଗି ଯୋଜନା ରଖିଛନ୍ତି କି ନାହିଁ ବୋଲି ପାର୍ଲାମେଣ୍ଟରେ ସରକାରଙ୍କୁ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତର ସୀତାରାମନ ରଖିବା ସହ ଯୋଜନା ନ ଥିବା କହିଛନ୍ତି।

କରୋନା ମହାମାରୀ ଯୋଗୁ ବଜାର କ୍ଷତିଗ୍ରସ୍ତ ହୋଇଛି। ଅନେକ ଲୋକ ନିଯୁକ୍ତି ହରାଇଛନ୍ତି। ବଜାରକୁ ସୁଧାରିବା ଲାଗି ସରକାର ନୋଟ୍ ପ୍ରିଣ୍ଟ କରାଇବାକୁ ବଜାର ବିଶେଷଜ୍ଞ ଏବଂ ଅର୍ଥନୀତିଜ୍ଞମାନେ ପରାମର୍ଶ ଦେଇଥିଲେ। ୨୦୨୦-୨୧ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି) -୭.୩% ଖସିବା ନେଇ ଆକଳନ କରାଯାଇଥିବା ସୀତାରାମନ ସ୍ପଷ୍ଟକରିଛନ୍ତି। ମହାମାରୀ ନିୟନ୍ତ୍ରଣ ପାଇଁ ସରକାର ଜାରି କରିଥିବା ଲକ୍‌ଡାଉନର ପ୍ରଭାବ ବଜାର ଉପରେ ପଡ଼ିଛି। ଭାରତୀୟ ଅର୍ଥ ବ୍ୟବସ୍ଥାର ମୌଳିକ ଢାଞ୍ଚା ଦୃଢ଼ କରିଛି। ଅଭିବୃଦ୍ଧିକୁ ସହାୟତା କରିବା ଲାଗି

### ସ୍ପଷ୍ଟକଲେ ସୀତାରାମନ

ସରକାର ଆତ୍ମନିର୍ଭର ଭାରତ ଅଭିଯାନ ଗ୍ରହଣ କରିଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷ ଦ୍ୱିତୀୟ ଭାଗରୁ ଜିଡିପି ସୁଧାର ପଥକୁ ଫେରୁଥିବା ସୀତାରାମନ ମତ ରଖିଛନ୍ତି।

ଆତ୍ମନିର୍ଭର ଭାରତ ଯୋଜନା ଅଧୀନରେ କେନ୍ଦ୍ର ସରକାର ୨୯.୮୭ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ସାଧାରଣ ବଜେଟରେ ବିଭିନ୍ନ ପଦକ୍ଷେପ ଘୋଷଣା କରାଯାଇଛି। ପୁଞ୍ଜି ଖର୍ଚ୍ଚରେ ୩୪.୫ ବୃଦ୍ଧି କରାଯାଇଛି। ସେହିଭଳି ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ୧୩୭% ବୃଦ୍ଧି ହୋଇଛି। ଜୁନ୍‌ରେ ୬.୨୯ ଲକ୍ଷ କୋଟିର ପ୍ୟାକେଜ ଘୋଷଣା କରାଯାଇଛି। ଦ୍ୱିତୀୟ ଲହରର ପ୍ରଭାବ ବଜାର ଉପରେ ଏତେଟା ରହିବନି । ଚଳିତ ଆର୍ଥିକ ବର୍ଷରେ ନୋମିନାଲ ଜିଡିପି ୧୪.୫% ବୃଦ୍ଧି ହେବ ବୋଲି ସେ ସୂଚନା ଦେଇଛନ୍ତି।

# ବ୍ୟାଙ୍କରେ ୮.୩୪ ଲକ୍ଷ କୋଟିର ଏନ୍‌ପିଏ

ନୂଆଦିଲ୍ଲୀ, ୨୬।୭




ବ୍ୟାଙ୍କଗୁଡ଼ିକର ଅନାଦାୟ ଋଣ(ଏନ୍‌ପିଏ) ୬୧,୧୮୦ କୋଟି ଟଙ୍କା ହ୍ରାସ ଘଟି ୮.୩୪ ଲକ୍ଷ କୋଟି ଟଙ୍କା ରହିଛି। ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଯୋଗୁ ବ୍ୟାଙ୍କ ଏନ୍‌ପିଏ ଖସୁଥିବା ଅର୍ଥ ରାଷ୍ଟ୍ରମନ୍ତ୍ରୀ ଭାଗବତ ସିଂ କରାଡ କହିଛନ୍ତି। ୨୦୨୦ ମାର୍ଚ୍ଚ ବେଳକୁ ଦେଶର ବାଣିଜ୍ୟିକ ବ୍ୟାଙ୍କଗୁଡିକର ୮.୯୬ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ରହିଥିଲା। ଆର୍‌ବିଆଇ ପକ୍ଷରୁ ଏନ୍‌ପିଏ ଚିହ୍ନଟରେ ସ୍ୱଚ୍ଛତା ଅବଲମ୍ବନ କରାଯାଇଛି।

ବିଶ୍ୱସ୍ତରୀୟ ମାନକକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ରିପୋର୍ଟ ମୁତାବକ, ୨୦୧୫ ମାର୍ଚ୍ଚରେ ବ୍ୟାଙ୍କଗୁଡ଼ିକରେ ୩.୨୩ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ରହିଥିଲା। ୨୦୧୮ ମାର୍ଚ୍ଚ ବେଳକୁ ଏହା ୧୦.୩୬ ଲକ୍ଷ କୋଟିରେ ପହଞ୍ଚିଥିଲା। ଏନ୍‌ପିଏ ଚିହ୍ନଟ, ଋଣ ସମାଧାନ ଏବଂ ବ୍ୟାଙ୍କଗୁଡ଼ିକୁ ପୁଞ୍ଜୀକରଣ ଭଳି ପଦକ୍ଷେପ ସରକାର ଗ୍ରହଣ କରିଛନ୍ତି।

ଫଳରେ ବ୍ୟାଙ୍କ ଏନ୍‌ପିଏ ୨୦୧୯ ମାର୍ଚ୍ଚରେ ୯.୩୩ ଲକ୍ଷ କୋଟି ଟଙ୍କାକୁ ହ୍ରାସ ହୋଇଥିଲା। ୨୦୨୦ ମାର୍ଚ୍ଚରେ ଏହା ୯.୮୬ କୋଟି ଟଙ୍କା ରହିଥିବା ବେଳେ ଚଳିତ ବର୍ଷ ମାର୍ଚ୍ଚରେ ୮.୩୪ ଲକ୍ଷ କୋଟି ଟଙ୍କାକୁ ଖସି ଆସିଛି। ଅନ୍ୟ ଏକ ପ୍ରଶ୍ନର ଉତ୍ତର ରଖି କରାଡ କହିଛନ୍ତି, ୨୦୧୮ ମାର୍ଚ୍ଚ ବେଳକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ଏନ୍‌ପିଏ ୮.୯୫ ଲକ୍ଷ କୋଟି ଟଙ୍କା ରହିଥିଲା। ସରକାରଙ୍କ ପଦକ୍ଷେପ ଯୋଗୁ ୨୦୧୯ ମାର୍ଚ୍ଚ ସୁଦ୍ଧା ଏନ୍‌ପିଏ ୭.୩୯ ଲକ୍ଷ କୋଟିକୁ କମିଛି। ୨୦୨୦ ମାର୍ଚ୍ଚରେ ୬.୭୮ ଲକ୍ଷ କୋଟି ଏବଂ ୬.୧୬ ଲକ୍ଷ କୋଟି ଟଙ୍କାକୁ ଏନ୍‌ପିଏ ହ୍ରାସ ପାଇଛି।

# ରୁନାୟାର ଆଲୁମିନିୟମ ଡ୍ରସ୍ ପ୍ରୋସେସିଂ ୟୁନିଟ ଶୁଭାରମ୍ଭ

ଭୁବନେଶ୍ୱର,୨୬।୭



ରୁନାୟା ପକ୍ଷରୁ ସ୍ଥାପିତ ଆଲୁମିନିୟମ ଡ୍ରସ୍ ପ୍ରକ୍ରିୟାକରଣ ଏବଂ ବିଶୋଧନ ୟୁନିଟ୍‌ର ଶୁଭାରମ୍ଭ ହୋଇଛି। ଭାରତରେ ପ୍ରଥମକରି ସ୍ଥାପନ ହୋଇଥିବା ଏହି ୟୁନିଟ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିକଟରେ ଭର୍ଚୁଆଲ ଭାବେ ଉଦ୍‌ଘାଟନ କରିଛନ୍ତି। ଆଲୁମିନିୟମ ଡ୍ରସ୍‌ରୁ ଆଲୁମିନିୟମର ପୁନରୁଦ୍ଧାର ଏବଂ ଇସ୍ପାତ ସ୍ଲାଗ୍ କଣ୍ଡିସନର ଉତ୍ପାଦନ ପାଇଁ ଅବଶିଷ୍ଟ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣକୁ ନେଇ ଓଡ଼ିଶାର ଝାରସୁଗୁଡ଼ାଠାରେ ସ୍ଥାପିତ ଏହି ପ୍ଲାଣ୍ଟ ଏକ ସବୁଜ ତଥା ସ୍ଥାୟୀ ସମାଧାନ ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଆଲୁମିନିୟମ ଡ୍ରସ୍ ହେଉଛି ଆଲୁମିନିୟମ ସ୍ମେଲଟିଂର ଏକ ଉପ ଉତ୍ପାଦ ଏବଂ ସାଧାରଣତଃ ଏହାର ନିଷ୍କାସନ ପାଇଁ କୌଣସି ବିସ୍ତୃତ ସମାଧାନ ନ ଥିବାରୁ କେବଳ ଲ୍ୟାଣ୍ଡଫିଲରେ ଉପଯୋଗ ହୋଇଥାଏ । ଏହି ପ୍ରକ୍ରିୟା ଆଲୁମିନିୟମ ଶିଳ୍ପ ସମ୍ମୁଖୀନ ହେଉଥିବା ସବୁଠାରୁ ବଡ଼ ସମସ୍ୟା ସମାଧାନ କରେ ଯାହା ଏକ ପରିବେଶ ଅନୁକୂଳ ଡ୍ରସ୍ ପରିଚାଳନା, ସ୍ଥାନାନ୍ତର, ପ୍ରକ୍ରିୟାକରଣ ଏବଂ ନିଷ୍କାସନ କ୍ଷେତ୍ରରେ କାମ କରିବ ବୋଲି ରୁନାୟାର ସହ ପ୍ରତିଷ୍ଠାତା ତଥା ସିଇଓ ଅନନ୍ୟ ଅଗ୍ରୱାଲ କହିଛନ୍ତି।

# ୧୦ ଲକ୍ଷ ଲୋକଙ୍କୁ ଟିକା ଦେବ ରିଲାଏନ୍ସ

ମୁମ୍ବାଇ,୨୬।୭

ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ୧୦ଲକ୍ଷ ଲୋକଙ୍କୁ କୋଭିଡ୍ ଟିକାକରଣ କରାଯାଇଛି। ଫାଉଣ୍ଡେଶନ ପକ୍ଷରୁ ମିଶନ ଭାକ୍ସିନ ସୁରକ୍ଷା ଅଧୀନରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ଅତିରିକ୍ତ ୧୦ ଲକ୍ଷ ଟିକାକରଣ କରାଇବା ନେଇ ଫାଉଣ୍ଡେଶନ ଯୋଜନା ରଖିଛି। ସାରା ଦେଶରେ ଏଭଳି ମିଶନକୁ ଲାଗୁ କରିବାପାଇଁ ପଦକ୍ଷେପ ନିଆଯାଇଛି ବୋଲି ରିଲାଏନ୍ସ ଫାଉଣ୍ଡେଶନର ଅଧକ୍ଷା ନୀତି ଅମ୍ବାନୀ କହିଛନ୍ତି। ରିଲାଏନ୍ସ ପକ୍ଷରୁ ଟିକାକରଣ ଲାଗି ସାରା ଦେଶରେ ୧୭୧ ଟିକାକରଣ କେନ୍ଦ୍ର ସ୍ଥାପନ କରାଯାଇଛି। ଏନ୍‌ଜିଓଗୁଡ଼ିକ ସହାୟତାରେ ଆଉ ୧୦ ଲକ୍ଷ ଟିକା ଯୋଗାଇ ଦେବା ଲାଗି ଯୋଜନା ରହିଥିବା ଜଣାପଡ଼ିଛି।

# ପାନାମା ପେପର୍ସ: ୨୦ ହଜାର କୋଟିର ଅଘୋଷିତ ଆୟ

ନୂଆଦିଲ୍ଲୀ, ୨୬।୭




ପାନାମା ପେପର୍ସ ପ୍ରଘଟ ମାମଲାରେ ସରକାର ୨୦ ହଜାର କୋଟି ଟଙ୍କା ଟଙ୍କାରୁ ଊର୍ଦ୍ଧ୍ୱ ଅଘୋଷିତ ଆୟ ଠାବକରିବାକୁ ସକ୍ଷମ ହୋଇଛନ୍ତି। ନୂଆ କଳା ଟଙ୍କା ଆଇନରେ ଏହି ମାମଲାଗୁଡିକରେ ୧୦୭ ଚାର୍ଜସିଟ ଫାଇଲ କରାଯାଇଥିବା ସରକାର ଲୋକ ସଭାକୁ ସ୍ପଷ୍ଟ କରିଛନ୍ତି। କଳାଟଙ୍କା ଆଇନ ୨୦୧୫ ଅନ୍ତର୍ଗତ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ବିଭିନ୍ନ ମାମଲା ଉପରେ ଲୋକ ସଭାରେ ଅର୍ଥ ରାଷ୍ଟ୍ର ମନ୍ତ୍ରୀ ପଙ୍କଜ ଚୌଧରୀ ସୂଚନା ଦେଇଛନ୍ତି। ଗତ ୧୦ ବର୍ଷରେ ସୁଇସ୍ ବ୍ୟାଙ୍କରେ କେତେ ପରିମାଣର କଳା ଟଙ୍କା ରହିଛି ସେ ନେଇ ସରକାରଙ୍କ ନିକଟରେ କୌଣସି ସୂଚନା ନ ଥିବା ସେ ସ୍ପଷ୍ଟ କରିଛନ୍ତି।

ଅଦ୍ୟାବଧି କଳାଟଙ୍କା ମାମଲାଗୁଡ଼ିକରେ ସରକାର ୮୨୧୬ କୋଟି ଟଙ୍କାର ଟିକସ ଦାବି ଉଠାଇଛନ୍ତି।

### ସୁଇସ୍ ବ୍ୟାଙ୍କ କଳାଟଙ୍କା ସମ୍ପର୍କରେ ସୂଚନା ନାହିଁ

କଳାଟଙ୍କା ଆଇନ ୨୦୧୫ ଅନୁଯାୟୀ ୧୬୬ ଆସେସମେଣ୍ଟ ଅର୍ଡର ଜାରି କରାଯାଇଥିବା ଜଣାପଡ଼ିଛି। ପାନାମା ପେପର୍ସ ପ୍ରଘଟ ମାମଲା ବାଦ୍ ପାରାଡାଇଜ ପେପର୍ସ ଲିକ୍‌ରୁ ୨୪୬ କୋଟି, ଆଇସିଆଜେ ମାମଲାରୁ ୧୧,୦୧୦ କୋଟି ଟଙ୍କାର କଳାଟଙ୍କା ଠାବ କରିବାକୁ ସକ୍ଷମ ହୋଇଛନ୍ତି। ଏଚ୍‌ଏସ୍‌ବିସି ମାମଲାରେ ୮୪୬୫ କୋଟି କଳାଟଙ୍କା ଠାବ କରାଯାଇଥିବା ବେଳେ ୧୨୯୪ କୋଟି ଟଙ୍କାର ଟିକସ ଜରିମାନା ଲାଗୁ କରାଯାଇଛି। ଚୌଧରୀ କହିଛନ୍ତି, ଟିକସ ଫାଙ୍କୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଆୟକର ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ପ୍ରତ୍ୟକ୍ଷ ଟିକସ ଆଇନ ଅନ୍ତର୍ଗତ ସର୍ଚ୍ଚ, ସର୍ଭେ, ତଦନ୍ତ, ଆୟର ହିସାବ, ଟିକସ ଲାଗୁ କରିବା, ସୁଧ, ଏବଂ ଜରିମାନା ଲାଗୁ କରିବା ଭଳି ପ୍ରସଙ୍ଗ ସାମିଲ ରହିଛି ବୋଲି ସେ ସ୍ପଷ୍ଟ କରିଛନ୍ତି।

## ଫୁରସତ୍

# ପିଆଜ ଚୋପାରୁ କାଗଜ



**ବେଙ୍ଗାଲୁରୁ:** ପରିବେଶ ସୁରକ୍ଷା ପାଇଁ ଗଛ ଲଗାଇବା ବର୍ତ୍ତମାନ ସମୟର ସବୁଠୁ ବଡ଼ ଆବଶ୍ୟକତା। ଏ କଥାକୁ ସମସ୍ତେ ବୁଝନ୍ତୁ କି ନାହିଁ ଷଷ୍ଠ ଶ୍ରେଣୀର ଜଣେ ଛାତ୍ରୀ କିନ୍ତୁ ଏବେ ତାହାକୁ କାମରେ ଲଗାଇବା ସହ ଅନ୍ୟମାନଙ୍କୁ ବୁଝାଇବାର ଏକ ଭିନ୍ନ ପ୍ରୟାସ ଆରମ୍ଭ କରିଛନ୍ତି। ଲୋକଙ୍କୁ ପରିବେଶ ସୁରକ୍ଷା ନେଇ ସଚେତନ କରିବା ଉଦ୍ଦେଶ୍ୟରେ ପିଆଜ, ରସୁଣ ଓ ଟମାଟୋ ଚୋପାରୁ ଏବେ କାଗଜ ତିଆରି କରିଛନ୍ତି ୧୦ ବର୍ଷର ଝିଅ ମାନ୍ୟା ହର୍ଷ।

ବେଙ୍ଗାଲୁରୁର ମାନ୍ୟା ହର୍ଷ ଏବେ ଷଷ୍ଠ ଶ୍ରେଣୀର ଛାତ୍ରୀ। କିନ୍ତୁ ଏଇ ବୟସରୁ ସେ ଏବେ ପ୍ରକୃତିର ସୁରକ୍ଷା ପାଇଁ ବିରାଟ ବଡ଼ ଅଭିଯାନ ଚଳାଇଛନ୍ତି। ଏହି ଅଭିଯାନରେ ସେ ତିଆରି କରିଛନ୍ତି ଏକ ଇକୋ ଫ୍ରେଣ୍ଡଲି କାଗଜ। ଏତେ କମ୍ ବୟସରେ ସେ ଅନୁଭବ କରିପାରିଛନ୍ତି କି କାଗଜ ତିଆରି କରିବା ପାଇଁ କେତେ ପରିମାଣରେ ଗଛ ନଷ୍ଟ ହେଉଛି। ତେଣୁ ଗଛ ବିନା କିପରି ଭାବେ କାଗଜ ତିଆରି କରିହେବ ସେ ନେଇ ସେ ଚିନ୍ତା କରିଥିଲେ। କଥାରେ ଅଛି ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ। ତେଣୁ ମାନ୍ୟା ବି ତାଙ୍କ ଇଚ୍ଛା ପୂରଣ କରିବା ପାଇଁ ସଫଳ ଉପାୟ ଚିନ୍ତା କରିଥିଲେ। ଆଉ ପିଆଜ, ରସୁଣ ଆଦି ଚୋପାକୁ ନେଇ ସେ ତିଆରି କରିପାରିଛନ୍ତି ଇକୋ ଫ୍ରେଣ୍ଡଲି କାଗଜ ; ଯେଉଁଥିପାଇଁ ସେ ଏବେ ସମସ୍ତଙ୍କ ପ୍ରଶଂସାର ପାତ୍ରୀ ହୋଇପାରିଛନ୍ତି। ଏହା ବ୍ୟତୀତ ମାନ୍ୟା ପରିବେଶ ସୁରକ୍ଷା ନେଇ ଏବେ ବିଭିନ୍ନ ଅଞ୍ଚଳରେ ସଚେତନତା ବାର୍ତ୍ତା ବି ଦେଉଛନ୍ତି। ବିଭିନ୍ନ ଅଞ୍ଚଳରେ ସେ ସମୁଦ୍ର କୂଳରେ ଆବର୍ଜନା ସଫେଇ ଅଭିଯାନରେ ବି ସାମିଲ ହୋଇ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ଏତେ କମ୍ ବୟସରୁ ପରିବେଶ ସଚେତନତା ପାଇଁ ସେ ଏକ ଆନିମେଟେଡ୍ ଲଘୁ ଫିଲ୍ମ ମଧ୍ୟ ତିଆରି କରିଥିଲେ। ତାଙ୍କର ଏଭଳି କାମ ଯୋଗୁ ୨୦୨୦ ମସିହାରେ ତାଙ୍କ ନାଁ ଲିମ୍‌କା ବୁକ୍ ଅଫ୍ ରେକର୍ଡ଼ସରେ ବି ସ୍ଥାନ ପାଇଛି। ଏବେ ଲକ୍‌ଡାଉନ୍ ସମୟରେ ଘରେ ରହି ସେ ପିଆଜ ରସୁଣ ଆଦି ଚୋପାରୁ ଏକ ସ୍ୱତନ୍ତ୍ର ଢଙ୍ଗରେ କାଗଜ ତିଆରି କରିପାରିଛନ୍ତି। ମାତ୍ର ୧୦ଟି ପିଆଜ ଚୋପାରୁ ସେ ୨ରୁ ୩ଟି ଏ୪ (ଏ ଫୋର୍) କାଗଜ ତିଆରି କରି ପାରିଛନ୍ତି।

# କରୀନାଙ୍କୁ ସୈଫଙ୍କ ଡର



**ମୁମ୍ବାଇ:** ବଲିଉଡ୍ ଅଭିନେତା ସୈଫ ଅଲ୍ଲୀ ଖାଁ ଓ ଅଭିନେତ୍ରୀ କରୀନା କପୁର ଖାଁ ବି-ଟାଉନର ସୁନ୍ଦର ଯୋଡିଙ୍କ ମଧ୍ୟରୁ ଅନ୍ୟତମ। ସୈଫ ନିକଟରେ କରୀନାଙ୍କୁ ନେଇ ଏକ ମଜାଳିଆ କଥା ସାମ୍ନାକୁ ଆଣିଛନ୍ତି, ଯାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଗତ ବର୍ଷ କରୋନା ଲକ୍‌ଡାଉନ ଯୋଗୁ ସେଲୁନ, ପାର୍ଲର ଆଦି ବନ୍ଦ ରହିଥିଲା। ସେହି ସମୟରେ କରୀନା ଓ ସୈଫ୍ ପରସ୍ପରର ହେୟାରକଟ୍ କରିଥିଲେ କି ବୋଲି 'ଫିଟ ଅପ୍ ୱିଥ୍ ଦ ଷ୍ଟାର୍ସ ଶୋ'ରେ ସୈଫଙ୍କୁ ପ୍ରଶ୍ନ କରାଯାଇଥିଲା। ସୈଫ ମଜାଳିଆ ଉତ୍ତର ରଖି କହିଥିଲେ, ଯଦି ସେ ଏଭଳି କରିଥାନ୍ତେ ତେବେ କରୀନା ତାଙ୍କୁ ଜୀବନରୁ ମାରି ଦେଇଥାନ୍ତେ। କରିନାଙ୍କ କେଶ କାଟିବା ତାଙ୍କ ପକ୍ଷରେ କଷ୍ଟକର ଓ ଅନ୍‌ପ୍ରଫେସନାଲ। କାରଣ ସେ ହେଉଛନ୍ତି ଜାତୀୟ ସମ୍ପତ୍ତି। ଆମେ ଏବେ ବି କାମ କରୁଛୁ। ତେଣୁ ପରସ୍ପରର କେଶ ସହ ଖେଳିପାରିବୁ ନାହିଁ।

# ଆକ୍ସନ ଅବତାରରେ ଦୀପିକା ପାଦୁକୋନ



**ମୁମ୍ବାଇ:** ବଲିଉଡ୍ ନାୟିକା ଦୀପିକା ପାଦୁକୋନ ହଲିଉଡ୍‌ରେ ବି ନିଜ ଅଭିନୟର ଯାଦୁ ଦେଖାଇ ସାରିଲେଣି। କୁହାଯାଉଛି କି ଦୀପିକା ପ୍ରଥମଥର ଲାଗି ବଲିଉଡ୍‌ରେ କିଛି ଆକ୍ସନ ସିନ୍‌ରେ ନଜର ଆସିବେ। ଯାହାର କିଛି ଝଲକ ହଲିଉଡ ମୁଭି 'ଏକ୍ସଏକ୍ସଏକ୍ସ: ରିଟର୍ଣ୍ଣ ଅଫ ଜେଣ୍ଡର କେଜ୍'ରେ ଦେଖିବାକୁ ମିଳିଥିଲା। ସୂଚନା ଅନୁଯାୟୀ, ଦୀପିକା ପ୍ରଥମଥର ଲାଗି ବଲିଉଡ ମୁଭିରେ ଆକ୍ସନ ସିନ କରିବାକୁ ଯାଉଛନ୍ତି। ତାଙ୍କ ଫିଟନେସ୍‌କୁ ଠିକ୍ ରଖିଥିବାରୁ ଏବେ ସେ ଶାହାରୁଖ ଖାଁ ଷ୍ଟାରର ଫିଲ୍ମ 'ପଠାନ'ରେ କିଛି ଆକ୍ସନ ସିନ୍‌ରେ ନଜର ଆସିବେ। ଦୀପିକା ତାଙ୍କ ହଲିଉଡ ମୁଭି 'ଏକ୍ସଏକ୍ସଏକ୍ସ: ରିଟର୍ଣ୍ଣ ଅଫ ଜେଣ୍ଡର କେଜ' ଭଳି ପାୱାର ଫ୍ୟାକ୍ଟର ଦେଖାଇବେ ବୋଲି ଚର୍ଚ୍ଚା ହେଉଛି, ଯାହାକୁ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
୰ବିଷ୍ଣୁ ଚରଣ ମହାନ୍ତି
ସର୍ଦ୍ଧୋଳା, କନକପୁର, ଜଗତସିଂହପୁର
ଆବିର୍ଭାବ : ୨୭.୦୩.୧୯୩୨
ତିରୋଧାନ : ୧୭.୦୭.୨୦୨୧
ଆପଣଙ୍କ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଆମର ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ଭକ୍ତ, ଚିତ୍ତ, ଭାରତ, ମିତା, ମାମା, ମିତାଳି, ବନ୍ଧୁ ଓ ପରିବାରବର୍ଗ।
ଧ-୨୧୧୮୧

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ସ୍ୱର୍ଗତ ଡଃ ବିଜୟ କୁମାର ରଥ
(ସ୍ୱର୍ଗତ ନିତ୍ୟାନନ୍ଦ ରଥଙ୍କ କନିଷ୍ଠ ପୁତ୍ର, ରାଜଗୁରୁ ସାହି, ପାରଳାଖେମୁଣ୍ଡି)
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଆବିର୍ଭାବ: ୦୭ ମାର୍ଚ୍ଚ ୧୯୪୯
ତିରୋଧାନ: ୧୭ ଜୁଲାଇ ୨୦୨୧
ସମସ୍ତ ପରିବାର ପାଇଁ ତୁମର ସ୍ନେହ, ସର୍ବକାର୍ଯ୍ୟରେ ତୁମର ଉପସ୍ଥିତି ଓ ପ୍ରେରଣା ଭୁଲି ହେବ ନାହିଁ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଗୋପୀନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ନେହ, ସିଲୁ ଏବଂ ରଥ ଓ ମିଶ୍ର ପରିବାରର ସମସ୍ତ ସଦସ୍ୟ
ଧ-୨୦୭୨୨

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
୰ମଧୁସୂଦନ ପଟ୍ଟନାୟକ
ଆବିର୍ଭାବ : ତା ୦୧.୦୧.୧୯୪୯ ରିଖ
ତିରୋଧାନ : ତା ୧୭/୦୭/୨୦୨୧ ରିଖ
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ, ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ"
ଶୋକସନ୍ତପ୍ତ
ପରିବାର ଓ ବନ୍ଧୁବର୍ଗ
ଧ-୨୧୧୬୧

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NURSING
ADMISSION OPEN
For Session 2021-22
Courses Offered
B.Sc. Nursing (4 yrs.)
(Approved by ONMRC, BBSR, and Affiliated by Utkal University, BBSR.
GNM (3 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
ANM (2 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
DMLT (2 yrs.)
(Approved by DMLT / RT Council BBSR)
PALLI CHANDAN GROUP OF INSTITUTION
Women's College Road, Nimapada, Puri-752106
Ph.- 9437282699 / 9658570761
Email- kamal2007@pcgi.co.in

GALAXY TOWER COMPANY
ଭାରତ ସରକାର ଦ୍ୱାରା ସ୍ୱୀକୃତିପ୍ରାପ୍ତ ନିଜ ଛାତ, ଜମି, କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ
Advance : 60 Lakh
ଭଡା : ୪୫,୦୦୦/- ମାସିକ, ଚାକିରି, ଦରମା : ୨୦,୦୦୦/- (PF+ESI) +ଏକ ବାଇକ
8004034927

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9999268493
7310635591

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ବ୍ୟବସାୟ, ପ୍ରେମବିବାହ, ମନ ଚାହିଁଥିବା ଭଲପାଉଥିବା, କଳାଯାଦୁ କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୂଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
Baba Rejvan Khan
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9650844651

BANSAL TOWER COMPANY
GOVT APPROVED COMPANY
ଦ୍ୱାରା ମାନ୍ୟତା ପ୍ରାପ୍ତ ନିଜର ଖାଲି ଥିବା ଜମି, କ୍ଷେତ, ଛାତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ଟାୱାର ଲଗାନ୍ତୁ।
FAKE COMPANY ଠାରୁ ସାବଧାନ ରୁହନ୍ତୁ।
Advance: 60 Lakhs
ମାସିକ ଭଡା: ୪୫୦୦୦
ଏବଂ ଜଣଙ୍କୁ ଚାକିରି ଦିଆଯିବ।
Contact- 7376459854 / 9518817448

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଟୋକିଓ ଅଲିମ୍ପିକ୍ସର ପୁରୁଷ ସିଙ୍କ୍ରୋନାଇଜ୍ଡ୍ ୧୦ ମିଟର ପ୍ଲାଟ୍‌ଫର୍ମ ଡାଇଭିଂ ଇଭେଣ୍ଟରେ କୌଶଳ ପ୍ରଦର୍ଶନ କରୁଛନ୍ତି ବ୍ରିଟେନର ଟମ୍ ଡାଲେ ଓ ମ୍ୟାଟ୍ ଲୀ।

# ୫୮ ବର୍ଷୀୟ ଜିତିଲେ ପଦକ

**ଟୋକିଓ, ୨୬।୭ (ପି.ଟି.):** କୁଏଟ୍‌ର ଅବଦୁଲ୍ଲା ଅଲ୍-ରଶିଦିଙ୍କ କ୍ଷେତ୍ରରେ ବୟସ ବାଧକ ହୋଇପାରି ନାହିଁ। ୫୮ ବର୍ଷ ବୟସରେ ଟୋକିଓ ଅଲିମ୍ପିକ୍ସ ଶୁଟିଂ ପୁରୁଷ ସ୍କିଟ୍ ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କୌତୂହଳର ବିଷୟ ଯେ, ୭ ଥର ଅଲିମ୍ପିଆନ ପ୍ରତିଯୋଗିତାରେ ଆର୍ସେନାଲ ଏଫ୍‌ସି ଶର୍ଟ ପରିଧାନ କରିଥିଲେ। ସେ କହିଛନ୍ତି, ୫୮ ବର୍ଷ ବୟସରେ ଶୁଟିଂରେ ସବୁଠାରୁ ବୟସ୍କ ଶୁଟର ଭାବେ ବ୍ରୋଞ୍ଜ ପଦକ ଜିତିପାରିଥିବାରୁ ଗୌରବାନ୍ୱିତ ମନେ କରୁଛି। ଏହା ସ୍ୱର୍ଣ୍ଣଠାରୁ ମଧ୍ୟ ଅଧିକ ମୂଲ୍ୟବାନ। ତେଣୁ ଏଥିରେ ସେ ବହୁତ ଖୁସି ଅଛନ୍ତି। ଅବଦୁଲ୍ଲା ପ୍ୟାରିସରେ ହେବାକୁ ଥିବା ୨୦୨୪ ଅଲିମ୍ପିକ୍ସରେ ଭାଗ ନେବାଲାଗି ଅଭିଳାଷ ରଖିଛନ୍ତି। ସେତେବେଳେ ତାଙ୍କୁ ୬୧ ବର୍ଷ ବୟସ ହୋଇଯାଇଥିବ। ଅଲିମ୍ପିକ୍ସର ଏହି ସଂସ୍କରଣରେ ସେ ସ୍ୱର୍ଣ୍ଣ ଜିତିବା ଲକ୍ଷ୍ୟ ରଖିଛନ୍ତି। ଅବଦୁଲ୍ଲା ୧୯୯୬ରେ ଆଟ୍‌ଲାଣ୍ଟାରେ ତାଙ୍କ ଅଲିମ୍ପିକ ଯାତ୍ରା ଆରମ୍ଭ କରିଥିଲେ। ଟୋକିଓରେ ୬ଜଣଙ୍କୁ ନେଇ ଅନୁଷ୍ଠିତ ଫାଇନାଲରେ ସେ ୪୬ ଶଟ୍ ସହ ବ୍ରୋଞ୍ଜ ବିଜୟୀ ହୋଇଥିଲେ। ଅଲିମ୍ପିକ୍ସରେ ଏହା ହେଉଛି ତାଙ୍କର ଦ୍ୱିତୀୟ ପଦକ। ଏହା ପୂର୍ବରୁ ୫ବର୍ଷ ପୂର୍ବେ ୨୦୧୬ ରିଓ ଗେମ୍ସରେ ସେ ଜଣେ ସ୍ୱାଧୀନ ଆଥଲେଟ୍ ଭାବେ ଏକ ବ୍ରୋଞ୍ଜ ପଦକ ଜିତିଥିଲେ। ସେତେବେଳେ ମଧ୍ୟ ସେ ଜଣାଶୁଣା ଇଂଲିଶ ଫୁଟ୍‌ବଲ କ୍ଲବ ଆର୍ସେନାଲ ଏଫ୍‌ସିର ଜର୍ସି ପରିଧାନ କରି ପ୍ରତିଯୋଗିତାରେ ଭାଗ ନେଇଥିଲେ। କାରଣ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଦ୍ୱାରା ବାସନ୍ଦ ହୋଇଥିବାରୁ କୁଏଟ୍ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣରୁ ବଞ୍ଚିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଖୁସି ଜାହିର କରିବା ପରିବର୍ତ୍ତେ ମୋ ମୁଣ୍ଡ ତଳକୁ ହୋଇଯାଇଥିଲା। ଅଲିମ୍ପିକ ପତାକା ଦେଖିବାଲାଗି ମୋର ଆଦୌ ଆଗ୍ରହ ନ ଥିଲା। ମୋ ଦେଶ କୁଏଟ୍‌ର ପତାକା ଦେଖିବାକୁ ଚାହୁଁଥିଲି। ଅବଦୁଲ୍ଲାଙ୍କ ପୁଅ ତଲାଲ ମଧ୍ୟ ଜଣେ ଶୁଟର।





# ଡାଲେଙ୍କ ଅଲିମ୍ପିକ ସ୍ୱର୍ଣ୍ଣ ସ୍ୱପ୍ନ ସାକାର

**ଟୋକିଓ, ୨୬।୭:** ବ୍ରିଟେନର ଟମ୍ ଡାଲେଙ୍କ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ ସ୍ୱପ୍ନ ସାକାର ହୋଇଛି। ଟୋକିଓ ଅଲିମ୍ପିକ୍ସର ପୁରୁଷ ସିଙ୍କ୍ରୋନାଇଜ୍ଡ୍ ୧୦ ମିଟର ପ୍ଲାଟ୍‌ଫର୍ମ ଇଭେଣ୍ଟରେ ସେ ନିଜ ଦେଶର ମ୍ୟାଟ୍ ଲୀଙ୍କୁ ସାଥିକରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ଚାଇନାର କାଓ ୟୁଆନ ଓ ଚେନ୍ ଆଇସେନ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ମାତ୍ର ବ୍ରିଟିଶ୍ ଯୋଡ଼ି ଚମତ୍କାର ପ୍ରଦର୍ଶନ କରି ପ୍ରଥମସ୍ଥାନ ଅଧିକାର କରିଥିଲେ। ୨୭ ବର୍ଷୀୟ ଡାଲେଙ୍କ ପାଇଁ ୪ ଅଲିମ୍ପିକ୍ସରେ ଏହା ପ୍ରଥମ ସ୍ୱର୍ଣ୍ଣ ପଦକ। ତାଙ୍କଠାରୁ ୪ ବର୍ଷ ସାନ ଲୀଙ୍କ ସହିତ ପୋଡିୟମରେ ପଦକ ଗ୍ରହଣ ବେଳେ ଭାବପ୍ରବଣ ହୋଇ ପଡ଼ିଥିଲେ ଡାଲେ। ''ଯାହାସବୁ ହୋଇଗଲା ମୁଁ ଏବେ ମଧ୍ୟ ବିଶ୍ୱାସ କରି ପାରୁନାହିଁ। ଆମେ ଅଲିମ୍ପିକ୍ ଚାମ୍ପିୟନ ହେଲୁ ବୋଲି ଘୋଷଣା ହେବାପରେ ମୁଁ ଖୁସିରେ ଆତ୍ମହରା ହୋଇ ପଡ଼ିଥିଲି'' ବୋଲି ଡାଲେ କହିଛନ୍ତି। ଡାଲେ-ଲୀ ଯୋଡ଼ି ଫାଇନାଲରେ ୪୭୧.୮୧ ପଏଣ୍ଟ ହାସଲ କରିଥିବାବେଳେ ଚାଇନା ଯୋଡ଼ି ୪୭୦.୫୮ ପଏଣ୍ଟରେ ରହିଥିଲେ। ପ୍ରତିଯୋଗିତା ସ୍ଥଳରେ ଥିବା ବୃହତ୍ ସ୍କ୍ରିନ୍‌ରେ ଏହା ଡିସ୍‌ପ୍ଲେ ହେବାପରେ ବ୍ରିଟେନ ଯୋଡ଼ି ଖୁସିରେ ଆତ୍ମହରା ହୋଇ ପଡ଼ିଥିଲେ। ସୋମବାର ସକାଳେ ଅନୁଷ୍ଠିତ ସନ୍ତରଣ ଓ ମାଉଣ୍ଟେନ ବାଇକ୍ କ୍ରସ୍ କଣ୍ଟ୍ରି ପ୍ରତିଯୋଗିତାରେ ବ୍ରିଟେନର ଆଡାମ ପିଟି ଓ ଟମ୍ ପିଡକକ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ଡାଲେଙ୍କ ମନୋବଳ ବଢ଼ାଇଥିଲା। ପୋଡିୟମ ଉପରେ ସ୍ୱର୍ଣ୍ଣ ପଦକ ହାସଲ ଅବସରରେ ଜାତୀୟ ସଙ୍ଗୀତ ଗାନ ବେଳେ ସେ କାନ୍ଦି ପକାଇଥିଲେ। ଡାଲେଙ୍କ ସହ ମିଶିକି ଟ୍ରେନିଂ ପାଇଁ ଲୀ ୨୦୧୮ରୁ ଲଣ୍ଡନରେ ରହୁଥିଲେ। ଏବେ ତାଙ୍କୁ କଠିନ ପରିଶ୍ରମର ଫଳ ମିଳିଛି। ରୁଷିଆ ଅଲିମ୍ପିକ୍ କମିଟି (ଆରଓସି)ର ଆଲେକଜାଣ୍ଡର ବଣ୍ଡାର ଓ ଭିକ୍ଟର ମିନିବାଏଭ ଯୋଡ଼ି ୪୩୯.୯୨ ପଏଣ୍ଟ ସହିତ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ଆର୍ଚେରି: ଟିମ୍ ଇଭେଣ୍ଟରୁ ଭାରତର ବିଦାୟ

**ଟୋକିଓ, ୨୬।୭ (ପି.ଟି.):** ଟୋକିଓ ଅଲିମ୍ପିକ୍ସର ଆର୍ଚେରୀ ଟିମ୍ ଇଭେଣ୍ଟରୁ ଭାରତ ବିଦାୟ ନେଇଛି। ସୋମବାର ଅନୁଷ୍ଠିତ ମୁକାବିଲାରେ ଶକ୍ତିଶାଳୀ କୋରିଆଠାରୁ ଦଳ ହାରି ଯାଇଛି। ଦୁଇଦିନ ପୂର୍ବରୁ ମିକ୍ସଡ ଟିମ୍ ଇଭେଣ୍ଟ କ୍ୱାର୍ଟର ଫାଇନାଲରେ ମଧ୍ୟ କୋରିଆଠାରୁ ଭାରତ ବିଦାୟ ନେଇଥିଲା। ପୁରୁଷ ଟିମ୍ ଇଭେଣ୍ଟରେ ପ୍ରବୀଣ ଯାଦବ, ଅତନୁ ଦାସ ଓ ତରୁଣଦୀପ ରାଏ ସିଧାସଳଖ ସେଟ୍‌ରେ ପ୍ରତିଦ୍ୱନ୍ଦ୍ୱିଙ୍କଠାରୁ ହାରି ଯାଇଥିଲେ। ଅନ୍ତିମ ମୁକାବିଲାରେ ଚାଇନିଜ୍ ତାଇପେକୁ ୬-୦ରେ ହରାଇ ଦକ୍ଷିଣ କୋରିଆ ଟାଇଟଲ ହାସଲ କରିଥିଲା। ବୁଧବାର ରାଉଣ୍ଡ ଅଫ୍ ୬୪ର ବ୍ୟକ୍ତିଗତ ବିଭାଗ ଆରମ୍ଭ ହେବ। ଆଗକୁ କଷ୍ଟସାଧ୍ୟ ପଥ ରହିଥିବାରୁ ଭାରତର ପଦକ ସମ୍ଭାବନା ମଧ୍ୟ ମଉଳିଛି। ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିଥିବା ଭାରତୀୟ ପୁରୁଷ ଦଳ ୟୁମେନୋଶିମା ପାର୍କରେ ଅନୁଷ୍ଠିତ ପ୍ରଥମ ମୁକାବିଲାରେ କାଜାଖସ୍ତାନକୁ ୬-୨ରେ ହରାଇ ଆଶା ଉଜ୍ଜୀବିତ ରଖିଥିଲା। ମାତ୍ର ଓହ ଜିନ୍ ହେକ୍, କିମ୍ ଉଜିନ ଓ ୧୭ ବର୍ଷୀୟ କିମ୍ ଜି ଡିଅକ୍‌ଙ୍କୁ ନେଇ ଗଠିତ ଶକ୍ତିଶାଳୀ କୋରିଆ ଦଳ ଭାରତୀୟ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଭାରି ପଡ଼ିଥିଲେ।



# ସୁମିତ ନାଗାଲଙ୍କ ବିଦାୟ

**ଟୋକିଓ, ୨୬।୭ (ପି.ଟି.)**

ଟୋକିଓ ଗେମ୍ସ ଟେନିସ ପୁରୁଷ ସିଙ୍ଗଲ୍ସ ପ୍ରତିଯୋଗିତାରୁ ଭାରତର ସୁମିତ ନାଗାଲ ବିଦାୟ ନେଇଛନ୍ତି। ସୋମବାର ଖେଳାଯାଇଥିବା ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ରୁଷିଆର ଡାନିଲ ମେଡ୍‌ଭେଡେଭ ତାଙ୍କୁ ୬-୨, ୬-୧ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। ଆରିଏକ୍ ଟେନିସ ସେଣ୍ଟର କୋର୍ଟ-୧ରେ ଏହି ମ୍ୟାଚ ମାତ୍ର ୬୬ ମିନିଟ୍‌ରେ ଶେଷ ହୋଇଥିଲା।



## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଜାପାନ | ୮ | ୨ | ୩ | ୧୩ |
| ଆମେରିକା | ୭ | ୩ | ୪ | ୧୪ |
| ଚାଇନା | ୬ | ୫ | ୭ | ୧୮ |
| ଆରଓସି | ୪ | ୫ | ୩ | ୧୨ |
| ଗ୍ରେଟ ବ୍ରିଟେନ | ୩ | ୩ | ୧ | ୭ |
| ଦକ୍ଷିଣ କୋରିଆ | ୩ | ୦ | ୪ | ୭ |
| ଅଷ୍ଟ୍ରେଲିଆ | ୨ | ୧ | ୩ | ୬ |
| କୋସୋଭୋ | ୨ | ୦ | ୦ | ୨ |
| ଇଟାଲୀ | ୧ | ୪ | ୪ | ୯ |
| ଫ୍ରାନ୍ସ | ୧ | ୨ | ୨ | ୫ |
| କାନାଡ଼ା | ୧ | ୨ | ୧ | ୪ |
| ହଙ୍ଗେରି | ୧ | ୧ | ୦ | ୨ |
| ଟ୍ୟୁନିସିଆ | ୧ | ୧ | ୦ | ୨ |
| କ୍ରୋଏସିଆ | ୧ | ୦ | ୧ | ୨ |
| ସ୍ଲୋଭେନିଆ | ୧ | ୦ | ୧ | ୨ |
| ଅଷ୍ଟ୍ରିଆ | ୧ | ୦ | ୦ | ୧ |
| ଇକ୍ୱେଡର | ୧ | ୦ | ୦ | ୧ |
| ହଂକଂ | ୧ | ୦ | ୦ | ୧ |
| ଇରାନ | ୧ | ୦ | ୦ | ୧ |
| ନରୱେ | ୧ | ୦ | ୦ | ୧ |
| ଫିଲିପାଇନ୍ସ | ୧ | ୦ | ୦ | ୧ |
| ଥାଇଲାଣ୍ଡ | ୧ | ୦ | ୦ | ୧ |
| ଉଜ୍‌ବେକିସ୍ତାନ | ୧ | ୦ | ୦ | ୧ |
| ନେଦରଲାଣ୍ଡ୍ସ | ୦ | ୩ | ୦ | ୩ |
| ଚାଇନିଜ୍ ତାଇପେ | ୦ | ୨ | ୨ | ୪ |
| ବ୍ରାଜିଲ | ୦ | ୨ | ୧ | ୩ |
| ଜର୍ଜିଆ | ୦ | ୨ | ୦ | ୨ |
| ଚେକ୍ ରିପବ୍ଲିକ୍ | ୦ | ୧ | ୧ | ୨ |
| ସ୍ପେନ | ୦ | ୧ | ୧ | ୨ |
| ଇଣ୍ଡୋନେସିଆ | ୦ | ୧ | ୧ | ୨ |
| ସର୍ବିଆ | ୦ | ୧ | ୧ | ୨ |
| ସୁଇଜରଲାଣ୍ଡ | ୦ | ୧ | ୧ | ୨ |
| ବେଲଜିୟମ | ୦ | ୧ | ୦ | ୧ |
| ବୁଲଗେରିଆ | ୦ | ୧ | ୦ | ୧ |
| କଲମ୍ବିଆ | ୦ | ୧ | ୦ | ୧ |
| ଡେନମାର୍କ | ୦ | ୧ | ୦ | ୧ |
| **ଭାରତ** | **୦** | **୧** | **୦** | **୧** |
| ଜୋର୍ଡାନ | ୦ | ୧ | ୦ | ୧ |
| ରୋମାନିଆ | ୦ | ୧ | ୦ | ୧ |
| ଜର୍ମାନୀ | ୦ | ୦ | ୩ | ୩ |
| କାଜାଖସ୍ତାନ | ୦ | ୦ | ୩ | ୩ |
| ଇଜିପ୍ଟ | ୦ | ୦ | ୨ | ୨ |
| ମଙ୍ଗୋଲିଆ | ୦ | ୦ | ୨ | ୨ |
| ତୁର୍କୀ | ୦ | ୦ | ୨ | ୨ |
| ୟୁକ୍ରେନ | ୦ | ୦ | ୨ | ୨ |
| ଆଇଭରି କୋଷ୍ଟ | ୦ | ୦ | ୧ | ୧ |
| ଇସ୍ତୋନିଆ | ୦ | ୦ | ୧ | ୧ |
| ଇସ୍ରାଏଲ | ୦ | ୦ | ୧ | ୧ |
| କୁଏତ | ୦ | ୦ | ୧ | ୧ |
| ମେକ୍ସିକୋ | ୦ | ୦ | ୧ | ୧ |
| ନ୍ୟୁଜିଲାଣ୍ଡ | ୦ | ୦ | ୧ | ୧ |

# ପାଞ୍ଚ ଥର ଅଲିମ୍ପିକ ସ୍ୱର୍ଣ୍ଣ ବିଜେତାଙ୍କୁ ହରାଇଲେ ଟିଟ୍‌ମୁସ



ଅଲିମ୍ପିକ୍ସର ମହିଳା ୪୦୦ ମିଟର ଫ୍ରିଷ୍ଟାଇଲ ସନ୍ତରଣ ଟାଇଟଲ ବିଜୟିନୀ ଅଷ୍ଟ୍ରେଲିଆର ଆରିଆର୍ନେ ଟିଟ୍‌ମୁସ।

**ଟୋକିଓ, ୨୬।୭:** ପାଞ୍ଚ ଥର ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ଆମେରିକାର କେଟ୍ ଲେଡେକିଙ୍କୁ ହରାଇ ଚଳିତ ଟୋକିଓ ଅଲିମ୍ପିକ୍ସର ମହିଳା ୪୦୦ ମିଟର ଫ୍ରିଷ୍ଟାଇଲ ସନ୍ତରଣ ପ୍ରତିଯୋଗିତା ଜିତିଛନ୍ତି ଅଷ୍ଟ୍ରେଲିଆର ଆରିଆର୍ନେ ଟିଟ୍‌ମୁସ। ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ଆମେରିକାର ବିଶ୍ୱରେକର୍ଡଧାରୀ କେଟ୍ ରେସ୍ ଅଧା ପର୍ଯ୍ୟନ୍ତ ୦.୬୬ ସେକେଣ୍ଡ ଆଗରେ ଥିଲେ। ମାତ୍ର ପ୍ରତିଯୋଗିତା ଶେଷ ହେବାର ୫୦ ପୂର୍ବରୁ ଟିଟ୍‌ମୁସ ବ୍ୟବଧାନରେ ହ୍ରାସ ଆଣି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ''ମୁଁ ଏହାକୁ ବିଶ୍ୱାସ କରି ପାରୁନାହିଁ, ଭାବପ୍ରବଣତାକୁ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରୁଛି'' ବୋଲି ଟୋକିଓ ଆକ୍ୱାଟିକ୍ ସେଣ୍ଟରରେ ରେସ୍ ଜିତିବାପରେ ଟିଟ୍‌ମୁସ ପ୍ରକାଶ କରିଛନ୍ତି। ଅଲିମ୍ପିକ୍ସ ପରି ବଡ଼ ପ୍ରତିଯୋଗିତାରେ ସୁଇମିଂର ଦୁଇ ପାୱାର ହାଉସ ଆମେରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ୪୦୦ ମିଟର ଫ୍ରିଷ୍ଟାଇଲ, ୮୦୦ ମିଟର ଓ ୨୦୦ ମିଟର ଫ୍ରିଷ୍ଟାଇଲରେ ପ୍ରାୟତଃ ପ୍ରତିଦ୍ୱନ୍ଦ୍ୱିତା ତୀବ୍ରତର ହୋଇଥାଏ। ଟିଟ୍‌ମୁସ ପ୍ରଥମ ପ୍ରତିଯୋଗିତାରେ ବାଜି ମାରି ଅଷ୍ଟ୍ରେଲିଆକୁ ଅଗ୍ରଣୀ କରାଇଛନ୍ତି। ଟିଟ୍‌ମୁସଙ୍କ ବିଜୟରେ ଉଲ୍ଲସିତ ହୋଇପଡ଼ିଥିଲେ ତାଙ୍କ କୋଚ୍ ଡିନ୍ ବୋକ୍ସାଲ। ତେବେ ବିଜୟ ହାସଲ ପରେ ଟିଟ୍‌ମୁସ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଶ୍ରେୟ ଦେଇଛନ୍ତି। ''ତାଙ୍କ ବିନା ମୁଁ ଏଠାରେ ନ ଥାନ୍ତି। ତାଙ୍କ ସହ ରେସ୍ କରିବା ଯୋଗୁ ହିଁ ମୋ ପ୍ରଦର୍ଶନରେ ଉନ୍ନତି ଆସିପାରିଲା। ତେଣୁ ସମସ୍ତ ଶ୍ରେୟ ତାଙ୍କୁ ଦେବାକୁ ପଡ଼ିବ'' ବୋଲି ୨୦ ବର୍ଷୀୟ ଟିଟ୍‌ମୁସ କହିଛନ୍ତି।

## ମଙ୍ଗଳବାର ଭାରତର କାର୍ଯ୍ୟସୂଚୀ
### (ଭାରତୀୟ ସମୟ ଅନୁସାରେ)

**ବ୍ୟାଡମିଣ୍ଟନ:**
- ପୁରୁଷ ଡବଲ୍ସ ଗ୍ରୁପ୍ 'ଏ' ମ୍ୟାଚ: ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ/ଚିରାଗ ଶେଟ୍ଟୀ ବନାମ ବେନ୍ ଲେନ୍/ସିନ୍ ଭେଣ୍ଡି (ଗ୍ରେଟ୍ ବ୍ରିଟେନ), ସମୟ: ସକାଳ ୮ଟା ୩୦।

**ବକ୍ସିଂ:**
- ମହିଳା ୬୯କେଜି ରାଉଣ୍ଡ ଅଫ୍ ୧୬ ବାଉଟ୍: ଲଭ୍‌ଲିନା ବର୍ଗୋହେନ୍ ବନାମ ନାଡାଇନ୍ ଆପିଜ୍ (ଜର୍ମାନୀ), ସମୟ: ସକାଳ ୧୧ଟା ୩୩ ମିନିଟ୍।

**ହକି:**
- ପୁରୁଷ ପୁଲ୍ ଏ' ମ୍ୟାଚ: ଭାରତ ବନାମ ସ୍ପେନ, ସମୟ: ସକାଳ ୬ଟା ୩୦।

**ସେଲିଂ:**
- ମହିଳା ଲେଜର ରାଡିଆଲ ରେସ୍: ସମୟ: ସକାଳ ୮ଟା ୩୫।
- ପୁରୁଷ ଲେଜର ରେସ୍: ବିଷ୍ଣୁ ସର୍ବାନନ, ସମୟ: ସକାଳ ୮ଟା ୪୫।
- ପୁରୁଷ ସ୍କିଫ୍ ୪୯ ଇଆର ରେସ୍: କେ.ସି. ଗଣପତି ଓ ବରୁଣ ଠକ୍କର, ସମୟ: ସକାଳ ୧୧ଟା ୫୦ ମିନିଟ୍।

**ଶୁଟିଂ:**
- ୧୦ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ କ୍ୱାଲିଫିକେଶନ-ସୌରଭ ଚୌଧାରୀ/ମନୁ ଭାକର ଏବଂ ଯଶସ୍ୱିନୀ ଦେସୱାଲ/ଅଭିଷେକ ବର୍ମା, ସମୟ: ସକାଳ ୫ଟା ୩୦।
- ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ କ୍ୱାଲିଫିକେଶନ-ଇଲଭେନିଲ ଭାଲାରିଭାନ/ ଦିବ୍ୟାଂଶ ସିଂ ପନୱାର ଏବଂ ଅଞ୍ଜୁମ ମୁଦ୍‌ଗିଲ/ଦୀପକ କୁମାର, ସମୟ: ସକାଳ ୧୦ଟା ୪୫।

**ଟେବୁଲ ଟେନିସ:**
- ପୁରୁଷ ସିଙ୍ଗଲ୍ସ ରାଉଣ୍ଡ ୩ ମ୍ୟାଚ- ଅଚନ୍ତା ଶାରନାଥ କମଲ ବନାମ ମା ଲଙ୍ଗ୍ (ଚାଇନା), ସମୟ: ସକାଳ ୮ଟା ୩୦ ମିନିଟ।



ମହିଳା ଫେନ୍‌ସିଂ ବ୍ୟକ୍ତିଗତ ସାବ୍‌ରେ ଇଭେଣ୍ଟରେ ଭାରତର ଭବାନୀ ଦେବୀ (ଡାହାଣ) ଓ ଫ୍ରାନ୍ସର ମାନନ ବ୍ରୁନେଟଙ୍କ ମଧ୍ୟରେ ଲଢ଼େଇ।

# ଭବାନୀ ଦେବୀଙ୍କ ଅଭିଯାନ ଶେଷ

**ଫେନ୍‌ସିଂ**

**ଟୋକିଓ, ୨୬।୭ (ପି.ଟି.):** ପ୍ରଥମ ଭାରତୀୟ ଭାବେ ଅଲିମ୍ପିକ୍ସର ଫେନ୍‌ସିଂ ଇଭେଣ୍ଟରେ ପଦାର୍ପଣ କରିଥିବା ଭାରତର ଭବାନୀ ଦେବୀଙ୍କ ଅଭିଯାନ ସୋମବାର ଦ୍ୱିତୀୟ ରାଉଣ୍ଡରୁ ଶେଷ ହୋଇଛି। ୨୭ ବର୍ଷୀୟ ଭବାନୀ ଟ୍ୟୁନିସିଆର ନାଦିଆ ବେନ୍ ଅଜିଜିଙ୍କୁ ୧୫-୩ରେ ହରାଇ ଅଲିମ୍ପିକ୍ସ ଅଭିଯାନ ଆରମ୍ଭ କରିଥିଲେ। ମାତ୍ର ଦ୍ୱିତୀୟ ରାଉଣ୍ଡରେ ସେ ବିଶ୍ୱର ୩ ନମ୍ବର ଖେଳାଳି ତଥା ରିଓ ଅଲିମ୍ପିକ୍ସ ସେମିଫାଇନାଲିଷ୍ଟ ମାନନ ବ୍ରୁନେଟଙ୍କଠାରୁ ୭-୧୫ରେ ହାରି ଯାଇଥିଲେ। ଅଜିଜିଙ୍କ ବିପକ୍ଷରେ ଭବାନୀ ପ୍ରଭାବୀ ପ୍ରଦର୍ଶନ କରିଥିଲେ ହେଁ ଫ୍ରାନ୍ସର ବ୍ରୁନେଟ ଅଭିଜ୍ଞତାର ଉପଯୋଗ କରି ବାଜି ମାରିଥିଲେ। ଭବାନୀ ପ୍ରଥମ ଦୁଇ ପିରିୟଡରେ ମାତ୍ର ଗୋଟିଏ ପଏଣ୍ଟ ଲେଖାଏ ପାଇଥିଲେ ହେଁ ତୃତୀୟ ରାଉଣ୍ଡରେ ଲଢୁଆ ପ୍ରଦର୍ଶନ କରିଥିଲେ। ମାତ୍ର ଅଭିଜ୍ଞ ବ୍ରୁନେଟ ଆକର୍ଷଣୀୟ ପ୍ରଦର୍ଶନ କରି ୯ ମିନିଟ ୪୮ ସେକେଣ୍ଡ ବିଶିଷ୍ଟ ମ୍ୟାଚରେ ବିଜୟୀ ହୋଇଥିଲେ। କିଟ୍‌ରେ ଅଧ୍ୟୟନରତ ଚେନ୍ନାଇର ଭବାନୀ ପ୍ରଥମ ରାଉଣ୍ଡରେ ଅଜିଜିଙ୍କ ବିପକ୍ଷରେ ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ପ୍ରଥମ ୩ ମିନିଟ ପିରିୟଡରେ ସେ ଗୋଟିଏ ହେଲେ ପଏଣ୍ଟ ବରଣ କରି ନ ଥିଲେ। ୮-୦ରେ ଅଗ୍ରଣୀ ରହିଥିଲେ। ଦ୍ୱିତୀୟ ପିରିୟଡରେ ଟ୍ୟୁନିସିଆ ପ୍ରତିଯୋଗୀ ସାମାନ୍ୟ ଉନ୍ନତ ପ୍ରଦର୍ଶନ କରିଥିଲେ ହେଁ ଭବାନୀ ୬ ମିନିଟ ୧୪ ସେକେଣ୍ଡରେ ମ୍ୟାଚ ଜିତି ନେଇଥିଲେ। ଯେଉଁ ଫେନ୍‌ସର ପ୍ରଥମେ ୧୫ ପଏଣ୍ଟ ହାସଲ କରେ ତାକୁ ବିଜେତା ଘୋଷଣା କରାଯାଇଥାଏ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ୨୭ ଜୁଲାଇ, ୨୦୨୧ Sambalpur, Tuesday, July 27/2021

# ସୌମ୍ୟରଞ୍ଜନଙ୍କୁ ୬୫ତମ ଟାଇଟଲ

**ଭୁବନେଶ୍ୱର, ୨୬।୭(କ୍ରୀଡ଼ା ପ୍ରତିନିଧି)**


ସୌମ୍ୟରଞ୍ଜନ ମିଶ୍ର

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ପବିତ୍ର ମୋହନ ମହାନ୍ତି ସ୍ମାରକୀ ଅନ୍‌ଲାଇନ୍ ଓପନ ଚେସ୍‌ରେ ଟପ୍ ସିଡ୍ ସୌମ୍ୟରଞ୍ଜନ ମିଶ୍ର ଚାମ୍ପିୟନ ହୋଇଛନ୍ତି। ରାଜ୍ୟ ଓପନ ଚେସ୍‌ରେ ଫିଡେ ମାଷ୍ଟର ସୌମ୍ୟଙ୍କର ଏହା ହେଉଛି ୬୫ ତମ ଟାଇଟଲ। ପବିତ୍ର ମୋହନ ରାଜ୍ୟ ଚେସ୍‌ରେ ଜଣେ କିମ୍ବଦନ୍ତୀ ଖେଳାଳି ଥିଲେ। ତାଙ୍କ ନାମ ଅନୁସାରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିବାରୁ ମୁଁ ନିଜକୁ ଗର୍ବିତ ମନେକରୁଛି ବୋଲି ସୌମ୍ୟ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଅଭୟ କୁମାର ଦାଶ ଦ୍ୱିତୀୟ ଏବଂ ହର୍ଷିତ

## ରାଜ୍ୟ ଓପନ ଚେସ୍

ରଞ୍ଜନ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରିନ ଅନ୍ୱେଷ ସ୍ୱାଇଁ, ରବୀନ୍ଦ୍ର କୁମାର ଓଝା, ଆଦିତ୍ୟ ପଟ୍ଟନାୟକ, ବୋହହାନ ଅଲୀ ମୋଲ୍ଲା, ସ୍ୱୟଂଶୁ ସତ୍ୟକାମ, ସୂରଯ କୁମାର ମହାରଣା ଓ ବିକାଶ କୁମାର ଲେଙ୍କା ଟପ୍-୧୦ ଫିନିଶ୍ କରିଥିଲେ। ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଅକ୍ଷଜ ନାୟକ, ଅଦିତି ମହାରଣା, ସାଇ ଶ୍ରୀହନ, ସୌମ୍ୟ ଶାଶ୍ୱତ ରଥ, ସିଦ୍ଧାର୍ଥ ମିଶ୍ର, ସାଇ ଶକ୍ତି ପଣ୍ଡା, ଶାଶ୍ୱତ ସୌମ୍ୟବ୍ରତ, ବିଭୋର ଅଦକ, ନନ୍ଦିନରୀ ପାଣି, ମନୀଷା ସାହୁ, ସାହାନା ଲେଙ୍କା ଓ ଅଦଭିକା ଦାସ ସ୍ୱତନ୍ତ୍ର ପୁରସ୍କାର ପାଇଥିଲେ। ଗୁଗଲ୍ ମିଟ୍‌ରେ ଉଦ୍‌ଘାଟିତ ହୋଇଥିବା ଏହି ଟୁର୍ନାମେଣ୍ଟରେ ଡାଲମିଆ ସିମେଣ୍ଟ ଭାରତର ଡେପୁଟି ମ୍ୟାନେଜର (ପ୍ରଡକ୍ସନ) ଆଦିତ୍ୟ କୁମାର ମହାନ୍ତି ମୁଖ୍ୟ ଅତିଥି ଏବଂ ସ୍ଥପତି ଦୀପକ ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଦେବାଶିଷ ପାଣିଗ୍ରାହୀ ମୁଖ୍ୟ ଆର୍ବିଟର, ଦୀପକ କୁମାର ପଲାଇ ସହ ଆର୍ବିଟର ଏବଂ ଦେବବ୍ରତ ପଟ୍ଟନାୟକ ସଂଯୋଜକ ଦାୟିତ୍ୱ ତୁଲାଇଥିଲେ।




# ଟି୨୦: ସିରିଜ ବିଜୟ ଲକ୍ଷ୍ୟରେ ଭାରତ

**କଲମ୍ବୋ,୨୬।୭(ପି.ଟି.)**

ଭାରତ ଓ ଘରୋଇ ଶ୍ରୀଲଙ୍କା ମଧ୍ୟରେ ସ୍ଥାନୀୟ ଆର. ପ୍ରେମଦାସା ଷ୍ଟାଡିୟମରେ ମଙ୍ଗଳବାର ଦ୍ୱିତୀୟ ଟି୨୦ ମ୍ୟାଚ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ ଭାରତ ୩୮ ରନରେ ବିଜୟୀ ସିରିଜରେ ୧-୦ରେ ଅଗ୍ରଣୀ ହୋଇଛି। ଫଳରେ ଦ୍ୱିତୀୟ ମ୍ୟାଚ୍ ଜିତି ଭାରତ ସିରିଜ ହାତେଇବା ଲକ୍ଷ୍ୟରେ ରହିଛି। ଏହି ମ୍ୟାଚ୍‌ରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନଙ୍କଠାରୁ ସ୍ଥିର ପ୍ରଦର୍ଶନ ଆଶା କରୁଛି। ସାମସନ ନିଜର ପ୍ରତିଭା ଓ ଦକ୍ଷତାକୁ ସ୍ଥିର ପ୍ରଦର୍ଶନରେ ପରିଣତ କରିବାର ସମୟ ଉପନୀତ ହୋଇଛି। ତେଣୁ ସାମସନଙ୍କ ଉପରେ ନଜର ସମସ୍ତଙ୍କ ନଜର ରହିବ।

ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଥିବାରୁ ଭାରତ ଦଳରେ କୌଣସି ପରିବର୍ତ୍ତନ କରିବା ନାହିଁ। ତେବେ ଇଂଲଣ୍ଡ ଯିବାକୁ ଥିବା ଦୁଇ ଖେଳାଳି ସୂର୍ଯ୍ୟକୁମାର ଯାଦବ ଓ ପୃଥ୍ୱୀ ଶଙ୍କ ଯଦି ବିଶ୍ରାମ ଦିଆଯାଏ ତା'ହେଲେ ଦଳରେ ପରବର୍ତ୍ତନ କରାଯିବ। କିନ୍ତୁ ଏହି ଦୁଇ ଖେଳାଳି ଦ୍ୱିତୀୟ ଟି୨୦ ଖେଳିବା ନିଶ୍ଚିତ ମନେ ହେଉଛି। ଅତିବେଶୀରେ ଫର୍ମ ନ ଥିବା ମନୀଷ ପାଣ୍ଡେଙ୍କ ବଦଳରେ ଦେବଦତ୍ତ ପଡିକାଲ କିମ୍ବା ରତୁରାଜ ଗାଏକ୍ୱାଡଙ୍କୁ ଖେଳାଯିବାର ସମ୍ଭାମନା ରହିଛି। ରିଷଭ ପନ୍ତ, ଲୋକେଶ ରାହୁଲ, ଇଶାନ କିଷନଙ୍କ ଭଳି ଉଇକେଟକପର ବ୍ୟାଟ୍ସମ୍ୟାନ ରହିଥିବାରୁ ସାମସନ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇଛନ୍ତି। ତେଣୁ ସାମସନଙ୍କୁ ଏହି ମ୍ୟାଚ୍‌ରେ କିଛି କରି ଦେଖାଇବାକୁ ହେବ। ବ୍ୟାଟିଂରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିଫଳତା ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରିଛି। ବ୍ୟାକ୍ ଇଞ୍ଜୁରି ପରେ ହାର୍ଦ୍ଦିକ ବୋଲିଂରେ କିଛିଟା ଚମକ ଦେଖାଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଭାରତୀୟ ବୋଲରମାନେ ଜବରଦସ୍ତ


ସଞ୍ଜୁ ସାମସନ।

ପ୍ରଦର୍ଶନ କରିଥିଲେ। ଅଭିଜ୍ଞ ଦ୍ରୁତ ବୋଲର ଭୁବନେଶ୍ୱର କୁମାରଙ୍କ ସହ ସ୍ପିନରମାନେ ମଧ୍ୟ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ଯୁଜବେନ୍ଦ୍ର ଚହଲ ଓ ବରୁଣ ଚକ୍ରବର୍ତ୍ତୀ ଆଶାନୁରୂପ ପ୍ରଦର୍ଶନ କରିଛନ୍ତି। ୟୁଏଇରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍ ୨୦ରୁ ଊର୍ଦ୍ଧ୍ୱ ଖେଳାଳିଙ୍କୁ ଚୟନ କରାଯିବ। ଚହଲ ଓ ବରୁଣ ଏହି ଦଳରେ ସାମିଲ ହେବା ଏକ ପ୍ରକାର ନିଶ୍ଚିତ ମନେ ହେଉଛି।

ଅନ୍ୟପଟେ ଶ୍ରୀଲଙ୍କ ଆଗରେ ଏକାଧିକ ଚ୍ୟାଲେଞ୍ଜ ରହିଛି। ଦଳରେ ମ୍ୟାଚ୍ ୱିନରଙ୍କ ଅଭାବ ପରିଲକ୍ଷିତ ହେଉଛି। ପ୍ରଥମ ଟି୨୦ରେ ଚରିଥ ଅସଲଙ୍କା ୪୪ ରନର ଦ୍ରୁତ ଇନିଂସ ଖେଳିଥିଲେ ମଧ୍ୟ ଦଳ ମାତ୍ର ୧୫ ରନରେ ୬ ଉଇକେଟ ହରାଇ ପରାସ୍ତ ହୋଇଥିଲା। ଲେଗ ସ୍ପିନର ୱାନିଣ୍ଡୁ ହସରଙ୍ଗା ବେଶ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ଏହି ମ୍ୟାଚ୍ ଜିତି ଶ୍ରୀଲଙ୍କା ସିରିଜ ବଞ୍ଚାଇବାକୁ ପ୍ରୟାସ କରିବ।

**ସମୟ: ରାତି ୮ଟା**
**ସ୍ଥାନ: କଲମ୍ବୋ**
**ପ୍ରସାରଣ: ସୋନୀ ଟେନ ନେଟୱର୍କ**




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ନାବାଳକଙ୍କ ଝୁଲନ୍ତା ମୃତଦେହ ଜବତ

**ନୂଆପଡ଼ା ଅଫିସ,୨୬।୭:** ନୂଆପଡା ଜିଲା ସିନାପାଲି ଥାନା ଅନ୍ତର୍ଗତ ସିଙ୍ଘର ପଞ୍ଚାୟତ ପେଣ୍ଡେରେନ ଗାଁର ଜଣେ ନାବାଳକଙ୍କ ମୃତଦେହ ଗଛରେ ଝୁଲନ୍ତା ଅବସ୍ଥାରେ ସୋମବାର ଜବତ କରାଯାଇଛି। ମୃତ ନାବାଳକ ଜଣକ ପେଣ୍ଡେରେନ ଗାଁର ଦେବନାଥ ମାଝିଙ୍କ ପୁଅ ମୀନକେତନ (୧୭)। ପ୍ରାପ୍ତ ସୂଚନାନୁସାରେ ରବିବାର ମୀନକେତନ ବଳଦ ଚରାଇବା ପାଇଁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ଖବର ପାଇ ନ ଥିଲେ। ସୋମବାର ସକାଳୁ ନିକଟସ୍ଥ ନିଜ ଜମିରେ ଥିବା ଏକ ନିମ୍ବ ଗଛରେ ବେକରେ ରଶି ଲାଗିଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ। ସିନାପାଲି ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ସିନାପାଲି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୭/୨୧) ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି ବୋଲି ଏସଆଇ ବବିତା ରାଣୀ ପୁହାଣ ସୂଚନା ଦେଇଛନ୍ତି।

### ୫ ବ୍ଲକ ପାଇଁ ଯୁବ କଂଗ୍ରେସ ସଭାପତି ନାମ ଘୋଷଣା

**ନୂଆପଡ଼ା ଅଫିସ/ଖଡ଼ିଆଳ, ୨୬।୭ (ଡି.ଏନ.ଏ.):** ନୂଆପଡା ଜିଲା ଯୁବ କଂଗ୍ରେସ ସଭାପତି କପିଲେନ୍ଦ୍ର ଭୋଇଙ୍କ ସୁପାରିଶକ୍ରମେ ସୋମବାର ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା ଜିଲାର ୫ଟି ବ୍ଲକ ଯୁବ କଂଗ୍ରେସ କମିଟି ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଖଡିଆଳ ବ୍ଲକ ପାଇଁ ଚନ୍ଦ୍ରଧ୍ୱଜ ବେହେରା, ବୋଡେନ ବ୍ଲକ ପାଇଁ ରାଇସିଂ ମାଝି, ସିନାପାଲି ବ୍ଲକ ପାଇଁ ଲମ୍ବୋଦର ମାଝି, କୋମନା ବ୍ଲକ ପାଇଁ ନରେନ୍ଦ୍ର କୁମାର ନାଗ ଓ ନୂଆପଡା ବ୍ଲକ ପାଇଁ ଜଗନ୍ନାଥ ନାଏକଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତି ଘୋଷଣା ପରେ ନବନିଯୁକ୍ତ ସଭାପତିମାନେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ, ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ଜିଲା କଂଗ୍ରେସ ସଭାପତି ଘାସିରାମ ମାଝି, ଅଖିଳ ଭାରତୀୟ ଯୁବ କଂଗ୍ରେସ ସଭାପତି ବିଭି ଶ୍ରୀନିବାସ, ଯୁବ କଂଗ୍ରେସ ରାଜ୍ୟ ପ୍ରଭାରୀ ପ୍ରତିଭା ରଘୁବଂଶୀ, ସହ ପ୍ରଭାରୀ ରିୟାଜୁଲ ଅଂସାରୀ, ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ମହମ୍ମଦ ସାହିଦଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ପୋଖରୀରେ ବୁଡ଼ି ଯୁବକ ମୃତ

**ନୂଆପଡ଼ା ଅଫିସ,୨୬।୭:** ନୂଆପଡ଼ା ଜିଲା ସିନାପାଲି ଥାନା ଅନ୍ତର୍ଗତ ଚଲନା ଗାଁ ଶିବ ମନ୍ଦିର ନିକଟ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଗୋଡାଲ ପଞ୍ଚାୟତ ପଳସାପଡା ଗାଁର ଲୋଚନ ଜଗତ (୪୫)। ପ୍ରାପ୍ତ ସୂଚନାନୁସାରେ ଲୋଚନ ଗାଁ ଗାଁ ବୁଲି ଛତା ମରାମତି କରି ଜୀବିକା ନିର୍ବାହ କରୁଥିଲେ। ରବିବାର ଚଲନା ସାପ୍ତାହିକ ବଜାରକୁ ଛତା ମରାମତି କରିବା ପାଇଁ ଯାଉଥିଲେ। ବଜାରରେ ପହଞ୍ଚିବା ପୂର୍ବରୁ ନିତ୍ୟକର୍ମ ପାଇଁ ମୁଖ୍ୟରାସ୍ତା ପାର୍ଶ୍ୱରେ ପୋଷାକ, ଛତା ମରାମତି ସାମଗ୍ରୀ ଓ ବ୍ୟାଗ ରଖି ଚଲନା ଶିବ ମନ୍ଦିର ନିକଟ ପୋଖରୀକୁ ଯାଇଥିଲେ। ପରେ ପୋଖରୀରେ ବୁଡି ଯାଇଥିବା ଅନୁମାନ କରାଯାଉଛି। ଦୀର୍ଘ ସମୟ ଧରି ମୁଖ୍ୟ ରାସ୍ତା କଡ଼ରେ ପୋଷାକ, ଛତା ମରାମତି ସାମଗ୍ରୀ ଓ ବ୍ୟାଗ ରହିଥିବା ଦେଖି ଲୋକେ ସନ୍ଦେହ କରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ । କୌଣସି ଖବର ନ ପାଇବାରୁ ଲୋଚନଙ୍କ ନିଖୋଜ ନେଇ ସିନାପାଲି ଥାନାରେ ଲିଖିତ ଏତଲା ଦେଇଥିଲେ। ପରିବାର ଲୋକେ ଚଲନା ଶିବ ମନ୍ଦିର ନିକଟରେ କେହି ଜଣେ ପୋଷାକପତ୍ର ଛାଡି ଦେଇଥିବା ଖବର ପାଇ ସେଠାକୁ ଯାଇଥିଲେ। ପୋଷାକ ଓ ବ୍ୟାଗ ଲୋଚନଙ୍କ ବୋଲି ପରିବାର ଲୋକେ ଚିହ୍ନଟ କରିଥିଲେ। ପାଣିରେ ବୁଡି ଯାଇଥିବା ସନ୍ଦେହ କରି ସିନାପାଲି ପୋଲିସକୁ ଖବର କରିଥିଲେ। ପୋଲିସ ସୂଚନା ପାଇ ଅଗ୍ନିଶମ ବିଭାଗ ପହଞ୍ଚି ପୋଖରୀରେ ଖୋଜାଖୋଜି ପରେ ମୃତଦେହ ଜବତ କରାଯାଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି ବୋଲି ସିନାପାଲି ଆଇଆଇସି ଡମ୍ବରୁଧର ପ୍ରଧାନ ସୂଚନା ଦେଇଛନ୍ତି।

# ଚାଷୀଙ୍କ ସମସ୍ୟା ନେଇ ବିକ୍ଷୋଭ

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ
- ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

**ନୂଆପଡ଼ା ଅଫିସ,୨୬।୭**

ନୂଆପଡା ଜିଲାରେ ରାସାୟନିକ ସାରର ଉତ୍କଟ ଅଭାବ, ଚାଷୀ ପଞ୍ଜୀକରଣରେ ସମସ୍ୟା, ଗଜାମରୁଡି, ବିଦ୍ୟୁତ୍ ଦର ବୃଦ୍ଧି, ଲୋ-ଭୋଲଟେଜ ଏବଂ ବିଭିନ୍ନ ସମସ୍ୟା ନେଇ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଅନୁପସ୍ଥିତରେ ଉପଜିଲାପାଳ ତରଣୀ ସେନ ନାଏକଙ୍କୁ ୮ଦଫା ସମ୍ବଳିତ ଦାବିପତ୍ର ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ପକ୍ଷରୁ ପ୍ରଦାନ କରାଯାଇଛି। ନୂଆପଡା ଜିଲାରେ ଖରିଫରେ ୨୦ ହଜାର କ୍ୱିଣ୍ଟାଲ ରାସାୟନିକ ସାର ଆବଶ୍ୟକତା ଥିବା ବେଳେ ମାତ୍ର ୯ ହଜାର କ୍ୱିଣ୍ଟାଲ ଦିଆଯାଇଥିବାରୁ ଜିଲାରେ ସାରର ଅଭାବ ଦେଖାଦେଇଛି। ଚାଷୀ ପଞ୍ଜୀକରଣରେ ଘୋର ଅବ୍ୟବସ୍ଥା ସହିତ ପଞ୍ଜୀକରଣର ସ୍ୱଳ୍ପ ଅବଧି ରହିଛି। ରେକର୍ଡରେ ଜମିର କିସମ ପରିବର୍ତ୍ତନ ହୋଇ ନ ଥିବାରୁ ପଞ୍ଜୀକରଣରେ ସମସ୍ୟା ଉପୁଜୁଛି। ଜୁନ ଓ ଜୁଲାଇରେ ସ୍ୱଳ୍ପ ବୃଷ୍ଟିପାତ ହେତୁ ଗଜାମରୁଡି ଘୋଷଣା, ୨୦୧୭ରୁ ୨୦୧୯ର ବକେୟା ଫସଲ ବୀମା ପ୍ରଦାନ, ଚଳିତ ଖରିଫ ପାଇଁ ଫସଲ ବୀମା ଅବଧି ଅଗଷ୍ଟ ୧୫ ପର୍ଯ୍ୟନ୍ତ ବୃଦ୍ଧି, ଚାଷୀ ପଞ୍ଜୀକରଣ ଅବଧି ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବୃଦ୍ଧି, ଜିଲାରେ ମକା ଓ କପା ମଣ୍ଡି ଖୋଲିବା ପାଇଁ ଦାବି, ଚାଷୀ ବିରୋଧୀ ନୀତିକୁ ତୁରନ୍ତ ପ୍ରତ୍ୟାହାର, ଟୋକନ ବ୍ୟବସ୍ଥାର ସରଳିକରଣ କରିବା, ସମ୍ପୂର୍ଣ୍ଣ ଧାନ କିଣିବା ସହିତ କ୍ୱିଣ୍ଟାଲ ପିଛା ୫ ଶହ ଟଙ୍କା ବୋନସ ପ୍ରଦାନ ପାଇଁ ଦାବି କରାଯାଇଥିଲା। ଚାଷୀଙ୍କ ସମସ୍ୟା ସମାଧାନ କରା ନ କଲେ ଆଗାମୀ ଦିନରେ ସାରା ଜିଲାରେ ବଡଧରଣର ଆନ୍ଦୋଳନ କରି ପ୍ରଶାସନ ସରକାରୀ କଳକୁ ଅଚଳ କରି ଦିଆଯିବ ବୋଲି ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି। ବିକ୍ଷୋଭରେ ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ଆବାହକ ଯଦୁମଣି ପାଣିଗ୍ରାହୀ, ସହଆବାହକ ବସନ୍ତ ସିଂ ଠାକୁର, ମୃତ୍ୟୁଞ୍ଜୟ ପୁରୋହିତ, ଅଭିନ୍ନ ପୁରୋହିତ, ଭକ୍ତ ଧରୁଆ, ଶଙ୍କର ଅହୀର, ଗୌରମଣି ବିଭାର, ପ୍ରବୀଣ ଭୋଇ, ଭୁବନେ ନାୟକ, ବୃନ୍ଦାବନ ପ୍ରଧାନ, ନୀଳ ନାଗ, ହେମଲାଲ ରଣା, ଶିବ ପାତ୍ର, ଡୋଲାମଣି ଗଡତିଆ, ଗୋକୁଲ ମାଝି, ଡିଙ୍ଗର ସୁନାନୀ, ମହେନ୍ଦ୍ର ମାଝି, ବିଚିତ୍ର ସାହୁ ପ୍ରମୁଖ ଶତାଧିକ ଚାଷୀ ସାମିଲ ହୋଇଥିଲେ।



ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

# ଲାଠୋର-ଡେବରିଆମୁଣ୍ଡା ରାସ୍ତାରେ ପଡ଼ିଲା ମୋରମ

**ଲାଠୋର, ୨୬।୭(ଡି.ଏନ.ଏ.)**

ଧରିତ୍ରୀ ପ୍ରଭାବ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର-ଡେବରିଆମୁଣ୍ଡା ରାସ୍ତାରେ ସୋମବାର ପଞ୍ଚାୟତ ପକ୍ଷରୁ ମୋରମ ପକାଯାଇଛି। ଆଗକୁ ଏହି ରାସ୍ତାର କଂକ୍ରିଟକରଣ କରାଯିବ ବୋଲି ସରପଞ୍ଚ ପ୍ରବୀଣ ଅଗ୍ରୱାଲ କହିଛନ୍ତି। ଦୀର୍ଘଦିନ ହେଲା ଲାଠୋର-ଡେବରିଆମୁଣ୍ଡା ରାସ୍ତା ଶୋଚନୀୟ ହୋଇପଡିଥିଲା। ଆବଶ୍ୟକ ମରାମତି ଅଭାବରୁ ରାସ୍ତାର ବହୁ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିଲା। ବର୍ଷା ଦିନେ ସ୍ଥିତି ଅଧିକ ସଙ୍ଗିନ ହୋଇପଡିଥିଲା। ଲୋକେ ଯାତାୟାତ ବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ରାସ୍ତା ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ କରାଯାଉ ନ ଥିଲା। ଏହାକୁ ନେଇ ଗତ ଜୁଲାଇ ୨୫ତାରିଖରେ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ଲାଠୋର ପଞ୍ଚାୟତ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରି ସେହି ରାସ୍ତାରେ ମୋରମ ପକାଇ ସମତଳ କରିଛନ୍ତି। ଆଗାମୀ ଦିନରେ ସେହି ରାସ୍ତାକୁ କଂକ୍ରିଟକରଣ କରିବା ପାଇଁ ବ୍ଲକୁ ସୁପାରିସ କରାଯାଇଥିବା ପଞ୍ଚାୟତ ପକ୍ଷରୁ ସୂଚନା ଦିଆଯାଇଛି।


ଖାଲଖମା ରାସ୍ତାରେ ମୋରମ ପକାଇ ସମତୁଲ କରାଯାଇଛି।

# ସଙ୍ଗଠନ ସୁଦୃଢ଼ କରିବା ଉପରେ ଗୁରୁତ୍ୱ

**ମୁରିବାହାଲ, ୨୬।୭ (ଡି.ଏନ.ଏ.)**

ଭାଜପା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗୀର ଜିଲା ମୁରିବାହାଲ ମଣ୍ଡଳ ଭାଜପାର ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ ସୋମବାର ଚଲକିଠାରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ସୁରେଶ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ଭାଜପା ଜିଲା ସଭାପତି ଶିବାଜି ମହାନ୍ତି ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜୟ ସମ୍ଭାବନାକୁ ନିଶ୍ଚିତ କରିବାକୁ ହେଲେ ଦଳୀୟ ସଂଗଠନକୁ ଅଧିକ ମଜଭୁତ କରିବା ଉପରେ ଜୋର ଦେଇଥିଲେ। କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଲକ୍ଷ୍ମଣ ବାଗ, ଜିଲା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା, ଜିଲା କମିଟି ସଦସ୍ୟ ସରୋଜ କୁମାର ଖମାରୀ, ବାଳକୃଷ୍ଣ ପୁଟେଲ, ସମ୍ପାଦକ ପଦ୍ମନାଭ ସାହୁ, ସୁବାଷ ପୋଢ଼ ପ୍ରମୁଖ ବରିଷ୍ଠ ନେତୃବର୍ଗ ଦଳୀୟ ସଂଗଠନକୁ ସୁଦୃଢ଼ୀକରଣ ଉପରେ ମତ ରଖିଥିଲେ। ଏହି ଅବସରରେ ସାଧାରଣ ସମ୍ପାଦକ ରାମୁ କୁମ୍ଭାରଙ୍କଦ୍ୱାରା ଆଗତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି, ମଣ୍ଡି ଅବ୍ୟବସ୍ଥା ଓ ବିଦ୍ୟୁତ ବିଭ୍ରାଟ ଆଦି ୩ଟି ନିନ୍ଦା ପ୍ରସ୍ତାବ ବୈଠକରେ ଗୃହୀତ ହୋଇଥିଲା। ଏହାପରେ ଚଲକି ଓ ବାନ୍ଧୁପଲା ପଞ୍ଚାୟତର ମଦନ ଖର୍ସେଲ, ତୁଲଶା ମାଝୀ, ଗୋରେଖ ମାଝୀ ଓ ମକରନ୍ଦ ବାଗ ଭାଜପାରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ମୁରିବାହାଲ ମଣ୍ଡଳ ସାଧାରଣ ସମ୍ପାଦକ ନାରାୟଣ ସାହୁ ସଂଯୋଜନା କରିଥିଲେ।



କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଭାଜପା ନେତୃବର୍ଗ।

# କୃଷି ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ

**ବେଲପଡା, ୨୬।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅଞ୍ଚଳର ଅସଲି ଚାଷୀଙ୍କ ଜମିରେ ଅଜଣା ଲୋକ ପ୍ରଧାମମନ୍ତ୍ରୀ କୃଷି ବୀମା କରାଇ ନେଇଥିବା ନେଇ ସ୍ଥାନୀୟ ଚାଷୀମାନେ ବେଲପଡା ଥାନା ଓ କନିଷ୍ଠ କୃଷି ଅଧିକାରୀଙ୍କଠାରେ ସୋମବାର ଅଭିଯୋଗ କରିଛନ୍ତି। ନକଲି ଚାଷୀଙ୍କୁ ଚିହ୍ନଟ କରି ସେମାନଙ୍କ ବୀମା ବନ୍ଦ ସହ ପ୍ରକୃତ ଚାଷୀଙ୍କୁ ବୀମାଭୁକ୍ତ ତାଲିକାରେ ସାମିଲ କରିବା ପାଇଁ ସେମାନେ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ ପଣ୍ଡରିଜୋର ପଞ୍ଚାୟତ ଅନ୍ତର୍ଗତ କର୍ଲାବାହାଲି ଗ୍ରାମର ଚାଷୀ ଅନୀଲ ଅଗ୍ରୱାଲଙ୍କ ପିତା ସ୍ୱର୍ଗତ ଖୁବଚାନ୍ଦ ଅଗ୍ରୱାଲ ମୌଜା କର୍ଲାବାହାଲି ଖାତା ନଂ ୧୪୩/୧୫୧ ଏରିଆ ୨୧.୯୮ ଡେସିମିଲ ଜମିକୁ ବୀମା କରିବା ପାଇଁ ସୋମବାର ଜନସେବା କେନ୍ଦ୍ରକୁ ଆସିଥିଲେ। ହେଲେ କେହି ତାଙ୍କ ଜମିରେ ବୀମା କରିବା ପାଇଁ ରେଜଷ୍ଟ୍ରେସନ କରିନେଇଥିବା ଜାଣିବାକୁ ପାଇଥିଲେ। ପରେ ସେ ବ୍ଲକ କନିଷ୍ଠ କୃଷି ଅଧିକାରୀ ଓ ବେଲପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ଭାଲୁବାହାଲି ଗ୍ରାମର ହୃଷିକେଶ ମାଝି ତାଙ୍କ ଜମିକୁ ଦର୍ଶାଇ ବଙ୍ଗୋମୁଣ୍ଡା ବ୍ଲକ ଅଞ୍ଚଳର ଜଣେ ବ୍ୟକ୍ତି ଚଞ୍ଚକତା କରି ବୀମାଭୁକ୍ତ କରାଇ ନେଇଥିବା କୃଷି କାର୍ଯ୍ୟାଳୟ ସୂତ୍ରରୁ ଜଣାଯିବା ପରେ ଥାନା ରେ ଅଭିଯୋଗ କରିଛନ୍ତି। ଏ ନେଇ ବେଲପଡା କନିଷ୍ଠ କୃଷି ଅଧିକାରୀ ଆନନ୍ଦ ଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ ଯେଉଁ ଅଭିଯୋଗମାନ ଆସିଛି ତାହା ବୀମା କମ୍ପାନୀକୁ ଜଣାଇ ଦିଆଯାଇଛି ବୋଲି କହିଥିଲେ ।

# ପୂର୍ବତନ ବିଧାୟକ ମହେଶ୍ୱର ନାୟକଙ୍କ ୧୯ତମ ଶ୍ରାଦ୍ଧବାର୍ଷିକୀ

**ଜୁନାଗଡ଼, ୨୬।୭ (ଡି.ଏନ.ଏ.)**

ଉତ୍କଳ ଯାଦବ ମହାସଭାର ପ୍ରତିଷ୍ଠାତା, ସଭାପତି ତଥା ପୂର୍ବତନ ଜୁନାଗଡ଼ ବିଧାୟକ ସ୍ୱର୍ଗତ ମହେଶ୍ୱର ନାୟକଙ୍କ ୧୯ତମ ଶ୍ରାଦ୍ଧବାର୍ଷିକୀ ହାବସପୁର କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ପୂର୍ବତନ ଉପସଚିବ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଶୋକ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବିଜେଡି ମହିଳା ମୋର୍ଚ୍ଚା ରାଜ୍ୟ ଯୁଗ୍ମ ସମ୍ପାଦିକା ମନୀଷା ସାହୁ, ମୁଖ୍ୟବକ୍ତା ମହାବୀର ସାଂସ୍କୃତିକ ଅନୁଷ୍ଠାନ ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ସିଂ, ସମ୍ମାନିତ ଅତିଥି ଉତ୍କଳ ଯାଦବ ମହାସଭା ସାଧାରଣ ସମ୍ପାଦକ କିର୍ତନ ନାୟକ ଓ ଉତ୍କଳ ଯାଦବ ମହାସଭା ଉପସଭାନେତ୍ରୀ ସୁଶ୍ରୀ ଶୁଭଲକ୍ଷ୍ମୀ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ୨୦୨୦ ମାଟ୍ରିକ ପରୀକ୍ଷାରେ ଜିଲାରେ ଟପ୍ପର ହୋଇଥିବା କୃପାସିନ୍ଧୁ ହାଇସ୍କୁଲ ଛାତ୍ର ସୌରଭ କୁମାରଙ୍କୁ ମହେଶ୍ୱର ନାୟକ ସ୍ମୃତି କମିଟି ପକ୍ଷରୁ ଏକ ମାନପତ୍ର ପ୍ରଦାନ କରିବା ସହ ୨୫ ହଜାର ଟଙ୍କା ତାଙ୍କ ନାମରେ ବ୍ୟାଙ୍କରେ ଜମା କରାଯାଇଥିବା ପାସ ବୁକ ପ୍ରଦାନ କରାଯାଇଥିଲା। ଏଥିସହ ମୋ ସ୍କୁଲ ଅଭିଯାନ ପାଇଁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହରିଶଙ୍କର ବାଗଙ୍କୁ ୨୫ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ଶିକ୍ଷକ ଦିନେଶ ଚନ୍ଦ୍ର ଲହଜଲ ସ୍ମୃତିସଭାର ପରିଚାଳନା କରିଥିବା ବେଳେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ସୀମାଞ୍ଚଳ ନାଗ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ହରିଶଙ୍କର ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ହାଇସ୍କୁଲ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ ।

# ଖୋଲିଲା ସ୍କୁଲ: ଉତ୍ସାହିତ ଛାତ୍ରୀଛାତ୍ର


ଖଡିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ର ଏବଂ ଶିକ୍ଷକମାନେ।

**ଖଡିଆଳ, ୨୬।୭ (ଡି.ଏନ.ଏ.)**

ପ୍ରଥମ ଦିନରେ ଉପସ୍ଥାନ କମ୍

କୋଭିଡ୍-୧୯ ମହାମାରୀ ସଂକ୍ରମଣ ଯୋଗୁ ଦୀର୍ଘଦିନ ହେବ ସ୍କୁଲ ବନ୍ଦ ରହିଥିଲା। ସୋମବାରଠାରୁ ରାଜ୍ୟରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲିଛି। ରାଜ୍ୟ ସରକାର ଜାରି କରିଥିବା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍‌ଓପି) ଅନୁଯାୟୀ ସ୍କୁଲ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରମାନଙ୍କ ବସିବା ଓ ଅନ୍ୟାନ୍ୟ ବ୍ୟବସ୍ଥା କରିଛନ୍ତି। ଏହିକ୍ରମରେ ନୂଆପଡା ଜିଲାର ସମସ୍ତ ଉଚ୍ଚ ବିଦ୍ୟାଳୟ ସହ ଖଡିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ମଧ୍ୟ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଦଶମ ଶ୍ରେଣୀ ଖୋଲିଥିଲା। ସୋମବାର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବହୁତ ଉତ୍ସାହ ଦେଖିବାକୁ ମିଳିଛି। ବିଦ୍ୟାଳୟକୁ ପହଞ୍ଚିବା ପରେ ଛାତ୍ରୀଛାତ୍ରମାନଙ୍କ ଥର୍ମାଲ ସ୍କେନିଂ କରିବା ସହିତ ସାନିଟାଇଜ୍ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ସାମାଜିକ ଦୂରତା ରକ୍ଷା କରିବା ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା। ପ୍ରଥମ ଦିନରେ ବିଦ୍ୟାଳୟରେ ୩୫ଜଣ ଛାତ୍ର ଓ ୧୫ଜଣ ଛାତ୍ରୀଙ୍କୁ ମିଶାଇ ମୋଟ ୫୦ଜଣ ଉପସ୍ଥିତ ଥିଲେ।

# ଦୁଇ ଦିବ୍ୟାଙ୍ଗ ଶିଶୁଙ୍କୁ ମିଳିଲା ଆର୍ଥିକ ସହାୟତା

**ପାଇକମାଳ, ୨୬।୭ (ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଳ ବ୍ଲକ ବରତୁଣ୍ଡା ଗ୍ରାମର ମହେଶ ସିଂ ଗୀର୍ଣ୍ଣଙ୍କ ୧୨ ବର୍ଷର ଦିବ୍ୟାଙ୍ଗ ପୁଅ କୁଳରଞ୍ଜନ ଗୀର୍ଣ୍ଣ କିଛିଦିନ ହେଲା ନୂଆପଡା ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। କୁଳରଞ୍ଜନଙ୍କ ଅବସ୍ଥା ଅଧିକ ଖରାପ ହେବାରୁ ଖବର ପାଇ ତହସିଲଦାର ମହେନ୍ଦ୍ର ବଡ଼େଇ ତୁରନ୍ତ ୫ହଜାର ଟଙ୍କା ଆର୍ଥିକ ସହାୟତା ଦେଇଛନ୍ତି। ଏହାସହ ତାଙ୍କର ଅଧିକ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଇବା ବ୍ୟବସ୍ଥା କରିଛନ୍ତି। ନୂଆପଡା ଡାକ୍ତରଖାନାରେ ଦିବ୍ୟାଙ୍ଗ କୁଳରଞ୍ଜନଙ୍କୁ ଜିଲା ପରିଷଦ ବିଶ୍ୱନାଥ ବାଗ, ଗଣେଶ ପ୍ରଧାନ, ରୁକ୍ମଣ ଧରୁଆ, ବେଣୁଧର ସାହୁ, ବନମାଳି ବିନାଟ, ବିଜୟ ଭୁଏ, ସୁରେନ୍ଦ୍ର ପ୍ରଧାନ ଓ ସୁଶାନ୍ତ ହେର୍ଣ୍ଣା ଭେଟି କଟକ ନେବା ବ୍ୟବସ୍ଥା କରିଥିଲେ। ସେହିପରି ଭୁବନେଶ୍ୱରପୁର ଗ୍ରାମପଞ୍ଚାୟତ ଯୋଗୀନ୍ଦ୍ରନାଥପୁରର ଏକ ଅସହାୟ ପରିବାରର ୨ ବର୍ଷର ଦିବ୍ୟାଙ୍ଗ ନିକିତା ଗୁଣ୍ଡିଙ୍କୁ ତହସିଲଦାର ମହେନ୍ଦ୍ର ବଡ଼େଇ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ଦେଇଛନ୍ତି। ଟାଇଲ ଚନ୍ଦ୍ର ଭୋଇ, ଘନଶ୍ୟାମ ଭୋଇ, ରବିନ୍ଦ୍ର ବାରିକ ଓ ଅର୍ଜ୍ଜୁନ ପଟେଲ ପ୍ରମୁଖ ନିକିତାଙ୍କ ଘରକୁ ଯାଇ ଏହି ସହାୟତା ରାଶି ପ୍ରଦାନ କରିଥିଲେ ।

# ନୂଆ ରୂପ ପାଇବ ଶାଳ ଜଙ୍ଗଲ

- ନର୍ସରିରେ କୃତ୍ରିମ ଉପାୟରେ ସୃଷ୍ଟି କରାଯିବ ଚାରା
- ୬ ହେକ୍ଟର ଜମିରେ ହେବ ବନୀକରଣ
- ୮୦ ହଜାର ଗଛ ଲଗାଇବାକୁ ବନ ବିଭାଗର ଯୋଜନା

**କେନ୍ଦୁଝର, ୨୬।୭ (ସ୍ୱ.ପ୍ର.)**

ଖଣିଖାଦାନରେ ଭରା କେନ୍ଦୁଝର ଜିଲାର ଜଙ୍ଗଲ ସମ୍ପଦକୁ ସମୃଦ୍ଧ କରିଛି ବିସ୍ତୀର୍ଣ୍ଣ ଶାଳ ଜଙ୍ଗଲ। ହେଲେ ରକ୍ଷଣାବେକ୍ଷଣ ଅଭାବ ଏବଂ କାଠଚୋରଙ୍କ ପ୍ରାଦୁର୍ଭାବ ଯୋଗୁ ଏହି ମୂଲ୍ୟବାନ ଜଙ୍ଗଲ ଏବେ ଅବକ୍ଷୟମୁଖୀ। ଏକଦା ଘଞ୍ଚ ଶାଳ ଗଛରେ ଭରପୂର ଜଙ୍ଗଲ ଏବେ ପଦା ହେବାକୁ ବସିଲାଣି। ତେବେ ବିଳମ୍ବରେ ହେଲେ ବି ଧ୍ୱଂସପ୍ରାୟ ଶାଳ ଜଙ୍ଗଲର ଭରଣା କରିବାକୁ ଜିଲା ବନ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ଉଦ୍ୟମ। ହେଲେ ପ୍ରାକୃତିକ ନୁହେଁ, ଏଣିକି କୃତ୍ରିମ ଉପାୟରେ ନର୍ସରିରେ ଚାରା ଉତ୍ପାଦନ କରି ଶାଳ ଜଙ୍ଗଲ ସୃଷ୍ଟି କରାଯିବ। ଏଥିଲାଗି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବା ସହିତ ଆବଶ୍ୟକ କାର୍ଯ୍ୟ ଆରମ୍ଭ କରିଛି ବନ ବିଭାଗ।

ଶାଳ ଗଛ ବହୁ ମୂଲ୍ୟବାନ। ପ୍ରାକୃତିକ ପରିବେଶ ମଧ୍ୟରେ ଶାଳ ଜଙ୍ଗଲ ସୃଷ୍ଟି ହୋଇଥାଏ। କୁହାଯାଏ ଶାଳ ମଞ୍ଜି ଗଛରୁ ମାଟିରେ ପଡ଼ିବା ପରେ ୨୪ ଘଣ୍ଟା ମଧ୍ୟରେ ଅଙ୍କୁରୋଦଗମ ହେଲେ ଗଛ ହୋଇଥାଏ। ଏଣୁ କୃତ୍ରିମ ଉପାୟରେ ଶାଳ ଜଙ୍ଗଲ ଅସମ୍ଭବ ମନେ କରି ଏହାକୁ ବନୀକରଣରେ ସାମିଲ କରାଯାଉ ନ ଥିଲା। ତେବେ ଏହାକୁ ସଫଳତାର ସହ ବନୀକରଣ କରିବା ପାଇଁ କେନ୍ଦୁଝର ବନଖଣ୍ଡ ତରଫରୁ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ସଦର ବ୍ଲକ ପଦ୍ମପୁର ନିକଟରେ ପ୍ରାୟ ୬ ହେକ୍ଟର ପରିମିତ ଗ୍ରାମ ଜଙ୍ଗଲ କିସମ ଜମିରେ ୧୦ହଜାର ପରୀକ୍ଷାମୂଳକ ଶାଳ ଗଛ ଚାରା ରୋପଣ ନିକଟରେ କରାଯାଇଛି। ଏହି ଶାଳ ଚାରା ବନୀକରଣ ସଫଳ ହେଲେ ଏହା ଏକ ନୂଆ ଦିଗଦର୍ଶନ ଦେବ ବୋଲି ଡିଏଫ୍‌ଓ ସ୍ୱୟମ ମଲ୍ଲିକ କହିଛନ୍ତି।

ଏଭଳି ସଫଳତା ଶାଳ ବନୀକରଣ ପାଇଁ ଦେଢବର୍ଷର ଶାଳ ଚାରା, ପାଣିର ବ୍ୟବସ୍ଥା ଏବଂ ସୁରକ୍ଷା ନିମନ୍ତେ ବାଡ଼ ବ୍ୟବସ୍ଥା ଜରୁରୀ। ଡିସେମ୍ବର ପର୍ଯ୍ୟନ୍ତ ଚାରା ବଞ୍ଚିଗଲେ ଜଙ୍ଗଲ ସୃଷ୍ଟି ହୋଇ ପାରିବ, ବୋଲି ସେ କହିଛନ୍ତି। ଆସନ୍ତା ବର୍ଷ ଝାଡ଼ବେଲଦା ନିକଟରେ ଓଡ଼ିଶା ଖଣି ନିଗମ ପକ୍ଷରୁ ହେବାକୁ ଥିବା କ୍ଷତିପୂରଣ ବନୀକରଣରେ ୫୦ ପ୍ରତିଶତ ଏହି ଶାଳ ଚାରାରୋପଣ କରିବା ନେଇ ଚୁକ୍ତି ହୋଇଥିବା ଜଣାପଡ଼ିଛି। ସେଠାରେ ପାଣି ସହିତ ଜଗାରଖା ବ୍ୟବସ୍ଥା (ସୁରକ୍ଷାବାଡ଼) କରିବା ପାଇଁ ବନ ବିଭାଗ ସ୍ଥିର କରିଛି। ଜିଲାରେ ପଦ୍ମପୁର, ବେଲଦା ସମେତ ଅନ୍ୟାନ୍ୟ ବନ ବିଭାଗ ନର୍ସରିରେ ପାଖାପାଖି ୮୦ ହଜାର ଶାଳ ଚାରା ସୃଷ୍ଟି କରାଯାଇଛି। ଏସବୁ ଦେଢବର୍ଷ ହେଲେ ଲଗାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। କମ୍ ପରିଶ୍ରମରେ ବଞ୍ଚୁଥିବା ଓ କମ ଦିନରେ ବଡ଼ ହେଉଥିବା ଗଛ ଲଗାଇ ସଫଳତା ଦେଖାଇ ଆସୁଥିଲେ ହେଁ ଏହାକୁ ଏବେ ଡିଏଫଓ ମଲ୍ଲିକ ଚ୍ୟାଲେଞ୍ଜ ଭାବେ ନେଇ ଶାଳ ଜଙ୍ଗଲ ସୃଷ୍ଟି କରି ଉଦାହରଣ ସୃଷ୍ଟି କରିବାକୁ ଆଗେଇଛନ୍ତି ।


ନର୍ସରିରେ ଥିବା ଶାଳଚାରା।

ଶାଳ ଜଙ୍ଗଲ ସୃଷ୍ଟି କରିବା ଯଦିଓ ସହଜ ନୁହେଁ, ତେବେ ଏଭଳି ଉଦ୍ୟମ ସଫଳ ହେଲେ ପ୍ରକୃତିର ସୁରକ୍ଷା ପାଇଁ ବହୁତ ବଡ ସଫଳତାର ମନ୍ତ୍ର ମିଳିଯିବ ବୋଲି ପରିବେଶବିତ୍ ରମେଶ ଚନ୍ଦ୍ର ମିଶ୍ର କହିଛନ୍ତି। ସେହିପରି ପିଲାଦିନରୁ ଶାଳ ଜଙ୍ଗଲ ଦେଖି ଆସିଛୁ ଓ ଏହାର ଉପାଦେୟତା ଶୁଣି ଆସିଛୁ। ଏଥିରେ ବହୁ ଔଷଧୀୟ ଗୁଣ ରହିଛି। ପରିବେଶ ସୁରକ୍ଷାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ତେବେ ଦ୍ରୁତ ଅବକ୍ଷୟ ହେଉଥିବା ଶାଳ ଜଙ୍ଗଲର ପରିପୂରଣ ଏହା ଦ୍ୱାରା ହୋଇପାରିବ ବୋଲି ପରିବେଶବିତ୍ ହରେକୃଷ୍ଣ ମହାନ୍ତ କହିଛନ୍ତି।

## ସଂକ୍ଷେପରେ

### ସ୍କୁଲ ପରିସରରେ ଚାରାରୋପଣ

ଦେବଗଡ,୨୬।୭(ଡି.ଏନ.ଏ): ଦେବଗଡ ପୌରାଞ୍ଚଳ ପୁରୁଣାଗଡସ୍ଥିତ ଧରଣୀଧର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଭୁବନେଶ୍ୱରର 'ଡାବର ବୈତରଣୀ ଇନିସିଏଟିଭ' ଆନୁକୂଲ୍ୟରେ ସୋମବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ନନ୍ଦ ମୁଖ୍ୟଅତିଥି ଓ ଦେବଗଡ ବନରକ୍ଷୀ ଭୋଳେଶ୍ୱର ସାହୁ ସମ୍ମାନୀତ ଅତିଥି ଭବେ ଯୋଗଦେଇ ବିଦ୍ୟାଳୟ ପରିସରରେ ବୃକ୍ଷଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଭୁବନେଶ୍ୱର ଡାବର ବୈତରଣୀ ଇନିସିଏଟିଭ୍‌ର ପ୍ରତିନିଧି ଅଭିମନ୍ୟୁ ପ୍ରଧାନଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଅଁଳା, ଜାମୁକୋଳି, ପିଜୁଳି, କରଞ୍ଜ, ଅଶୋକ ଓ ବେଲ ଆଦି ଔଷଧୀୟ ବୃକ୍ଷ ଚାରାରୋପଣ କରିଥିଲେ।

### ଲୁଟ୍ ଘଟଣାରେ ଜଣେ ଗିରଫ

ରାଜଗାଙ୍ଗପୁର,୨୬।୭ (ଡି.ଏନ.ଏ.): ମୋବାଇଲ୍ ଲୁଟ ଘଟଣାରେ ସ୍ଥାନୀୟ ପୋଲିସ ମହମ୍ମଦ ରେହାନଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି । ତାଙ୍କ ଠାରୁ ମୋବାଇଲ ଜବତ ହୋଇଛି । ରବିବାର ସନ୍ଧ୍ୟା ସମୟରେ ରେହାନ ରାଜଗାଙ୍ଗପୁର ସହରର ଆମ୍ବେଦକର କଲୋନୀ ନିକଟରେ ଜଣେ ବ୍ୟକ୍ତିଙ୍କ ଠାରୁ ମୋବାଇଲଟି ଲୁଟି ନେଇଥିଲେ । ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା ।

### ଜେଏସଡବ୍ଲ୍ୟୁ ନିର୍ମାଣ କରୁଛି ରାସ୍ତା : ଗ୍ରାମବାସୀଙ୍କ ବିରୋଧ

କୁତ୍ରା, ୨୬।୭(ଡି.ଏନ.ଏ): ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କଣ୍ଡେଇମୁଣ୍ଡାଠାରେ ଥିବା ଶିବା ସିମେଣ୍ଟ କାରଖାନାକୁ ଜେଏସଡବ୍ଲୁ ଅଧିଗ୍ରହଣ କରିଛି। ସୋମବାର ଦିନ ପ୍ରଶାସନର ସହଯୋଗରେ କୁତ୍ରା ଥାନାରୁ କାରଖାନାକୁ ଯିବା ପାଇଁ ଥିବା ଦୀର୍ଘ ୧.୫ କିଲୋମିଟର ରାସ୍ତା କମ୍ପାନୀ ସମ୍ପ୍ରସାରଣ କରୁଥିବା ବେଳେ ଗ୍ରାମବାସୀ ଏହାକୁ ଘୋର ବିରୋଧ କରିଛନ୍ତି। କମ୍ପାନୀ କୌଣସି ସୂଚନା କି ବୈଠକ ନ କରି ଜୋର ଜବରଦସ୍ତ ରାସ୍ତା ସମ୍ପ୍ରସାରଣ କରୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ରାସ୍ତା ସମ୍ପ୍ରସାରଣକୁ ଗ୍ରାମବାସୀ ବିରୋଧ କରିବାର ଆଭାସ ପାଇ ପୋଲିସ ପକ୍ଷରୁ ୫ ପ୍ଲାଟନ ଫୋର୍ସ ନିୟୋଜିତ କରାଯାଇଛି। ସୁନ୍ଦରଗଡ ଉପଜିଲାପାଳ ଅଭିମନ୍ୟୁ ବେହେରା, କୁତ୍ରା ତହସିଲଦାର ରବୀନ୍ଦ୍ର କୁମାର ସେଠୀ , କୁତ୍ରା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡା ପ୍ରମୁଖ ଘଟଣାସ୍ଥଳରେ ରହି ଶାନ୍ତିଶୃଙ୍ଖଳା ବଜାୟ ରଖିଥିଲେ। ବିରୋଧ କରୁଥିବା ଗ୍ରାମବାସୀଙ୍କ ମଧ୍ୟରୁ ୪ଜଣଙ୍କୁ ପୋଲିସ ପକ୍ଷରୁ ଅଟକ ରଖାଯାଇଛି। ଜେଏସଡବ୍ଲୁର ସମ୍ପ୍ରସାରଣ ଓ ଉତ୍ପାଦନ କାର୍ଯ୍ୟକ୍ରମ ବାବଦରେ ଜିଲା ପ୍ରଶାସନ ଅହେତୁକ ଅନୁକମ୍ପା ଦେଖାଉଥିବା ବେଳେ ଅଞ୍ଚଳବାସୀଙ୍କ ଦାବିକୁ ସେତେଟା ଗୁରୁତ୍ୱ ଦେଉନାହିଁ । ଏହାକୁ ନେଇ କାରଖାନା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ଦେଖାଯାଇଛି।

### କୁତ୍ରା ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ବୈଠକ

କୁତ୍ରା, ୨୬।୭ (ଡି.ଏନ.ଏ): କୁତ୍ରା ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟା ସଦସ୍ୟଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶଶିନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଖୋଲିବାକୁ ନେଇ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ନୀତିନିୟମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ ତରଫରୁ ଗ୍ରହଣ କରାଯାଇଥିବା ସମସ୍ତ ସତର୍କତାମୂଳକ ପଦକ୍ଷେପରେ ସଦସ୍ୟା ସଦସ୍ୟ ସନ୍ତୋଷବ୍ୟକ୍ତ କରିଥିଲେ। ବୈଠକରେ ପୂର୍ବତନ ପ୍ରଧାନ ଶିକ୍ଷକ ବିଶିକେଶନ ସାହୁ, ଲାଲମୋହନ ନାଏକ, ଶଙ୍କର ପ୍ରସାଦ ଟପ୍ପୋ, ସୁରେଶ ଚନ୍ଦ୍ର ଟପ୍ପୋ, ପିଟର ଡୁଙ୍ଗଡୁଙ୍ଗ, ଦୀପିକା କେରକେଟା, ଯଶ୍ମିନ ମିଞ୍ଜ ପ୍ରମୁଖ ଭାଗ ନେଇଥିଲେ। ସଭାକାର୍ଯ୍ୟ ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ ପରିଚାଳନା, ଅନୱର ଅହମଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଚେୟାରରେ ବୁହା ହୋଇ ଗଲେ ରୋଗୀ

### ଆସି ପାରିଲାନି ଆମ୍ବୁଲାନ୍ସ

ଟେନସା,୨୬।୭(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ଅଧୀନ ବେତଝର ଗ୍ରାମରେ ସୋମବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ରାସ୍ତା ଅବସ୍ଥା ଶୋଚନୀୟ ଥିବାରୁ ଆମ୍ବୁଲାନ୍ସ ଆସି ନ ପାରିବାରୁ ହାତୀ ଆକ୍ରମଣରେ ଗୁରୁତର ହୋଇ ପଡିଥିବା ସୁକାନ୍ତି ମୁଣ୍ଡା(୩୨)ଙ୍କୁ ଚେୟାରରେ ବୋହି କୋଇଡା ମେଡିକାଲ ନେବାକୁ ପଡିଛି। ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ଗତ ଶୁକ୍ରବାର ରାତିରେ ପାଟମୁଣ୍ଡା ଗ୍ରାମ ପଞ୍ଚାୟତ ଶଙ୍ଖପୋଷର ବେତଝର ଗ୍ରାମରେ ହାତୀପଲ ଆସି ଘର ଦ୍ୱାର ଭାଙ୍ଗିବା ସହ ବିଭିନ୍ନ ସାମଗ୍ରୀ ଦଳି ଚକଟି ନଷ୍ଟ କରି ଦେଇଥିଲେ। ସମସ୍ତେ ଘର ଛାଡ଼ି ଦୌଡ଼ି ପଳାଇ ଯାଇଥିବା ବେଳେ ସୁକାନ୍ତିଙ୍କୁ ହାତୀ ଶୁଣ୍ଢରେ ଟେକି କଚାଡି ଦେଇଥିଲା। ବନ ବିଭାଗ କର୍ମଚାରୀ ଏହା ଜାଣି ମଧ୍ୟ କିଛି ନ ଜାଣିବା ପରି ରହିଥିଲେ। ଫଳରେ ସୁକାନ୍ତିଙ୍କ ପରିବାର ଲୋକ ଟଙ୍କା ଅଭାବରୁ ମେଡିକାଲ ନ ନେଇ ଘରୋଇ ଚିକିତ୍ସା କରିଥିଲେ। ହେଲେ ତାଙ୍କ ଦେହ ସଙ୍କଟାପନ୍ନ ହେବାରୁ ଗ୍ରାମବାସୀ ମେଡିକାଲ ନେବାକୁ ଆମ୍ବୁଲାନ୍ସକୁ ଡାକିଥିଲେ। କିନ୍ତୁ ରାସ୍ତା ବହୁତ ଖରାପ ଥିବାରୁ ଆମ୍ବୁଲାନ୍ସ ଆସିଲା ନାହିଁ। ଶେଷରେ ଗ୍ରାମବାସୀ ଚେୟାରରେ ରଶି ଲଗାଇ ବାଡ଼ି ସାହାଯ୍ୟରେ କାନ୍ଧେଇ ରାସ୍ତାରେ ଥିବା ଛୋଟିଆ ନାଳ ପାର ହୋଇ ମେଡିକାଲ ନେଇଥିଲେ। କୋଇଡା ବ୍ଲକ ଠାରୁ ମାତ୍ର ୮ କିମି ଦୂରରେ ଶଙ୍ଖପୋଷ ଗ୍ରାମ ଥିଲେ ମଧ୍ୟ ରାସ୍ତା ଦୁରବସ୍ଥା ପ୍ରତି ପ୍ରଶାସନର ନଜର ନ ପଡିବା ଅସନ୍ତୋଷର କାରଣ ହୋଇଛି। ଗତ କିଛି ଦିନ ତଳେ କୋଇଡାରେ ଭୋକ ଦାଉ ସମ୍ଭାଳି ନ ପାରି ଛୋଟ ଛୁଆ ଅଇଁଠା ପତ୍ର ଚାଟିବା ଏବଂ ୭ ବର୍ଷର ପିଲା ମଦ ବୋହିବା ଘଟଣା ସମଗ୍ର ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ଜିଲା ଖଣିଜ ପାଣ୍ଠିରୁ ଜିଲାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ଜିଲା ପ୍ରଶାସନ ଦର୍ଶାଉଥିବା ବେଳେ ଚେୟାରରେ ରୋଗୀ ବୁହା ହେବା ଘଟଣା ଏହାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।


ରୋଗୀଙ୍କୁ ବୁହା ହୋଇ ନିଆଯାଉଛି।

# ଦେବଗଡ଼ ଜିଲାରେ ଖୋଲିଲା ୯୦ ହାଇସ୍କୁଲ


ସାମାଜିକ ଦୂରତା ରଖି ଛାତ୍ରୀମାନେ ସ୍କୁଲକୁ ପ୍ରବେଶ କରୁଛନ୍ତି ।

ଦେବଗଡ,୨୬।୭(ଡି.ଏନ.ଏ)

ସୋମବାର ସ୍କୁଲ ଖୋଲିବା ପରେ ଦେବଗଡ ଜିଲାରେ ମୋଟ ୯୦ଟି ହାଇସ୍କୁଲରେ ଶିକ୍ଷାଦାନ ଆରମ୍ଭ ହୋଇଛି। ଏସବୁ ସ୍କୁଲରେ ମୋଟ ୪ହଜାର ୪୦୪ଜଣ ଦଶମ ଶ୍ରେଣୀ ଶିକ୍ଷାର୍ଥୀ ରହିଛନ୍ତି। ତେବେ ପରୀକ୍ଷା କେନ୍ଦ୍ର ପାଇଁ ୪ଟି ହାଇସ୍କୁଲ ଖୋଲା ଯାଇପାରିନାହିଁ। ଖୋଲାଯାଇଥିବା ବିଭିନ୍ନ ବିଦ୍ୟାଳୟରେ ୫୦ରୁ ୫୫ପ୍ରତିଶତ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ରହିଥିବା ଜିଲା ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ବେହେରା ସୂଚନା ଦେଇଛନ୍ତି। ସେହିପରି ସରକାରଙ୍କ ଏସ୍‌ଓପି ଆଧାରରେ ବିଦ୍ୟାଳୟରେ ସମସ୍ତ ବ୍ୟବସ୍ଥା କରାଯାଇଛି। ଛାତ୍ରୀମାନଙ୍କ ସୁରକ୍ଷା ପ୍ରତି ସବୁ ପ୍ରକାର ଧ୍ୟାନ ଦିଆଯାଇଥିବା ଦେବଗଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ପାତ୍ର ପ୍ରକାଶ କରିଛନ୍ତି । ତେବେ ଖୋଲାଯାଇଥିବା ବିଦ୍ୟାଳୟ ଗୁଡିକରେ ବିଭାଗୀୟ ଏସ୍‌ଓପି ପାଳନର ତଦାରଖ ପାଇଁ ଜିଲା ଶିକ୍ଷା ବିଭାଗର ବରିଷ୍ଠ ପଦାଧିକାରୀଙ୍କ ସହ ବ୍ଲକ ଶିକ୍ଷାଧିକାରୀ ଓ ସିଆରସିସି ମାନଙ୍କୁ ନିୟୋଜିତ କରାଯାଇଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ବିଦ୍ୟୁତ୍ ଯୋଗାଣ ନେଇ ଜିଲାପାଳଙ୍କ ନିକଟରେ ଦାବି କଲେ ବିଧାୟିକା

ସୁନ୍ଦରଗଡ,୨୬।୭(ଡି.ଏନ୍.ଏ.)

ସୁନ୍ଦରଗଡ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ହେମଗିର ,ଟାଙ୍ଗରପାଲି ଓ ଲେଫ୍ରିପଡା ବ୍ଲକରେ ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ହେମଗିର ବ୍ଲକ ଅଁଳାବାହାଲ ଠାରେ ଓଡିଶା ପାୱାର ଥର୍ମାଲ କର୍ପୋରେଶନ ଲିମିଟେଡ ତରଫରୁ ନିର୍ମିତ ୨୨୦/୩୩ କେଭି ଗ୍ରୀଡ ଷ୍ଟେସନକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଯାଇ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରାଯିବାକୁ ସ୍ଥାନୀୟ ବିଧାୟିକା କୁସୁମ ଟେଟେ ସୋମବାର ଜିଲାପାଳଙ୍କୁ ଭେଟି ଦାବି ଜଣାଇଛନ୍ତି । ବର୍ତ୍ତମାନ ଏହି ନିର୍ବାଚନମଣ୍ଡଳୀରେ ବିପଦଶଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ ଓ ତାର ରହିଛି । ଫଳରେ ଜନସାଧାରଣ ,ଗୋରୁ ଗାଇ ଓ ବିଦ୍ୟୁତ୍ କର୍ମଚାରୀ ବିପଦର ସମ୍ମୁଖୀନ ହେଉଛନ୍ତି । ଏଣୁ ବିଦ୍ୟୁତ୍ ଗ୍ରୀଡ ଷ୍ଟେସନ ଓ ସବ୍ ଷ୍ଟେସନ ତଥା ଗ୍ରାମଗୁଡିକୁ ଯାଇଥିବା ଲିଙ୍କ ଲାଇନ୍‌ଗୁଡିକର ନବୀକରଣ କାର୍ଯ୍ୟ ଆବଶ୍ୟକ ରହିଛି । ଏଥିପାଇଁ ଜିଲା ପ୍ରଶାସନ ତରଫରୁ ଜିଲା ଖଣିଜ ପାଣ୍ଠିରୁ ଯଥାଶୀଘ୍ର ଅର୍ଥ ମଞ୍ଜୁର ପାଇଁ ବିଧାୟିକା ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଏଥିସହ ସୁନ୍ଦରଗଡ ଓ ତଳସରା ବିଧାନସଭାମଣ୍ଡଳୀର ବିପିଏଲଧାରୀଙ୍କୁ ବିଦ୍ୟୁତ ଯୋଗାଇ ଦେବାକୁ ଦାବି କରିଛନ୍ତି। ଅନେକ ସ୍ଥାନରେ ଟ୍ରାନ୍ସଫର୍ମରଗୁଡିକ ପୁରୁଣା ହୋଇ କାର୍ଯ୍ୟକ୍ଷମତା ହରାଇ ବସିଥିବାରୁ ସେଗୁଡିକ ସ୍ଥାନାନ୍ତର କରାଯାଇ ନୂତନ ଟ୍ରାନ୍ସଫର୍ମର ବସାଯିବାକୁ ଦାବି କରିଥିଲେ। ଅପରପକ୍ଷେ ସୁନ୍ଦରଗଡ ସମେତ ଟାଙ୍ଗରପାଲି ,ଲେଫ୍ରିପଡା ,ହେମଗିର ବ୍ଲକ ଅଞ୍ଚଳରେ ଲୋ ଭୋଲଟେଜ ସମସ୍ୟା ଲାଗି ରହିବା ,ଘନଘନ ବିଦ୍ୟୁତ୍ କାଟ ଯୋଗୁ ଲୋକେ ବିଶେଷ ହଇରାଣ ହେଉଛନ୍ତି। ଜିଲାପାଳ ଖୁବଶୀଘ୍ର ଅଁଳାବାହାଲ ବିଦ୍ୟୁତ ଗ୍ରୀଡ ଷ୍ଟେସନ କାର୍ଯ୍ୟକ୍ଷମ ହେବା ସହ ବିପିଏଲଧାରୀଙ୍କୁ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ ।

# ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି

କୁଆଁରମୁଣ୍ଡା,୨୬।୭(ଡି.ଏନ.ଏ.)

ଦୀର୍ଘ ୩ ମାସ ବ୍ୟବଧାନ ପରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୋମବାର ରାଜ୍ୟର ସମସ୍ତ ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲିଛି । ଏଥିନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି । ଏହି ଅବସରରେ ସୁନ୍ଦରଗଡ଼ ଜିଲାର ଆଦିବାସୀବହୁଳ କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କୁମଝରିଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଦଶମ ଛାତ୍ରୀଛାତ୍ରମାନଙ୍କୁ ସ୍ୱତନ୍ତ୍ର ଭାବେ ସ୍ୱାଗତ କରାଯାଇଛି । ପିଲାମାନଙ୍କୁ ପ୍ରଥମେ ସ୍କୁଲ ଗେଟ୍ ନିକଟରେ ସ୍ୱାଗତ କରାଯିବା ସହ ପ୍ରତ୍ୟେକ ପିଲା ସେଠାରେ ହାତ ସାନିଟାଇଜ୍ କରିଛନ୍ତି। ଏହାପରେ ଛାତ୍ରୀଛାତ୍ରମାନଙ୍କୁ ଏକ କିଟ୍ ପ୍ରଦାନ କରାଯାଇଛି ଯେଉଁଥିରେ ସାନିଟାଇଜର, ମାସ୍କ, ସାବୁନ୍, ଦାନ୍ତଘଷା ବ୍ରସ, ଦେହଘଷା ବ୍ରସ, ଜିଭ ଛେଲା, ସାମ୍ପୋ, ପାନିଆ, କପଡା ଶୁଖା କ୍ଲିପ୍, ନୂଆ ଥାଳି, ଗ୍ଲାସ ଇତ୍ୟାଦି ପ୍ରଦାନ କରାଯାଇଛି । ଏହାପରେ ଛାତ୍ରୀଛାତ୍ରମାନେ ସାନିଟାଇଜ୍ ହୋଇଥିବା କ୍ଲାସ ରୁମ୍‌ରେ ସାମାଜିକ ଦୂରତା ରକ୍ଷା କରି ବସି ପାଠ ପଢିଛନ୍ତି । କ୍ଲାସରୁମ୍‌ରେ ଶିକ୍ଷକଙ୍କ ସମ୍ମୁଖରେ ବସି ଶିକ୍ଷା ଗ୍ରହଣକୁ ଛାତ୍ରୀଛାତ୍ରମାନେ ସ୍ୱାଗତ କରିବା ସହ ଏଥିରେ ସେମାନେ ବିଶେଷ ଭାବେ ଉତ୍ସାହିତ ହୋଇଛନ୍ତି । କ୍ଲାସରୁମ ଠାରୁ ଆରମ୍ଭ କରି ହଷ୍ଟେଲ ରୁମ୍ ପର୍ଯ୍ୟନ୍ତ ସବୁ ସ୍ଥାନକୁ ଦିନକୁ ୪ ଥରରୁ ଉର୍ଦ୍ଧ୍ୱ ସାନିଟାଇଜ୍ କରାଯାଉଛି । ଏହାଛଡା ମଧ୍ୟାହ୍ନଭୋଜନ ଠାରୁ ଆରମ୍ଭ କରି ସ୍କୁଲ ପରିବେଶକୁ ସ୍ୱଚ୍ଛ ଓ ପରିଷ୍କାର ପରିଚ୍ଛନ୍ନ କରାଯାଇଛି ବୋଲି ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲ କହିଛନ୍ତି ।


ଛାତ୍ରୀଛାତ୍ରମାନଙ୍କୁ ସାନିଟାଇଜର ସହ ଅନ୍ୟାନ୍ୟ ଜିନିଷ ଥିବା କିଟ୍ ପ୍ରଦାନ କରାଯାଉଛି ।

# ଅଗଷ୍ଟ ପହିଲାରୁ କଳାବ୍ୟାଜ୍ ପରିଧାନ

### ଓଡିଶା ଭେଷଜ ପ୍ରୟୋଗଶାଳା ପ୍ରାଯୁକ୍ତିକ ସଂଘ

ଦେବଗଡ ୨୬।୭(ଡି.ଏନ.ଏ)

ଓଡିଶା ଭେଷଜ ପ୍ରୟୋଗଶାଳା ପ୍ରାଯୁକ୍ତିକ ସଂଘର ଦାବି ପୂରଣ ଦିଗରେ ସରକାରଙ୍କ ଟାଳଟୁଳ ନୀତି ଗ୍ରହଣ କରୁଛନ୍ତି । ଏହାର ପ୍ରତିବାଦରେ ରାଜ୍ୟ ସଂଘ ଡାକରାରେ ଦେବଗଡ ଜିଲା ସଂଘ ପକ୍ଷରୁ ସୋମବାର ପୂର୍ବାହ୍ନରେ ଦେବଗଡ ଜିଲା ସମ୍ପାଦକ ମଦନ ମୋହନ ସାହୁ , ଯୁଗ୍ମ ସମ୍ପାଦକ ଭବାନୀ ଶଙ୍କର ମହାନ୍ତି ଓ କୋଷାଧକ୍ଷ ମୀନାକ୍ଷୀ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଓଡିଶା ଭେଷଜ ପ୍ରୟୋଗଶାଳା ପ୍ରାଯୁକ୍ତିକଙ୍କ କ୍ୟାଡର ପୁନଃ ନିର୍ଦ୍ଧାରଣ ସହ ପଦବୀ ପରିବର୍ତ୍ତନ, ପଦୋନ୍ନତି ପୂର୍ବରୁ ବୈଷୟିକ ପ୍ରଶିକ୍ଷଣକୁ ବାଧ୍ୟତାମୂଳକ କରିବା, ବିଭିନ୍ନ ଜିଲାରେ ଖାଲି ପଡିଥିବା ପଦବୀ ପୂରଣ ସମେତ ୧୦ଦଫା ଦାବି ପୂରଣ ନେଇ ରାଜ୍ୟ ସଂଘ ପକ୍ଷରୁ ପୂର୍ବରୁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସମେତ ବିଭାଗୀୟ ସଚିବଙ୍କୁ ଦାବି କରାଯାଇଥିଲେ ମଧ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଫଳରେ ଆସନ୍ତା ଅଗଷ୍ଟ ପହିଲାରୁ ରାଜ୍ୟ ସାରା ଓଡିଶା ଭେଷଜ ପ୍ରୟୋଗଶାଳା ପ୍ରାଯୁକ୍ତିକ ସଂଘର ସଦସ୍ୟ ମାନେ କଳାବ୍ୟାଜ୍ ପରିଧାନ ପୂର୍ବକ କାର୍ଯ୍ୟ କରିବା ପାଇଁ ସଂଘ ବୈଠକରେ ନିଷ୍ପତ୍ତି ହୋଇଛି। ଏହାସହ ୧୬ରୁ ୩୧ ତାରିଖ ପର୍ଯ୍ୟନ୍ତ ଟୋକନ ଷ୍ଟ୍ରାଇକ କରାଯିବ । ଏଥିସହ କୌଣସି ସୁଫଳ ନ ମିଳିଲେ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

# ବ୍ଲକସ୍ତରୀୟ ଉନ୍ନୟନ କାର୍ଯ୍ୟ ସମୀକ୍ଷା


ନ୍ୟମାନଙ୍କ ଗହଣରେ ବିଧାୟକ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି ।

ରାଜଗାଙ୍ଗପୁର,୨୬।୭(ଡି.ଏନ.ଏ.)

ସୋମବାର ଦିନ ରାଜଗାଙ୍ଗପୁର ବିଧାୟକ ଡା. ସି ଏସ ରାଜନ ଏକ୍କା ବ୍ଲକସ୍ତରୀୟ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବ୍ଲକ ସଭାଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଧାୟକ ବିଭିନ୍ନ ଯୋଜନା ମାଧ୍ୟମରେ ହେଉଥିବା କାର୍ଯ୍ୟ ସମ୍ପର୍କରେ ଅବଗତ ହୋଇ ଯେଉଁ ବର୍ଷର କାର୍ଯ୍ୟ ଯୋଜନା ସେହିବର୍ଷ ସାରିବାକୁ କହିଥିଲେ। ଯେଉଁ ପୁରୁଣା ଯୋଜନାଗୁଡିକ ବିଭିନ୍ନ କାରଣରୁ କାର୍ଯ୍ୟକାରୀ ହୋଇ ପାରିନାହିଁ ତାର ଏକ ତାଲିକା ମାଗିଥିଲେ । ଏହାଛଡା ପଡି ରହିଥିବା ଯୋଜନାକୁ ଅନ୍ୟ ଯୋଜନାରେ ପରିବର୍ତ୍ତିତ କରି କାର୍ଯ୍ୟକାରୀ କରିବା ପାଇଁ କହିଥିଲେ । ବିଧାୟକ ପାଣ୍ଠି, ଏମ୍‌ପି ପାଣ୍ଠି, ଏସପିଏସ,ଏସଡିପି, ଅଙ୍ଗନୱାଡି ସେଣ୍ଟର, ମମତା ଗୃହ, ଏମଜିଏନଆରଇଜିଏସ ଯୋଜନା, ଜିଲା ଖଣିଜ ପାଣ୍ଠିରେ ଚାଲିଥିବା କାର୍ଯ୍ୟଗୁଡିକ ବୁଝିଥିଲେ । ଉପସ୍ଥିତ ବ୍ଲକର ଅଧିକାରୀମାନେ ବ୍ଲକରେ ବିଭିନ୍ନ ବିଭାଗରେ କର୍ମଚାରୀ ସଂଖ୍ୟା କମ୍ ଥିବାରୁ କାର୍ଯ୍ୟ ସମ୍ପାଦନରେ ଅସୁବିଧା ହେଉଛି ବୋଲି ଜଣାଇଥିଲେ । ବିଧାୟକ ଏହାର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି କହିଥିଲେ। ଏହି ବୈଠକରେ ରାଜଗାଙ୍ଗପୁର ବିଡିଓ ପିୟୁସ ଲୁହାର, ସହକାରୀ ଯନ୍ତ୍ରୀ ନନ୍ଦଲାଲ ମିଞ୍ଜ, ଜିପିଓ ଲିଲି ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ ।

# କୋଭିଡ୍ ନିୟମ ଉଲ୍ଲଂଘନକୁ ବିଧାୟକଙ୍କ ଖଣ୍ଡନ

### ଶ୍ରାଦ୍ଧ ଦିବସରେ ରକ୍ତଦାନ ଶିବିର

ସୋରଡ଼ା,୨୬।୭(ଡି.ଏନ୍.ଏ.)

ଗଞ୍ଜାମ ଜିଲା ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ବାପାଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ସୋମବାର ପୈତୃକ ଗ୍ରାମରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ବ୍ଲଡ ବ୍ୟାଙ୍କର ଡାକ୍ତରୀ ଦଳ ୫୦୧ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଶ୍ରାଦ୍ଧ ଦିବସରେ ହନୁମାନ ଚାଳିଶା ପାଠ, ବେଦ ପାଠ ହୋଇଥିବା ବେଳେ ସୋରଡ଼ା ବ୍ଲକର ୨୬ ପଞ୍ଚାୟତରୁ ଜନସାଧାରଣ ଯୋଗଦେଇଥିଲେ। ତେବେ ସେଠାରେ କୋଭିଡ୍ ନିୟମ ଉଲ୍ଲଂଘନ କରି ଶତାଧିକ ଲୋକଙ୍କ ଭିଡ଼ ଜମିଥିବା ନେଇ କେତେକ ଗଣମାଧ୍ୟମରେ ଚର୍ଚ୍ଚା ଚାଲିଥିବା ବେଳେ ବିଜେଡି ବ୍ଲକ ସଭାପତି ବସନ୍ତ ସ୍ୱାଇଁ ଏହାକୁ ଖଣ୍ଡନ କରିଛନ୍ତି। ଯେଉଁମାନେ ରକ୍ତଦାନ କରିବାକୁ ଆସିଥିଲେ ସେମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ଏବଂ ଶିବିରରେ କୋଭିଡ୍ ନିୟମକୁ ପାଳନ କରାଯାଇଥିଲା ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କୁ ପଚାରିବାରୁ ଶିବିରରେ ୫୦୧ ଲୋକ ରକ୍ତଦାନ କଲେ ଏବଂ ଶିବିର ପରିଚାଳନା ପାଇଁ କିଛି ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା। ଏହି ସମୟରେ ଗ୍ରାମରେ ଅନ୍ୟ ଜଣେ ବ୍ୟକ୍ତିଙ୍କର ଭୋଜି ଚାଲିଥିଲା। ସେ ଭୋଜିରେ କ'ଣ ହୋଇଥିବ ଆମେ ଜାଣିନୁ। କିନ୍ତୁ ଆମେ ଶିବିରରେ କୋଭିଡ୍ ନିୟମ ପାଳନ କରି ରକ୍ତଦାନ ସମ୍ପାଦନ କରିଥିଲୁ ବୋଲି ସେ କହିଛନ୍ତି।

# ୨୦ ଲକ୍ଷର ବ୍ରାଉନ ସୁଗାର ଜବତ, ୨ ଗିରଫ

ଗୋପ,୨୬।୭(ଡି.ଏନ୍.ଏ.)

ଗୋପ ଥାନା ଅଧୀନ ବେଗୁନିଆ ଛକ ନିକଟରେ ସୋମବାର ୨ଜଣ ଯୁବକ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ଅମରେଶ ଦାସ ଓ ତ୍ରିନାଥ ଭୋଇ। ତାଙ୍କଠାରୁ ୨ଶହ ଗ୍ରାମ ବ୍ରାଉନ ସୁଗାର ଓ ଗୋଟିଏ ବାଇକ୍ ପୋଲିସ ଜବତ କରିଛି। ଜବତ ବ୍ରାଉନସୁଗାର ମୂଲ୍ୟ ୨ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ଏ ନେଇ ଜିଲା ମୋବାଇଲ ସ୍କ୍ୱାଡ ଟିମ୍ ପକ୍ଷରୁ ଏକ ମାମଲା(ନଂ.୭୭/୨୧) ରୁଜୁ କରିଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ନିମାପଡ଼ା ଉପକାରାଗାରକୁ ପଠାଯାଇଛି। ସୂଚନାଯୋଗ୍ୟ, ଗୋପ ଅଞ୍ଚଳରେ ବ୍ରାଉନସୁଗାର ଜୋରଦାର ଚାଲିଥିବା ନେଇ ଅଭିଯୋଗ ହୋଇଆସୁଥିଲା। ବିଶେଷ ସୂତ୍ରରୁ ଖୋର୍ଦ୍ଧା ଜିଲାରୁ ଏକ ବାଇକ୍ ଯୋଗେ ୨ ଯୁବକ ବ୍ରାଉନ ସୁଗାର ଆଣି ଗୋପ ଓ ବେଗୁନିଆ ଅଞ୍ଚଳର ଖୁଚୁରା ବ୍ୟବସାୟଙ୍କୁ ବିକ୍ରି କରୁଥିବା ଅବକାରୀ ଟିମ୍ ଖବର ପାଇଥିଲେ। ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଜିଲା ଅବକାରୀ ମୋବାଇଲ ସ୍କ୍ୱାଡ ଉପ ନିରୀକ୍ଷକ ଲକ୍ଷ୍ମୀଧର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ସୋମବାର ଗୋପ ଅଞ୍ଚଳରେ ଚଢ଼ାଉ କରି ୨ଯୁବକଙ୍କୁ ଧରିଥିଲେ। ଚଢ଼ାଉରେ ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରଦୀପ୍ତ ପଣ୍ଡା ପ୍ରମୁଖ ସାମିଲ ଥିଲେ।

# ଲାଭଜନକ ପଦବୀରେ ଥିବା ବିଧାୟକଙ୍କୁ ବରଖାସ୍ତ କର: କଂଗ୍ରେସ

ରାଉରକେଲା ଅଫିସ୍,୨୬।୭

ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ବେଆଇନ୍ ଭାବେ ସୁନ୍ଦରଗଡ଼ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭଳି ଏକ ଲାଭଜନକ ପଦବୀରେ ରହିଥିବାରୁ ତୁରନ୍ତ ତାଙ୍କୁ ବିଧାୟକ ପଦରୁ ବରଖାସ୍ତ ପାଇଁ କଂଗ୍ରେସ ତରଫରୁ ଦାବି କରାଯାଇଛି। ଏହି ମର୍ମରେ ସୋମବାର ରାଉରକେଲା ଜିଲା କଂଗ୍ରେସ ତରଫରୁ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ ସ୍ଥାନୀୟ ଉଦିତନଗର ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି ।

ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ୨୦୧୯ରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦବୀରେ ଅବସ୍ଥାପିତ ହୋଇ ସରକାରଙ୍କ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ଉପଭୋଗ କରୁଛନ୍ତି। ସେ ବିଧାୟକ ହୋଇ ସମସ୍ତ ପ୍ରକାର ସୁବିଧା ସୁଯୋଗ ପାଉଥିବା ବେଳେ ଯୋଜନା ବୋର୍ଡ ଅଧ୍ୟକ୍ଷ ପଦବୀରେ ରହି ମଧ୍ୟ ଅନୁରୂପ ସୁବିଧା ସୁଯୋଗ ହାସଲ କରିଛନ୍ତି। ତେଣୁ ବିଧାୟକ ରହି ଅନ୍ୟ ଏକ ଲାଭଜନକ ପଦବୀରେ ଥିବାରୁ ହାଇକୋର୍ଟ ଏ ସଂକ୍ରାନ୍ତରେ ସମ୍ବିଧାନର ଧାରା ୧୯୧ (୧)(କ)ରେ ଆଗତ ଏକ ମାମଲାର ବିଚାର କରି ରାଉରକେଲା ବିଧାୟକ ନାୟକଙ୍କ ସମେତ ରାଜ୍ୟର ୧୨ ବିଧାୟକଙ୍କ ବାବଦରେ ନିଷ୍ପତ୍ତି ନେବାକୁ ରାଜ୍ୟ ସାମ୍ବିଧାନିକ ମୁଖ୍ୟ ରାଜ୍ୟପାଳଙ୍କୁ କହିଛନ୍ତି। ତେଣୁ ରାଜ୍ୟପାଳ ତୁରନ୍ତ ସାରଦା ନାୟକଙ୍କୁ ବିଧାୟକ ପଦବୀରୁ ବରଖାସ୍ତ କରିବାକୁ କଂଗ୍ରେସ ନେତୃବୃନ୍ଦ ଦାବି କରିଛନ୍ତି। ଏହି ପ୍ରସଙ୍ଗକୁ ଜିଲା କଂଗ୍ରେସ ରାଉରକେଲା ଲୋକଙ୍କ ପାଖରେ ପହଞ୍ଚାଇ ସେମାନଙ୍କ ରାୟ ଲୋଡିବ ବୋଲି ଜିଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ବିରେନ ସେନାପତି, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ମହିଳା କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାରସିଂ, ଓବିସି ସେଲ୍ ଅଧ୍ୟକ୍ଷ କୈଳାସ ସାହୁ, କୃଷକ କଂଗ୍ରେସ ଅଧ୍ୟକ୍ଷ ମନମୋହନ ଓରାମ, ଫିସରମ୍ୟାନ୍ କଂଗ୍ରେସ ଅଧ୍ୟକ୍ଷ ସିଦ୍ଧେଶ୍ୱର ମଲ୍ଲିକ, ବ୍ଲକ ସଭାପତି ଶୈଳେନ୍ଦ୍ର ତିୱାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।


କଂଗ୍ରେସ ନେତୃବୃନ୍ଦ ବିକ୍ଷୋଭ ସହ କୁଶ ପୁତ୍ତଳିକା ଦାହ କରୁଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୭ ଜୁଲାଇ, ୨୦୨୧

**ମନ୍ତ୍ରୀଙ୍କ ପୁରୁଣାବସ୍ତି ହାଇସ୍କୁଲ ପରିଦର୍ଶନ**

**ଝାରସୁଗୁଡ଼ା ଅଫିସ:** ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ସୋମବାର ଝାରସୁଗୁଡା ପୁରୁଣାବସ୍ତି ନେତାଲ୍ ହାଇସ୍କୁଲ୍ ପରିଦର୍ଶନ କରିଥିଲେ। ସ୍କୁଲ୍ ସ୍ଥାପିତ ହେବାର ୪୬ବର୍ଷ ବିତିଯାଇଥିଲେ ମଧ୍ୟ ଆଶାନୁରୂପକ ଉନ୍ନତି ହୋଇପାରିନାହିଁ। ଆବଶ୍ୟକ କୋଠା, ଖେଳପଡିଆ, ଶୌଚାଳୟ, ପାଚେରି ସୁବିଧା ଯୋଗାଇବା ପାଇଁ ଦାବି ହୋଇଛି। ମନ୍ତ୍ରୀ ଦାସ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପରେ ସ୍କୁଲ୍ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ମନ୍ତ୍ରୀ ଦାସ, ପୌର ପରିଷଦ ନିର୍ବାହୀ ଅଧିକାରୀ ଯୋଗେନ୍ଦ୍ର ମାଝି, ଜିଲା ଶିକ୍ଷାଧିକାରୀ ପୁଷ୍ପା ମିଞ୍ଜ, ରେଞ୍ଜର ପ୍ରଦୀପ୍ତ ମହାନ୍ତି, ପ୍ରଧାନ ଶିକ୍ଷକ ହେମନ୍ତ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।



## ସଂକ୍ଷେପରେ

### ମିରର୍ ଥିଏଟର୍‌ର 'ପାଚେନ' ମଞ୍ଚସ୍ଥ

**ଝାରସୁଗୁଡ଼ା ଅଫିସ,୨୬।୭:** ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ପୂର୍ବାଞ୍ଚଳ ସଂସ୍କୃତି କେନ୍ଦ୍ର କୋଲକାତା ତରଫରୁ ଗତ ୨୨ରୁ ୨୫ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଅନ୍‌ଲାଇନ୍ ନାଟ୍ୟ ମହୋତ୍ସବ। ଏଥିରେ ରବିବାର ଝାରସୁଗୁଡା ଜିଲା ବେଲପାହାଡର ନାଟ୍ୟ ଅନୁଷ୍ଠାନ ମିରର୍ ଥିଏଟର୍ ତରଫରୁ ନାଟକ 'ପାଚେନ' ମଞ୍ଚସ୍ଥ ହୋଇଛି। ଚାଷୀ ଆତ୍ମହତ୍ୟା ଉପରେ ଆଧାରିତ ନାଟକ ଅନ୍‌ଲାଇନ୍‌ରେ ପ୍ରଦର୍ଶନ କରାଯାଇଥିଲା। ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ନାଟ୍ୟକାର ସୁବାସ ଚନ୍ଦ୍ର ପ୍ରଧାନ। ଏଥିରେ ଅଭିନୟ କରିଥିଲେ କଳାକାର ସନ୍ତୋଷ ସାହୁ, ଗୌରୀଶଙ୍କର କୁମ୍ଭାର, ପରମେଶ୍ୱର ମରାଇ, ସୁଶାନ୍ତ ମହାରଣା, ସୌଭାଗ୍ୟ ରଞ୍ଜନ ସାହୁ, ସବିତା ଦାସ, ସୋନିଆ ବେହେରା। ଏହାର ପ୍ରଚ୍ଛଦ ପଟରେ ଦୀପକ ମହାକୁଡ, ଜେନାମଣି ସେଠ୍, ଡା. ଦିଲୀପ ନାୟକ, ସରୋଜ ମିର୍ଦ୍ଧା ପ୍ରମୁଖ ରହିଥିଲେ।

### ସିଆର୍‌ପିଏଫ୍ ପକ୍ଷରୁ ଚାରା ରୋପଣ

**ସମ୍ବଲପୁର,୨୬।୭ (ବ୍ୟୁରୋ):** ସବୁଜ ଓ ସୁସ୍ଥ ପରିବେଶ ଲକ୍ଷ୍ୟ ନେଇ କେନ୍ଦ୍ରୀୟ ପୋଲିସ ରିଜର୍ଭ ବଳ (ସିଆରପିଏଫ) ପକ୍ଷରୁ ଗୋଶାଳାସ୍ଥିତ ମୁଖ୍ୟାଳୟଠାରେ ଚାରା ରୋପଣ କରାଯାଇଛି। ଉପ ମହାନିରୀକ୍ଷକ ଲାଲଚାନ୍ଦ ଯାଦବଙ୍କ ପରିଚାଳନାରେ ୫୦୦ ଚାରା ରୋପଣ କରାଯାଇଥିଲା। ଚଳିତବର୍ଷ ୧୦,୫୦୦ ଚାରା ରୋପଣ କରାଯିବା ଲକ୍ଷ୍ୟ ରହିଛି। କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ସେମାନଙ୍କ ପରିବାର ବର୍ଗ ସାମିଲ ଥିଲେ।

### ଏନ୍‌ଏଫ୍‌ଆଇଟିୟୁର କାର୍ଯ୍ୟକାରିଣୀ ବୈଠକ

**ସମ୍ବଲପୁର,୨୬।୭ (ବ୍ୟୁରୋ):** ଏନ୍‌ଏଫ୍‌ଆଇଟିୟୁର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ପ୍ରଶାନ୍ତ ପାଢ଼ୀ ଅଧ୍ୟକ୍ଷତା କରିଥିବାବେଳେ ରାଜ୍ୟ ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାରଣା ସଭା ପରିଚାଳନା କରିଥିଲେ। ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀଙ୍କ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସେମାନଙ୍କୁ ୨୧ ହଜାର ଦରମା, ପେନ୍‌ସନ, ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରିବା ଓ ନିର୍ମାଣ ଶ୍ରମିକଙ୍କ ରହିବା ସମସ୍ୟା ସମାଧାନ ଲାଗି ଆଲୋଚନା ହୋଇଥିଲା। ନୃସିଂହଚରଣ ମିଶ୍ର, ଯଦୁମଣୀ ପାଣିଗ୍ରାହୀ, ନିରଞ୍ଜନ ପାତ୍ର, ହଜାରୁ ଡନସନା, ଶ୍ୟାମସୁନ୍ଦର ସାହୁ, ପ୍ରଭାଶିନୀ ପାଢ଼ୀ, ଗୋଲାପି ପଟେଲ, ପ୍ରମିଳା ସିଂ, ଯଜ୍ଞସେନୀ ପ୍ରଧାନ, ମମତା ଶତପଥି ଆଲୋଚନାରେ ଭାଗ ନେଇଥିଲେ।

### ୩ ଦିନିଆ ଗୁରୁପୂର୍ଣ୍ଣିମା ଉତ୍ସବ ଉଦ୍‌ଯାପିତ

ସମ୍ବଲପୁର,୨୬।୭ (ବ୍ୟୁରୋ): ବିଶ୍ୱ ହିନ୍ଦୁ ପରିଷଦ ସମ୍ବଲପୁର ଶାଖା ପକ୍ଷରୁ ତିନି ଦିନିଆ ଗୁରୁପୂର୍ଣ୍ଣିମା ଉତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ପରିଷଦ କର୍ମକର୍ତ୍ତା ସହରରେ ଥିବା ବିଭିନ୍ନ ମଠ ଓ ଆଶ୍ରମକୁ ଯାଇ ସାଧୁ ସନ୍ଥଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ। ପରିଷଦର ପ୍ରାନ୍ତ ସଭାପତି ଡା. ରାଜକୁମାର ବଡପଣ୍ଡା, ପ୍ରାନ୍ତ ସହସମ୍ପାଦକ ରାଜୀବ ଶତପଥି, ପ୍ରାନ୍ତ ସଂଗଠନ ମନ୍ତ୍ରୀ ଶରତ ପ୍ରଧାନ, ମହାନଗର ସଭାପତି ମନୋଜ ଦାଶ, ନଗର ସମ୍ପାଦକ ଦୀପକ ଦୋରା, ଜିଲା ସଭାପିତ ଶୁଶିଲ ପାଣିଗ୍ରାହୀ କାର୍ଯ୍ୟକ୍ରମରେ ସାମିଲ ଥିଲେ।

### ଅଭିଭାବକଙ୍କ ଜିଲାପାଳଙ୍କୁ ଦାବିପତ୍ର

ଝାରସୁଗୁଡ଼ା ଅଫିସ,୨୬।୭: ଘରୋଇ ସ୍କୁଲ୍‌ରେ ଛାତ୍ରୀଛାତ୍ରଙ୍କ ବାର୍ଷିକ ଟ୍ୟୁଶନ ଫି' ୧୫ ପ୍ରତିଶତ କମ କରିବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏହା ସହିତ ଘରୋଇ ସ୍କୁଲ୍‌ରେ ବିନା ଟିସିରେ ଛାତ୍ରୀଛାତ୍ର ଅନ୍ୟତ୍ର ଅଧ୍ୟୟନ କରିପାରିବେ ବୋଲି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଛି। ଏହାକୁ ଘରୋଇ ସ୍କୁଲ୍ କର୍ତ୍ତୃପକ୍ଷ ନ ମାନି ଅଭିଭାବକଙ୍କ ଉପରେ ଜୁଲମ୍ ଚଳାଇଛନ୍ତି। ଏ ନେଇ ରାଜ୍ୟ ଅଭିଭାବକ ସଂଘ ସଭାପତି ବାସୁଦେବ ଭଞ୍ଜଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅଭିଭାବକ ସଂଘ ତରଫରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କ୍ରମରେ ଝାରସୁଗୁଡା ଜିଲା ଅଭିଭାବକ ସଂଘ ସୋମବାର ଜିଲାପାଳ ସରୋଜ କୁମାର ସାମଲଙ୍କୁ ଦାବିପତ୍ର ପ୍ରଦାନ କରିଛି। ଦାବିପତ୍ର ପ୍ରଦାନ ସମୟରେ ଶିବରାମ ନାୟକ, ସଞ୍ଜୟ କୁମାର ସିଂହ, ଚିତ୍ତରଞ୍ଜନ ବେହେରା, ସୁରେନ୍ଦ୍ର ନାଥ ରାଉତ, କିରଣବାଳା ନାୟକ, ଶଶ୍ମିତା ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀ ସମସ୍ୟା ନେଇ ଯୁବ କଂଗ୍ରେସର ବିକ୍ଷୋଭ

- ଆର୍‌ଡିସି ଅଫିସ୍‌କୁ ଧସେଇ ପଶିଲେ
- ଶଗଡ଼ଗାଡ଼ି ଶୋଭାଯାତ୍ରା, କୁଶ ପୁତ୍ତଳିକା ଦାହ

**ସମ୍ବଲପୁର,୨୬।୭ (ବ୍ୟୁରୋ)**


ଆରଡିସି ଅଫିସ ଅଭିମୁଖେ ବାହାରିଥିବା ଶଗଡ଼ ଶୋଭାଯାତ୍ରା।

କେନ୍ଦ୍ର ଓ ରାଜ୍ୟ ସରକାର ମିଳିମିଶି ଚାଷୀଙ୍କୁ ଶୋଷଣ କରୁଛନ୍ତି। ସହାୟକ ମୂଲ୍ୟ, ବୋନସ୍, କ୍ଷତିପୂରଣ ଦିଆଯାଉନାହିଁ। ତ୍ରୁଟିପୂର୍ଣ୍ଣ ଧାନ ସଂଗ୍ରହ ନୀତି ଯୋଗୁ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛି। ସୋମବାର ସମ୍ବଲପୁର ଜିଲା ଯୁବ କଂଗ୍ରେସ ପକ୍ଷରୁ ଆର୍‌ଡିସି ଅଫିସ ଘେରାଉ ସମୟରେ ଏଭଳି ନାରାବାଜି ଦିଆଯାଇଥିଲା। ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ବିକ୍ଷୋଭ ହୋଇଥିଲା। ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ନେତା ଓ କର୍ମୀ ଶଗଡଗାଡି ଶୋଭାଯାତ୍ରାରେ ଯାଇ ଆର୍‌ଡିସି ଅଫିସରେ ପହଞ୍ଚିଥିଲେ। ସେଠାରେ ପୋଲିସ ମୁତୟନ ସତ୍ତ୍ୱେ କର୍ମୀମାନେ ଧସେଇ ପଶିଥିଲେ। କେତେଜଣ କର୍ମୀ ତଳେ ଶୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଆର୍‌ଡିସିଙ୍କୁ ଦାବିପତ୍ର ପ୍ରଦାନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଦାବିପତ୍ରରେ ଦର୍ଶାଯାଇଛି ରନ୍ଧନ ଗ୍ୟାସ୍, ପେଟ୍ରୋଲ, ଡିଜେଲ, ଖାଇବା ସାମଗ୍ରୀ ଦାରଦାମ୍ ବୃଦ୍ଧି ପାଇଛି। କୋଭିଡ୍ କଟକଣା ସମୟରେ ଦର ବୃଦ୍ଧି ଲୋକଙ୍କ ଉପରେ ବୋଝ ହୋଇଛି। କେନ୍ଦ୍ର ସରକାର ଚାଷୀଙ୍କ ସହିତ ଥିବା କହୁଛନ୍ତି, ହେଲେ ନୂତନ କୃଷି ଆଇନ ଚାଷୀ ବିରୋଧୀ। ତେଣୁ ଏହାକୁ କଳା ଆଇନ ଭାବେ ଘୋଷଣା କରାଯାଇଛି। ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଯୁବ କଂଗ୍ରେସ ଆନ୍ଦୋଳନ ଜାରି ରଖିବ। ରାଜ୍ୟ ଯୁବ କଂଗ୍ରେସ ସହପ୍ରଭାରୀ ରିୟାଜ ଅନ୍‌ସାରୀ, ଉପସଭାପତି ବୀରେନ୍ଦ୍ର ବାଗ, ବିଶ୍ୱରଞ୍ଜନ ଦାସ, ରାଜ୍ୟ ଯୁବକଂଗ୍ରେସ ସାଧାରଣ ସମ୍ପାଦକ ଆଶୁତୋଷ ସ୍ୱାଇଁ, ନଳିନୀକାନ୍ତ ନାୟକ, ତ୍ରିଲୋଚନ ପାଣିଗ୍ରାହୀ, ଜ୍ଞାନେନ୍ଦ୍ର ଦାସ, ସରୋଜିନୀ ବାରିକ, ଶେଖ ହସିନ, ସୁମିତ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ସାମିଲ ଥିଲେ।

# ଅଣରଣୀ ଚାଷୀଙ୍କୁ ମିଳୁନି ସାର

**ସମବାୟ ସମିତିରୁ ଯୋଗାଇବାକୁ ଦାବି**

**ରେଢ଼ାଖୋଲ,୨୬।୭ (ଡି.ଏନ.ଏ.)**

ରେଢ଼ାଖୋଲ ଉପଖଣ୍ଡରେ ଅଣରଣୀ ଚାଷୀମାନଙ୍କୁ ସେବା ସମବାୟ ସମିତି ପକ୍ଷରୁ ସାର ଓ ଅନ୍ୟାନ ସାମଗ୍ରୀ ଯୋଗାଇ ଦିଆଯାଉ ନ ଥିବାରୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଧ୍ୟହୋଇ ଦୂରଦୂରାନ୍ତରୁ ରେଢ଼ାଖୋଲ ସହରକୁ ଆସି ଚଢ଼ା ଦରରେ ସାର ଓ ଅନ୍ୟାନ୍ୟ ସାମଗ୍ରୀ କିଣୁଛନ୍ତି। ଚାଷୀମାନେ ସେବା ସମବାୟ ସମିତିରୁ ସାର ନେଉଥିବା ବେଳେ ଚଳିତବର୍ଷ ମିଳୁନାହିଁ। ସାର ନେବାକୁ ହେଲେ କୃଷି ବିଭାଗଠାରୁ ପ୍ରମାଣପତ୍ର ଆଣିବାକୁ କୁହାଯାଉଛି। ଏପଟେ କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ସାର କିମ୍ବା ଅନ୍ୟ ସାମଗ୍ରୀ ସେବା ସମବାୟ ସମିତିରୁ ନେବା ପାଇଁ କୌଣସି ପ୍ରମାଣପତ୍ର ଆବଶ୍ୟକ ନାହିଁ କିମ୍ବା ଏଥିପାଇଁ କୌଣସି ସରକାରୀ ନିର୍ଦ୍ଦେଶ ନ ଥିବା କୁହାଯାଉଛି। ଏଭଳି ପରିସ୍ଥିତିରେ ଚାଷୀମାନେ ହଇରାଣ ହେଉଛନ୍ତି। ଏ ନେଇ ଚାଷୀମାନେ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ କରୁଛନ୍ତି। ଶନିବାର ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ ଓ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଶିବ ସାହୁ ରେଢ଼ାଖୋଲ ଉପଜିଲାପାଳ ପବିତ୍ର ବେହେରାଙ୍କୁ ଭେଟି ଆଲୋଚନା କରିବା ସହିତ ଏହାର ସମାଧାନ କରିବାକୁ ଦାବିପତ୍ର ଦେଇଛନ୍ତି। ଏ ଦିଗରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ଏଆର୍‌ସିଏସ୍ ରାଧାକୃଷ୍ଣ ମେହେରଙ୍କୁ ପଚାରିବାରେ ଅଣରଣୀ ଚାଷୀମାନଙ୍କୁ ସେବା ସମବାୟ ସମିତି ସାର ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ କେତେ ଜମିରେ ଚାଷ କରୁଛନ୍ତି ସେ ନେଇ କୃଷି କର୍ମଚାରୀଙ୍କଠାରୁ ପ୍ରମାଣପତ୍ର ଆଣିବାକୁ ଚାଷୀମାନଙ୍କୁ କୁହାଯାଉଛି। ଆବଶ୍ୟକ ପରିମାଣର ସାର ସରକାର ଯୋଗାଇ ଦେଇଛନ୍ତି ଓ ଚାଷୀମାନଙ୍କୁ ଦିଆଯିବ ବୋଲି ସେ କହିଛନ୍ତି। ତେବେ ସମବାୟ ଓ କୃଷି ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏ ଦିଗରେ ପ୍ରଶାସନ ହସ୍ତକ୍ଷେପ କରି ଚାଷୀମାନଙ୍କୁ ସେବା ସମବାୟ ସମିତି ଜରିଆରେ ସାର ଓ ଅନ୍ୟାନ୍ୟ ଉପକରଣ ଯୋଗାଇଦେବାକୁ ବିଭିନ୍ନ ଚାଷୀ ସଂଗଠନ ଦାବି କରିଛନ୍ତି।

# ନିରାଡମ୍ବର ଭାବେ ସମ୍ବଲପୁରୀ ଦିବସ ପାଳନ ନିଷ୍ପତ୍ତି



ବୈଠକରେ ଉପସ୍ଥିତ ଥିବା କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ।

**ଝାରସୁଗୁଡ଼ା ଅଫିସ,୨୬।୭**

ଅଗଷ୍ଟ ୧ରେ ସତ୍ୟ ନାରାୟଣ ବହିଦାରଙ୍କ ଜନ୍ମ ଦିବସରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ତରଫରୁ କୋଭିଡ୍ କଟକଣାରେ ନିରାଡମ୍ବର ଭାବେ ସମ୍ବଲପୁରୀ ଦିବସ ପାଳନ କରାଯିବ। ସ୍ଥାନୀୟ ପାହାଡି ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ଦ୍ୱିତୀୟ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଜିଲା କମିଟି ରାଜେଶ ପାଢୀ, ସହସମ୍ପାଦକ ଲିଙ୍ଗରାଜ ମହାପାତ୍ର, ଉପଦେଷ୍ଟା ବିବେକାନନ୍ଦ ମିଶ୍ର, ମହମ୍ମଦ ନାସିର୍, ମହମ୍ମଦ କଲିମ୍, ମହିଳା ମୋର୍ଚ୍ଚା ସଦସ୍ୟା ସୁଜାତା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ଆଶାକର୍ମୀମାନଙ୍କୁ କରୋନା ଯୋଦ୍ଧା ଭାବେ ସମ୍ମାନିତ କରାଯିବ। ସେହିପରି ବିଗତ ବର୍ଷ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମଞ୍ଚ ତରଫରୁ ସମ୍ମାନିତ କରାଯିବ। ଏହା ସହିତ ଛୋଟ ଶିଶୁଙ୍କୁ ନେଇ ସମ୍ବଲପୁରୀ ନାଚ, ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ପାହାଡି ମନ୍ଦିରରେ ପୂଜାର୍ଚ୍ଚନା ପରେ ସତ୍ୟ ନାରାୟଣଙ୍କ ସ୍ମୃତି ଉଦ୍ଦେଶ୍ୟରେ ପରିବେଶ ରକ୍ଷା ପାଇଁ ବୃକ୍ଷରୋପଣ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

## ଜିଲା ସେବା ଦଳର ସାଧାରଣ ସଭା

**ସମ୍ବଲପୁର,୨୬।୭ (ବ୍ୟୁରୋ)**

ଜିଲା ସେବା ଦଳର ସାଧାରଣ ସଭା ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଓଡିଶା ପ୍ରଦେଶ କଂଗ୍ରେସ ସେବା ଦଳ ପ୍ରଭାରୀ ଚେନସିଂ ସାୱଲେ ଯୋଗଦେଇ ସେବା ଦଳର ଆଭିମୁଖ୍ୟ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ସେବା ଦଳ ମୁଖ୍ୟ ସଂପାଦକ ନବ ଭଞ୍ଜ ସ୍ୱାଗତ ଭାଷଣ ଦେଇଥିଲେ। ନିରଞ୍ଜନ ତ୍ରିପାଠୀ, ସୁତାପା ମିତ୍ର, ବିଜୟଲକ୍ଷ୍ମୀ ବେହେରା, ସସ୍ମିତା ଦେହୁରୀ, ସଞ୍ଜୀବ ଗର୍ଡିଆ, ନବ ନାଏକ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିତେନ୍ଦ୍ର ପ୍ରଧାନ, ପରକ୍ଷୀତ ନାୟକ, ମହମ୍ମଦ ମୁକ୍ତାର, ଶିବବ୍ରତ ପ୍ରଧାନ, ମୋହନ ମହାନନ୍ଦ, ହରି ପାଢ଼ୀ, ରାଜେଶ ମିଶ୍ର ସାମିଲ ଥିଲେ। ଶେଷରେ ସେବା ଦଳ ମହିଳା ସଂଗଠନର ବିନୋଦିନୀ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।

# ଉନ୍ନୟନ କାର୍ଯ୍ୟର ପାଉଣା ପ୍ରଦାନ ଦାବି


ସରପଞ୍ଚମାନେ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

**ରେଢାଖୋଲ,୨୬।୭ (ଡି.ଏନ.ଏ.)**

ରେଢାଖୋଲ ବ୍ଲକର ବିଭିନ୍ନ ପଞ୍ଚାୟତରେ ଚାଲୁଥିବା ଉନ୍ନୟନ କାର୍ଯ୍ୟର ପାଉଣା ମିଳୁନି। ଏ ନେଇ ସରପଞ୍ଚମାନେ ବିଡିଓ ପରିକ୍ଷିତ ସାହୁଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ୬ମାସ ହେବ କାମ ସରିଥିବା ବେଳେ ବିଲ ହେଉନାହିଁ ବୋଲି ସେମାନେ ଦର୍ଶାଇଛନ୍ତି। ତେବେ ଖୁବଶୀଘ୍ର ପେମେଣ୍ଟ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଡିଓ କହିଛନ୍ତି। ବଡବାହାଲ, ବଡମାଳ, ବଂଶାଜାଲ, ତ୍ରିବଣପୁର, କୁକୁଡାବାହାଲି, ଚାରମାଳ, ମୋଚିବାହାଲ, ରେଙ୍ଗାଲି ଭରତପୁର ପଞ୍ଚାୟତର ସରପଞ୍ଚମାନେ ଅଭିଯୋଗ କରିଥିଲେ।

# ଲୋକଙ୍କୁ ନ୍ୟାୟ ଦେବାକୁ ଲଢ଼େଇ ଜାରି ରହିବ

**ସମ୍ବଲପୁର,୨୬।୭(ବ୍ୟୁରୋ)**



ଖବରଦାତା ସମ୍ମିଳନୀରେ ବିଶ୍ୱ ମାନବାଧିକାର ସୁରକ୍ଷା ସଂଗଠନର ସଦସ୍ୟ।

ପ୍ରତ୍ୟେକ ନାଗରିକ ବଞ୍ଚିବା ସହ ଜୀବିକା (ରୋଜଗାର) ପାଇବାର ଅଧିକାର ରହିଛି। ହେଲେ ଅନେକ ସ୍ଥାନରେ ଏହି ମୌଳିକ ଅଧିକାର ପାଇବାରୁ ଜନସାଧାରଣ ବଞ୍ଚିତ ହେଉଛନ୍ତି। ସେମାନଙ୍କୁ ନ୍ୟାୟ ଦେବା ପାଇଁ ଲଢ଼େଇ ଜାରି ରହିବ ବୋଲି ସୋମବାର ଏଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଶ୍ୱ ମାନବାଧିକାର ସୁରକ୍ଷା ସଂଗଠନ ଆବାହକ ଡ. ଅଭିନ୍ନ କୁମାର ହୋତା କହିଥିଲେ। ସେ ଆହୁରି କହିଥିଲେ, ଏହି ଅନୁଷ୍ଠାନ ପରିବେଶ ସୁରକ୍ଷା ସହ ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ କାମ କରୁଛି। ଦିଲ୍ଲୀ, ହରିୟାଣା, ରାଜସ୍ଥାନ, ପଞ୍ଜାବ ଭଳି ରାଜ୍ୟରେ ସକ୍ରିୟ ଭାବେ କାମ କରୁଥିବା ବେଳେ ଓଡିଶାର ୩୦ ଜିଲାରେ ମଧ୍ୟ ସଦସ୍ୟ ରହି କାମ କରୁଛନ୍ତି। ଆଗାମୀ ଦିନରେ ସମ୍ବଲପୁର ଜିଲାରେ କାମ କରିବା ପାଇଁ କେତେଜଣ ସଦସ୍ୟଙ୍କୁ ଦାୟିତ୍ୱ ଦିଆଯାଇଛି। ନୂତନ ଭାବେ ଜିଲା ସଭାପତି ହୋଇଥିବା ଡ. ପ୍ରଦୀପ ପଟ୍ଟନାୟକ, ସାଧାରଣ ସମ୍ପାଦକ ମନୋଜ ବହିଦାର ଓ ପଙ୍କଜ ଲାଠ, ରାଜ୍ୟ ସାଧାରଣ ସମ୍ପାଦକ ବ୍ରଜେନ୍ଦ୍ର ପଣ୍ଡା, ବଲାଙ୍ଗୀର ସଭାପତି ବୀରେନ୍ଦ୍ର ବାଗ, ଶୁଭଦର୍ଶନୀ ମହାନ୍ତି, ନନ୍ଦିନୀ ପ୍ରଧାନ, ଜନନୀ ମିଶ୍ର ଉପସ୍ଥିତ ଥିଲେ।

## ଫାଟକରେ ଛାତ୍ରୀଛାତ୍ରଙ୍କ ଥର୍ମାଲ ସ୍କାନିଂ

**ସମ୍ବଲପୁର,୨୬।୭ (ବ୍ୟୁରୋ)**

କରୋନା ମହାମାରୀ ଯୋଗୁ ଦୀର୍ଘଦିନ ହେବ ସ୍କୁଲ ବନ୍ଦ ରହିଥିଲା। ସୋମବାର ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲ ଖୋଲାଯାଇଛି। ସମ୍ବଲପୁର ଜିଲାର ବିଭିନ୍ନ ସ୍କୁଲରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ସାଢ଼େ ୧ଟା ଯାଏ ଶିକ୍ଷାଦାନ କରାଯାଇଥିଲା। ପୂର୍ବାହ୍ନ ସାଢ଼େ ୯ଟାରେ ଶିକ୍ଷୟିତ୍ରୀ, ଶିକ୍ଷକମାନେ ସ୍କୁଲ ମୁଖ୍ୟ ଫାଟକ ସମ୍ମୁଖରେ ଛିଡା ହୋଇଥିଲେ। ଛାତ୍ରୀଛାତ୍ର ପ୍ରବେଶ କରିବା ସମୟରେ କୋଭିଡ୍ ନିୟମାନୁସାରେ ସମସ୍ତଙ୍କ ଥର୍ମାଲ ସ୍କାନିଂ କରାଯାଇଥିଲା। ଗୋଟିଏ କୋଠରୀରେ ୨୪ ଜଣ ଲେଖାଏ ବସିବା ବ୍ୟବସ୍ଥା ସହ ସମସ୍ତେ ମାସ୍କ ପିନ୍ଧିଥିବା ଦେଖିବାକୁ ମିଳିଥିଲା।


ଛାତ୍ରୀଛାତ୍ରଙ୍କ ଥର୍ମାଲ ସ୍କାନିଂ କରାଯାଉଛି।

# ପ୍ରଥମ ଦିନରେ ୧୨୧୫ରୁ ୩୦୬ ଜଣ ସ୍କୁଲ ଆସିଲେ


ଏକ ସ୍କୁଲରେ ଶିକ୍ଷାଦାନ ଚାଲିଛି।

**ଜମନକିରା, ୨୬।୭ (ଡି.ଏନ.ଏ.)**

ଜମନକିରା ବ୍ଲକ୍‌ର ୨୭ ହାଇସ୍କୁଲରେ ଦଶମ ଶ୍ରେଣୀର ମୋଟ ୧୨୧୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସୋମବାର ପ୍ରଥମ ଦିନରେ ୩୦୬ ଜଣ ସ୍କୁଲ ଆସି ପାଠ ପଢ଼ିଛନ୍ତି। ବ୍ଲକ୍‌ରେ ୨୩ ସରକାରୀ ସ୍କୁଲ ଥିବାବେଳେ ୪ ଗୋଟି ବେସରକାରୀ ସ୍କୁଲ ରହିଛି। ତେବେ ଦଶମ ଶ୍ରେଣୀ ପରୀକ୍ଷା ହେବାକୁ ଥିବା ଗୋଟିଏ ସରକାରୀ ସ୍କୁଲ ଛାଡ଼ି ୨୨ଟିରେ ଆଜି ପାଠ ପଢ଼ାଯାଇଥିଲା। ୨୨ ସ୍କୁଲରେ ମୋଟ ୧୧୩୭ ଛାତ୍ରୀଛାତ୍ର ରହିଥିବାବେଳେ ୪ ବେସରକାରୀ ସ୍କୁଲରେ ମୋଟ ୭୮ ଜଣ ଛାତ୍ରୀଛାତ୍ର ରହିଛନ୍ତି। ସେହିପରି ବ୍ଲକ୍‌ରେ ଥିବା ୩ ମହାବିଦ୍ୟାଳୟରେ ମୋଟ ୫୫୮ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସୋମବାର ୧୦୯ ଜଣ ପାଠ ପଢ଼ିଥିଲେ। ଜମନକିରା ମହାବିଦ୍ୟାଳୟରେ ୧୧୨ରୁ ୪୯ ଜଣ, ଭୋଜପୁର ମହାବିଦ୍ୟାଳୟରେ ୧୬୦ରୁ ୪୦ ଜଣ ଓ ଫାଶିମାଲ ମହାବିଦ୍ୟାଳୟରେ ୨୮୬ରୁ ୨୦ ଛାତ୍ରୀଛାତ୍ର କଲେଜ ଆସିଥିଲେ।

# ଜମନକିରାରେ ଚାଳକ ମହାସଂଘ ବୈଠକ

**ଜମନକିରା,୨୬।୭ (ଡି.ଏନ୍.ଏ.)**

ଜମନକିରା ବ୍ଲକ୍ ସଦର ମହକୁମା ବାବା ମୁକ୍ତେଶ୍ୱର ଧାମରେ ଚାଳକ ମହାସଂଘର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଚାଳକ ମହାସଂଘ ସଭାପତି ସନାତନ ପରିଡ଼ା ମୁଖ୍ୟଅତିଥି ଓ ଜମନକିରା ବ୍ଲକ୍‌ର ଚାଳକ ଭଗବାନ ପଧାନ, ରଙ୍କନିଧି ସେଠ, ରଶି ନାଏକ, ମୁରଲୀଧର ସାହୁ, ନୀଳକଣ୍ଠ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସରକାର ଆର୍ଥିକ ସହାୟତା ପ୍ରଦାନ କରିବା ସହ ଚାଳକମାନଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିବା ପାଇଁ ଦାବି ହୋଇଥିଲା। ସର୍ବସମ୍ମତି କ୍ରମେ ପ୍ରଶାନ୍ତ ରକ୍ସାଙ୍କୁ ସମ୍ପାଦକ ଭାବେ ଘୋଷଣା କରାଯାଇଥିବା ବେଳେ ଆଗାମୀ ଦିନରେ ଏକ ନୂତନ କମିଟି ଗଠନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଝାରସୁଗୁଡ଼ା ସଂଘର ଉପସଭାପତି ପ୍ରକାଶ କଣ୍ଟା, ସମ୍ବଲପୁର ସଂଘର ରମାକାନ୍ତ, ଅଭିରାମ ଖଟୁଆ, କୁଚିଣ୍ଡା ସଂଘର ସୁପ୍ରକାଶ ମନୋହରୀ, ଜୟକୃଷ୍ଣ ପାତ୍ର, ବାମରା ସଂଘର ପରିମଳ କିସାନ, ଦେବେନ୍ଦ୍ର ସେଉଳ ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ।

# ପୋଲିସ ପକ୍ଷରୁ ରକ୍ତଦାନ ଶିବିର : ୫୩ ୟୁନିଟ୍ ସଂଗ୍ରହ

**ଜମନକିରା,୨୬।୭ (ଡି.ଏନ୍.ଏ.)**

ଜିଲା ପୋଲିସ ସହଯୋଗରେ ଜମନକିରା ଥାନାରେ ସୋମବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୫୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତ ସଂଗ୍ରହରେ କୁଚିଣ୍ଡା ବ୍ଲଡ ବ୍ୟାଙ୍କର ପ୍ରମୋଦ କୁମାର ପଟେଲ, ଲିପ୍ସା ପଟେଲ, ପ୍ରକାଶ ଶ୍ରୀଧର ପ୍ରମୁଖ ସହଯୋଗ କରିଥିଲେ। ଜମନକିରା ବିଡିଓ ଅଜୟ ତିୱାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କୁଚିଣ୍ଡା ଏସ୍‌ଡିପିଓ ରାଜକୁମାର ମିଶ୍ର, ଆଇଆଇସି ପ୍ରେମଜିତ୍ ଦାସ, ଜିଲା ପୋଲିସ ସଂଘ ସଭାପତି ରାମଦାସ ପଣ୍ଡା ଉପସ୍ଥିତ ଥିଲେ।



ରକ୍ତ ସଂଗ୍ରହ କରାଯାଉଛି।

# ଝାରସୁଗୁଡ଼ାରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ୪୬%

**ତଦାରଖ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ**

**ଝାରସୁଗୁଡ଼ା ଅଫିସ,୨୬।୭**

ମହାମାରୀ କରୋନାକୁ ଦୃଷ୍ଟିରେ ରଖି ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ସରକାର ଗତ ମାର୍ଚ୍ଚରୁ ସମସ୍ତ ସ୍କୁଲ୍ ବନ୍ଦ କରିଦେଇଥିଲେ। ଏଥିରେ ସୁଧାର ଆସିବା ପରେ ଜୁଲାଇ ୨୬ରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲିବା ପାଇଁ ସରକାର ଅନୁମତି ଦେଇଛନ୍ତି। ଏହା ଆଧାରରେ ଝାରସୁଗୁଡ଼ା ଜିଲାର ସମସ୍ତ ହାଇସ୍କୁଲ୍‌ର ଦଶମ ଶ୍ରେଣୀ ଖୋଲିଥିବାବେଳେ ପ୍ରଥମ ଦିନରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ୪୬ ପ୍ରତିଶତ ରହିଛି। ଆଗକୁ ଏହା ବୃଦ୍ଧି ହୋଇପାରେ ବୋଲି ଜିଲା ଶିକ୍ଷା ବିଭାଗ ଆଶା ରଖିଛି। ସ୍କୁଲ୍ ଖୋଲିବା ପୂର୍ବରୁ ସମସ୍ତ ସ୍କୁଲ୍ ପରିସର, ପାଇଖାନା ଆଦି ସଫାସୁତୁରା କରାଯାଇଛି। କୋଭିଡ୍ କଟକଣା ମଧ୍ୟରେ ଛାତ୍ରୀଛାତ୍ରଙ୍କ ପାଠପଢା ଆରମ୍ଭ ହୋଇଛି। ପ୍ରତି ସ୍କୁଲ୍ ତରଫରୁ ସ୍କାନିଂ, ହାଣ୍ଡୱାସ୍, ସାନିଟାଇଜ୍, ମାସ୍କ ଓ ସମଦୂରତା ଆଦି ଉପରେ ଗୁରୁତ୍ୱ ଦିଆଯାଇଛି। ସ୍କୁଲ୍‌ରେ ଆଇସୋଲେଶନ ଓ ପ୍ରାଥମିକ ଚିକିତ୍ସା ପାଇଁ ଔଷଧ ଆଦି ବ୍ୟବସ୍ଥା ରହିଛି। ଏହାର ତଦାରଖ ପାଇଁ ଜିଲାରେ କେତେକ ସ୍ୱତନ୍ତ୍ର ଟିମ୍ କରାଯାଇଛି। ଏହି ଟିମ୍ ପ୍ରଥମ ଦିନରେ ଜିଲାର ବିଭିନ୍ନ ସ୍କୁଲ୍ ପରିଦର୍ଶନ କରିଛନ୍ତି। ଜିଲା ଶିକ୍ଷାଧିକାରୀ ପୁଷ୍ପା ମିଞ୍ଜ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରଦୀପ୍ତ ସା ଓ ସୁଶାନ୍ତ କୁମାର ଘୁଟା ପ୍ରମୁଖ ୩ଭାଗରେ ବିଭକ୍ତ ହୋଇ ଜିଲାର ବିଭିନ୍ନ ସ୍କୁଲ୍‌କୁ ଯାଇଥିଲେ। ଏ ନେଇ ଜିଲା ଶିକ୍ଷାଧିକାରୀ ମିଞ୍ଜ କହିଛନ୍ତି, ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କୋଭିଡ୍ କଟକଣାକୁ କଡାକଡି କରାଯିବ। ଏ ଦିଗରେ ସମସ୍ତ ସ୍କୁଲ୍‌ର ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ରହିଛି।


ଜିଲା ଶିକ୍ଷାଧିକାରୀ ପଞ୍ଚପଡା ହାଇସ୍କୁଲ୍‌ରେ ପହଞ୍ଚି ତଦାରଖ କରୁଛନ୍ତି।